# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୨/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, April 22/2024 | Page 16 | ₹ 7.00

୫୦ଶ ଭାଗ ୧୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 148 ମୂଲ୍ୟ₹୭/-




ପାଟନାରେ ମହାବୀର ଜୟନ୍ତୀ ଅବସରରେ ରବିବାର ଜୈନ ସମ୍ପ୍ରଦାୟର ମହିଳାମାନେ ଏକ ଧର୍ମୀୟ ଶୋଭାଯାତ୍ରାରେ ସାମିଲ ହୋଇ ନୃତ୍ୟ ପରିବେଷଣ କରୁଛନ୍ତି।

# ୨୫ରୁ ଗ୍ରୀଷ୍ମଛୁଟି

ଭୁବନେଶ୍ୱର, ୨୧।୪
(ଅସମାପିକା ସାହୁ)

ରାଜ୍ୟରେ ଏବେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିପାଇଁ ରାଜ୍ୟ ସରକାର ୨୦ ତାରିଖ ପର୍ଯ୍ୟନ୍ତ ସ୍କୁଲକୁ ସାମୟିକ ଛୁଟି ଘୋଷଣା କରିଥିଲେ। ତେବେ ଆଗକୁ ମଧ୍ୟ ଖରାତାତି ସହ ଝାଞ୍ଜି ପବନ ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଥିବାରୁ ରାଜ୍ୟରେ ଆଗୁଆ ଗ୍ରୀଷ୍ମଛୁଟି ଘୋଷଣା କରାଯାଇଛି। ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ଚାଲିବ ଓ ୨୫ ତାରିଖରୁ ଗ୍ରୀଷ୍ମଛୁଟି କରିବା ପାଇଁ ରବିବାର ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ତିନିଦିନ ଅର୍ଥାତ୍ ସୋମବାରରୁ ବୁଧବାର ଯାଏ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ଚାଲିବ ଓ ଗୁରୁବାରଠାରୁ ଗ୍ରୀଷ୍ମଛୁଟି ଆରମ୍ଭ ହେବ। ତେବେ ଗ୍ରୀଷ୍ମଛୁଟି ସମୟରେ ସରକାରୀ ଓ ସରକାରୀ

## ୩ ଦିନ ସକାଳୁଆ ସ୍କୁଲ

ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀଶିକ୍ଷକଙ୍କ ପାଇଁ ଶିକ୍ଷା ତଥା ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କରାଯିବ ବୋଲି କୁହାଯାଇଛି। ଅପରପକ୍ଷରେ ରାଜ୍ୟରେ ଏବେ ବି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାରହିଛି। ଏପରିକି ଗତ ତିନିଦିନ ରାଜ୍ୟ ସରକାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଥିଲେ ସୁଦ୍ଧା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଚାଲିଥିଲା। କିଛି ସ୍ଥାନରେ ଖରାରେ ପିଲାମାନେ ଅଙ୍ଗନୱାଡ଼ି କେନ୍ଦ୍ର ଯାଉଥିବା ଦେଖିବାକୁ ମିଳୁଥିବାବେଳେ ଅଧିକାଂଶ କେନ୍ଦ୍ରକୁ ପିଲା ଆସି ନ ଥିଲେ। ଖରା ପାଇଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଛାଡି ନ ଥିଲେ। ତେଣୁ ରାଜ୍ୟ ସରକାର ଏବେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରିବା ପାଇଁ ଦାବି କରାଯାଉଛି।

**ଆଜିର ସମ୍ପାଦକୀୟ**

ପିଲାଙ୍କ ସ୍ୱାସ୍ଥ୍ୟ

**ଆଜିର ମନ୍ତବ୍ୟ**

"ଭାଜପା ମୋତେ ଓ ମୋ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଟାର୍ଗେଟ କରୁଛି। ଆମେ ସୁରକ୍ଷିତ ନୋହୁଁ, ତେବେ ଏହାର ଷଡ଼ଯନ୍ତ୍ର ପାଇଁ ଭୟଭୀତ ମଧ୍ୟ ନାହୁଁ।

**– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

# ଭ୍ରଷ୍ଟାଚାରୀ ବଡ଼ ପଦାଧିକାରୀ: ଇଣ୍ଡିଆ

ରାଞ୍ଚି,୨୧।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତି ବିରୋଧରେ କହୁଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ମିଥ୍ୟା ଅଭିଯୋଗରେ ସେ ଜେଲରେ ପୂରାଇଛନ୍ତି। ପ୍ରଧାନମନ୍ତ୍ରୀ ଯେତେବେଳେ ଦୁର୍ନୀତି ବିରୋଧରେ କୁହନ୍ତି, ମନେହୁଏ ସତେଯେମିତି ଓସାମା ବିନ୍ ଲାଡେନ୍ ଓ ଗବ୍ବର ସିଂ ଅହିଂସାର ପୂଜାରୀ ପାଲଟିଯାଇଛନ୍ତି। ଯିଏ ଯେତେ ଅଧିକ ଭ୍ରଷ୍ଟାଚାରୀ, ସିଏ ସେତେ ବଡ଼ ପଦାଧିକାରୀ ବୋଲି ରବିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ସଞ୍ଜୟ ସିଂ ମୋଦିଙ୍କୁ ସମାଲୋଚନା କରିଛନ୍ତି।

ଜାନୁୟାରୀ ୩୧ରେ ଜମି ଦୁର୍ନୀତି ଅଭିଯୋଗରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍ ଏବଂ





ରାଞ୍ଚିରେ ଜେଏମ୍‌ଏମ୍ ପକ୍ଷରୁ ରବିବାର ଆୟୋଜିତ ଉଲ୍‌ଗୁଲାନ ନ୍ୟାୟ ରାଲିରେ ଜେଏମ୍‌ଏମ୍ କାର୍ଯ୍ୟକାରୀ ସଭାପତି ହେମନ୍ତ ସୋରେନ୍ ଏବଂ ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲଙ୍କ ପାଇଁ ଉଦ୍ଦିଷ୍ଟ ଚୌକି ଖାଲି ପଡ଼ିଛି।

ମାର୍ଚ୍ଚ ୨୧ରେ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆପ୍ ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ଦୁଇ ନେତା ଜେଲ୍‌ରେ ଅଛନ୍ତି। ଏହି ଗିରଫଦାରି ପ୍ରତିବାଦରେ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପକ୍ଷରୁ ଝାଡ଼ଖଣ୍ଡର ରାଞ୍ଚିରେ ରବିବାର ଏକ ବିଶାଳ ରାଲିର ଆୟୋଜନ କରାଯାଇଛି। ଆଦିବାସୀଙ୍କ ଅଧିକାର ପାଇଁ ବ୍ରିଟିଶ ବିରୋଧରେ ବିର୍ସା ମୁଣ୍ଡାଙ୍କ ଲଢ଼େଇ ଶୈଳୀରେ ଏହାକୁ 'ଉଲ୍‌ଗୁଲାନ୍ ନ୍ୟାୟ ମହାରାଲି' ନାମ ଦିଆଯାଇଛି। ଉକ୍ତ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଆପ୍‌ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ, ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍ ପ୍ରମୁଖ ଯୋଗଦେଇଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ସଭାକୁ ସମ୍ବୋଧିତ କରି କହିଛନ୍ତି, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କେଜ୍‌ରିୱାଲ ଓ ସୋରେନ୍‌ଙ୍କୁ ଆତଙ୍କିତ କରିବାକୁ ଉଦ୍ୟମ ଚଳାଇଛନ୍ତି। ହେମନ୍ତଙ୍କୁ ଇଣ୍ଡିଆ ବ୍ଲକ୍‌ରୁ ଅଲଗା କରିବା ପାଇଁ ଜେଲକୁ ପଠାଇଛନ୍ତି। ସୋରେନ୍ କେନ୍ଦ୍ର ଆଗରେ ମୁଣ୍ଡ ନୁଆଁଇବା ପରିବର୍ତ୍ତେ ଜେଲ ଯିବାକୁ ଉଚିତ ମଣିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ☞ପୃଷ୍ଠା–୪

## ଆଧାର କାର୍ଡ ଅପଡେଟ୍ ସମୟସୀମା ବଢ଼ିଲା

ଭୁବନେଶ୍ୱର,୨୧।୪
(ଅନୁରାଧା ମହାରଣା)

ପରିଚୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଭାବେ ବିବେଚନା କରାଯାଉଥିବା ଆଧାର କାର୍ଡର ଅପ୍‌ଡେଟ୍ ପାଇଁ ସମୟସୀମା ବୃଦ୍ଧି କରାଯାଇଛି। ଏନେଇ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ପକ୍ଷରୁ ସୂଚନା ପ୍ରକାଶ ପାଇଛି। ଯେଉଁ ନାଗରିକଙ୍କ ଆଧାରକୁ ୧୦ ବର୍ଷ କିମ୍ବା ଏହାଠାରୁ ଅଧିକ ସମୟ ହୋଇଯାଇଛି ସେମାନଙ୍କ ନିଃଶୁଳ୍କ ଆଧାର ଅପଡେଟ୍ ପାଇଁ ୟୁଆଇଡିଏଆଇ ସୁବିଧା ପ୍ରଦାନ କରୁଛି। ☞ପୃଷ୍ଠା–୪

# ବାରିପଦା ଦେଶର ଦ୍ୱିତୀୟ ଉତ୍ତପ୍ତ ସହର

ଭୁବନେଶ୍ୱର, ୨୧।୪
(ଅସମାପିକା ସାହୁ)

ପ୍ରବଳ ଗରମ ସହ ଗୁଳୁଗୁଳି ଜାରି ରହିଥିବାବେଳେ ରବିବାର ଦ୍ୱିତୀୟ ଦିନ ପାଇଁ ବାରିପଦା ରାଜ୍ୟର ପ୍ରଥମ ଓ ଦେଶର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଥିଲା। ଏଠାରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ ରହିଥିଲା। ସେହିଭଳି ୩୦ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଥିବାବେଳେ ୯ ସହରରେ ପାରଦ ୪୩ ଡିଗ୍ରୀ ପାର୍ କରିଥିଲା। ଆଉ ଗୋଟିଏ ଦିନ ଏଭଳି ସ୍ଥିତି ଲାଗିବ ରହିବ ଓ ଏହାପରେ ପାଗରେ ସାମାନ୍ୟ ପରିବର୍ତ୍ତନର ସମ୍ଭାବନା ରହିଛି। ହେଲେ ୨୫ ତାରିଖରୁ ପୁଣି ତାତି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ନୂଆପଡ଼ାରେ ୪୪, ତାଳଚେର ୪୩.୮, ଝାରସୁଗୁଡ଼ା ଓ କେନ୍ଦୁଝରରେ ୪୩.୬, ଅନୁଗୋଳ ୪୩.୩, ବଲାଙ୍ଗୀର ୪୩.୨, ସୁନ୍ଦରଗଡ଼ ଓ ବୌଦ୍ଧରେ ୪୩, ଢେଙ୍କାନାଳ ୪୨.୯, ଟିଟିଲାଗଡ଼ ୪୨.୫, ରାଉରକେଲା ୪୨.୧, ଭବାନୀପାଟଣା ଓ ନୟାଗଡ଼ରେ ୪୨, ଚାନ୍ଦବାଲି ଓ ହୀରାକୁଦରେ ୪୧.୯, ଭଦ୍ରକ ୪୧.୮, ସମ୍ବଲପୁର ଓ ମାଲକାନଗିରିରେ ୪୧.୭, କଟକ ଓ ଭୁବନେଶ୍ୱରରେ ୪୧.୬, ପାରଳାଖେମୁଣ୍ଡି ଓ ଯାଜପୁରରେ ୪୧, ଫୁଲବାଣୀ, ସୋନପୁର, ବରଗଡ଼ ଓ କେନ୍ଦ୍ରାପଡ଼ାରେ ୪୦.୮, ବାଲେଶ୍ୱର ଓ ଖୋର୍ଦ୍ଧାରେ ୪୦.୫ ଏବଂ ଜଗତ୍‌ସିଂହପୁରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପୂର୍ବାନୁମାନ ଅନୁଯାୟୀ, ସୋମବାର ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ନୂଆପଡ଼ା, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ ନୟାଗଡ଼ ଜିଲାର କିଛି ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହ ☞ପୃଷ୍ଠା–୪

# ଡିଏମ୍‌ଏଫ୍ ଆକାଉଣ୍ଟରୁ ସାଢ଼େ ୯ କୋଟି ହଡ଼ପ

## ତଦନ୍ତ ଆରମ୍ଭକଲା ଇଓଡବ୍ଲ୍ୟୁ

ବାରିପଦା,୨୧।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚଞ୍ଚକତାପୂର୍ବକ ହଡ଼ପ କରାଯାଇଛି। ଏ ନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଶାଖା ମ୍ୟାନେଜରଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ପୋଲିସ ଏକ ମାମଲା (ନଂ.୯୫/୨୪) ରୁଜୁ କରିଛି। ଘଟଣାକୁ ନେଇ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ଏକ ଟିମ୍ ବାରିପଦାରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ ଟ୍ରଷ୍ଟ ନାମରେ ଏକ ସେଭିଙ୍ଗ୍‌ସ ଆକାଉଣ୍ଟ ଖୋଲାଯାଇଛି। ଗତ ୧୦ ତାରିଖରେ ଉକ୍ତ ଆକାଉଣ୍ଟରୁ ଚେକ୍ ନଂ.୦୧୭୭୯୫ରେ ୨,୬୮,୪୨,୩୦୦ ଓ ୧୮ ତାରିଖରେ ଚେକ୍ ନଂ. ୦୧୭୭୯୮ରେ ୩,୧୫,୭୪,୨୦୦ ଟଙ୍କା ପିଟି କନ୍‌ଷ୍ଟ୍ରକ୍ସନ ଆଣ୍ଡ ସପ୍ଲାୟର ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି, ଯାହାର ଆକାଉଣ୍ଟ ନଂ.୬୦୪୭୦୩୯୧୬୭୯ ଓ ଆଇଏଫ୍‌ଏସ୍‌ସି କୋଡ୍– ଏମ୍‌ଏଏଚ୍‌ବି୦୦୦୨୪୦୦ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୁଣି ସେହି ୧୦ ତାରିଖରେ ଚେକ୍ ନଂ. ୦୧୭୭୯୬ରେ ୧,୮୪,୨୭,୪୦୦ ଓ ୧୮ରେ ଚେକ୍‌ନଂ.୦୧୭୭୯୭ରେ ୧,୮୮,୩୨,୭୦୦ ଟଙ୍କା ଏସ୍‌କେ ଏଣ୍ଟରପ୍ରାଇଜେସ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି, ଯାହାର ଆକାଉଣ୍ଟ ନଂ. ୧୦୦୩୧୧୦୦୦୦୦୨୧୫ ଓ ଆଇଏଫ୍‌ଏସ୍‌ସି କୋଡ୍– ପିଏସ୍‌ଆଇବି୦୦୨୧୦୦୩ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏହିପରି ମୋଟ ୯,୫୬,୭୬,୬୦୦ ଟଙ୍କା ନେଣଦେଣକୁ ନେଇ ଶାଖାର କର୍ମଚାରୀ ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଥିଲେ। ବ୍ୟାଙ୍କରେ ଚଞ୍ଚକତାପୂର୍ବକ ଟଙ୍କା ହଡ଼ପ କରାଯାଇଥିବା ନେଇ ଜାଣିବା ପରେ ବାରିପଦା ଶାଖା ମୁଖ୍ୟ ମ୍ୟାନେଜର ସୁଜାତା କାନୁନ୍‌ଗୋ ☞ପୃଷ୍ଠା–୪







## ସଂକ୍ଷେପରେ

### ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ସିଏଏ ରଦ୍ଦ ହେବ: ଚିଦାମ୍ବରମ୍

ଥିରୁଭାନନ୍ତପୁରମ୍,୨୧।୪

ଇଣ୍ଡିଆ ବ୍ଲକ୍ କେନ୍ଦ୍ରରେ ସରକାର ଗଡ଼ିବା ପରେ ପାର୍ଲାମେଣ୍ଟର ପ୍ରଥମ ଅଧିବେଶନରେ ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ରଦ୍ଦ କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ରବିବାର କହିଛନ୍ତି। ଦଳୀୟ ଇସ୍ତାହାରରେ ସିଏଏ ସମ୍ପର୍କରେ ଉଲ୍ଲେଖ ନ ଥିଲେ ମଧ୍ୟ ଏହାକୁ ହଟାଇବା ଦଳର ଉଦ୍ଦେଶ୍ୟ ବୋଲି କଂଗ୍ରେସ ନେତା କହିଛନ୍ତି। ସୂଚନାଯୋଗ୍ୟ, କଂଗ୍ରେସ ଇସ୍ତାହାରରେ ସିଏଏ ଉଲ୍ଲେଖ ନ ଥିବାରୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ସିପିଆଇ(ଏମ୍) କ୍ରମାଗତ ଭାବେ ଏହି ଦଳକୁ ସମାଲୋଚନା କରିଆସୁଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚିଦାମ୍ବରମ କହିଛନ୍ତି, ଭାଜପାର ୧୦ ବର୍ଷର ଶାସନ ଦେଶକୁ ପ୍ରଚଣ୍ଡ କ୍ଷତି ପହଞ୍ଚାଇଛି ଓ ସଂସଦରେ ବହୁମତର ଅପବ୍ୟବହାର ହୋଇଛି। ଭାଜପା ସରକାର ଆଣିଥିବା ୫ଟି ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବ ବୋଲି କଂଗ୍ରେସ ନେତା କହିଛନ୍ତି।

### ଦୁର୍ଘଟଣାରେ ୩ ଭାଇଙ୍କ ସମେତ ୯ ମୃତ

କୋଟା,୨୧।୪

ରାଜସ୍ଥାନର ଝଲାୱରଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଭାଇଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ମଧ୍ୟପ୍ରଦେଶର ଡୁଙ୍ଗୀ ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗଦେଇ କାର୍‌ରେ ଫେରୁଥିବାବେଳେ ରବିବାର ଭୋର ସମୟରେ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ମୃତକମାନଙ୍କ ବୟସ ୧୬ରୁ ୩୦ ବର୍ଷ ମଧ୍ୟରେ। ସେମାନଙ୍କ ମଧ୍ୟରୁ ରୋହିତ(୧୬), ସୋନୁ(୨୨) ଏବଂ ଦୀପକ (୨୪) ତିନି ଭାଇ ବୋଲି ଏକଲେରା ଥାନା ଏସ୍ଏଚ୍ଓ କହିଛନ୍ତି। ଟ୍ରକ୍ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

### କୋକ୍ରାଝରର ଏମ୍‌ପିଙ୍କ ନାମାଙ୍କନପତ୍ର ରଦ୍ଦ

କୋକ୍ରାଝର ,୨୧।୪

ଆସାମ କୋକ୍ରାଝରର ୨ ଥରର ଏମ୍‌ପି ନବକୁମାର ସରନିଆ ତୃତୀୟ ଥର ପାଇଁ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ନାମାଙ୍କନପତ୍ର ରବିବାର ବାତିଲ ହୋଇଯାଇଛି। ତାଙ୍କ ନାମାଙ୍କନପତ୍ର ବୈଧ ନ ଥିଲା ବୋଲି ରିଟର୍ନିଂ ଅଫିସର ପ୍ରଦୀପ କୁମାର ଦ୍ୱିବେଦୀ ଗଣମାଧ୍ୟମକୁ କହିଛନ୍ତି। ୧୯ ତାରିଖ ପର୍ଯ୍ୟନ୍ତ ଦାଖଲ ହୋଇଥିବା ୧୬ ନାମାଙ୍କନପତ୍ର ମଧ୍ୟରୁ ୧୫ଟି ବୈଧ ଥିବାବେଳେ ଗୋଟିଏ ଅବୈଧ ଥିଲା। ଉକ୍ତ ଆସନରେ ମେ' ୭ରେ ମତଦାନ ହେବ। ସରନିଆ ଗଣ ସୁରକ୍ଷା ପାର୍ଟି (ଜିଏସ୍‌ପି)ର ମୁଖ୍ୟ ଥିବାବେଳେ ସେ ୨୦୧୪ରୁ ସ୍ୱାଧୀନ ଭାବେ କୋକ୍ରାଝରରୁ ଲୋକ ସଭାରେ ପ୍ରତିନିଧିତ୍ୱ କରିଆସୁଛନ୍ତି। ତାଙ୍କର ଅନୁସୂଚିତ ଜନଜାତି ସାର୍ଟିଫିକେଟକୁ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଖାରଜ କରିଦେଇଥିବାବେଳେ ସେ ଏହାକୁ ଗୌହାଟୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗୁରୁବାର ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ସେ ରେଭା ସମ୍ପ୍ରଦାୟର ସଦସ୍ୟ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ।

## ରାଫାହରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍

# ୧୮ ଶିଶୁଙ୍କ ସମେତ ୨୨ ମୃତ



ଆକ୍ରମଣରେ ନିହତ ଆତ୍ମୀୟଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ସମ୍ପର୍କୀୟ।

ରାଫାହ,୨୧।୪

ଗାଜାର ରାଫାହ ସହରରେ ଇସ୍ରାଏଲୀ ସେନା ରାତିଅଧିଆ ଏୟାରଷ୍ଟ୍ରାଇକ୍ କରିଛି। ଏହି ଆକ୍ରମଣରେ ୧୮ ପିଲାଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଏଥିରେ ପ୍ରାଣ ହରାଇଥିବା ଜଣେ ମହିଳାଙ୍କ ଗର୍ଭସ୍ଥ ଶିଶୁକୁ ଡାକ୍ତରମାନେ ଅସ୍ତ୍ରୋପଚାର କରି ସୁରକ୍ଷିତ ଭାବେ ଭୂମିଷ୍ଠ କରାଇବାରେ ସଫଳ ହୋଇଛନ୍ତି।

ଗାଜା ଜନସଂଖ୍ୟାର ଅର୍ଦ୍ଧାଧିକ ରାଫାହରେ ରହୁଥିବାବେଳେ ଇସ୍ରାଏଲ୍ କ୍ରମାଗତ ଭାବେ ଏହା ଉପରେ ଆକ୍ରମଣ ଜାରି ରଖିଛି। ସେପଟେ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଇସ୍ରାଏଲକୁ ୨୬ ବିଲିୟନ ଡଲାରର ସହାୟତା ପ୍ୟାକେଜ୍‌କୁ ଅନୁମୋଦନ କରିଥିବାବେଳେ ଗାଜାକୁ ୯ ବିଲିୟନ ଡଲାରର ମାନବୀୟ ସହାୟତା ଯୋଗାଇବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ୭ ମାସ ହେଲା ଇସ୍ରାଏଲ୍-ହମାସ ଯୁଦ୍ଧ ଲାଗି ରହିଥିବାବେଳେ ଏଥିରେ ୩୪,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ୮୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ଇତିମଧ୍ୟରେ ଶନିବାର ବିଳମ୍ବିତ ରାତିରେ ରାଫାହରେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କ ଘର ଉପରେ ଇସ୍ରାଏଲ୍ ଆକାଶମାର୍ଗରୁ ପ୍ରଥମ ଆକ୍ରମଣ କରିଥିଲା। ଏହି ଏୟାର ଷ୍ଟ୍ରାଇକ୍‌ରେ ୧୮ ଶିଶୁଙ୍କ ସମେତ ୨୨ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଓ ସେମାନଙ୍କ ୩ ବର୍ଷର ପିଲା ଅଛନ୍ତି। ମହିଳା ଜଣକ ପ୍ରାଣ ହରାଇଥିବାବେଳେ ତାଙ୍କ ଗର୍ଭସ୍ଥ ଶିଶୁକନ୍ୟାକୁ କୁଏଟି ହସ୍ପିଟାଲ ଏମର୍ଜେନ୍ସି ସି-ସେକ୍ସନରେ ଡାକ୍ତରମାନେ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଶିଶୁକନ୍ୟାର ଓଜନ ୧.୪ କେ.ଜି. ହେବ। ଇନ୍‌କ୍ୟୁବେଟରରେ ରଖାଯାଇଥିବା ଉକ୍ତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ମହମ୍ମଦ ସଲମା କହିଛନ୍ତି। ଶିଶୁର ମା' ସବ୍ରିନ୍ ଅଲ୍-ସକାନି ୩୦ ସପ୍ତାହର ଗର୍ଭବତୀ ଥିଲେ। ଦ୍ୱିତୀୟ ଏୟାର ଷ୍ଟ୍ରାଇକ୍‌ରେ ୧୭ ଶିଶୁ ଓ ୨ ମହିଳା ପ୍ରାଣ ହରାଇଥିଲେ। ଜଣେ ବ୍ୟକ୍ତି କହିଛନ୍ତି, ତାଙ୍କ ଝିଅ ରାଣା ଓ ୬ ପିଲା ମଧ୍ୟ ଏଥିରେ ନିହତ ହୋଇଛନ୍ତି।



ମା' ପେଟରୁ ଉଦ୍ଧାର ଶିଶୁକୁ ରାଫାହସ୍ଥିତ ଅଲ୍-ଏମିରେଟି ହସ୍ପିଟାଲର ଇନ୍‌କ୍ୟୁବେଟରରେ ରଖାଯାଇଛି।

### ନେତାନ୍ୟାହୁଙ୍କୁ ଇସ୍ରାଏଲ୍‌ରେ କଡ଼ା ବିରୋଧ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଗାଜା ଓ ଇରାନକୁ ଟାର୍ଗେଟ କରୁଥିବାବେଳେ ଦେଶ ଭିତରେ ତାଙ୍କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ହମାସ ଆତଙ୍କବାଦୀମାନେ ପଣବନ୍ଦୀ କରି ନେଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅବଶିଷ୍ଟ ୧୩୩ ଇସ୍ରାଏଲୀଙ୍କୁ ତୁରନ୍ତ ମୁକ୍ତ କରିବା ଏବଂ ଦେଶରେ ସାନି ନିର୍ବାଚନ ଦାବିରେ ଲୋକେ ତେଲ୍ ଆଭିଭ୍‌ରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ନେତାନ୍ୟାହୁ ସରକାରଙ୍କ ସୁରକ୍ଷା ବିଫଳତା ଯୋଗୁ ହମାସ ଫାଇଟରମାନେ ଦକ୍ଷିଣ ଇସ୍ରାଏଲ୍‌ରେ ଆକ୍ରମଣ କରିବାରେ ସଫଳ ହୋଇଥିଲେ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ପ୍ରକାଶ ଯେ, ହମାସ ଆକ୍ରମଣରେ ୧୨୦୦ ଇସ୍ରାଏଲୀ ପ୍ରାଣ ହରାଇଥିଲେ।

### ୪ ବର୍ଷର ସ୍ନାତକ ଡିଗ୍ରୀ ସହ ୭୫% ମାର୍କ ଥିଲେ ପିଏଚ୍‌ଡି କରିହେବ: ୟୁଜିସି

ନୂଆଦିଲ୍ଲୀ,୨୧।୪(ପି.ଟି.)

୪ ବର୍ଷୀୟା ସ୍ନାତକ ଡିଗ୍ରୀ ପାଠ୍ୟକ୍ରମ କରୁଥିବା ଛାତ୍ରୀଛାତ୍ର ଏଣିକି ସିଧାସଳଖ ଏନ୍ଇଟି (ଜାତୀୟ ଯୋଗ୍ୟତା ପରୀକ୍ଷା) ଦେଇ ପିଏଚ୍‌ଡି କରିପାରିବେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅଧ୍ୟକ୍ଷ ଜଗଦେଶ କୁମାର ଏହି ସୂଚନା ଦେଇଛନ୍ତି। ଜୁନିୟର ରିସର୍ଚ୍ଚ ଫେଲୋଶିପ୍ (ଜେଆର୍‌ଏଫ୍) ସହ କିମ୍ବା ଏହା ବିନା ପିଏଚ୍‌ଡି କରିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ସର୍ବନିମ୍ନ ୭୫ ପ୍ରତିଶତ ମାର୍କ ଅଥବା ସେମାନଙ୍କ ୪ ବର୍ଷର ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ତତ୍ତୁଲ୍ୟ ଗ୍ରେଡ୍ ରଖିଥିବା ଆବଶ୍ୟକ। ବର୍ତ୍ତମାନ ପର୍ଯ୍ୟନ୍ତ ଏନ୍ଇଟି ଦେବା ପାଇଁ ସର୍ବନିମ୍ନ ୫୫ ପ୍ରତିଶତ ନମ୍ବର ସହ ମାଷ୍ଟର ଡିଗ୍ରୀ ଆବଶ୍ୟକ ହେଉଥିଲା। ଚଳିତ ବର୍ଷ ପରୀକ୍ଷା କମ୍ପ୍ୟୁଟର ଭିତ୍ତିକ ନ ହୋଇ ଅଫ୍‌ଲାଇନ ମୋଡ୍‌ରେ ହେବ। ଜୁନ୍ ୧୬ରେ ସମସ୍ତ ବିଷୟରେ ପରୀକ୍ଷା କରାଯିବ ବୋଲି ୟୁଜିସି ପକ୍ଷରୁ କୁହାଯାଇଛି।

### ସୁରଟ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଖାରଜ

ସୁରଟ/ଅହମଦାବାଦ ,୨୧।୪

ଗୁଜରାଟର ସୁରଟ ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ନାମାଙ୍କନପତ୍ର ରବିବାର ନାକଚ ହୋଇଯାଇଛି। ତାଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକମାନଙ୍କ ଦସ୍ତଖତ ମେଳ ଖାଉ ନଥିବା ଜିଲା ରିଟର୍ନିଂ ଅଫିସର ଜାଣିବାକୁ ପାଇଥିଲେ। ସୁରଟରୁ କଂଗ୍ରେସର ବିକଳ୍ପ ପ୍ରାର୍ଥୀ ସୁରେଶ ପଡସଲାଙ୍କ ନାମାଙ୍କନ ପତ୍ର ମଧ୍ୟ ଅବୈଧ ସାବ୍ୟସ୍ତ ହୋଇଛି। ଫଳରେ ସୁରଟରେ ମୁଖ୍ୟ ବିରୋଧୀ ଦଳର କେହି ପ୍ରାର୍ଥୀ ନାହାନ୍ତି। କଂଗ୍ରେସ ନେତାଙ୍କ ନାମାଙ୍କନପତ୍ରକୁ ଭାଜପା ତରଫରୁ ଖାରଜ କରାଯାଇଥିବା ଗୁଜରାଟ ପିସିସି ସଭାପତି ଶକ୍ତିସିଂ ଗୋହିଲ ଅଭିଯୋଗ କରିଛନ୍ତି। ନିର୍ବାଚନରେ ଭାଜପା ହାରିଯିବ ବୋଲି ଜାଣିପାରି ଏଭଳି କରାଇଛି। ଏହା ଗଣତନ୍ତ୍ରର ହତ୍ୟା। ରିଟର୍ନିଂ ଅଫିସରଙ୍କ ନିଷ୍ପତ୍ତି ବିରୋଧରେ କଂଗ୍ରେସ ହାଇକୋର୍ଟ ଯିବ ବୋଲି ଗୋହିଲ କହିଛନ୍ତି। ରିଟର୍ନିଂ ଅଫିସର ସୌରଭ ପାର୍ଢ଼ି ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, କୁମ୍ଭାନି ଏବଂ ପଡସଲା ଦାଖଲ କରିଥିବା ୪ଟି ନାମାଙ୍କନ ପତ୍ରରେ ପ୍ରସ୍ତାବକ ଥିବା ପ୍ରକୃତ ବ୍ୟକ୍ତି ଉପସ୍ଥିତ ନ ହେବାରୁ ଦସ୍ତଖତରେ ପାର୍ଥକ୍ୟ ଜଣାପଡ଼ିଲା। ସେଥିପାଇଁ ଉଭୟଙ୍କ ନାମାଙ୍କନପତ୍ରକୁ ଖାରଜ କରାଯାଇଥିବା ରିଟର୍ନିଂ ଅଫିସର ଦର୍ଶାଇଛନ୍ତି।

## ଗ୍ରୀଷ୍ମପ୍ରବାହ ଉପରେ ଖବର ପଢ଼ିବାବେଳେ ମୂର୍ଚ୍ଛାଗଲେ ଟିଭି ଆଙ୍କର



ନୂଆଦିଲ୍ଲୀ,୨୧।୪

ଭାରତର ଅଧିକାଂଶ ଭାଗରେ ଗ୍ରୀଷ୍ମଲହର ଲାଗି ରହିଥିବାବେଳେ ଅନେକ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୦ରୁ ୪୬ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଲାଣି। ଦୂରଦର୍ଶନ କୋଲକାତା ବ୍ରାଞ୍ଚର ଖବର ଉପସ୍ଥାପିକା ଲୋପାମୁଦ୍ରା ସିହ୍ନା ଗ୍ରୀଷ୍ମପ୍ରବାହ ଉପରେ ଖବର ପଢୁଥିବାବେଳେ ପ୍ରବଳ ଗରମ ଯୋଗୁ ମୂର୍ଚ୍ଛା ଯାଇଥିଲେ। ତାଙ୍କର ରକ୍ତଚାପ ହଠାତ୍ ଖସିଯାଇଥିଲା। ଟେଲିପ୍ରିଣ୍ଟର ତାଙ୍କୁ ଝାପ୍‌ସା ଦେଖାଯିବା ସହ ପରେ ଆଦୌ ଦେଖାଯାଇ ନ ଥିଲା। ସେ ଚେୟାର ଉପରେ ଅଚେତ ହୋଇପଡ଼ିଥିଲେ। ସେ ନିଜର ଫେସ୍‌ବୁକ୍ ପେଜ୍‌ରେ ଏକ ଭିଡିଓ ଶେୟାର କରି ଏହା ଜଣାଇଛନ୍ତି। ଶୀତଳୀକରଣ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଷ୍ଟୁଡ଼ିଓ ଭିତରେ ଅତ୍ୟଧିକ ଗରମ ଅନୁଭୂତ ହୋଇଥିଲା ବୋଲି ସେ କହିଛନ୍ତି।

## ମାଳଦ୍ୱୀପ ସଂସଦୀୟ ନିର୍ବାଚନ ମୁଇଜୁଙ୍କ ଭାରତ ବିରୋଧୀ ନୀତିର ପରୀକ୍ଷା

ମାଲେ,୨୧।୪

ମାଳଦ୍ୱୀପ ସଂସଦୀୟ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତଠାରୁ ଦୂରେଇ ଯାଇ ଚାଇନା ପ୍ରତି ଢଳିଥିବା ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜୁଙ୍କ ପାଇଁ ଏହା ଏକ ପରୀକ୍ଷା ହୋଇପାରେ ବୋଲି କୁହାଯାଉଛି। ଗତ ସେପ୍ଟେମ୍ବରରେ ୪୫ ବର୍ଷୀୟ ମୁଇଜୁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଏହା ପରଠାରୁ ସେ ଭାରତ ବିରୋଧୀ ଆଭିମୁଖ୍ୟ ରଖିଆସିବା ସହ ଚାଇନା ସହ ସମ୍ପର୍କ ବଢ଼ାଇଚାଲିଛନ୍ତି। ନିକଟରେ ମାଳଦ୍ୱୀପର ଏକ ହାଇପ୍ରୋଫାଇଲ୍ ଭିତ୍ତିଭୂମିର ଠିକା କାର୍ଯ୍ୟ ସେ ଚାଇନାର ସରକାରୀ କମ୍ପାନୀକୁ ପ୍ରଦାନ କରିଛନ୍ତି। ଏହି ଦ୍ୱୀପଦେଶକୁ ସହାୟତା ପାଇଁ ସେଠାରେ ଅବସ୍ଥାପିତ ଥିବା ଭାରତୀୟ ସୈନ୍ୟମାନଙ୍କୁ ସେ ଫେରାଇ ଦେଇଛନ୍ତି। ବର୍ତ୍ତମାନର ପାର୍ଲାମେଣ୍ଟରେ ଭାରତ ସପକ୍ଷବାଦୀ ମାଲଦିଭିଆନ୍ ଡେମୋକ୍ରାଟିକ୍ ପାର୍ଟି (ଏମ୍‌ଡିପି) ସଂଖ୍ୟାଗରିଷ୍ଠ ରହିଛି। ଦ୍ୱୀପଦେଶର କୂଟନୀତିରେ ପରିବର୍ତ୍ତନ ଲାଗି ମୁଇଜୁଙ୍କ ଉଦ୍ୟମକୁ ଏମ୍‌ଡିପି ବିରୋଧ କରୁଛି।

## ବଳାତ୍କାରୀଙ୍କ ଘରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୧।୪

ମଧ୍ୟପ୍ରଦେଶର ଗୁନାରେ ଜଣେ ମହିଳାଙ୍କୁ ମାସେ ପର୍ଯ୍ୟନ୍ତ ବଳାତ୍କାର କରିବା ସହ ନିର୍ଯାତନା ଦେଇଥିବା ଅଭିଯୁକ୍ତଙ୍କ ଘରକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦିଆଯାଇଛି। ଖବର ଅନୁଯାୟୀ ଅଭିଯୁକ୍ତ ଅୟନ ପଠାନ ଜଣେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ଜଣେ ୨୩ ବର୍ଷୀୟା ପଡୋଶୀ ମହିଳାଙ୍କ ସହ ସମ୍ପର୍କ ରହିଥିଲା। ମହିଳାଙ୍କ ମା'ଙ୍କ ନାଁରେ ଥିବା ସମ୍ପତ୍ତି ହଡ଼ପ କରିବା ପାଇଁ ପଠାନ୍ ଉଦ୍ୟମ କରି ବିଫଳ ହେବା ପରେ ମହିଳାଙ୍କୁ ପଣବନ୍ଦୀ ରଖି ନିର୍ଯାତନା ଦେଉଥିଲେ। ସେ ମହିଳାଙ୍କ ଆଖିରେ ଲଙ୍କାଗୁଣ୍ଡ ପୂରାଇବା ସହ ତାଙ୍କ ମୁହଁକୁ ଅଠା ଦେଇ ବନ୍ଦ କରିଦେଇଥିଲେ। ଗୁରୁତର ଅବସ୍ଥାରେ ମହିଳା ଜଣକ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଅଭିଯୋଗ ଆଧାରରେ ପଠାନଙ୍କୁ ଗିରଫ କରାଯାଇଛି। ପଠାନ ସରକାରୀ ଜାଗାରେ ବେଆଇନ ଭାବେ ଘର କରିଥିବା ଜଣାପଡ଼ିବା ପରେ ପ୍ରଶାସନ ତାଙ୍କ ଘରକୁ ଭାଙ୍ଗିଦେଇଛି।

## ସ୍ୱାମୀଙ୍କ ଯୌନ ଅକ୍ଷମତାରୁ ବିବାହ ଅବୈଧ

ମୁମ୍ବାଇ,୨୧।୪

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

**ହତାଶାର ପୀଡ଼ାକୁ ଅଣଦେଖା କରାଯାଇପାରିବ ନାହିଁ**

ସ୍ତ୍ରୀଙ୍କ ସହ ଯୌନ ସମ୍ପର୍କ ରଖିବାରେ ସ୍ୱାମୀଙ୍କ ଅକ୍ଷମତା ପାଇଁ ଏକ ଯୁବ ଦମ୍ପତିଙ୍କ ବିବାହକୁ ବମ୍ବେ ହାଇକୋର୍ଟର ଔରଙ୍ଗାବାଦ ବେଞ୍ଚ୍ ଅବୈଧ ଘୋଷଣା କରିଛନ୍ତି। ସେମାନଙ୍କ ହତାଶାର ପୀଡ଼ାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ବିଭା କଙ୍କନୱାଡ଼ି ଏବଂ ଏସ୍.ଜି. ଚପାଲଗାଓଙ୍କରଙ୍କ ଖଣ୍ଡପୀଠ କହିଛନ୍ତି। ବୈବାହିକ ଜୀବନରେ ଉଭୟଙ୍କ ମଧ୍ୟରେ ମାନସିକ, ଆବେଗିକ କିମ୍ବା ଶାରୀରିକ ସମ୍ପର୍କ ରଖିପାରୁ ନ ଥିବା ଯୁବ ଦମ୍ପତିଙ୍କୁ ସହାୟତା କରିବା ଲାଗି ଏହା ଉପଯୁକ୍ତ ମାମଲା ବୋଲି ଅଦାଲତ କହିଛନ୍ତି। ୨୬ ବର୍ଷୀୟା ସ୍ତ୍ରୀ ଜଣଙ୍କ ବିବାହ ବିଚ୍ଛେଦ ପାଇଁ କରିଥିବା ଆବେଦନକୁ ପରିବାର ଅଦାଲତ ଗତ ଫେବୃଆରୀରେ ଖାରଜ କରିଦେଇଥିଲେ। ପରେ ୨୭ ବର୍ଷୀୟ ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରିଲେଟିଭ୍ ଇମ୍ପୋଟେନ୍ସି ହେଉଛି, ଏକ ସ୍ଥିତି, ଯେଉଁଥିରେ ବ୍ୟକ୍ତି ଜଣଙ୍କ ସହବାସ ପାଇଁ ସକ୍ଷମ ହୋଇଥିବାବେଳେ ଜୀବନସାଥୀଙ୍କ ସହ ଏହି କାର୍ଯ୍ୟ ପାଇଁ ଅସମର୍ଥ ହୋଇଥାନ୍ତି। ଏହାର ବିଭିନ୍ନ ଶାରୀରିକ ଓ ମାନସିକ କାରଣ ରହିଥାଇପାରେ ବୋଲି ଅଦାଲତ କହିଛନ୍ତି।



## ଏ ବର୍ଷ ମେଟ୍ ଗାଲାରେ ଯୋଗଦେବେନି ପ୍ରିୟଙ୍କା

ମୁମ୍ବାଇ

ଚଳିତ ବର୍ଷ ନ୍ୟୁୟର୍କ ସହରେ ଅନୁଷ୍ଠିତ ହେବାକୁ ଥିବା ମେଟ୍ ଗାଲା କାର୍ଯ୍ୟକ୍ରମରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ସେ ଏହି କାର୍ଯ୍ୟକ୍ରମ ଦେଖିବାକୁ ବହୁତ ଆଗ୍ରହୀ ଥିବା ଆକ୍ଟ୍ରେସ୍ ହଲିଉଡ୍‌କୁ ସାକ୍ଷାତକାର ଦେଇ କହିଛନ୍ତି। ପ୍ରିୟଙ୍କା ଏବେ ତାଙ୍କର ଆଗାମୀ ପ୍ରୋଜେକ୍ଟ 'ହେଡ୍ସ୍ ଅଫ୍ ଦି ଷ୍ଟେଟ୍' ଶୁଟିଂରେ ବ୍ୟସ୍ତ ଅଛନ୍ତି। ପୂର୍ବରୁ ପ୍ରିୟଙ୍କା ଅନେକ ଥର ମେଟ୍ ଗାଲା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ପ୍ରତିବର୍ଷ ପାଣ୍ଠି ସଂଗ୍ରହ ପାଇଁ କଷ୍ଟ୍ୟୁମ୍ ଇନ୍‌ଷ୍ଟିଚ୍ୟୁଟ୍ ଗାଲା ଭାବେ ପରିଚିତ ଏହି କାର୍ଯ୍ୟକ୍ରମ ନ୍ୟୁୟର୍କ ସହରରେ ଅନୁଷ୍ଠିତ ହୋଇଥାଏ। ଏଥିରୁ ସଂଗୃହୀତ ଅର୍ଥ ମେଟ୍ରୋପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟ୍ସ କଷ୍ଟୁମ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଉନ୍ନତି ପାଇଁ ଖର୍ଚ୍ଚ ହୋଇଥାଏ। ଏହା ବିଶ୍ୱର ସବୁଠୁ ମର୍ଯ୍ୟାଦାଜନକ ତଥା ଗ୍ଲାମର୍ସ ଫେଶନ ଇଭେଣ୍ଟ ଭାବେ ଜଣାଶୁଣା।

## ୬ ପିଲାଙ୍କୁ ଜନ୍ମଦେଲେ ପାକିସ୍ତାନୀ ମହିଳା

ରାୱଲପିଣ୍ଡି,୨୧।୪



ପ୍ରଥମ ଥର ପାଇଁ ମା' ହୋଇଥିବା ଜଣେ ୨୭ ବର୍ଷୀୟା ପାକିସ୍ତାନୀ ମହିଳା ଏକାଥରକେ ୬ ପିଲାଙ୍କୁ ଜନ୍ମ ଦେଇଛନ୍ତି। ଜିନତ୍ ୱାହିଦ ଗୁରୁବାର ରାତିରେ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଶୁକ୍ରବାର ରାୱଲପିଣ୍ଡି ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଣ୍ଟାକ ଭିତରେ ସେ ୪ ପୁଅ ଓ ୨ ଝିଅଙ୍କୁ ଜନ୍ମ ଦେଇଛନ୍ତି। ପ୍ରତ୍ୟେକ ନବଜାତ ଶିଶୁଙ୍କ ଓଜନ ୨ ପାଉଣ୍ଡରୁ କମ୍ ହେବ। ୬ ଶିଶୁ ଓ ମା' ସୁସ୍ଥ ଥିବା ହସ୍ପିଟାଲର ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ଫର୍ଜାନା ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପ୍ରତି ୪.୫ ନିୟୁତ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ଜଣେ ଏପରି ଏକକାଳୀନ ୬ ଶିଶୁଙ୍କୁ ଜନ୍ମ ଦେଇଥାନ୍ତି। ଏକ ପରିପକ୍ୱ ଭ୍ରୂଣ ଗର୍ଭାଶୟରେ ଭାଗ ଭାଗ ହୋଇଗଲେ ଏପରି ୬ ଯମଜ ସନ୍ତାନ ଜନ୍ମ ନେଇଥାନ୍ତି, ଯାହାକି ବିଶ୍ୱରେ ବିରଳ। ତେବେ ଆଧୁନିକ ଯୁଗରେ ଓଭୁଲେଶନ୍-ଷ୍ଟିମୁଲେଟିଂ ମେଡିସିନ୍ସ ଏବଂ ଇନ୍ ଭିର୍ଟୋ ଫର୍ଟିଲାଇଜେଶନ୍ (ଆଇଭିଏଫ୍) ଭଳି ପ୍ରଜନନ ଟେକ୍ନୋଲୋଜି ଜରିଆରେ ଏକାଧିକ ସନ୍ତାନଙ୍କୁ ଜନ୍ମ ଦିଆଯାଇପାରୁଛି। ଓଭୁଲେଶନ୍-ଷ୍ଟିମୁଲେଟିଂ ମେଡିସିନ୍ସ ଅଧିକ ଭ୍ରୂଣ ସୃଷ୍ଟିରେ ସହାୟକ ହୋଇପାରୁଛି। ସେହି ଭ୍ରୂଣ ପରିପକ୍ୱ ହେଲେ ଏକାଧିକ ଶିଶୁ ଜନ୍ମ ନେଇଥାନ୍ତି ବୋଲି ଷ୍ଟାନ୍‌ଫୋର୍ଡ ମେଡିସିନ୍ ପକ୍ଷରୁ କୁହାଯାଇଛି।

# ମୟୂରଭଞ୍ଜରେ ସର୍ବାଧିକ ଗୁଣିଗାରେଡ଼ିଜନିତ ହତ୍ୟା

## ରାଜ୍ୟରେ ୧୧ ବର୍ଷରେ ଯାଇଛି ୬୦୬ ଜୀବନ


ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ପୁସ୍ତକ 'ଡାହାଣୀର କାହାଣୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୨୧।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ମଣିଷ ଯେତେ ଶିକ୍ଷିତ ହେଲେ ବି ଅନ୍ଧ ବିଶ୍ୱାସରୁ ନିଜକୁ ମୁକ୍ତ କରିପାରୁନି। ବିଜ୍ଞାନ ଯୁଗରେ ମଧ୍ୟ ସମାଜରେ ଗୁଣିଗାରେଡ଼ି, ତନ୍ତ୍ରମନ୍ତ୍ର ଜାରି ରହିଛି। ଏଥିପାଇଁ ଅନେକ ସମୟରେ ହତ୍ୟା, ଆକ୍ରମଣ ଭଳି ଅପରାଧ ଘଟୁଥିବାବେଳେ ପ୍ରତିବର୍ଷ ବହୁ ଜୀବନ ଯାଉଛି। ଗତ ୧୧ ବର୍ଷ ମଧ୍ୟରେ ରାଜ୍ୟରେ ଗୁଣି ଗାରେଡିକୁ ନେଇ ୬୦୬ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ମୃତ୍ୟୁ ଘଟିଛି। ହେତୁବାଦୀ ଚିନ୍ତକ ଦେବେନ୍ଦ୍ର ସୂତାରଙ୍କ ପୁସ୍ତକ 'ଡାହାଣୀର କାହାଣୀ'ରେ ଏହି ତଥ୍ୟ ପ୍ରକାଶ ପାଇଛି। ରବିବାର ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଏହି ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି। ଏଥିରେ ପ୍ରକାଶିତ ତଥ୍ୟ ଅନୁସାରେ, ଗୁଣିଗାରେଡ଼ି ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ୬୦୬ଜଣଙ୍କ ମଧ୍ୟରୁ ୨୨ ମହିଳା, ୨୮୪ ପୁରୁଷ ଓ ୯୮ଜଣ ଶିଶୁ ରହିଛନ୍ତି। ଡାହାଣୀ ଗୁଣିଆ ସନ୍ଦେହରେ ମୟୂରଭଞ୍ଜ ଜିଲାରେ ୧୧୦, କେନ୍ଦୁଝରରେ ୯୭, ସୁନ୍ଦରଗଡ ଜିଲାରେ ୬୭, ଗଞ୍ଜାମ ଜିଲାରେ ୪୦, ରାୟଗଡ଼ାରେ ୩୭, ମାଲକାନଗିରିରେ ୩୧ ଓ କୋରାପୁଟ ଜିଲାରେ ୨୫ଜଣଙ୍କୁ ହତ୍ୟା କରାଯାଇଛି। ମୋଟ ହତ୍ୟାକାଣ୍ଡର ୬୭ ଭାଗ କେବଳ ଏହି ସାତୋଟି ଜିଲାରେ ଘଟିଛି। ସର୍ବାଧିକ ଡାହାଣୀଗୁଣିଆପ୍ରବଣ ଥାନାଗୁଡିକୁ ମଧ୍ୟ ଚିହ୍ନଟ କରାଯାଇ ପାରିଛି। ଏଥିମଧ୍ୟରେ ମୟୂରଭଞ୍ଜ ଜିଲାର ଯଶୀପୁର, ଶରତ, ତିରିଙ୍ଗ, ରାଇରଙ୍ଗପୁର, ବାଦାମପାହାଡ଼, କେନ୍ଦୁଝର ଜିଲାର ଯୋଡା, ବାମେବାରୀ, ଘଷିପୁରା, ସୁନ୍ଦରଗଡ ଜିଲାର କୋଇଡା, କେ. ବଲଙ୍ଗା, ବଣାଇଁ, ରାୟଗଡା ଜିଲାର ପୁଟାସିଂ, ବନ୍ଧୁଗାଁ, ଗଞ୍ଜାମ ଜିଲାର ଦିଗପହଣ୍ଡି, ବୁଗୁଡା, କୋଦଲା, ତାରାସିଂ ଥାନା ଅଞ୍ଚଳ ରହିଛି।

ଗୁଣିଗାରେଡ଼ିକୁ ନେଇ ରାଜ୍ୟରେ ଘଟିଥିବା ପ୍ରତ୍ୟେକଟି ଆରୋପ, ହତ୍ୟାକାଣ୍ଡ, ନିର୍ଯାତନା ଘଟଣାର ମୂଳକାରଣ ହେଉଛି ଅନ୍ଧବିଶ୍ୱାସ। ୮୩ ଭାଗ ସ୍ୱାସ୍ଥ୍ୟ ଏବଂ ୧୭ ଭାଗ ଅନ୍ୟାନ୍ୟ କାରଣ ଯୋଗୁ ଘଟୁଛି। ଅଧିକାଂଶ ଘଟଣାରେ ଡାହାଣୀର ପ୍ରକୋପ ଗାଁ ଭିତରେ ହିଁ ସୀମାବଦ୍ଧ ରହୁଛି। ତେଣୁ ଶତକଡା ୧୮ ଭାଗ ହତ୍ୟାକାରୀ ରକ୍ତ ସମ୍ପର୍କୀୟ ଅର୍ଥାତ୍ ପୁଅ, ପୁତୁରା, ଭାଇ, ସ୍ୱାମୀ, ନାତି ଓ ବୋହୂ ପ୍ରମୁଖ ରହୁଥିବାବେଳେ ୩୬ ଭାଗ ହତ୍ୟାକାରୀ ଗାଁର ପଡୋଶୀ କିମ୍ବା ଗ୍ରାମର କୌଣସି ବ୍ୟକ୍ତି। ସେହିପରି ୪୧ ଭାଗ ହତ୍ୟାକାଣ୍ଡ ଗ୍ରାମବାସୀ ମିଳିତ ଭାବେ କରିଥିବାବେଳେ ୫ଭାଗ କେହି ଅଜଣା ଦୁର୍ବୃତ୍ତ ଘଟାଇଥାନ୍ତି। ତେବେ ଆରୋପ କରାଯାଇଥିବା ବ୍ୟକ୍ତିଙ୍କୁ ଅକଥନୀୟ ନିର୍ଯାତନା ଦିଆଯିବା ସହ ଅତି ନୃଶଂସ ଭାବେ ହତ୍ୟା କରାଯାଇଥାଏ। ଉଲଗ୍ନ କରିବା, ଲଣ୍ଡା କରିବା, ଚେଙ୍କ ଦେବା, ଦାନ୍ତକୁ ଭାଙ୍ଗିବା, ଅଭକ୍ଷ୍ୟ ଖୁଆଇବା, ମାଡ଼ ମାରିବା, ବାସନ୍ଦ କରିବା, ଘରୁ ତଡ଼ିଦେବା ଆଦି ନିର୍ଯାତନା ଦିଆଯାଇଥାଏ। ସେହିପରି ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେବା, ମୁଣ୍ଡକୁ ଧରି ଥାନାରେ ପହଞ୍ଚିବା, ଠେଙ୍ଗାରେ ପିଟି ପିଟି ମାରିଦେବା, ପଥରରେ ମୁଣ୍ଡକୁ ଛେଚିଦେବା, ମାରି ମାରି ଚେତାଶୂନ୍ୟ ଅବସ୍ଥାରେ ଅଖାରେ ପୂରାଇ ନଦୀରେ ଫିଙ୍ଗିଦେବା, ମାଟିତଳେ ପୋତିଦେବା, ପେଟ୍ରୋଲ ଢାଳି ଜାଳିଦେବା, ଅତର୍କିତ ଭାବେ ଆକ୍ରମଣ କରି ହାଣି ପକାଇବା, ହାତଗୋଡ ବାନ୍ଧି ଜିଅନ୍ତା ଜଳାଇଦେବା ଆଦି ନୃଶଂସ ହତ୍ୟାକାଣ୍ଡ ଘଟିଥାଏ ବୋଲି ଉକ୍ତ ପୁସ୍ତକରେ ଉଲ୍ଲେଖ ରହିଛି।

ଆଦିତ୍ୟ ଭାରତ ଏବଂ ଓଡିଶା ଗୁଣିଗାରେଡି ମୁକ୍ତ ଓଡିଶା ଅଭିଯାନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପୁସ୍ତକ ଉନ୍ମୋଚନ ଅବସରରେ 'ଗୁଣିଗାରେଡି ଓ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମାନବ ଅଧିକାର ଆୟୋଗ ସଭ୍ୟ ଅସୀମ ଅମିତାଭ ଦାସ, ବରିଷ୍ଠ ସାମ୍ବାଦିକ ରବି ଦାସ, କବି କେଦାର ମିଶ୍ର, ସ୍ତମ୍ଭକାର ଭାସ୍କର ପରିଚ୍ଛା, ସାମ୍ବାଦିକା ଗାର୍ଗୀ ଶତପଥୀ, ସୁପ୍ରିୟା ଦାଶ, ସମାଜସେବୀ ତାପସୀ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଗାଳ୍ପିକ ଦେବାଶିଷ ସାମନ୍ତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ମନ୍ଦିର ନ ଥାଇ ଅର୍ଥ ବ୍ୟୟବରାଦ



କାମଡ଼େଶ୍ୱର ମହାଦେବ ଓ ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ପାଇଁ ଲଗାଯାଇଥିବା ଫଳକ।

- **ଗୋଟିଏ ମନ୍ଦିର ସ୍ଥାନରେ ୨ ଫଳକ**
- **୫ ଲକ୍ଷ ହଡ଼ପ ଅଭିଯୋଗ**

**କାଳିଆପାଣି,୨୧।୪ (ଅସିତ ମହାନ୍ତ)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟରେ ଦୁର୍ନୀତି ଚରମ ସୀମା ଟପିଥିବା ଅଭିଯୋଗ ହୋଇଛି। ବ୍ଲକ୍ ଅଧୀନ ନଗଡ଼ାରେ ମନ୍ଦିର ନ ଥାଇ ଅର୍ଥ ବ୍ୟୟବରାଦ ହୋଇଥିବା ଫଳକ ଲଗାଯାଇଛି। ଫଳରେ ଏଠାରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି। ୨ ବର୍ଷ ପୂର୍ବେ ନଗଡ଼ା ଅଞ୍ଚଳର ନାଳିଆଡାବଠାରେ ଏକ ମନ୍ଦିର ପ୍ରତିଷ୍ଠା କରାଯାଇଛି, ଯାହାକି କାମଡ଼େଶ୍ୱର ମହାଦେବ ମନ୍ଦିର ବୋଲି ନାମକରଣ ହୋଇଛି। ସେଠାରେ ସମସ୍ତ ପ୍ରକାର ଉନ୍ନତୀକରଣ ପାଇଁ ଟାଟା କମ୍ପାନୀ ସହଯୋଗ କରିଛି। ହେଲେ ଏବେ ମନ୍ଦିର ଉଭୟ ପାର୍ଶ୍ୱରେ ୫-ଟି ଲୋଗୋ ଲାଗିଥିବା ୨ ଫଳକ ଦେଖିବାକୁ ମିଳିଛି। ଗୋଟିଏ ଫଳକରେ କାମଡ଼େଶ୍ୱର ମନ୍ଦିର ଉନ୍ନତୀକରଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ଲେଖାଯାଇଛି। ଅନ୍ୟ ଫଳକରେ ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ପାଇଁ ସମାନ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବ ଲେଖାହୋଇଛି। ତେବେ ସେ ଅଞ୍ଚଳରେ ଜଗନ୍ନାଥ ମନ୍ଦିର ନ ଥିବାବେଳେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟର ଫଳକ କିପରି ଲଗାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ କରୁଥିବା ପଞ୍ଚାୟତ ସମିତିର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଥିବା ଫଳକ ଝୁଲୁଥିବାରୁ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳକ ଲଗାଇ ଯନ୍ତ୍ରୀ ୫ ଲକ୍ଷ ଟଙ୍କା ହଡ଼ପ କରିଥିବା ସାମାଜିକ କର୍ମୀ ବେଣୁଧର ମହାନ୍ତ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ବିଡିଓ ଅଭିଷେକ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ତେଲ ଲିକ୍ ଜମିରେ ଲୁଣା ମାଟି ପକାକୁ ଚାଷୀଙ୍କ ବିରୋଧ

**କୁଜଙ୍ଗ,୨୧।୪(ମନୋଜ ପ୍ରଧାନ)**

ପାରାଦୀପରେ ତେଲ ଲିକ୍ ହୋଇଥିବା ଚାଷ ଜମିରେ ଲବଣାକ୍ତ ମାଟି ପକାଯିବାକୁ ଚାଷୀମାନେ ବିରୋଧ କରିଛନ୍ତି। କୁଜଙ୍ଗ ଥାନା ଏରସମା ତହସିଲ ଅନ୍ତର୍ଗତ ବଳେଇପୁରଠାରେ ପାରାଦୀପରୁ ରାଞ୍ଚି ମଧ୍ୟରେ ଆଇଓସିଏଲ୍(ଭାରତୀୟ ତୈଳ ନିଗମ) ପକ୍ଷରୁ ବିଛାଯାଇଥିବା ତେଲ ପାଇପ୍‌ଲାଇନ ଗତ ଡିସେମ୍ବରରେ ଲିକ୍ ହୋଇଯାଇଥିଲା। ଫଳରେ ତେଲ ନିର୍ଗତ ହୋଇ ଚାଷ ଜମିକୁ ମାଡି ଯାଇଥିଲା। ସେସବୁ ଜମି ଚାଷ କାର୍ଯ୍ୟ ପାଇଁ ଅନୁପଯୋଗୀ ହୋଇଯାଇଥିଲା। ଏନେଇ କ୍ଷତିଗ୍ରସ୍ତ ଚାଷୀମାନେ ତୈଳାକ୍ତ ମାଟିକୁ ଉଠାଇ ଉକ୍ତ ସ୍ଥାନରେ ଭଲ ଉର୍ବର ମାଟି ପକାଇବାକୁ ଦାବି କରିଥିଲେ। ସେମାନଙ୍କ ଦାବି ମୁତାବକ ପାଇପ୍‌ଲାଇନ ଫାଟିଥିବା ଅଞ୍ଚଳରୁ ତୈଳାକ୍ତ ମାଟି ଖୋଳି ଅନ୍ୟତ୍ର ସ୍ଥାନାନ୍ତର କରାଯିବା ସହ ସେଠାରେ ଭଲ ମାଟି ପକାଇବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଉକ୍ତ ସ୍ଥାନରେ ରବିବାର ଚିଙ୍ଗୁଡ଼ିଘେରି ବନ୍ଧ ମାଟି ପକାଯାଇଥିଲା। ଏହାକୁ ଚାଷୀମାନେ ବିରୋଧ କରିଛନ୍ତି, ସେମାନଙ୍କ ଅଭିଯୋଗ ଅନୁଯାୟୀ, ତେଲ ଲିକ୍ ହୋଇଥିବା ଜମିରେ ଅଢ଼େଇ ମିଟର ଗଭୀରର ମାଟି ଖୋଳି ଅନ୍ୟତ୍ର ସ୍ଥାନାନ୍ତର କରିବା କଥା। କିନ୍ତୁ ଦୁଇଫୁଟରୁ ଅଢ଼େଇ ଫୁଟ ଖୋଳି ଉକ୍ତ ଖାଲ ସ୍ଥାନକୁ ଘେରିବନ୍ଧ ମାଟି ଦ୍ୱାରା ପୂରଣ କରାଯାଉଛି। ଫଳରେ ଏବେବି ସେଠାରେ ତେଲ ଭାସୁଛି। ଅପରପକ୍ଷେ ଚିଙ୍ଗୁଡ଼ି ଘେରିବନ୍ଧ ମାଟି ଲୁଣି ପାଣି ଯୋଗୁ ଲୁଣିଆ ହୋଇଯାଇଛି। ଏଥିଯୋଗୁ ଉକ୍ତ ମାଟିରେ କୌଣସି ଫସଲ ହୋଇପାରିବ ନାହିଁ ବୋଲି ବଳେଇପୁର ଗ୍ରାମର ଚାଷୀ କାଳନ୍ଦୀ ମହାପାତ୍ର, ଆଲୋକ ସ୍ୱାଇଁ, ଉତ୍ତମ ମହାପାତ୍ର, ପ୍ରତାପ ମହାପାତ୍ର, ସାରଦା ମହାପାତ୍ର, ପ୍ରମୋଦ ଜେନା, ମୀନାକ୍ଷୀ ମହାପାତ୍ର, ରଞ୍ଜିତା ମହାପାତ୍ର, ଖୁଲଣା ମହାପାତ୍ର ଓ ଛଇଳ ମହାପାତ୍ର ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଆଇଓସିଏଲ୍‌ର ପାଇପ୍‌ଲାଇନ ବିଭାଗ ମେଣ୍ଟେନାନ୍ସ ଇଞ୍ଜିନିୟର ସୌମ୍ୟକାନ୍ତ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ କୃଷି ବିଭାଗ ଦ୍ୱାରା ଘେରିବନ୍ଧ ମାଟି ପରୀକ୍ଷା କରାଯାଇଛି ଏବଂ ସେଠାରେ ଘାସ ଉଠୁଥିବାରୁ ଆମେ ସେହି ମାଟି ଆଣି ପକାଇଛୁ ବୋଲି କହିଥିଲେ। ଯଦି ଆଗାମୀ ଦିନରେ ଉକ୍ତ ମାଟିରେ ଫସଲ ନ ହୁଏ ତେବେ ଚାଷୀଙ୍କ ହିତ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସାହୁ ପ୍ରକାଶ କରିଛନ୍ତି। ଅନ୍ୟପଟେ ପାଇପ୍‌ଲାଇନ୍ ବିଛାଗଲାବେଳେ ଚାଷୀଙ୍କୁ ସମସ୍ତ କ୍ଷତିପୂରଣ ରାଶି ଦିଆଯାଇଥିବାବେଳେ ଏବେ ସେମାନେ ବିରୋଧ କରିବାର କୌଣସି କାରଣ ନାହିଁ ବୋଲି ଆଓସିଏଲ୍ ପାଇପ୍‌ଲାଇନ୍ ଡିଭିଜନ ସାଇଟ୍ ଇନ୍‌ଚାର୍ଜ ସ୍ମୃତି ପ୍ରକାଶ ମଲ୍ଲ ପ୍ରକାଶ କରିଛନ୍ତି।


ତେଲ ଲିକ୍ ହୋଇଥିବା ଜମିରୁ ମାଟି ଖୋଳାଯାଉଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭାରତୀୟ ତମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅଶୋକନଗରସ୍ଥିତ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ବଟଗୋସାଇଁ ମାଇପିମେଳା ମାନସିକ ଧାରୀଙ୍କ ଗୁହାରିଆ, ସ୍ଥାନ: କାନପୁର, ନୀଳଗିରିସାହି, ଅଂସାଲୋ, ନିମାପଡ଼ା, ସମୟ: ପ୍ରାତଃ ୪ଟା।
- ମା' ବାହୁଡେଇ ଦେବୀଙ୍କ ପୀଠରେ ୨୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଓଳାଂଶ, ଭୋଦର, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ସଚେତନ ମତଦାନ, ବିକଶିତ ଭାରତ ଗଠନ ନିମନ୍ତେ ସି- ଭିଜିଲି ଆପ ବ୍ୟବହାର ପାଇଁ ସଚେତନତା ସୃଷ୍ଟି, ସ୍ଥାନ : ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା।
- ମା' ମଉନେଇଁଙ୍କ ଚଇତ୍ର ଉତ୍ସବ ଅବସରରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ଗୋପାଳପୁର ପାଟଣା, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ଓ ଆନନ୍ଦ ବଜାର, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ନବମ ଦିବସ, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ଚୈତ୍ର ଶୁକ୍ଳପକ୍ଷ ପ୍ରଭୁ ଶ୍ରୀ ମଦନମୋହନ, ରାଧାକୃଷ୍ଣ ଏବଂ ଚୈତନ୍ୟ ମହାପ୍ରଭୁଙ୍କ ରାସସ୍ଥଳୀ ଲୀଳାଖେଳ ସହିତ ରାସ ସଙ୍ଗୀତ ଗାନ, ସ୍ଥାନ: ରାସବିହାରୀ ମଠ, ନିମାପଡ଼ା, ସମୟ: ରାତି ୧୦ଟା।

## ଖୋର୍ଦ୍ଧା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'ରାମଚଣ୍ଡୀଙ୍କ ପୀଠ, ସ୍ଥାନ: ଗଡ଼ମାଣତୀର (ବେଗୁନିଆ), ସମୟ: ସକାଳ ୭ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବାଘମାରୀ ତଳସାହି, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, କଢ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଛତ୍ରପଡ଼ା, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ହଳଦୀପଦା ମହାଯଜ୍ଞ ପରିବାର ଆନୁକୂଲ୍ୟରେ ବିଶ୍ୱ କଲ୍ୟାଣ ମହାଯଜ୍ଞ ଉଦ୍‌ଯାପନୀ ଉତ୍ସବ, ହରିନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ:ହଳଦୀପଦା ପ୍ରାଣୀ ଡାକ୍ତରଖାନା ପଡ଼ିଆ, ସଦର ବ୍ଲକ, ସମୟ: ପୂର୍ବାହ୍ନ ୮ଟା।
- ଆମ ଗାଁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ବୈଶାଖୀ ମହୋତ୍ସବ-୨୦୨୪ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ:ଦୁଧିହଂସା, ବସ୍ତା ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଦୋବଲ କାଳୀପଡ଼ିଆ, ଧାମନଗର, ସମୟ: ସକାଳ ୬ଟା।
- ହନୁମାନ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ତାଳପଦା, ଷେଣ୍ଡେତିରା, ବନ୍ତ, ସମୟ: ସକାଳ ୯ଟା।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ବିଧାନସଭା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବିଟିପୁର, ବନ୍ତ, ସମୟ: ଅପରାହ୍ନ ୪ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ମହାନ୍ତିପଡ଼ା, ବନ୍ତ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: କପୁଣ୍ଡି ଗ୍ରାମ, ସାହାରପଡ଼ା, ସମୟ: ସକାଳ ୬ ଟା।
- ରାଧାକୃଷ୍ଣ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ ସଙ୍କୀର୍ତ୍ତନ ସମାପନ, ହରି ନାଟ ଉତ୍ସବ ଓ ନଗର ସଙ୍କୀର୍ତ୍ତନ, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ ଟା।
- ମହିଳା ବାଦିପାଲା, ସ୍ଥାନ: ନୂଆ ଗାଁ, କେନ୍ଦୁଝର ସଦର, ସମୟ: ରାତି ୮ ଟା।

## ମୟୂରଭଞ୍ଜ
- ଅଷ୍ଟପ୍ରହର ଓ ହରିନାମ ସଂକୀର୍ତ୍ତନ, ସ୍ଥାନ: ଅସ୍ତିଆ, ହଳଦୀପାଳ, ମୋରଡ଼ା, ସମୟ: ସକାଳ ୯ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ଏମ୍‌ଇଟି ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଜଳଦାନ, ସ୍ଥାନ: ବ୍ରହ୍ମମନ୍ଦିର ଛକ, ବାରିପଦା, ସମୟ: ସକାଳ ୯ଟା।
- ଉଦଳା ମୋଟର କର୍ମଚାରୀଙ୍କ ପକ୍ଷରୁ ଥଣ୍ଡା ଦହି, ବିଶୁଦ୍ଧ ପାନୀୟ ଏବଂ ସରବତ ବିତରଣ, ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଏମ୍‌ବିଏ ବିଭାଗ ପକ୍ଷରୁ ନିଯୁକ୍ତି ମେଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୧୧ଟା।
- ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବାର୍ଷିକ ବୈଠକ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ
- ବିଜେଡିର ସାଂଗଠନିକ ବୈଠକ, ସ୍ଥାନ: ବୁଗୁଡ଼ା ବ୍ଲକ ମାଣିତରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ସାଂଗଠନିକ ବୈଠକ, ମିଶ୍ରଣ ପର୍ବ, ସ୍ଥାନ:କାଞ୍ଚଣା, ଖଲ୍ଲିକୋଟ, ସମୟ:ଅପରାହ୍ନ ୩ ଟା।
- ଜଙ୍ଗଲ ନିଆଁ ରୋକିବାକୁ ସଚେତନତା,ସ୍ଥାନ: ଭଞ୍ଜନଗର ବ୍ଲକ ଗଣ୍ଡିଗୁଲା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଙ୍କ ନଗରଭ୍ରମଣ, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ: ବୁଗୁଡା କଦମ୍ବ ମଠ, ସମୟ: ସନ୍ଧ୍ୟା ୭ଟା ।

## ଢେଙ୍କାନାଳ
- ମା' ତାରିଣୀଙ୍କ ନବମ ବାର୍ଷିକ ଚୈତ୍ର ପୂର୍ଣ୍ଣିମା ମହୋତ୍ସବ ଯଜ୍ଞ ଆରମ୍ଭ, ସ୍ଥାନ: ଇଲେକ୍ଟ୍ରିଅଫିସ ଛକ, ନୂଆଆଲତୁମା ସମୟ: ସକାଳ ୭ ଟା

## ଅନୁଗୋଳ
- ମା' ହିଙ୍ଗୁଳାଙ୍କ ନବଦିନବ୍ୟାପୀ ବାର୍ଷିକ ଯାତ୍ରା ଆରମ୍ଭ, ସ୍ଥାନ: ତାଳଚେର ଗୋପାଳପ୍ରସାଦ ପୀଠ, ସମୟ: ଭୋର୍ ୪ଟା।
- ଭୋଟର୍ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜନତା କଲେଜ, ସମୟ: ସକାଳ ୭ଟା୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଦୁର୍ଗାପୁର, ବରପଦା, କୁଶକିଳାସମୟ: ସକାଳ ୯ଟା
- ଭୋଟର୍ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କିଶୋରନଗର ମହାବିଦ୍ୟାଳୟ, ସମୟ: ସକାଳ ୯ଟା୩୦।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହିଙ୍ଗୁଳାଙ୍କ ବାର୍ଷିକ ପୂଜା, ସ୍ଥାନ: ମା' ରାମଚଣ୍ଡୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା, ସ୍ଥାନ: ବାଗଡିଆ ପଞ୍ଚାୟତ (ବଡଯୋରା), ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ ଜଇଷୋଳ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନ, ଦଧିଭାଣ୍ଡ ଭଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: ନାଉଗାଁ ବ୍ଲକ ତିହୁଡ଼ାସ୍ଥିତ ମା' ଜଗୁଳାଇଙ୍କ ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା, ସ୍ଥାନ: କାଠୁଆପଟଣାସ୍ଥିତ ଉଦାସ ଆଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପାରାଦୀପ ବନ୍ଦର ସିଆଇଏସ୍‌ଏଫ୍ ପକ୍ଷରୁ ଅଗ୍ନିଶମ ସପ୍ତାହର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ୪ନଂ. ଗେଟ୍ ପାଖ ଅଗ୍ନିଶମ ଭବନ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୪ଟା।
- ସିହା ମହୋତ୍ସବ, ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମ, ସମୟ: ରାତି ୯ଟା।

## କେନ୍ଦ୍ରାପଡ଼ା
- କଳି କଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ବିଲବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ଶ୍ରୀତ୍ରିନାଥ ଦେବ ପୂଜା କମିଟି ପକ୍ଷରୁ ନୂତନ ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ, ସ୍ଥାନ: ଭଦକମଳ, ପାଟକୁରା, ଗରଦପୁର, ସମୟ: ସକାଳ ୮ଟା।

## ଯାଜପୁର
- ଚତୁର୍ଦ୍ଦଶ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରସୁଲପୁର ବ୍ଲକ୍ ବନ୍ଧଡ଼ିହ ପଞ୍ଚାୟତସ୍ଥିତ ମାରୁତିକୃପା ପରିଷଦ, ସମୟ: ସକାଳ ୬ଟା।
- ଦ୍ୱାଦଶତମ ବାର୍ଷିକୀ ଯଜ୍ଞ ମହୋତ୍ସବ, ସ୍ଥାନ: ଯାଜପୁର ବ୍ଲକ ବରୁଆଁ ମେଲଣ ପଡିଆ ନିକଟ ଗ୍ରାମଦେବୀ ମା' ବାସୁଳେଇ ପୀଠଳ ସମୟ: ସକାଳ ୬ଟା।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅବସରରେ ଦେବ ସ୍ଥାପନ ଓ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠ, ସମୟ: ସକାଳ ୮ଟା।
- ଘୁଙ୍ଗୁର ନାଟ୍ୟ ପରିଷଦ ପକ୍ଷରୁ ଜଳଦାନ କାର୍ଯ୍ୟକ୍ରମ, ସ୍ଥାନ: ଆଙ୍କୁଲା କମଲେଇ ପୀଠ ପରିସର, ସମୟ: ସକାଳ ୯ଟା।
- ହିଙ୍ଗୁଳା ଦେବୀଙ୍କ ୯୪ତମ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବ ଓ ୫୬ତମ ନାମଯଜ୍ଞୋତ୍ସବ ଆରମ୍ଭ, ସ୍ଥାନ: କୋରେଇ ବ୍ଲକ୍‌ର ଶଙ୍ଖଚିଲା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ସ୍ପୋର୍ଟ୍‌ସ ଏକାଡେମୀ ଆନୁକୂଲ୍ୟରେ ୪ର୍ଥ କଳିଙ୍ଗନଗରର ପ୍ରିମିୟର ଲିଗର ଫାଇନାଲ ମ୍ୟାଚ, ସ୍ଥାନ: ବ୍ୟାସନଗର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ପୌର ପରିଷଦ ୧୨ ନମ୍ବର ୱାର୍ଡର ଗୋପାଳି ଛକ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ଭାରତ ପ୍ରସିଦ୍ଧ ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ଦିବସରେ ବନବାସ ଓ ଭରତ ମିଳନ, ସ୍ଥାନ: ଦଶପଲ୍ଲା ମହାବୀରଙ୍କ ପୀଠ, ସମୟ:ରାତି ୧୧ଟା।
- ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚ୍, ପ୍ରତିଷ୍ଠା ଓରିୟର୍ସ ବନାମ ପଞ୍ଚଶଖା କୃଷକ କ୍ଲବ ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ଖେଳ ପଡ଼ିଆ, ସମୟ- ଅପରାହ୍ନ ୩ଟା।
- ନୀଳମାଧବଙ୍କ ଦୟଣାଚୋରି ନୀତି, ସ୍ଥାନ:କଣ୍ଟିଲୋ ନୀଳମାଧବଙ୍କ ବଗିଚା, ସମୟ: ଅପରାହ୍ନ ୫ଟା।
- ଖଣ୍ଡପଡ଼ା ରାମଲୀଳାର ତୃତୀୟ ଦିବସ, ସ୍ଥାନ:ଖଣ୍ଡପଡ଼ା ଗଡଭିତର ସାହି, ସମୟ: ରାତି ୮ଟା।

## ରାୟଗଡ଼ା
- ମଝିଘରିଆଣୀ ମନ୍ଦିର ଚୈତ୍ର ପର୍ବର ୨ୟ ଦିନ, ସ୍ଥାନ: କୋଲନରା ମଝିଘରିଆଣୀ ମନ୍ଦିର, ସମୟ: ସକାଳ ୯ଟା ।
- ପାଣି ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ରାସ୍ତାରୋକ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେସିଂପୁର ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ନବରଙ୍ଗପୁର ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଡାବୁଗାଁ ବିଧାନ ସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସର ପ୍ରଚାର, ସ୍ଥାନ: ବଡ଼ଗୁମୁଡା, ଏକାରୀ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଠାକୁରାଣୀଙ୍କ କଳସୀ ଯାତ୍ରା ଆରମ୍ଭ, ସ୍ଥାନ: ଡାବୁଗାଁ କଳସୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ଲକ୍ଷ୍ମୀପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ପବିତ୍ର ସାଉଁତାଙ୍କ ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୨ଟା।
- ଜୟପୁର ବିଧାସଭା ଆସନର କଂଗ୍ରେସ ପ୍ରାର୍ଥୀ ତାରା ପ୍ରସାଦ ବାହିନୀପତିଙ୍କ ପ୍ରାର୍ଥିପତ୍ର ଦାଖଲ କାର୍ଯ୍ୟକ୍ରମ,ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ୧୧ଟା।

## ମାଲକାନଗିରି
- ବିଜେଡିର ମିଶ୍ରଣ ପର୍ବ ବୈଠକ, ସ୍ଥାନ- ମାଉଳି ମା' ମନ୍ଦିର, ସମୟ - ପୂର୍ବାହ୍ନ ୧୧ଟା

## ସମ୍ବଲପୁର
- ଶ୍ରୀରାମଙ୍କ ବେଶ କାର୍ଯ୍ୟକ୍ରମ, ସ୍ଥାନ: କମଳିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଟିକିରା ଗୋସାଇଁ ପୂଜା, ସ୍ଥାନ: ବାହାମ ଢୁଙ୍ଗୁରିପାଲି, ସମୟ: ସକାଳ ୧୦ଟା।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୧୦ଟା ୩୦ ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାହାମ ଢୁଙ୍ଗୁରିପାଲି, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ,
- ସ୍ଥାନ: ଆଗଲପୁର ବ୍ଲକ ଡୁଡୁକା ଆମ୍ବ ବଗିଚା, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଟିଟିଲାଗଡ଼ ବ୍ଲକ ବିନେକେଲା, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ଅଷ୍ଟପ୍ରହର ନାମଯଜ୍ଞର ଉଦ୍‌ଯାପନୀ, ସ୍ଥାନ: ବୁଠୀପଦର,ବୀରମହାରାଜପୁର, ସମୟ: ସକାଳ ୮ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ:ଟେଭାପଦର, ବୀରମହାରାଜପୁର,ସମୟ: ସକାଳ ୮ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗୋପପାଲି, ବୀରମହାରାଜପୁର, ସମୟ: ସକାଳ ୮ ଟା।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଶନିଶ୍ଚର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା ।
- ଶ୍ରୀରାମ ନବମୀର ଷଷ୍ଠ ଦିବସ, ସ୍ଥାନ: ମୁର୍ଷୁଣ୍ଡି,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମର ନବମ ଦିବସ, ସ୍ଥାନ:ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ: ଅପରାହ୍ନ ୪ ଟା।

## ରାଉରକେଲା
- ବଡ଼ଗାଁ ରାମଲୀଳା ଯାତ୍ରା, ମନ୍ଥରାଙ୍କ କୁ ମନ୍ତ୍ରଣା ଓ ରାମଙ୍କ ବନବାସ ଗମନ ମଞ୍ଚସ୍ଥ, ସ୍ଥାନ:ବଡ଼ଗାଁ ଦେବ ମଣ୍ଡପ, ସମୟ: ରାତି ୧୧ ଟା।
- ଭାରତୀୟ ଜନତା ପାର୍ଟି କର୍ମୀ ସମ୍ମିଳନୀରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜନ ବାର୍ଲାଙ୍କ ଯୋଗଦାନ,ସ୍ଥାନ: ଜୟଡେଗା ପଞ୍ଚାୟତର ଝାରବେଡ଼ା ଗ୍ରାମ ପଡିଆ,ସମୟ:ପୂର୍ବାହ୍ନ ୧୦ଟା।
- ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଶ୍ରମିକ ସମାବେଶ, ସ୍ଥାନ:ସେକ୍ଟର-୫ ଭଞ୍ଜଭବନ, ସମୟ: ପୂର୍ବାହ୍ନ୧୦ଟା।

## ବରଗଡ଼
- ରାମାୟଣ ପାରାୟଣ, ସ୍ଥାନ: ସାନସାହାଜବାହାଲ, ଗାଇସିଲେଟ୍, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ, ସ୍ଥାନ: ବଜରଙ୍ଗବଳି ମନ୍ଦିର, ଗୌରେନମୁଣ୍ଡା ଗାଇସିଲେଟ୍, ସମୟ: ସକାଳ ୮ଟା।
- ରୋଟାରୀ କ୍ଲବ ବରଗଡ଼ ସେଣ୍ଟ୍ରାଲ ଆନୁକୂଲ୍ୟରେ ମାଗଣା ଫିଜିଓଥେରାପି କ୍ୟାମ୍ପ, ସ୍ଥାନ: ସିନ୍ଧୁ ଭବନ, ଶକ୍ତିନଗର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ତରଫରୁ ମିଶ୍ରଣ ପର୍ବ, ସ୍ଥାନ: ଡ଼ାଙ୍ଗପାଲି, ଭେଡେନ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ରାବଣ ଦରବାର କାର୍ଯ୍ୟକ୍ରମ, ସ୍ଥାନ: କଠଉମାଲ ଛକ, ଗାଇସିଲେଟ, ସମୟ: ସନ୍ଧ୍ୟା ୮ଟା।

## କଳାହାଣ୍ଡି
- ଭବାନୀପାଟଣା ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଭବାନୀପାଟଣା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଲୋକ ସଭା ପ୍ରାର୍ଥିନୀ ଓ ଭବାନୀପାଟଣା ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଭବାନୀପାଟଣା ଜିଲାପାଳ ଓ ପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କରଙ୍ଗାଭଟା, ସମୟ: ସକାଳ ୯ଟା ୩୦ ମିନିଟ୍।
- ଭାଜପା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ନୂଆପଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଖମବାହୀ, ସମୟ: ପୂର୍ବାହ୍ନ ୧୧ଟା ୦୫ ମିନିଟ୍।

## ବୌଦ୍ଧ
- ବହିରାରେ ଶ୍ରୀରାମ ଲୀଳା ଉତ୍ସବର ଷଷ୍ଠ ସନ୍ଧ୍ୟାରେ ନାଟକ ଭରତ ମିଳନ ଏବଂ ବୀରଯୁଦ୍ଧ ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବୌଦ୍ଧ ବ୍ଲକ, ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀ ରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଷଷ୍ଠ ଦିବସରେ ନାଟକ ବାଲିପିଣ୍ଡ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କଣ୍ଟାମାଳ , ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦର ଷଷ୍ଠ ଦିବସ ନାଟକ ସୁର୍ପଣଖାର ନାସା ଛେଦନ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା ।
- ବରଗାଁ ପଞ୍ଚାୟତ ମଲିକୁଦର ରାମାୟଣ ନାଟକର ଷଷ୍ଠ ଦିବସରେ ନାଟକ ସୀତାଚୋରି , ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା ।
- ବୌଦ୍ଧ ସହରର ଶ୍ରୀ ରାମଲୀଳା ଯାତ୍ରାର ଷଷ୍ଠ ଦିବସର ନାଟକ ବାଳୀ ବଧ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।
- ବଡିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ବଡିଙ୍ଗା ରଘୁନାଥ ମନ୍ଦିର, ବୌଦ୍ଧ ବ୍ଲକ,ସମୟ: ରାତି ୧୦ଟା

## ଦେବଗଡ଼
- ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ରିଆମାଳ ବ୍ଲକ, ତିମୁର ଗ୍ରାମ, ସମୟ: ସକାଳ ୬ଟା।
- ତଅଁଳାସାହି ମା' ହିଙ୍ଗୁଳା ପୀଠରେ ହିଙ୍ଗୁଳା ଯାତ୍ରା, ନଗର ପରିକ୍ରମା , ସ୍ଥାନ: ଜଗତିପାଲି, ଖପରସାହି, ନୂଆସାହି (ମହାମାୟୀ), ତଅଁଳାସାହି ଛକ, ସମୟ: ଅପରାହ୍ନ ୧ଟା।

# ପ୍ରଥମ ପୃଷ୍ଠାରୁ...

## ଭ୍ରଷ୍ଟାଚାରୀ ବଡ଼...

ଓ ନୂଆ ସଂସଦ ଭବନ ଉଦ୍‌ଘାଟନ ଉତ୍ସବକୁ ନିମନ୍ତ୍ରଣ ନ କରି ଆଦିବାସୀ ସମ୍ପ୍ରଦାୟକୁ ଅପମାନିତ କରିଛନ୍ତି। ଭାଜପା ଆଦିବାସୀମାନଙ୍କୁ ଅସ୍ପୃଶ୍ୟ ମନେକରିଥାଏ। ଆଦୀବାସୀଙ୍କୁ ଏପରି ଆତଙ୍କିତ କରିବା ଜାରି ରଖିଲେ ଶାସକ ଦଳ ସଫା ହୋଇଯିବ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ୧୫୦ରୁ ୧୮୦ ଆସନରେ ସୀମିତ ହୋଇଯିବ ବୋଲି ଖାର୍ଗେ ଚେତାବନୀ ଦେଇଛନ୍ତି। ପ୍ରଭାତ ତାରା ପଡ଼ିଆରେ ଆୟୋଜିତ ଏହି ରାଲିରେ ମୋଟ ୨୮ ରାଜନୈତିକ ଦଳର ନେତାମାନେ ସାମିଲ ହୋଇଥିବା କୁହାଯାଉଛି। ମଞ୍ଚରେ କେଜ୍‌ରିୱାଲ ଓ ସୋରେନ୍‌ଙ୍କ ପାଇଁ ଦୁଇଟି ଖାଲି ଚେୟାର ରଖାଯାଇଥିଲା। କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଏବଂ ହେମନ୍ତ ସୋରେନ୍‌ଙ୍କ ସ୍ତ୍ରୀ କଳ୍ପନା ସୋରେନ୍ ମଞ୍ଚାସୀନ ଥିବାରୁ ଉଭୟେ ଆଗକୁ ବଡ଼ ରାଜନୈତିକ ଭୂମିକା ନେବାକୁ ଯାଉଛନ୍ତି ବୋଲି ଏହାକୁ ସନ୍ଦେଶ ରୂପେ ଦେଖାଯାଉଛି। ସୁନୀତା ନିଜ ଭାଷଣରେ ଭାଜପା ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, କେଜ୍‌ରିୱାଲଙ୍କୁ ତିହାର ଜେଲରେ ହତ୍ୟା କରିବା ପାଇଁ ଭାଜପା ଷଡ଼ଯନ୍ତ୍ର କରୁଛି। ତାଙ୍କ ଖାଦ୍ୟ ଉପରେ ନଜର ରଖିବା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ୧୨ ବର୍ଷ ହେଲା ମଧୁମେହ ରୋଗରେ ପୀଡ଼ିତ ଥିବା କେଜ୍‌ରିୱାଲଙ୍କୁ ଜେଲରେ ଇନ୍‌ସୁଲିନ୍ ନେବାକୁ ଦିଆଯାଉ ନାହିଁ। ଦିଲ୍ଲୀବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନିଜ ଜୀବନକୁ ବାଜି ଲଗାଇଦେଇଥିବା ସୁନୀତା କହିଛନ୍ତି। ସେହିପରି କଳ୍ପନା ସୋରେନ୍ ମଧ୍ୟ କେନ୍ଦ୍ର ବିରୋଧରେ ସାଂଘାତିକ ଅଭିଯୋଗ ଆଣି କହିଛନ୍ତି, ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ସରକାରଙ୍କ ପତନ ଘଟାଇବା ପାଇଁ ଭାଜପା ଉଦ୍ୟମ କରିଛି। କିନ୍ତୁ ଗଣତନ୍ତ୍ରକୁ ଧ୍ୱସ୍ତବିଧ୍ୱସ୍ତ ହେବାକୁ ଦିଆଯିବ ନାହିଁ। ଏହି ଅବସରରେ ସେ ହେମନ୍ତ ଜେଲରୁ ପଠାଇଥିବା ଚିଠିକୁ ପଢ଼ି ଶୁଣାଇଥିଲେ। ବିରୋଧୀଙ୍କ ସ୍ୱରକୁ ଚପାଇଦେବା ପାଇଁ ଇଡି ଏବଂ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରାଯାଉଛି। ତେବେ ଏଭଳି ଶକ୍ତିଗୁଡ଼ିକୁ ଝାଡ଼ଖଣ୍ଡରୁ ବାହାର କରିଦିଆଯିବ। ପ୍ରକାଶ ଯେ, ମେ' ୨୦ରେ ଗଣ୍ଡେ ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନରେ କଳ୍ପନା ଲଢ଼ିପାରନ୍ତି। ଅନ୍ୟପକ୍ଷେ ଏହି ସଭାରେ ବିରୋଧୀ ମେଣ୍ଟ ସହଯୋଗୀ ଦଳଗୁଡ଼ିକର କର୍ମୀମାନେ ପରସ୍ପର ଉପରକୁ ଚେୟାର ଫିଙ୍ଗୁଥିବା ଦେଖିବାକୁ ମିଳିଛି। ଭାଜପା ଏହାକୁ 'ଜଙ୍ଗଲରାଜ' ବୋଲି ସମାଲୋଚନା କରିଛି।

## ଡିଏମ୍‌ଏଫ୍ ଆକାଉଣ୍ଟରୁ ...

ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ସହିତ ବ୍ୟାଙ୍କରେ ହୋଇଥିବା ନେଣଦେଣ ସମ୍ପର୍କିତ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ଶାଖାଟି ବାରିପଦା ଟାଉନ ଥାନା ଅଧୀନରେ ଥିବା ବେଳେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇଛି। ତେବେ ପିଟି କନ୍‌ଷ୍ଟ୍ରକ୍ସନକୁ ମୋଟ ୫,୮୪,୧୬,୫୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତାହା ଚଣ୍ଡିଗଡ଼ ରାଜ୍ୟ ରାୟପୁର ଜିଲା ଶ୍ୟାମନଗର ଅଞ୍ଚଳର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହିପରି ଏସ୍‌କେ ଏଣ୍ଟରପ୍ରାଇଜେସ୍‌କୁ ଦୁଇଟି ଚେକ୍‌ରେ ମୋଟ ୩,୭୨,୬୦, ୧୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତାହା ପଶ୍ଚିମବଙ୍ଗ ରାଜ୍ୟର ସାଉଥ୍ ୨୪ ପ୍ରଗଣା ଜିଲା ନିଶ୍ଚିନ୍ତପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣି ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ପ୍ରତିବର୍ଷ ମିଳୁଥିବା ଅନୁଦାନ ଅର୍ଥକୁ ରଖାଯାଇ ଆବଶ୍ୟକ ଅନୁସାରେ ଉଠାଣ କରାଯାଉଥିଲା। ମାତ୍ର ଏପ୍ରିଲ ମାସର ୮ ଦିନ ମଧ୍ୟରେ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜିଲା ପରିଷଦ ପକ୍ଷରୁ ଉଠାଯାଇଥିବା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ଉକ୍ତ ଚେକ୍‌ଗୁଡ଼ିକ ଜିଲା ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି ନା ତାହା ନକଲି ଏ ନେଇ ତଦନ୍ତ ଜାରି ରହିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଜାଲିଆତି ଘଟଣାରେ ଜଡ଼ିତ କର୍ମଚାରୀଙ୍କ ନାମ ଗୋପନ ରଖାଯାଇଥିବା ତଦନ୍ତକାରୀ ଅଫିସର କହିଛନ୍ତି।

## ଆଧାର କାର୍ଡ ଅପଡେଟ୍ ...

ପୂର୍ବରୁ ଏହି ସମୟସୀମା ମାର୍ଚ୍ଚ ୧୪ରେ ଶେଷ ହୋଇଥିବାବେଳେ ବର୍ତ୍ତମାନ ଏହାକୁ ବଢ଼ାଇ ଦିଆଯାଇଛି। ଜୁନ୍ ୧୪ ସୁଦ୍ଧା ଅନଲାଇନ୍‌ରେ ଅପ୍‌ଡେଟ କଲେ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ। ମାତ୍ର ଆଧାର କେନ୍ଦ୍ର ଯାଇ ସୂଚନା ଅପଡେଟ୍ କଲେ ନିର୍ଦ୍ଧାରିତ ଦେୟ ଦେବାକୁ ପଡ଼ିବ। ନାଗରିକମାନଙ୍କୁ ଆଧାର ଅପ୍‌ଡେଟ ପାଇଁ ଉତ୍ସାହିତ କରିବାକୁ ୟୁଆଇଡିଏଆଇ ପ୍ରଥମେ ୨୦୨୩ ଡିସେମ୍ବର ଯାଏ ସମୟସମୀମା ଧାର୍ଯ୍ୟ କରିଥିଲା। ଏହା ସତ୍ତ୍ୱେ ଅନେକ ଲୋକ ସୂଚନା ଅପଡେଟ୍ କରି ନ ଥିବାରୁ ଏହି ସମୟ ସୀମା ମାର୍ଚ୍ଚ ୧୪କୁ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ ଏହାକୁ ଜୁନ୍ ୨୪କୁ ବୃଦ୍ଧି କରାଯାଇଛି। ଆଧାରରେ ଡେମୋଗ୍ରାଫିକ୍ ସମ୍ବନ୍ଧୀୟ ବିବରଣୀ ଅପ୍‌ଡେଟ କରିବାକୁ ୫୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେବାକୁ ପଡିବ। ମାତ୍ର ଜୁନ ୧୪ ପର୍ଯ୍ୟନ୍ତ ମାଗଣାରେ ଅପଡେଟ୍ କରିପାରିବେ। ଆଧାର ଅପ୍‌ଡେଟ କରିବାକୁ ପ୍ରଥମେ ୟୁଆଇଡିଏଆଇର ଅଫିସିଆଲ ୱେବ୍‌ସାଇଟ https://uidai.gov.in/ ଲଗ୍‌ଇନ୍ କରିବାକୁ ପଡ଼ିବ। ଏହାପରେ ମେନ୍ ପେଜ୍‌ରେ ମାଇ ଆଧାର ପୋର୍ଟାଲରେ କ୍ଲିକ୍ କରି ଆଧାର ନମ୍ବର ଏବଂ ପଞ୍ଜୀକୃତ ମୋବାଇଲ ନମ୍ବରରେ ପ୍ରାପ୍ତ ଓଟିପି ଦେବାକୁ ପଡ଼ିବ। ପ୍ରବେଶ କରିଥିବା ବିବରଣୀ ଯାଞ୍ଚ କରି ଚେକ୍ ବକ୍ସରେ ଠିକ୍ ମାରିବାକୁ ପଡ଼ିବ। ଡେମୋଗ୍ରାଫିକ ସବିଶେଷ ତଥ୍ୟ ଅପ୍‌ଡେଟ ପାଇଁ ଡ୍ରପ୍ ଡାଉନ ମେନୁକୁ ଯାଇ ଆବଶ୍ୟକ ଡକ୍ୟୁମେଣ୍ଟ ଅପ୍‌ଲୋଡ କରିପାରିବେ। ଏଥିପାଇଁ ଆପଣଙ୍କୁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ। ଏହି ପ୍ରକ୍ରିୟାରେ ମିଳିଥିବା ଏସ୍‌ଆରଏନ୍ ନମ୍ବର ଟ୍ରାକିଂ ପାଇଁ ରଖିବା ଆବଶ୍ୟକ ଓ ଆଧାର ଅପଡେଟ୍ ସମ୍ପର୍କିତ ସୂଚନା ଏସ୍‌ଏମ୍‌ଏସ୍ ମାଧ୍ୟମରେ ମିଳିବ ବୋଲି ସୂଚନା ଦିଆଯାଇଛି।

## ବାରିପଦା ଦେଶର ...

ଅନୁଭୂତ ହେବ। ଏଥିପାଇଁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତେବେ ପରବର୍ତ୍ତୀ ତିନିଦିନ ରାଜ୍ୟରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ରହିବାର ସମ୍ଭାବନା ରହିଥିବା ବେଳେ ୟେଲୋ ୱାର୍ନିଂ ମଧ୍ୟ ଜାରି କରାଯାଇଛି। ତେବେ ୨୫ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଯାଜପୁରକୁ ଗ୍ରୀଷ୍ମପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେପଟେ ଶନିବାର ରାତିରୁ ରାଜ୍ୟର କିଛି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିଲା। କୋରାପୁଟର କୋଟପାଡ଼ରେ ସର୍ବାଧିକ ୧୧୨ ମିମି ବର୍ଷା ହୋଇଥିବା ବେଳେ ରାୟଗଡ଼ାର କୋଲନରାରେ ୨୪.୪, ରାୟଗଡ଼ାରେ ୨୦.୨, ରାୟଗଡ଼ା(ପିଟିଓ) ୧୫.୮, କଳାହାଣ୍ଡିର ଜାଇପାଟଣାଠାରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ରର ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ବୃହସ୍ପତିଙ୍କ ପ୍ରଭାବରୁ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିଯିବାର ଆଶଙ୍କା ରହିଛି। ନିକଟ ସମ୍ପର୍କୀୟଙ୍କ ଉପରେ ଭରସା କରି କୌଣସି କାମ କରିପାରିବେ।

**ବୃଷ** ଆପଣ ଯାହା ପାଇଁ କଷ୍ଟ ସ୍ୱୀକାର କରି ସାହାଯ୍ୟ କରିଥିଲେ, ସେହି ବ୍ୟକ୍ତି ହିଁ ଶତ୍ରୁତା କରିବ। ବିନା କାରଣରେ ଘର ସଦସ୍ୟ ବିରକ୍ତି ପ୍ରକାଶ କରିବେ। ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସଙ୍ଗୀତ, ସାହିତ୍ୟ, କଳା, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ପାଇଁ ରାଜକୀୟ ସମ୍ମାନ, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀଙ୍କ ସାନିଧ୍ୟ ଲାଭର ସୁଯୋଗ ଜୁଟିବ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ସହକର୍ମୀମାନେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିପାରନ୍ତି। ବ୍ୟବସାୟରେ ଟଙ୍କା ପଇସାକୁ କେନ୍ଦ୍ର କରି କଳହ ଘଟିପାରେ। ପରିବାରର ସହମତିରେ ନୂତନ କର୍ମାରମ୍ଭ ପାଇଁ ଦିନଟି ଭଲ।

**କର୍କଟ** ଅଶ୍ଳେଷା ନକ୍ଷତ୍ରର ବିଭିନ୍ନ ବିଷୟ ଚିନ୍ତାକରି ମନରେ ଅସ୍ଥିରତା ସୃଷ୍ଟି ହେବ। ଯାତ୍ରା ସମୟରେ ସତର୍କତା ଅଭାବରୁ ଧନହାନି କିମ୍ବା କଳହର ଆଶଙ୍କା ରହିଛି। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** ଆଜି ଆକସ୍ମିକ ଭାବରେ ବନ୍ଧୁଙ୍କ ଡାକରା ପାଇ ହଠାତ୍ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାରୁ ଘରୁ ଅଭିଯୋଗ ପାଇପାରନ୍ତି। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ଟେନ୍‌ସନଯୁକ୍ତ ରହିବ।

**କନ୍ୟା** କୌଣସି ଜିନିଷ ଦେବା ପାଇଁ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷରେ ମନା କରିଦେଇପାରନ୍ତି। କାମଗୁଡ଼ିକ ଆଜି ବହୁତ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ମନ ଭଲ ରହି ନ ପାରେ। ଆଜି ଚିତ୍ରା ନକ୍ଷତ୍ର ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ବାଣିଜ୍ୟ, ପରିବହନ ଓ ରାଜନୀତିର ଉନ୍ନତି ପରିଲକ୍ଷିତ ହେବ।

**ତୁଳା** ପ୍ରତିକୂଳ ଗ୍ରହସ୍ଥିତିରୁ ଆପଣ ଆଜି ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି । ଯେତେ ସହଜ ଓ ସରଳରେ କାମଟି ହାସଲ କରିବାକୁ ଭାବୁଛନ୍ତି, ତାହା ହୁଏତ ନ ହୋଇପାରେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**ବିଛା** ଆଜି ଗ୍ରହଙ୍କ ସ୍ଥିତି ଆପଣଙ୍କ ପାରିବାରିକ, ସାମାଜିକ ତଥା ପାରିପାର୍ଶ୍ୱିକ ପରିବେଶକୁ ଅଶାନ୍ତ ରଖିପାରେ। ଅନୁରାଧା ନକ୍ଷତ୍ର କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ଅଭିଯୋଗ ଆସିପାରେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କରି ଚାଲିଲେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଉତ୍ତରାଷାଢ଼ା ନକ୍ଷତ୍ର ବକେୟା ଅର୍ଥ ଆଦାୟ କରିବାରେ ଅକ୍ଷମ ହେବେ। ଆନୁଷ୍ଠାନିକ କାମର ପ୍ରସ୍ତୁତି କରି ବିଚଳିତ ରହିବାର ଆଶଙ୍କା ଜାଗ୍ରତ ହୋଇପାରେ। ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ।

**ମକର** ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ପୁରୁଣା ରୋଗ ଉଣା ଅଧିକେ ଦୁଶ୍ଚିନ୍ତାର କାରଣ ହେବ। ସଭାସମିତି, କଳା, କ୍ରୀଡ଼ା, ସଙ୍ଗୀତ ଚର୍ଚ୍ଚା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବନ୍ଧୁ ଆପଣଙ୍କ କଥାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କୁମ୍ଭ** ମନ ଭଲ ନ ଥିଲେ ମଧ୍ୟ ହାତରେ ରହିଥିବା କାମ କରିବାକୁ ବାଧ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପୂର୍ବଭାଦ୍ରବ ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆଲୋଚନା ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** କର୍ମକ୍ଷେତ୍ରରେ ରେବତୀ ନକ୍ଷତ୍ର ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବୃଦ୍ଧି ପାଇବ। ଅଯଥା ଅଧୈର୍ଯ୍ୟ ନ ହୋଇ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ପ୍ରଯନ୍ନ କରିବା ଭଲ ହେବ। ଅତୀତ ଘଟଣାକୁ ନେଇ କଳହର ଆଶଙ୍କା କରି ମନ ଅସ୍ଥିର ରହିପାରେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁ ସମ୍ପର୍କରେ ଆଶାଜନକ ଫଳ ପାଇପାରନ୍ତି।

ଆଜି ଏପ୍ରିଲ ୨୨ ତାରିଖ, ଧରିତ୍ରୀ ଦିବସ, ଚୈତ୍ରଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ, ଶ୍ରୀଲିଙ୍ଗରାଜ ଦେବଙ୍କ ଦମନକ ଯାତ୍ରା, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୭ ଗତେ ଘ.୦୭।୦୧ ମଧ୍ୟେ, ଘ.୧୦।୨୯ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୧ ଗତେ ଘ.୦୮।୩୬ ମଧ୍ୟେ ରାହୁକାଳ।

## ୟୁଜିସି-ଏନ୍ଇଟି ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୧।୪ (ଅସମାପିକା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍ଟିଏ) ଦ୍ୱାରା ପରିଚାଳିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)- ନ୍ୟାଶନାଲ ଇଲିଜିବିଲିଟି ଟେଷ୍ଟ (ଏନ୍ଇଟି) ପାଇଁ ରବିବାରଠାରୁ ଆବେଦନ ଆରମ୍ଭ ହୋଇଛି। ଆଶାୟୀମାନେ ମେ' ୧୦ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପରୀକ୍ଷା ଫି' ୧୨ ତାରିଖ ମଧ୍ୟରେ ଦାଖଲ କରିପାରିବେ। ୧୩ରୁ ୧୫ ତାରିଖ ମଧ୍ୟରେ ଆବେଦନ ପତ୍ରରେ ପରିବର୍ତ୍ତନ କରିପାରିବେ। ଜୁନ୍ ୧୬ରେ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଏନ୍ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଶାୟୀମାନେ ଅନ୍ଲାଇନ୍ରେ https://ugcnet.nta.ac.in/ ୱେବ୍ସାଇଟ୍ରେ ଆବେଦନ କରିପାରିବେ। ଏନ୍ଇଟିରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଜୁନିୟର ରିସର୍ଚ୍ଚ ଫେଲୋଶିପ୍ (ଜେଆର୍ଏଫ୍) ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହାସହ ପ୍ରଥମଥର ପାଇଁ ଏନ୍ଇଟି ପରୀକ୍ଷା ମାଧ୍ୟମରେ ପିଏଚ୍ଡି ପଢ଼ିବେ ଛାତ୍ରୀଛାତ୍ର। ସମୁଦାୟ ୮୩ଟି ବିଷୟରେ ପିଏଚ୍ଡି ପଢ଼ିବାକୁ ଏହି ପରୀକ୍ଷା ମାଧ୍ୟମରେ ଛାତ୍ରୀଛାତ୍ର ସୁଯୋଗ ପାଇବେ ବୋଲି ଏନ୍ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

# ଅଣାୟତ୍ତ ଶିମିଳିପାଳ ନିଆଁ

## ୩୦ ସ୍ଥାନରେ ଜଳୁଛି ଅଭୟାରଣ୍ୟ

ବାରିପଦା, ୨୧।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବନ କର୍ମଚାରୀ ନିଆଁ ଲିଭାଉଛନ୍ତି

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ ଅଣାୟତ୍ତ ହେବାରେ ଲାଗିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଓ ବଫର ଅଞ୍ଚଳରେ ନିଆଁ ବ୍ୟାପୀ ଚାଲିଛି। ରବିବାର ଶିମିଳିପାଳ ଉତ୍ତର ଓ ଦକ୍ଷିଣ ଡିଭିଜନର ୩୦ଟି ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ କରାଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ବନ କର୍ମଚାରୀ, ଦମକଳ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚି ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ମାସକ ମଧ୍ୟରେ ଶିମିଳିପାଳରେ ୧୪୯ଟି ଫାୟାର ପଏଣ୍ଟ ଚିହ୍ନଟ କରାଯାଇ ନିଆଁକୁ ଆୟତ୍ତ କରାଯାଇଛି ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ଜିଲାରେ ପାରଦ ୪୫ ଡିଗ୍ରୀ ନିକଟତର ହୋଇଛି। ଦେଶର ସର୍ବାଧିକ ତତଲା ସହର ଭାବେ ବାରିପଦା ପରିଗଣିତ ହୋଇଛି। ତାତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଜଙ୍ଗଲ ନିଆଁ ଯୋଗୁ ପ୍ରଭାବିତ ହୋଇଛି ଜୀବଜଗତ। ଡହ ଡହ ଖରା ସହ ନିଆଁର ପ୍ରକୋପରେ ଜୀବଜନ୍ତୁ ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚଳିତବର୍ଷ ମାର୍ଚ୍ଚରେ ମାତ୍ର ୨ଟି ଓ ରବିବାର ସୁଦ୍ଧା ୧୪୯ଟି ଫାୟାର ପଏଣ୍ଟ ଚିହ୍ନଟ କରାଯାଇଛି। ତେବେ ସାଟେଲାଇଟ ଚିତ୍ର ଓ ଡ୍ରୋନ୍ କ୍ୟାମେରାକୁ ବ୍ୟବହାର କରାଯାଇ ନିଆଁ ଲାଗିଥିବା ସ୍ଥାନରେ କର୍ମଚାରୀମାନେ ପହଞ୍ଚି ଲିଭାଇବାରେ ଲାଗିଛନ୍ତି। ଶନିବାର ଅଭୟାରଣ୍ୟର ୧୪ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ରବିବାର ୩୦ଟି ସ୍ଥାନରେ ନିଆଁ ଲାଗିଛି। ବନାଗ୍ନିକୁ ଆୟତ୍ତ କରିବା ପାଇଁ ବନ କର୍ମଚାରୀଙ୍କ ସହ ଦମକଳ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚି ବ୍ଲୋୟାର ମେସିନ ସହାୟତାରେ ଫାୟାର ଲାଇନ ସୃଷ୍ଟି କରୁଛନ୍ତି। ଅତ୍ୟଧିକ ଗରମ ଓ ନିଆଁର ପ୍ରକୋପ ଯୋଗୁ ନିଆଁ ଲିଭାଇବାରେ ବିଳମ୍ବ ହେଉଛି। ବାୟୁମଣ୍ଡଳ ଉତ୍ତପ୍ତ ହେବା ଫଳରେ ଅଭୟାରଣ୍ୟରେ ପଡ଼ିଥିବା ଶୁଖିଲା ପତ୍ରଗୁଡ଼ିକରେ ଅଗ୍ନି ସଂଯୋଗ ହେବାରୁ ଖୁବ୍ଶୀଘ୍ର ତାହା ଗୋଟିଏ ପାହାଡ଼ରୁ ଅନ୍ୟ ଏକ ପାହାଡ଼କୁ ବ୍ୟାପିବାରେ ଲାଗିଛି। ବହୁଦିନ ଧରି ବର୍ଷା ହୋଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେବା ସହ ବନ୍ୟଜନ୍ତୁ ବିପଦରେ ପଡ଼ିଛନ୍ତି। ନିଆଁ ଦାଉରୁ ରକ୍ଷା ପାଇବାକୁ ଜୀବଜନ୍ତୁମାନେ ଗାଁ ଓ ସହର ମୁହାଁ ହେବାରେ ଲାଗିଛନ୍ତି। ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଶିମିଳିପାଳ ଅଭୟାରଣ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦେବା କଷ୍ଟକର ହୋଇପଡ଼ିବ ବୋଲି ପରିବେଶବିତ୍ମାନେ ମତପ୍ରକାଶ କରିଛନ୍ତି। ଅନ୍ୟପଟରେ ଶିମିଳିପାଳରେ ଲାଗିଥିବା ନିଆଁ ମନୁଷ୍ୟକୃତ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ଝିଟିପିଟି ପଡ଼ିଥିବା ଖାଦ୍ୟ ଖାଇ ୩ ଅସୁସ୍ଥ

କେନ୍ଦୁଝର, ୨୧।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଧୀନ ଜଗନ୍ନାଥପୁର ନିକଟ ଏକ ହୋଟେଲରେ ରବିବାର ଝିଟିପିଟି ପଡିଥିବା ଖାଦ୍ୟ ଖାଇ ୩ ଜଣ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ତପନ ପେରେଇ, ରାଜେନ୍ଦ୍ର ଦାସ, ରମେଶ ଚନ୍ଦ୍ର ଜେନା। ସୂଚନା ଅନୁଯାୟୀ, ସ୍ଥାନୀୟ ଜଗନ୍ନାଥପୁରରେ ୨୪ ପ୍ରହର ନାମଯଜ୍ଞ ଚାଲିଛି। ରବିବାର କୀର୍ତ୍ତନ ଦଳର ତପନ ପେରେଇ, ରାଜେନ୍ଦ୍ର ଦାସ, କୁମାର ରଞ୍ଜନ ଜେନା, ରମେଶ ଚନ୍ଦ୍ର ଜେନା, ସୁଶାନ୍ତ ଜେନା ପାଖ ହୋଟେଲକୁ ଖାଇବାକୁ ଯାଇଥିଲେ। ଖାଇବା ସମୟରେ ଜଣେ ବ୍ୟକ୍ତି ଖାଦ୍ୟରେ ଝିଟିପିଟି ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ଖାଦ୍ୟ ଖାଇଥିବା ତପନ ପେରେଇଙ୍କ ସମେତ ଅନ୍ୟ ୨ ଜଣଙ୍କ ପେଟ ସମସ୍ୟା ହେବା ସହିତ ଅସୁସ୍ଥ ଅନୁଭବ କରିଥିଲେ। ଖବର ପାଇ ଟାଉନ ପୋଲିସ ପହଞ୍ଚି ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଡା. ପୁରୁଷୋତ୍ତମ ପ୍ରଧାନ କହିଛନ୍ତି। ପୂର୍ବରୁ କେନ୍ଦୁଝର ସହରର ଏକ ମିଠା ଦୋକାନରେ ମିଠାରେ ମଲା ମୂଷା ବାହାରିବା ଚର୍ଚ୍ଚାର ବିଷୟ ହୋଇଥିଲା। ରାସ୍ତାକଡ଼ରେ ବିନା ପ୍ରମାଣପତ୍ରରେ ହୋଟେଲ ଖୋଲୁଛି। କେନ୍ଦୁଝରଗଡ଼ ପୌରପାଳିକା ନିୟମିତ ଯାଞ୍ଚ କରି ଏଭଳି ଅସ୍ୱାସ୍ଥ୍ୟକର ଖାଦ୍ୟ ବିକୁଥିବା ହୋଟେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଡଙ୍ଗାବୁଡ଼ି ଘଟଣାରେ ୨ ଗିରଫ

ଝାରସୁଗୁଡ଼ା, ୨୧।୪ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ମହାନଦୀରେ ଡଙ୍ଗାବୁଡ଼ି ୮ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ରେଙ୍ଗାଲି ଥାନା ପୋଲିସ ରବିବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଶରଧା ଗ୍ରାମର ଡଙ୍ଗା ମାଲିକ ଜିତ ପାଣ୍ଡେ (୫୦) ଓ ଚାଳକ ନାରାୟଣ ଭୋଇ (୪୫)। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଛତିଶଗଡ଼ ରାଜ୍ୟ ରାଇଗଡ ଜିଲା ଅଞ୍ଜେଲପାଲି ଗ୍ରାମର ୫୦ଜଣ ଯାତ୍ରୀ ପିକ୍ନିକ୍ କରିବାକୁ ଏକ ମିନିବସ୍ ଯୋଗେ ବରଗଡ଼ ଜିଲା ଆମ୍ବାଭନା ପଥରସେନୀକୁ ବାହାରିଥିଲେ। ସେମାନେ ଲଖନପୁରରେ ପହଞ୍ଚିବା ପରେ ରେଙ୍ଗାଲି ଥାନା ଅଞ୍ଚଳ ମହାନଦୀର ଶରଧା ଘାଟରୁ ଏକ ଡଙ୍ଗା ଯୋଗେ ପଥରସେନୀ ଯାଇଥିଲେ। ସେଠାରୁ ପିକ୍ନିକ୍ ସାରି ଅନ୍ୟ ଏକ ଡଙ୍ଗାରେ ଶରଧା ଘାଟକୁ ଫେରୁଥିଲେ। କିନ୍ତୁ ଘାଟରେ ପହଞ୍ଚିବା ପୂର୍ବରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ସମସ୍ତ ଯାତ୍ରୀ ବୁଡ଼ିଯାଇଥିଲେ। ଲୋକଙ୍କ ଚିତ୍କାର ଶୁଣି ଅଳ୍ପ ଦୂରରେ ଥିବା ମତ୍ସ୍ୟଜୀବୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଯାଇଥିଲେ। ସେମାନେ ୪୦ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଥିବାବେଳେ ୨ଜଣଙ୍କ ମୃତଦେହ ଠାବ କରିଥିଲେ। ଅନ୍ୟ ୬ଜଣ ନିଖୋଜ ଥିଲେ। ଶନିବାର ଝାରସୁଗୁଡ଼ା ଜିଲା ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ନିଖୋଜ ଥିବା ସମସ୍ତ ୬ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତକଙ୍କ ମଧ୍ୟରେ ୫ଜଣ ମହିଳା ଓ ୩ଜଣ ଶିଶୁ ରହିଛନ୍ତି। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ରେଙ୍ଗାଲି ପୋଲିସ ଆଇପିସି ଦଫା ୨୮୦/୨୮୨/୩୦୪ ଓ ୩୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଅଭାବ ଅନଟନରୁ ଶିଶୁ ପୁତ୍ର ବିକ୍ରି ଅଭିଯୋଗ

ଯାଜପୁର, ୨୧।୪ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ବିହାରୀ ପଞ୍ଚାୟତ ସାଉଣ୍ଡି ଗ୍ରାମର ଏକ ନବଜାତ ଶିଶୁପୁତ୍ରକୁ ତାଙ୍କ ବାପା ଅର୍ଥ ଲୋଭରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଅଭାବ ଅନଟନ ଯୋଗୁ ସେ ଏଭଳି କରିଥିବା ଜଣାପଡ଼ିଛି। ଏ ନେଇ ନିକଟସ୍ଥ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁସାରେ ସାଉଣ୍ଡି ଗ୍ରାମର ଜଣେ ମହିଳାଙ୍କୁ ଗତ ୧୮ ତାରିଖରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ମାତ୍ର ମା'ବାପା ଘରକୁ ଫେରିବାବେଳକୁ ଶିଶୁପୁତ୍ର ସେମାନଙ୍କ ପାଖରେ ନ ଥିଲା। ଏନେଇ ଗ୍ରାମବାସୀ ସନ୍ଦେହ କରି ଅନୁସନ୍ଧାନ କରିବାରୁ ଶିଶୁପୁତ୍ରକୁ ୫୦ ହଜାର ଟଙ୍କାରେ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦିଆଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ଦମ୍ପତିଙ୍କ ପୂର୍ବରୁ ଏକ ପୁତ୍ର ସନ୍ତାନ ରହିଛି। ଏନେଇ ରବିବାର ରାତିରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଛି। ତେବେ ରିପୋର୍ଟ ଲେଖାହେବାବେଳକୁ ବୈଠକର ନିଷ୍ପତ୍ତି ସମ୍ପର୍କରେ ଜଣାପଡ଼ିନାହିଁ।

## ୨୫ରେ ଓଡ଼ିଶା ଆସିବେ ଶାହା

ଭୁବନେଶ୍ୱର/ସୋନପୁର, ୨୧।୪ (ସୁନିତ୍ ମିଶ୍ର/ମୃତ୍ୟୁଞ୍ଜୟ ଶତପଥୀ)



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆସନ୍ତା ୨୫ରେ ଓଡ଼ିଶା ଆସୁଛନ୍ତି। ସେଦିନ ସେ ସୋନପୁରଠାରେ ଏକ ଜନସଭାକୁ ସମ୍ବୋଧିତ କରିବେ। ସନ୍ଧ୍ୟାବେଳେ ଭୁବନେଶ୍ୱରଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ରବିବାର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଗୋଲକ କହିଛନ୍ତି, ଓଡ଼ିଶାରେ ଭାଜପା ମାଆ, ମାଟି ଓ ମାତୃଭାଷାକୁ ନେଇ ଲଢ଼େଇ ଆରମ୍ଭ କରିଛି। ଏହି ଲଢ଼େଇର ଶୁଭାରମ୍ଭ ଆସନ୍ତା ୨୫ ତାରିଖ ଅପରାହ୍ନରେ ସୋନପୁର ମାଟିରୁ ଆରମ୍ଭ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୫ ତାରିଖରେ ସୋନପୁରରୁ ଓଡ଼ିଶାରେ ନିର୍ବାଚନ ଲଢ଼େଇର ବିଗୁଲ୍ ବଜାଇବେ। ଦୁଇଦିନ ତଳେ ଦିଲ୍ଲୀରେ ଯେଉଁ କଥା କହିଥିଲେ, ସେହି କଥାକୁ ରାଜ୍ୟବାସୀଙ୍କ ଆଗରେ ରଖିବା ପାଇଁ ସେ ଆସୁଛନ୍ତି। ସେଠାରେ ଏକ ବିଶାଳ ଜନସଭା ଆୟୋଜନ କରାଯିବ। ସେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ତା'ପରେ ସେ ଭୁବନେଶ୍ୱର ଆସିବେ। ସନ୍ଧ୍ୟାରେ ନିର୍ବାଚନ ରଣନୀତି ସମ୍ପର୍କରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିବେ। ରାତିରେ ସେ ଭୁବନେଶ୍ୱରରେ ରହିବେ। ତେଣୁ ସମସ୍ତେ ଉତ୍ସାହିତ ଅଛନ୍ତି। ଓଡ଼ିଶାରେ ଭାଜପାର ସରକାର ହେବ ବୋଲି ଗୋଲକ କହିଛନ୍ତି।

ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜିରେ ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ସେହି ଲୋକ ସଭା କ୍ଷେତ୍ରକୁ ପ୍ରଚାର ଲାଗି ପ୍ରଥମେ ଶାହା ଆସୁଛନ୍ତି। ସେ ସେଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ପୂର୍ବରୁ କେନ୍ଦ୍ରୀୟ ନେତାମାନେ ଯେତେଥର ଆସିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଯାଇଛନ୍ତି, ଯାହାକୁ ନେଇ ଭାଜପା କର୍ମୀମାନେ ସବୁବେଳେ ନିରୁତ୍ସାହିତ ହୋଇଥିବା ଦେଖିବାକୁ ମିଳିଛି। ତେଣୁ ନିର୍ବାଚନ ପ୍ରଚାରରେ ଆସିବା ଅବସରରେ ଶାହା ଉଦ୍‌ବୋଧନ ଦେବାବେଳେ କିଭଳି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଓଡ଼ିଶାରେ ଇଣ୍ଡିଆ ମେଣ୍ଟରେ ଫାଟ

ଭୁବନେଶ୍ୱର, ୨୧।୪ (ସୁନୀତ ମିଶ୍ର)

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ୨୮ଟି ବିରୋଧୀ ଦଳକୁ ନେଇ ଗଠିତ 'ଇଣ୍ଡିଆ' ମେଣ୍ଟ ଧୀରେ ଧୀରେ ପ୍ରଭାବଶୂନ୍ୟ ହେଉଥିବା ଦେଖିବାକୁ ମିଳୁଛି। କେରଳ, ଜମ୍ମୁ-କଶ୍ମୀର ଏବଂ ପଶ୍ଚିମବଙ୍ଗ ପରେ ଓଡ଼ିଶାରେ ଏହି ମେଣ୍ଟ ପ୍ରାୟତଃ ବିଫଳ ହୋଇଛି। ଏଠାରେ କଂଗ୍ରେସ, ସିପିଆଇ, ସିପିଏମ୍, ଏସ୍ପି ଏବଂ ଜେଏମ୍ଏମ୍ ଭଳି ୧୬ଟି ଦଳ ମିଳିତ ଭାବେ ନିର୍ବାଚନ ଲଢ଼ିବେ ବୋଲି ପୂର୍ବରୁ ଆଲୋଚନା ହେଉଥିବାବେଳେ ଏବେ ସେଭଳି ଦେଖିବାକୁ ମିଳୁନାହିଁ। ଓଡ଼ିଶାରେ କଂଗ୍ରେସ ୨୧ ଲୋକ ସଭା ଆସନ ମଧ୍ୟରୁ ୧୯ଟିରେ ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ ମୟୂରଭଞ୍ଜ ଏବଂ କଟକ ଆସନ ବାକି ରହିଛି। କଟକରେ କଂଗ୍ରେସ ପ୍ରାର୍ଥୀ ଘୋଷଣା ଖୁବ୍ଶୀଘ୍ର କରିବ ବୋଲି କହୁଥିବାବେଳେ ମୟୂରଭଞ୍ଜ ଆସନ ଜେଏମ୍ଏମ୍କୁ ଛାଡ଼ିବା ନେଇ ଘୋଷଣା କରି ସାରିଛି। ସେହିପରି ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ଆସନକୁ ଜେଏମ୍ଏମ୍ ଏବଂ ବଣାଇ ଆସନକୁ ସିପିଏମ୍କୁ ଛାଡ଼ିଥିବା ପ୍ରଥମ ପ୍ରାର୍ଥୀ ତାଲିକାରେ ଦର୍ଶାଇଛି। ତେବେ କଂଗ୍ରେସ ୨ ମେଣ୍ଟ ସହଯୋଗୀଙ୍କୁ ମାତ୍ର ଗୋଟିଏ ଲେଖାଏ ଆସନ ଛାଡ଼ିଥିବାରୁ ଅନ୍ୟ ସହଯୋଗୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ସିପିଆଇ(ଏମ୍) ଏବଂ ଏଏପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଛନ୍ତି, ଯେଉଁଥିରେ କଂଗ୍ରେସ ମଧ୍ୟ ପ୍ରାର୍ଥୀ ଘୋଷଣା କରିଛି। ଆସନ ବୁଝାମଣା ହୋଇ ନ ପାରିବାରୁ କଂଗ୍ରେସ ଏକାକୀ ନିଜର ଦଳୀୟ ପ୍ରାର୍ଥୀ ଦେଇଥିବାରୁ ସମସ୍ତେ କଂଗ୍ରେସକୁ ଦୋଷ ଦେବା ଆରମ୍ଭ କରିଛନ୍ତି।

ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା କହିଛନ୍ତି, ଦଳ କଳାହାଣ୍ଡି ଏବଂ କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ନିଜର ପ୍ରାର୍ଥୀ ଦେବା ସଙ୍ଗେସଙ୍ଗେ ୧୬ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେବ। ଏନେଇ ସମାଜବାଦୀ ପାର୍ଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହେବ। ମଙ୍ଗଳବାର ସୁଦ୍ଧା ପ୍ରାର୍ଥୀଙ୍କ ନାଁ ଏବଂ ଆସନ ବିଷୟରେ ଘୋଷଣା କରାଯିବ। କଂଗ୍ରେସ ରାଜ୍ୟରେ ୩୦ ବିଧାନସଭା ଆସନ ସହଯୋଗୀ ଦଳଗୁଡ଼ିକୁ ନ ଛାଡ଼ିବାରୁ ଏଭଳି ସ୍ଥିତି ଉପୁଜିଛି। ରାଜ୍ୟରେ କଂଗ୍ରେସର ସ୍ଥିତି ଯେପରି ରହିଛି ଅନ୍ୟ ସହଯୋଗୀମାନଙ୍କୁ ବିଧାନସଭା ଆସନ ଛାଡ଼ିଥିଲେ ବିଜେଡି ଏବଂ ଭାଜପା ବିରୋଧରେ ଲଢେଇ ଜୋରଦାର ହୋଇଥାଆନ୍ତା। ଅନ୍ୟ ରାଜ୍ୟଗୁଡ଼ିକରେ କଂଗ୍ରେସ ଇଣ୍ଡିଆ ମେଣ୍ଟକୁ ଧରି ଆଗକୁ ଚାଲୁଥିବା ବେଳେ ଓଡ଼ିଶାରେ ଫେଲ୍ ହୋଇଛି ବୋଲି ବେହେରା କହିଛନ୍ତି।

ସେହିପରି ସିପିଆଇଏମ୍ ନେତା ଜନାର୍ଦ୍ଦନ ପତି କହିଛନ୍ତି, ତାଙ୍କ ଦଳ ୭ଟି ବିଧାନସଭା ଏବଂ ଭୁବନେଶ୍ୱର ଲୋକସଭା ଆସନରେ ପ୍ରାର୍ଥୀ ଦେବ। କଂଗ୍ରେସ କେବଳ ବଣାଇ ଆସନ ସିପିଆଇଏମ୍କୁ ଛାଡିଛି। ହେଲେ ସେହି ଆସନରେ ସିପିଏମ୍ ବିଧାୟକ ଅଛନ୍ତି। ଓଡ଼ିଶାରେ ସିପିଆଇ ଏବଂ ସିପିଏମ୍କୁ ଦୁଇଟି ଲୋକ ସଭା ଆସନ ଛାଡ଼ିବାକୁ କଂଗ୍ରେସ ନିକଟରେ ଦାବି ହୋଇଥିଲା। ହେଲେ ସେଥିରେ ଦଳ ରାଜି ହେଲାନାହିଁ। ଜଗତ୍ସିଂହପୁରରେ ସିପିଆଇ ପ୍ରାର୍ଥୀ ଦେଇଛି। ତେଣୁ ସିପିଆଇଏମ୍ ଏବଂ ସିପିଆଇ ଯେଉଁଠାରେ ପ୍ରାର୍ଥୀ ଦେଇଛି ସେସବୁ ସ୍ଥାନକୁ ଛାଡ଼ି ଅନ୍ୟ ସବୁଠି ଦଳ କଂଗ୍ରେସକୁ ସମର୍ଥନ କରିବ ବୋଲି ଜନାର୍ଦ୍ଦନ କହିଛନ୍ତି। ଆମ୍ ଆଦମୀ ପାର୍ଟି(ଆପ୍) ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି, ଦଳ ବର୍ତ୍ତମାନ ସୁଦ୍ଧା ୩୭ ବିଧାନସଭା ଆସନରେ ପ୍ରାର୍ଥୀ ଦେଇଛି। ଆଗକୁ ଆଉ ୧୫ଟି ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେବାକୁ ଲକ୍ଷ୍ୟ ରଖିଛି। ରାଜ୍ୟରେ ଲୋକ ସଭା ଆସନରେ ଦଳ ଲଢ଼ିବ ନାହିଁ। ଓଡ଼ିଶାରେ ମେଣ୍ଟ ସଫଳ ହେଲା ନାହିଁ। କାରଣ ମେଣ୍ଟ ପାଇଁ କଂଗ୍ରେସ ଅଧିକ କିଛି ଚାହିଁଲା ନାହିଁ। ୪ଥର ସହଯୋଗୀ ଦଳ ସହ ଆଲୋଚନା କରିବା ପରେ କଂଗ୍ରେସ ଚୁପ୍ ରହିଲା ବୋଲି ନିଶିକାନ୍ତ କହିଛନ୍ତି। ପ୍ରକାଶ ଯେ, ଓଡିଶାରେ ୧୬ ସହଯୋଗୀ ଦଳକୁ ନେଇ ଗଠନ ହୋଇଥିବା ମେଣ୍ଟରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଆବାହକ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ରାଜ୍ୟରେ ମେଣ୍ଟକୁ କେଉଁ ଲୋକ ସଭା ଏବଂ ବିଧାନସଭା ଆସନ ଛଡ଼ାଯିବ ଓ ରାଜ୍ୟରେ ମେଣ୍ଟ ସ୍ଥିତି କ'ଣ ବୋଲି ପଚାରିବାରୁ ପ୍ରସାଦ କହିଛନ୍ତି, ସେ ୨ ମାସ ହେଲା ଆଉ ସେହି ଦାୟିତ୍ୱରେ ନାହାନ୍ତି। ଏବେ ପିସିସି ସଭାପତି ସେସବୁ କଥା ବୁଝୁଛନ୍ତି ବୋଲି କହି ଏହା ଉପରେ ଆଉ ମତ ରଖିବାକୁ ଚାହିଁନାହାନ୍ତି।

## ଭାଜପାରୁ ଗୌତମ ଜୟପୁର ବିଧାନସଭା ପ୍ରାର୍ଥୀ

ଜୟପୁର, ୨୧।୪ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଗୌତମ ସାମନ୍ତରାୟ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଏଥିପାଇଁ ବହୁ ଆଶାୟୀ ଥିବାବେଳେ ଦଳ ଗୌତମଙ୍କ ଉପରେ ଭରସା କରିଛି। ଗୌତମ ଆଇନରେ ଡିଗ୍ରୀ ଅର୍ଜନ କରିଛନ୍ତି। ସେ ବିକ୍ରମଦେବ କଲେଜର ଛାତ୍ର ସଂସଦ ସଭାପତି ରହିଥିଲେ। ସେ ଦୀର୍ଘ ବର୍ଷ ହେବ ରାଜନୀତି ସହ ଜଡ଼ିତ ଅଛନ୍ତି। ଗତ ୨୦୧୪ ନିର୍ବାଚନରେ ଜୟପୁର ନିର୍ବାଚନମଣ୍ଡଳୀରୁ ଜନମୋର୍ଚ୍ଚାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ସେହିପରି ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇ ମଧ୍ୟ ସେ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ହାରିଥିଲେ।

## ମେ' ୧୫ରୁ ସିୟୁଇଟି-ୟୁଜି

ଭୁବନେଶ୍ୱର, ୨୧।୪ (ଅସମାପିକା ସାହୁ)

ୟୁଜି ନାମଲେଖା ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା(ସିୟୁଇଟି) ମେ' ୧୫ରୁ ଆରମ୍ଭ ହେବ। ଏହି ପରୀକ୍ଷା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍ଟିଏ) ଦ୍ୱାରା ପରିଚାଳିତ ସିୟୁଇଟି-ୟୁଜି ୨୦୨୪ ପରୀକ୍ଷା ମୋଟ ୩୮୦ ସହରରେ ହେବ। ଏଥିରେ ଦେଶ ବାହାରର ୨୬ଟି ସହର ରହିଛି। ୧୩ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ଏ ନେଇ ଏନ୍ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ରମାନେ ଏନ୍ଟିଏର ୱେବ୍ସାଇଟ୍ www.nta.ac.in ଏବଂ https://exams.nta.ac.in/CUET-UG/କୁ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଇଛି।

## ଅଟୋ ଉପରେ ଚଢ଼ିଗଲା ଟ୍ରକ୍; ୩ ମୃତ, ୫ ଗୁରୁତର



ରାଇଘର, ୨୧।୪ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ଥାନା ଅନ୍ତର୍ଗତ ଯୋଡ଼ିଙ୍ଗା ନିକଟରେ ରବିବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଯାତ୍ରୀବାହୀ ଅଟୋକୁ ମୁହାଁମୁହିଁ ଧକ୍କା ଦେବା ସହ ତା' ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା, ଜଣେ ପୁରୁଷ ରହିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଦୁଇ ବର୍ଷର ଶିଶୁ ସହ ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଯାତ୍ରୀଙ୍କୁ ଯୋଡ଼ିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ସେମାନେ ସମସ୍ତେ ଛତିଶଗଡ଼ ଅନ୍ତର୍ଗତ ବୋରେଇ ଓ ନଗରୀ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଛତିଶଗଡ଼ ବୋରେଇରୁ ଯାତ୍ରୀମାନେ ଏକ ଯାତ୍ରୀବାହୀ ଅଟୋରେ କଳସୀ ମଣ୍ଡେଇ ଦେଖିବାକୁ ନିଜ ସମ୍ପର୍କୀୟ ଘର ରାଇଘରକୁ ଆସୁଥିଲେ। ଯୋଡ଼ିଙ୍ଗା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ଅଟୋକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରାଇଘର ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ଏକ ଡାକ୍ତରୀ ଦଳ ଯୋଡ଼ିଙ୍ଗା ମେଡିକାଲରେ ଗୁରୁତରଙ୍କୁ ଚିକିତ୍ସା କରୁଥିବା ଜଣାପଡ଼ିଛି। ଖବର ଲେଖା ହେବା ସୁଦ୍ଧା ମୃତକ ଓ ଆହତଙ୍କ ପରିଚୟ ମିଳିପାରିନାହିଁ।

## ମାଓବାଦୀଙ୍କ ଗତିବିଧି ଉପରେ ରହିବ ସ୍ୱତନ୍ତ୍ର ନଜର

### ନିର୍ବାଚନ ପାଇଁ ଡିଜିଙ୍କ ଦକ୍ଷିଣାଞ୍ଚଳ ରେଞ୍ଜସ୍ତରୀୟ ସମୀକ୍ଷା

ବ୍ରହ୍ମପୁର, ୨୧।୪ (ସୁବାସ ଚନ୍ଦ୍ର ପାଢ଼ୀ)



ବୈଠକରେ ଉପସ୍ଥିତ ଡିଜିଙ୍କ ସହ ଆଇଜି, ଏସ୍ପି ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ।

ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନରେ ଥିବା ୫ ପୋଲିସ ଜିଲାରେ ଆସନ୍ତା ମେ ୧୩ ଓ ୨୦ ତାରିଖରେ ମତଦାନ ହେବ। ଜିଲାଗୁଡିକର ଆଇନଶୃଙ୍ଖଳା ଓ ନିର୍ବାଚନ ସମ୍ପର୍କିତ ପ୍ରସ୍ତୁତି ସମୀକ୍ଷା କରିବାକୁ ପୋଲିସ ମହାନିର୍ଦ୍ଦେଶକ(ଡିଜି) ଅରୁଣ କୁମାର ଷଡଙ୍ଗୀ ରବିବାର ଗଞ୍ଜାମ ଗସ୍ତରେ ଆସିଛନ୍ତି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି କାର୍ଯ୍ୟାଳୟରେ ସେ ୫ ପୋଲିସ ଜିଲାର ଏସ୍ପିଙ୍କୁ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ନିର୍ବାଚନକୁ କିପରି ଅବାଧ ଓ ମୁକ୍ତ କରାଯିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଛି। ମାଓବାଦୀ ଗତିବିଧି ଥିବା ବୌଦ୍ଧ ଓ କନ୍ଧମାଳ ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ନିର୍ବାଚନ ସମୟରେ ଯେପରି କୌଣସି ପ୍ରକାର ମାଓବାଦୀ ହିଂସା ଦେଖା ନ ଦେବ ସେ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ କୋମ୍ବିଂ ଅପରେଶନକୁ କଡାକଡି କରାଯାଉଛି ବୋଲି ଡିଜି କହିଛନ୍ତି। ନିର୍ବାଚନ ବେଳେ ପୋଲିଂ ପାର୍ଟି, ବୁଥ ଓ ଭୋଟରଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦକ୍ଷିଣାଞ୍ଚଳ ରେଞ୍ଜରେ ମୋଟ ୪,୭୨୦ ବୁଥ ରହିଛି। ନିର୍ବାଚନ ବେଳେ ବେଆଇନ ଅର୍ଥ କାରବାର ସହିତ ଅନ୍ୟାନ୍ୟ ଦିଗ ଉପରେ ନଜର ରଖିବା ପାଇଁ ୨୯ ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ସହିତ ଫ୍ଲାଇଙ୍ଗ ସ୍କ୍ୱାଡ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୨ଲକ୍ଷ ଟଙ୍କା ଜବତ ହେଲାଣି ବୋଲି ଡିଜି ସୂଚନା ଦେଇଛନ୍ତି। ପୋଲିସ ସୁରକ୍ଷାକୁ ଆହୁରି ଅଧିକ କଡାକଡି କରାଯାଇଛି। ମୋବାଇଲ ପାର୍ଟି ସହ ପ୍ରତ୍ୟେକ ଜିଲାରେ କ୍ୟୁଆରଟି ଗଠନ କରାଯାଇଛି। ଦକ୍ଷିଣାଞ୍ଚଳ ରେଞ୍ଜରେ ବର୍ତ୍ତମାନ ୨୦ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ ରହିଛନ୍ତି। ସେହିପରି ଓଡିଶାରୁ ୨୫ କମ୍ପାନୀ ଫୋର୍ସ କେନ୍ଦ୍ରକୁ ଦିଆଯାଇଛି। ତେବେ ଏଠାରେ ଶେଷ ପର୍ଯ୍ୟାୟରେ ନିର୍ବାଚନ ଥିବାରୁ ସୁରକ୍ଷା ପାଇଁ ଯଥେଷ୍ଟ ଫୋର୍ସ ଉପଲବ୍ଧ ହେବେ ବୋଲି ଡିଜିପି ଆଶା ରଖିଛନ୍ତି। ବ୍ରହ୍ମପୁର ଓ ଗଜପତି ଜିଲାର ଆନ୍ଧ୍ର ସୀମାରେ ଚେକପୋଷ୍ଟ କରାଯାଇଛି। ପ୍ରତ୍ୟେକ ଗାଡି ଯାଞ୍ଚ କରାଯାଉଛି। ସୋସିଆଲ ମିଡିଆରେ କୌଣସି ଗୁଜବ କି ଅପପ୍ରଚାର ନ କରିବାକୁ ଡିଜି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହା ଉପରେ ନଜର ରଖିବା ପାଇଁ ସୋସିଆଲ ମିଡିଆ ମନିଟରିଂ ସେଲ ଗଠନ କରାଯାଇଛି ବୋଲି ସେ କହିଛନ୍ତି। ଅତିରିକ୍ତ ଡିଜି(ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଡିଜି(ଅପରେଶନ) ଦେବଦତ୍ତ ସିଂ, ଗୋଇନ୍ଦା ବିଭାଗ ଆଇଜି ଅନୁପ କୁମାର ସାହୁ, ଗୋଇନ୍ଦା ଡିଆଇଜି କନୱର୍ ବିଶାଲ ସିଂ, ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଜୟନାରାୟଣ ପଙ୍କଜ, ବ୍ରହ୍ମପୁର ଏସ୍ପି ସାର୍ଥକ ଷଡଙ୍ଗୀ, ଗଞ୍ଜାମ ଏସ୍ପି ଜଗମୋହନ ମୀନା, ଗଜପତି ଏସ୍ପି ସ୍ୱାତୀ ଏସ. କୁମାର, କନ୍ଧମାଳ ଏସ୍ପି ଶୁଭେନ୍ଦୁ କୁମାର ପାତ୍ର ଓ ବୌଦ୍ଧ ଏସ୍ପି ରାଜ ପ୍ରସାଦ ସମୀକ୍ଷା ବେଳେ ଉପସ୍ଥିତ ଥିଲେ।

# ପିଲାଙ୍କ ସ୍ୱାସ୍ଥ୍ୟ

ପିଲାମାନଙ୍କ ଔଷଧ ହେଉ ବା ଶିଶୁ ଖାଦ୍ୟ ପ୍ରସ୍ତୁତି ବେଳେ ସର୍ବାଧିକ ଧ୍ୟାନ ଦିଆଯିବା କଥା। କାରଣ ସେମାନଙ୍କ ଶରୀର ବାହ୍ୟ ପରିବେଶ ସହିତ ବେଶି ସଂସ୍ପର୍ଶରେ ଆସି ନ ଥିବାରୁ ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହେ। ଶିଶୁଙ୍କ ଶରୀର ତତ୍‌କ୍ଷଣାତ୍ ସଂକ୍ରମିତ ହେବାର ଭୟ ଥିବାରୁ ସେମାନଙ୍କ ଲାଗି ପ୍ୟାକେଟ ଖାଦ୍ୟ ପ୍ରସ୍ତୁତ କରୁଥିବା କମ୍ପାନୀ ସତର୍କ ରହିବା କଥା। ହେଲେ ଏବେ ଖବର ମିଳିଛି ଯେ, ଶିଶୁଖାଦ୍ୟ ପ୍ରସ୍ତୁତ କରୁଥିବା ସୁଇଜରଲାଣ୍ଡଭିତ୍ତିକ ବୃହତ୍ କମ୍ପାନୀ 'ନେସ୍‌ଲେ' ଭାରତ ଭଳି ବିକାଶଶୀଳ ରାଷ୍ଟ୍ରରେ ବିକ୍ରି କରୁଥିବା ଶିଶୁଖାଦ୍ୟରେ ଅଧିକ ଚିନି ମିଶାଉଛି। ଅନ୍ୟପକ୍ଷରେ ବ୍ରିଟେନ, ଜର୍ମାନୀ, ୟୁରୋପୀୟ ସଂଘ, ସୁଇଜରଲାଣ୍ଡ ସହ ଅନ୍ୟ ବିକଶିତ ଦେଶରେ କମ୍ପାନୀ ବିକ୍ରି କରୁଥିବା ଖାଦ୍ୟରେ ଚିନି ବ୍ୟବହାର କରୁନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନେସ୍‌ଲେ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ବିଭିନ୍ନ ଦେଶରେ ଭିନ୍ନ ପ୍ରକାରର ଶିଶୁ ଖାଦ୍ୟ ପ୍ରସ୍ତୁତ କରୁଛି। ଏହାକୁ ଆଧୁନିକ ଭାଷାରେ 'କର୍ପୋରେଟ୍ ରେସିଜିମ୍' ବା ବ୍ୟବସାୟିକ ବର୍ଣ୍ଣବୈଷମ୍ୟବାଦ କୁହାଯାଉଛି। କାରଣ ଗରିବ ଏସୀୟ ଓ ଆଫ୍ରିକୀୟ ଦେଶର ପିଲାମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଖାଦ୍ୟରେ ଅସ୍ୱାସ୍ଥ୍ୟକର ଉପାଦାନ ଥିବାବେଳେ ବିକଶିତ ରାଷ୍ଟ୍ରରେ ମିଳୁଥିବା ସେହି ବ୍ରାଣ୍ଡର ଶିଶୁଖାଦ୍ୟରେ କୌଣସି ହାନିକାରକ ଉପାଦାନର ଉପସ୍ଥିତି ରହୁନାହିଁ।

'ପବ୍ଲିକ୍ ଆଏ' ଏବଂ 'ଇଣ୍ଟରନ୍ୟାଶନାଲ ବେବି ଫୁଡ୍ ଆକ୍ସନ ନେଟ୍‌ୱର୍କ' (ଆଇବିଏଫ୍‌ଏଏନ୍) ପକ୍ଷରୁ କରାଯାଇଥିବା ନୂତନ ଅଧ୍ୟୟନରୁ ଉପରୋକ୍ତ ବିଷୟ ଜଣାପଡ଼ିଛି। ଏହି ରିପୋର୍ଟ ଭାରତର ମାତାପିତା ଓ ଅଭିଭାବକଙ୍କୁ ନିଶ୍ଚିତ ଚିନ୍ତାରେ ପକାଇଥିବ। ନେସ୍‌ଲେ ଭଳି ବ୍ରାଣ୍ଡ୍ 'ସେର୍‌ଲାକ' ପ୍ରସ୍ତୁତ କରି ବିଶ୍ୱ ବଜାରକୁ ଅକ୍ତିଆରରେ ରଖିଛି। ପ୍ରାୟ ଶିଶୁ ନିଶ୍ଚିତ ସେର୍‌ଲାକ ଖାଇବାର ଦେଖାଯାଇଥାଏ। କେବଳ ଭାରତ କଥା ଦେଖିଲେ ୨୦୨୨ରେ ନେସ୍‌ଲେ ଏଠାରୁ ୨୫୦ ନିୟୁତ ଡଲାର ସେର୍‌ଲାକର ବିଭିନ୍ନ କିସମ ସହ ଅନ୍ୟାନ୍ୟ ଶିଶୁଖାଦ୍ୟ ବିକ୍ରି କରି ବିପୁଳ ଲାଭ ଉଠାଇଛି। ଜନସଂଖ୍ୟାବହୁଳ ଭାରତରେ ବ୍ୟବସାୟ କରିବା କମ୍ପାନୀ ପାଇଁ ଲାଭଦାୟକ ହେଉଛି। ହେଲେ ଏଠାକାର ଶିଶୁଙ୍କୁ ରୋଗଣା କରିବାରେ ଏହା ଦାୟୀ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ନେସ୍‌ଲେ ଖାଦ୍ୟ ଖାଇଥିବା ପିଲାଙ୍କ ଦେହରେ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଏଠାରେ ମନେପକେଇ ଦିଆଯାଇପାରେ, ନେସ୍‌ଲେ କମ୍ପାନୀ ପ୍ରସ୍ତୁତ ମ୍ୟାଗିକୁ ନେଇ ମଧ୍ୟ ପୂର୍ବରୁ ବିବାଦ ଉପୁଜିଥିଲା। ସେହି ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ଅତ୍ୟଧିକ ମାତ୍ରାରେ ଏମ୍‌ଏସ୍‌ଜି ଥିବାରୁ ଭାରତରେ ତାହାକୁ ନିଷିଦ୍ଧ କରାଯାଇଥିଲା। ସେହି କମ୍ପାନୀ ତା'ର ବିକ୍ରିରୁ ଉକ୍ତ ସାମଗ୍ରୀକୁ ଅପସାରିତ କରିଥିଲା। ଏହିଭଳି ଉଦାହରଣ ଭାରତର ଅନ୍ୟ ଶିଶୁ ଖାଦ୍ୟରେ ଦେଖିବାକୁ ମିଳୁଛି। ଉଦାହରଣସ୍ୱରୂପ ବର୍ନଭିଟାରେ ପ୍ରତି ୧୦୦ ଗ୍ରାମ୍‌ରେ ୩୭ ପ୍ରତିଶତ ଚିନି ମିଶିଥିବା ବେଳେ କମ୍ପ୍ଲାନ୍‌ରେ ୨୨ ପ୍ରତିଶତ ଏବଂ ହର୍ଲିକ୍ସରେ ୧୩.୫ ପ୍ରତିଶତ ଚିନି ରହିଛି। ଏଗୁଡ଼ିକ ଭାରତରେ ଲୋକପ୍ରିୟତା ହାସଲ କରିଥିବା ବେଳେ ବୁଷ୍ଟ ନାମକ ଅନ୍ୟ ଏକ ପୁଷ୍ଟିକର ଖାଦ୍ୟରେ ମାତ୍ର ୯.୫ ଗ୍ରାମ୍ ଚିନି ଥିବାରୁ ତାହା ଭାରତବର୍ଷରେ ଲୋକପ୍ରିୟତା ହାସଲ କରିପାରିଲା ନାହିଁ।

> **ନେସ୍‌ଲେ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ବିଭିନ୍ନ ଦେଶରେ ଭିନ୍ନ ପ୍ରକାରର ଶିଶୁ ଖାଦ୍ୟ ପ୍ରସ୍ତୁତ କରୁଛି। ଏହାକୁ ଆଧୁନିକ ଭାଷାରେ 'କର୍ପୋରେଟ୍ ରେସିଜିମ୍' ବା ବ୍ୟବସାୟିକ ବର୍ଣ୍ଣବୈଷମ୍ୟବାଦ କୁହାଯାଉଛି। କାରଣ ଗରିବ ଏସୀୟ ଓ ଆଫ୍ରିକୀୟ ଦେଶର ପିଲାମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଖାଦ୍ୟରେ ଅସ୍ୱାସ୍ଥ୍ୟକର ଉପାଦାନ ଥିବାବେଳେ ବିକଶିତ ରାଷ୍ଟ୍ରରେ ମିଳୁଥିବା ସେହି ବ୍ରାଣ୍ଡର ଶିଶୁଖାଦ୍ୟରେ କୌଣସି ହାନିକାରକ ଉପାଦାନର ଉପସ୍ଥିତି ରହୁନାହିଁ।**

ବିଶେଷଜ୍ଞଙ୍କ ମତରେ ଶିଶୁ ଖାଦ୍ୟରେ ଅତ୍ୟଧିକ ଚିନି ମିଶାଗଲେ ତାହା ସେମାନଙ୍କୁ ନିଶାଗ୍ରସ୍ତ କଲା ଭଳି ଅବସ୍ଥାକୁ ନେଇଥାଏ। ଅର୍ଥାତ୍ ଥରେ ସେମାନେ ଉକ୍ତ ସ୍ୱାଦରେ ଅଭ୍ୟସ୍ତ ହୋଇଗଲେ ତାହାକୁ ବାରମ୍ବାର ଖୋଜିଥାଆନ୍ତି। ଫଳରେ ସେମାନେ ବଢ଼ିବା ବେଳେ ସେମାନଙ୍କ ଦେହରେ ମଧୁମେହ ଓ ଉଚ୍ଚ ରକ୍ତଚାପ ଆଦି ଲକ୍ଷଣ ଦେଖାଦେଇଥାଏ। ତେବେ ଛୁଆଙ୍କୁ ମୋଟା ଓ ପେଟା ଦେଖି ମା'ବାପା ଖୁସି ହୋଇଥାନ୍ତି। ସେମାନେ ବୁଝିପାରନ୍ତି ନାହିଁ ଯେ ତାଙ୍କର ମୋଟା ଛୁଆଟି ଭବିଷ୍ୟତରେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଥାଏ। ବିକଶିତ ଦେଶଗୁଡ଼ିକରେ ଏହି କମ୍ପାନୀଗୁଡ଼ିକ ଏହିଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରିବାକୁ ପୂର୍ବରୁ ଚେଷ୍ଟା କରିଥିବାରୁ ସେଠାକାର ସରକାର ଓ ନ୍ୟାୟାଳୟଗୁଡ଼ିକ ସତର୍କ ହୋଇ କମ୍ପାନୀଙ୍କୁ ଦଣ୍ଡ ଦେଇଥିଲେ। କିନ୍ତୁ ଭାରତରେ ଆଜି ମଧ୍ୟ ଉଭୟ ସରକାର ଓ ନ୍ୟାୟାଳୟଗୁଡ଼ିକୁ ଏହିସବୁ ଦିଗ ପାଇଁ ବଳକା ସମୟ ମିଳୁନାହିଁ। ଆମେରିକାରେ ସେଠାକାର ନ୍ୟାୟାଳୟ 'ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍' କମ୍ପାନୀର ଉତ୍ପାଦଗୁଡ଼ିକ ଉପରେ ଅନେକ କଟକଣା ଲଗାଇଛନ୍ତି। ଜନ୍‌ସନ୍ ଆଣ୍ଡ୍ ଜନ୍‌ସନର ବେବି ପାଉଡରରେ ମିଶାଯାଉଥିବା ଉପାଦାନ କର୍କଟ ରୋଗର କାରଣ ବୋଲି ଜଣାପଡ଼ିଛି। ଆଶ୍ଚର୍ଯ୍ୟର ବିଷୟ ଯେ, ଭାରତବର୍ଷରେ ସେହି କମ୍ପାନୀ ଅତି ସୁରୁଖୁରୁରେ ନିଜର ବ୍ୟବସାୟ ଜାରିରଖିଛି।

ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ସରକାରୀ ଉଦ୍ୟମର ଆବଶ୍ୟକତା ରହିଛି। ସାଧାରଣ ଗ୍ରାହକ ବାସନ୍ଦ କରିବା ବ୍ୟତୀତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ଏଭଳି କ୍ଷେତ୍ରରେ ସରକାରୀ ଉଦ୍ୟମକୁ କୋର୍ଟ କଚେରିରେ ସମର୍ଥନର ମଧ୍ୟ ଆବଶ୍ୟକତା ରହିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | 8 | | |
| 2 | | | | 1 | | 4 | 5 | 7 |
| | | 1 | | 4 | | | | |
| | 4 | | | | | | 7 | |
| 6 | 9 | | | | | 5 | | |
| | | | 3 | | 8 | | | |
| | 7 | 9 | | | | | | |
| | | | | | 9 | 3 | 6 | 1 |
| | | | | 8 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 4 | 8 | 2 | 3 | 6 | 9 | 7 |
| 9 | 7 | 8 | 4 | 1 | 6 | 2 | 3 | 5 |
| 3 | 6 | 2 | 9 | 5 | 7 | 8 | 1 | 4 |
| 6 | 4 | 1 | 5 | 8 | 9 | 7 | 2 | 3 |
| 7 | 2 | 5 | 6 | 3 | 4 | 9 | 8 | 1 |
| 8 | 9 | 3 | 2 | 7 | 1 | 4 | 5 | 6 |
| 1 | 8 | 7 | 3 | 6 | 2 | 5 | 4 | 9 |
| 2 | 3 | 9 | 7 | 4 | 5 | 1 | 6 | 8 |
| 4 | 5 | 6 | 1 | 9 | 8 | 3 | 7 | 2 |

ଗତକାଲିର ଉତ୍ତର

# ନିର୍ବାଚନୀ ଇସ୍ତାହାର: ଏକ ଦୃଷ୍ଟିପାତ



ସୌଭାଗ୍ୟ ସୁନ୍ଦରରାୟ

ଅଷ୍ଟାଦଶ ଲୋକ ସଭା ନିର୍ବାଚନ ପାଇଁ ଇତିମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ସେଥିମଧ୍ୟରୁ ପ୍ରମୁଖ ଦଳ ଭାରତୀୟ ଜନତା ପାର୍ଟି(ଭାଜପା) ଓ ଭାରତୀୟ ଜାତୀୟ କଂଗ୍ରେସ(ଆଇଏନ୍‌ସି)ର ଇସ୍ତାହାର ବିଶ୍ଳେଷଣ ନିମନ୍ତେ ବିଶେଷ ମହତ୍ତ୍ୱ ରଖିଥାଏ। କାରଣ ଭାଜପା ଏବେ ଶାସକ ଦଳ ଓ ୧୦ ବର୍ଷ କ୍ଷମତାରେ ରହିଲାଣି। କଂଗ୍ରେସ ଦେଶର ପୁରୁଣା ରାଜନୈତିକ ଦଳ ଓ ଦୀର୍ଘଦିନ ଶାସନ କ୍ଷମତାରେ ରହିଛି। ନିର୍ବାଚନୀ ଇସ୍ତାହାର ଦେଶର ଜନତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ। ରାଜନୈତିକ ଦଳର ବିଚାରଧାରା, କ୍ଷମତାକୁ ଆସିଲେ ୫ ବର୍ଷରେ ଦେଶ ପାଇଁ କେଉଁ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବେ ତାହା ଏଥିରେ ପ୍ରତିଫଳିତ ହୋଇଥାଏ। ଦଳର ଲକ୍ଷ୍ୟ, ଦର୍ଶନ ଓ ଚିନ୍ତାଧାରା ଏଥିରେ ନିହିତ ଥାଏ। ସାଧାରଣ ଜନତାଙ୍କ ପାଇଁ କଲ୍ୟାଣକାରୀ ଯୋଜନା ମଧ୍ୟ ଏଥିରେ ଉଲ୍ଲେଖ ରହିଥାଏ।

ଏବେ ଦେଖିବା ପୂର୍ବ ଇସ୍ତାହାରର କିଛି ଝଲକ। ଭାଜପାର ଅତୀତ ନିର୍ବାଚନୀ ଇସ୍ତାହାରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଶ୍ଳେଷଣ କଲେ ଦେଖାଯାଏ ଯେ, ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପାଇଁ ଭାରତୀୟ ଜନତା ପାର୍ଟି ୧୯୮୪ ମସିହା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ଏହା ପୂରଣ ହେଲା ୨୦୧୯ ମସିହାରେ। ଅର୍ଥାତ୍ ଦଳକୁ ଏଥିପାଇଁ ୩୫ ବର୍ଷ ଲାଗିଗଲା। ସେହିପରି ଆର୍ଥିକ ଅନଗ୍ରସର ଶ୍ରେଣୀ ପାଇଁ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ଦଳ ୧୯୯୬ରେ ପ୍ରତିଶ୍ରୁତି ଦେଇଥିଲା। ଏହା କାର୍ଯ୍ୟକାରୀ କରିବାକୁ ୨୩ ବର୍ଷ ଲାଗିଲା। ଏହା କାର୍ଯ୍ୟକାରୀ ହେଲା ୨୦୧୯ ମସିହାରେ। ଏକକ ନାଗରିକ ସଂହିତା ପ୍ରଚଳନ ନିମନ୍ତେ ଦଳ ୧୯୮୯ ରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଇତିମଧ୍ୟରେ ୩୫ ବର୍ଷ ବିତିଗଲାଣି। ୧୯୯୧ର ରାମମନ୍ଦିର ନିର୍ମାଣ ପ୍ରତିଶ୍ରୁତି ୩୩ ବର୍ଷ ପରେ ୨୦୨୪ରେ ପୂରଣ ହେଲା। ଦେଶକୁ କଳାଟଙ୍କା ଅଣାଯାଇ ଜନସାଧାରଣଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି ଭାଜପାର ୨୦୧୪ ମସିହା ପ୍ରତିଶ୍ରୁତି ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ କଂଗ୍ରେସର କିଛି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ପ୍ରତିଶ୍ରୁତି ତର୍ଜମା କଲେ ଦେଖାଯାଏ ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ ରୋଜଗାର ଗ୍ୟାରେଣ୍ଟି ଆଇନ ପାଇଁ କଂଗ୍ରେସ ୨୦୦୪ ମସିହା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇ ଏହାକୁ ୨୦୦୫ରେ କାର୍ଯ୍ୟକାରୀ କରିଥିବା ବେଳେ ସେହିବର୍ଷର ଇସ୍ତାହାରରେ ଶିକ୍ଷା ଅଧିକାର ଆଇନ ପାଇଁ ଥିବା ପ୍ରତିଶ୍ରୁତି ୨୦୦୯ରେ କାର୍ଯ୍ୟକାରୀ କରିଥିଲା। ଅର୍ଥାତ୍ ଏହି ଦୁଇ ପ୍ରତିଶ୍ରୁତି କଂଗ୍ରେସ ୧ରୁ ୫ ବର୍ଷ ମଧ୍ୟରେ ପୂରଣ କରିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପାଇଁ କଂଗ୍ରେସ ୨୦୦୯ରେ ପ୍ରତିଶ୍ରୁତି ଦେଇ ମାତ୍ର ୪ ବର୍ଷ ଅର୍ଥାତ୍ ୨୦୧୩ରେ ପୂରଣ କରିଥିଲା।



କଂଗ୍ରେସର ଇସ୍ତାହାର ପ୍ରତିଶ୍ରୁତିରେ ଆଇନଗତ ଗ୍ୟାରେଣ୍ଟି ରହିଆସୁଛି ଏବଂ ଏହା ତ୍ୱରିତ କାର୍ଯ୍ୟକାରୀ ହେଉଥିବା ଉପରୋକ୍ତ ତଥ୍ୟରୁ ଜଣାପଡୁଛି। କିନ୍ତୁ ଭାଜପା କ୍ଷେତ୍ରରେ ବହୁ ଆଡ଼ମ୍ବରେ ଲଘୁକ୍ରିୟା ସଦୃଶ ଏହା ହେଉଛି। ଗ୍ୟାରେଣ୍ଟି ଶବ୍ଦ ଭାରତୀୟ ଜନତା ପାର୍ଟି ବା ଏହାର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନୁହେଁ, ଗ୍ୟାରେଣ୍ଟି ଶବ୍ଦ କଂଗ୍ରେସର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ ରୋଜଗାର ଆଇନରେ ପ୍ରଥମେ ବ୍ୟବହାର ହୋଇଥିଲା।

ଏବେ ଦେଖିବା ୨୦୨୪ ନିର୍ବାଚନର ଇସ୍ତାହାର ପତ୍ର। ପୂର୍ବରୁ କଂଗ୍ରେସ ନିଜ ଇସ୍ତାହାର 'ନ୍ୟାୟ ପତ୍ର' ଭାବେ ପ୍ରକାଶ କରିସାରିଛି ଏବଂ ପରେ ଭାଜପାର ନିର୍ବାଚନୀ ଇସ୍ତାହାର 'ସଂକଳ୍ପ ପତ୍ର' ରୂପେ ପ୍ରକାଶ ପାଇଛି। ଭାରତୀୟ ଜନତା ପାର୍ଟି ନିଜ ସଂକଳ୍ପ ପତ୍ରରେ 'ବିକଶିତ ଭାରତ' ଉପରେ ଗୁରୁତ୍ୱାରୋପ କରିଛି। ତେବେ ଏହାର ସମୟସୀମା ୨୦୪୭ ମସିହା ରଖିଛି। ଅର୍ଥାତ୍ ଏହା ୫ ବର୍ଷ ପାଇଁ ନୁହେଁ ବୋଲି ଜଣାପଡୁଛି। ବିକଶିତ ଭାରତର ୪ ସ୍ତମ୍ଭ ଭାବେ ଗରିବ, ମହିଳା, ଯୁବକ ଓ କୃଷକଙ୍କୁ ଚିହ୍ନଟ କରାଯାଇଛି। ଦେଖିବାକୁ ଗଲେ ପାର୍ଲାମେଣ୍ଟରେ ଗୃହୀତ ୩୩% ମହିଳା ସଂରକ୍ଷଣ ଆଇନ ୨୦୨୯ ନିର୍ବାଚନ ପୂର୍ବରୁ ଲାଗୁ ସମ୍ଭବ ନୁହେଁ। ଅତୀତରେ ଚାଷୀମାରଣ ବିଲ୍ ଆଣି ଭାଜପା ସରକାର ଏହାକୁ ପ୍ରତ୍ୟାହାର କରିଛନ୍ତି। ସେହିପରି ଦେଶରେ ବେରୋଜଗାରି ବଢ଼ିଛି ଓ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦରଦାମ୍ ବୃଦ୍ଧିରେ ଗରିବ ଜନସାଧାରଣ ଅତିଷ୍ଠ। ବର୍ତ୍ତମାନ ଏହା ହିଁ ବିକଶିତ ଭାରତର ୪ ସ୍ତମ୍ଭର ଅବସ୍ଥା। ସଂକଳ୍ପ ପତ୍ରରେ କୃଷି ଉତ୍ପାଦିତ ଦ୍ରବ୍ୟର ସହାୟକ ଦର ବୃଦ୍ଧି, ରିହାତି ଚାଉଳ ଅବଧି ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି, ଚାଷୀଙ୍କୁ ବାର୍ଷିକ ୬୦୦୦ ଟଙ୍କା ସହାୟତା ଅବଧି ବୃଦ୍ଧି, ପାନୀୟ ଜଳ ଯୋଗାଣ ଆଦି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସବୁ ବିଷୟକୁ ବର୍ତ୍ତମାନ ଯୋଜନାର ସଂପ୍ରସାରିତ ପ୍ରତିଶ୍ରୁତି ବୋଲି କୁହାଯାଇପାରେ। ମୋଟାମୋଟି ଦେଖିବାକୁ ଗଲେ ଭାରତୀୟ ଜନତା ପାର୍ଟିର ଇସ୍ତାହାରରେ ସେଭଳି କୌଣସି ନୂତନତା ନାହିଁ। ବର୍ତ୍ତମାନ ଯେଉଁ ଯୋଜନା ଚାଲିଛି ତାହା ଅବ୍ୟାହତି ରଖିବାର ପ୍ରତିଶ୍ରୁତି ଦିଆଯାଇଛି। ଦୀର୍ଘ ଅତୀତକୁ ଇସ୍ତାହାରରେ ସ୍ଥାନ ଦେଇ ଦଳ ନିଜ ଉତ୍ତର ଭାରତୀୟ ଭୋଟ ଭିତ୍ତିଭୂମି ସୁଦୃଢ଼ କରି ରଖିବାକୁ ଉଦ୍ୟମ କରିଛି। ଏଣୁ ଇସ୍ତାହାରରେ ସାଧାରଣତଃ ୫ ବର୍ଷ ଆଗ ଓ ୫ ବର୍ଷ ପଛ କଥା କୁହାଗଲେ ଭଲ। ଏହାଦ୍ୱାରା ସାଧାରଣ ଭୋଟର ଭ୍ରମିତ ହେବେନାହିଁ। ଦଳ ଏକ ରାଷ୍ଟ୍ର, ଏକ ନିର୍ବାଚନ ଓ ଏକକ ନାଗରିକ ସଂହିତା ପ୍ରସଙ୍ଗ ଦୋହରାଇଛି।

ଅନ୍ୟତମ ପ୍ରମୁଖ ରାଜନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ଇତିମଧ୍ୟରେ ନିଜ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ଏକଦା ଗରିବୀ ହଟାଓ ସ୍ଲୋଗାନ ଥିଲା କଂଗ୍ରେସର। ଏହା ଏକ ପୁରୁଣା ଇସ୍ତାହାର କହିଲେ ଚଳେ। ଏହାପରେ ଦିନମଜୁରିଆଙ୍କ ହାତକୁ କାମ ଦେବା ପାଇଁ ଦଳ ପ୍ରଚଳନ କରିଥିଲା ମନରେଗା। ସୂଚନା ଅଧିକାର ଆଇନ, ଖାଦ୍ୟ ସୁରକ୍ଷା ଆଇନ, ଶିକ୍ଷା ଅଧିକାର ଆଇନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଦଳ ଦେଶରେ ପ୍ରଚଳନ କରିଛି। ତେବେ ବିଗତ ୧୦ ବର୍ଷ ଧରି କ୍ଷମତାରୁ ଦୂରେଇ ରହିଥିବା ଦଳର ୨୦୨୪ ନିର୍ବାଚନୀ ଇସ୍ତାହାର ଅନୁଧ୍ୟାନ କଲେ ଦଳ ଆଗାମୀ ଦିନରେ ନିଜ ଭୋଟର ଭିତ୍ତିଭୂମିରେ ସୁଧାର ଆଣିବା ନିମନ୍ତେ ଏଥିରେ ପ୍ରୟାସ କରିଥିବା ପରି ମନେହେଉଛି। ଏକଦା ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ଦଳର ପ୍ରମୁଖ ଭୋଟ୍‌ବ୍ୟାଙ୍କ ଭାବେ ବିବେଚିତ ହେଉଥିଲେ। ହେଲେ ବିଗତ ଦିନରେ ଏହି ସଂଖ୍ୟାରେ ହ୍ରାସ ଘଟିଛି। ଏହି ଭୋଟରଙ୍କୁ ନିଜପାଖକୁ ଆଣିବା ସହ ବିଗତ ଦଶନ୍ଧିରେ ସୃଷ୍ଟି ହୋଇଥିବା କିଛି ନୂଆଶ୍ରେଣୀର ଭୋଟରଙ୍କୁ ଦଳ ସହ ଯୋଡ଼ିବା ପାଇଁ ଇସ୍ତାହାରରେ ଉଦ୍ୟମ କରାଯାଇଛି। ଦେଶରେ ବର୍ତ୍ତମାନ ବେକାରି ସମସ୍ୟା ଅତି ଉତ୍କଟ ଅବସ୍ଥାରେ ରହିଛି। ଶ୍ରମ ଶକ୍ତି ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ୧ କୋଟି ଥିବାବେଳେ ୨୦୨୨ ବେଳକୁ ଏହି ସଂଖ୍ୟା ୪ କୋଟିରେ ପହଞ୍ଚିଛି। ଅଜିମ୍ ପ୍ରେମ୍‌ଜୀ ୟୁନିଭର୍ସିଟିର ଏକ ରିପୋର୍ଟ ଅନୁଯାୟୀ, ଦେଶରେ ୨୫ ବର୍ଷରୁ କମ୍ ବୟସ ମଧ୍ୟରେ ଥିବା ୪୨% ସ୍ନାତକ ବେରୋଜଗାରି ଅବସ୍ଥାରେ ରହିଛନ୍ତି। ଏହି ଅବସ୍ଥାକୁ ଦୃଷ୍ଟିରେ ରଖି ଆପ୍ରେଣ୍ଟିସ୍ ଅଧିକାର ଆଇନ ପାଇଁ କଂଗ୍ରେସ ନିଜ ଇସ୍ତାହାରରେ କହିଛି। ୨୫ ବର୍ଷରୁ କମ୍ ବୟସ ମଧ୍ୟରେ ଥିବା ସମସ୍ତ ଡିପ୍ଲୋମା ଓ ସ୍ନାତକଧାରୀ ବିଭିନ୍ନ ଅନୁଷ୍ଠାନରେ ଏକ ବର୍ଷ ଆପ୍ରେଣ୍ଟିସ ଅଧିକାର ପାଇବେ। ଏହି ସମୟରେ ପ୍ରାର୍ଥୀଙ୍କୁ ୧ ଲକ୍ଷ ଟଙ୍କା ଅଂଶଧନ ଆକାରରେ ପ୍ରଦାନ କରାଯିବ, ଯାହା ସରକାର ଓ ଆପ୍ରେଣ୍ଟିସ ପ୍ରଦାନକାରୀ ସଂସ୍ଥା ସମାନ ଅନୁପାତରେ ଭରଣା କରିବେ। ସେହିପରି ୩୦ ଲକ୍ଷ ସରକାରୀ ପଦବୀ ପୂରଣ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ସରକାରୀ ଅନୁମୋଦିତ ପଦବୀରେ ସମସ୍ତ ଠିକା ନିଯୁକ୍ତିକୁ ନିୟମିତ କରାଯିବ। ଶିକ୍ଷାଲାଭ ଓ ଚାକିରି ପାଇଁ ସମସ୍ତ ବର୍ଗର ଆର୍ଥିକ ଅନଗ୍ରସର ଶ୍ରେଣୀ ନିମନ୍ତେ ୧୦% ସଂରକ୍ଷଣ ବ୍ୟବସ୍ଥା କରାଯିବ। ଅଗ୍ନିବୀର ଯୋଜନା ବାତିଲ କରାଯିବ। ଅଧୁନା ଅଗ୍ନିବୀର ଏକ ୪ବର୍ଷିଆ ଚାକିରି, ଯେଉଁଥିରେ ନିଯୁକ୍ତି ସୁରକ୍ଷା ବ୍ୟବସ୍ଥା ନାହିଁ। ଉପରୋକ୍ତ ବିଷୟକୁ ଅନୁଧ୍ୟାନ କଲେ ଯୁବପିଢ଼ି ପାଇଁ ଇସ୍ତାହାର ଆଶ୍ୱାସନାର ବିଷୟ ହୋଇଛି।

ମୋ: ୯୪୩୭୨୨୯୨୩୩

# କ୍ଷେପଣାସ୍ତ୍ର ଅଗ୍ନି-୫



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମାନବିକତାର ସର୍ବଶ୍ରେଷ୍ଠ ସ୍ୱରୂପ ପ୍ରକଟିତ ହୋଇଥାଏ 'ବସୁଧୈବ କୁଟୁମ୍ବକମ୍' ଚିନ୍ତାଧାରାରେ। ଆଜିର ଧ୍ୱଂସମୁଖୀ ବିଶ୍ୱକୁ ଏହାହିଁ କେବଳ ଦେଇପାରନ୍ତା ସୁରକ୍ଷା। କିନ୍ତୁ ବଡ଼ ପରିତାପର ବିଷୟ ଯେ ନିଜକୁ ପ୍ରଜ୍ଞାବାନ୍ ମନେକରୁଥିବା ମଣିଷ ଏବେ ସ୍ୱାର୍ଥ ଏବଂ ଅହଂକାରରେ ଅନ୍ଧ ହୋଇ ଆପଣାଇ ନେଉଛି 'ବୀରଭୋଗ୍ୟା ବସୁନ୍ଧରା', ଅର୍ଥାତ୍ "ଜୋର୍ ଯା'ର ମୁଲକ ତା'ର" ମାନସିକତା। ଏହାର ପରିଣାମ କୁତ୍ସିତତମ ରୂପ ନେଇ ଆମ ଆଗରେ ଉଭା ହୋଇଛି ୟୁକ୍ରେନ୍‌ଠାରେ ରୁଷିଆ ରଚି ଚାଲିଥିବା ଧ୍ୱଂସଲୀଳା ଏବଂ ଇସ୍ରାଏଲ୍-ହମାସ୍ ମଧ୍ୟରେ ଭୟାବହ ଯୁଦ୍ଧଠାରୁ ଆରମ୍ଭ କରି ପୃଥିବୀର କୋଣ-ଅନୁକୋଣରେ ଘଟି ଚାଲିଥିବା ଆତଙ୍କବାଦୀ କାର୍ଯ୍ୟକଳାପ ପର୍ଯ୍ୟନ୍ତ। ଏହା ମନକୁ ଆଣେ ପ୍ରାତଃସ୍ମରଣୀୟ କବି ରାଧାମୋହନ ଗଡ଼ନାୟକଙ୍କ ମନ୍ତବ୍ୟ- "ଜୟ ପରାଜୟ ହାନିଲାଭେ ଯା'ର କିଛିତେ ନାହିଁ ଲାଭ, କ୍ଷମତାର ଯୂପେ ନିରୀହ ଜୀବନ ବଳି ପଡୁଅଛି ଆଗ।" ଫଳରେ ରୋଗବ୍ୟାଧି, ଦୁର୍ଘଟଣା, ଅନାହାର ତଥା ପ୍ରାକୃତିକ ବିପର୍ଯ୍ୟୟ ଆଦିରୁ ସମୁଦାୟ ଯେତିକି ଜୀବନହାନି ଘଟୁଛି ତହିଁରୁ ତାହା ଅଧିକ ହେଉଛି। ଅନ୍ୟପକ୍ଷରେ ପରିବେଶ ଓ ପରିସଂସ୍ଥା ଅପୂରଣୀୟ ଭାବେ କ୍ଷତିଗ୍ରସ୍ତ ହେଉଛି, ଅର୍ଥନୀତି ଭୁଶୁଡ଼ି ପଡୁଛି ଏବଂ ଷଷ୍ଠବିଲୁପ୍ତି ପ୍ରକ୍ରିୟା ଅଧିକ ଗମ୍ଭୀର ହେବାରେ ଲାଗିଛି।

ସ୍ୱାଧୀନତା ପରଠାରୁ କ୍ରମାଗତଭାବେ ଉଭୟ ଯୁଦ୍ଧବାଦ ଏବଂ ସନ୍ତ୍ରାସବାଦର ଏକ ସ୍ଥାୟୀ ଶିକାର ହୋଇ ଆସିଛି ଆମ ଦେଶ ଭାରତ। ଗୋଟିଏ ପାଖରେ ଆତଙ୍କବାଦୀ ପାକିସ୍ତାନ ଏବଂ ଅନ୍ୟ ପାଖରେ ପ୍ରସାରଣବାଦୀ ଶକ୍ତିଶାଳୀ ଚାଇନାର ଅସହିଷ୍ଣୁତା ତଥା ଆକ୍ରମଣାତ୍ମକ ଆଚରଣ ଯୋଗୁ ଏହାକୁ ସତତ ଅଚାନକ ଯୁଦ୍ଧର ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ହୋଇ ରହିବାକୁ ପଡୁଛି। ସେଥିପାଇଁ ସେମାନଙ୍କ ସହିତ ତାଳଦେଇ ଏହାକୁ ଅଜସ୍ର ଅର୍ଥବ୍ୟୟରେ କ୍ରୟ କିମ୍ବା ନିଜସ୍ୱ ଜ୍ଞାନ କୌଶଳରେ ନିର୍ମାଣ କରିବାକୁ ପଡୁଛି ନୂତନ ନୂତନ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର ତଥା ଅନ୍ୟାନ୍ୟ ପ୍ରତିରକ୍ଷା ବ୍ୟବସ୍ଥା। ଏହାର ପ୍ରତିରକ୍ଷା ଗବେଷଣା ଓ ବିକାଶ ପରିଷଦର ବୈଜ୍ଞାନିକମାନେ ବିଗତ ମାର୍ଚ୍ଚ ୧୧ ତାରିଖ (୨୦୨୪) ଦିନ ଓଡ଼ିଶାର ଉପକୂଳସ୍ଥ ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ ଦ୍ୱୀପରୁ ସଫଳତାର ସହ ପରୀକ୍ଷା କରିଥିବା "ମଲ୍‌ଟିପ୍ଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍‌ଗେଟେଡ୍ ରି-ଏଣ୍ଟ୍ରି ଭେହିକ୍ଲ" ବା "ଏମ୍‌ଆଇଆର୍‌ଭି"- ଅଗ୍ନି ୫ କ୍ଷେପଣାସ୍ତ୍ର ତନ୍ମଧ୍ୟରୁ ଅନ୍ୟତମ। ଏହା ଶତ୍ରୁକୁ ଆକ୍ରମଣ କରିବାକୁ ନିରୁତ୍ସାହିତ କରିବା ଦିଗରେ ଏକ ପ୍ରଭାବଶାଳୀ ବ୍ୟବସ୍ଥା ହୋଇପାରିବ ବୋଲି ବିଚାର କରାଯାଉଛି।

ବର୍ତ୍ତମାନ ଭାରତ ନିକଟରେ ଥିବା ନାଭିକୀୟ ଯୁଦ୍ଧାସ୍ତ୍ର ବହନକାରୀ ବ୍ୟବସ୍ଥାମାନଙ୍କ ମଧ୍ୟରେ ରହିଛି ଭୂ-ଭାଗରୁ ନିକ୍ଷେପଣ ଲାଗି ପୃଥିବୀ-୨, ଅଗ୍ନି-୧, ଅଗ୍ନି-୨, ଅଗ୍ନି-୩, ଅଗ୍ନି-୪ ଏବଂ ଅଗ୍ନି-୫ ଆଦି କ୍ଷେପଣାସ୍ତ୍ର। ଏଗୁଡ଼ିକ ଯଥାକ୍ରମେ ୩୫୦ କିଲୋମିଟର, ୭୦୦ କିଲୋମିଟର, ୨୦୦୦ କିଲୋମିଟର, ୩୦୦୦ କିଲୋମିଟର, ୪୦୦୦ କିଲୋମିଟର ଏବଂ ୫୦୦୦ କିଲୋମିଟର ଦୂରବର୍ତ୍ତୀ ଲକ୍ଷ୍ୟସ୍ଥଳମାନ ଭେଦ କରିବାକୁ ସକ୍ଷମ। ସେହିପରି ସୁଖୋଇ, ମିରେଜ୍-୨୦୦୦, ଜାଗୁଆର୍ ଏବଂ ରାଫେଲ୍ ଭଳି ଯୁଦ୍ଧ ବିମାନରୁ ମଧ୍ୟ ତାହା ନିକ୍ଷେପ କରାଯାଇପାରିବ। ତେବେ ଜଳଭାଗରୁ ଏପରି କରିବାର ଏକମାତ୍ର ବ୍ୟବସ୍ଥା ରହିଛି ନାଭିକୀୟ ଶକ୍ତି ପରିଚାଳିତ ୬୦୦୦ ଟନ୍ ବିଶିଷ୍ଟ ବାଲାଷ୍ଟିକ୍ ମିସାଇଲ୍ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିହନ୍ତ। ଏହା କେ-୧୫ ନାଭିକୀୟ କ୍ଷେପଣାସ୍ତ୍ର ବ୍ୟବହାର କରି ୭୫୦ କିମି ପରିସର ମଧ୍ୟରେ ଲକ୍ଷ୍ୟସ୍ଥଳ ଭେଦ କରିବାକୁ ଅଭିପ୍ରେତ। ତେବେ ଏହି ଶ୍ରେଣୀର ଅଧିକ ଶକ୍ତିଶାଳୀ ବୁଡ଼ାଜାହାଜମାନ ଏବେ ନିର୍ମାଣାଧୀନ ରହିଛି ଏବଂ ଖୁବ୍‌ଶୀଘ୍ର ତାହା ଆମ ନୌସେନାର ସାମର୍ଥ୍ୟ ବୃଦ୍ଧି କରିବ ବୋଲି ଆଶା କରାଯାଏ।



ବର୍ତ୍ତମାନ ଭାରତର ଅସ୍ତ୍ର ଭଣ୍ଡାରରେ ଥିବା ପରମାଣବିକ ଅସ୍ତ୍ର ବହନ ଶକ୍ତିସମ୍ପନ୍ନ କ୍ଷେପଣାସ୍ତ୍ର ତୁଳନାରେ ଏମ୍‌ଆଇଆରଭି ପ୍ରଯୁକ୍ତି ବିଦ୍ୟାସମ୍ପନ୍ନ ଅଗ୍ନି-୫ର ବିଶେଷତ୍ୱ ହେଲା ଯେ, ଏହା ଏକ ସଙ୍ଗରେ ଏକାଧିକ ପରମାଣବିକ ଅସ୍ତ୍ରମାନ ବହନ କରିପାରିବ ଏବଂ ୫୦୦୦ରୁ ୮୦୦୦ କିଲୋମିଟର ପରିସର ମଧ୍ୟରେ ଭିନ୍ନ ଭିନ୍ନ ଦିଗରେ ଶହ ଶହ କିଲୋମିଟର ଦୂରତାରେ ଅବସ୍ଥିତ ଲକ୍ଷ୍ୟସ୍ଥଳଗୁଡ଼ିକୁ ସ୍ୱାଧୀନଭାବେ ଏକସଙ୍ଗରେ ଭେଦ କରିପାରିବ। କେବଳ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ରୁଷିଆ ଏବଂ ଚାଇନା ନିକଟରେ ରହିଛି ଏ ପ୍ରକାର ବ୍ୟବସ୍ଥା। ସମ୍ଭବତଃ ଇସ୍ରାଏଲ ଏବଂ ପାକିସ୍ତାନ ମଧ୍ୟ ଏ ପ୍ରଯୁକ୍ତି ବିଦ୍ୟାର ଅଧିକାରୀ।

ଆମ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପରିଷଦ ୨୦୦୮ରେ ପ୍ରଥମେ ଅଗ୍ନି-୫ କ୍ଷେପଣାସ୍ତ୍ରର ବିକାଶ ଘଟାଇଥିଲା ଏବଂ ତାହା ପରୀକ୍ଷା ହୋଇଥିଲା। ୨୦୧୨ ମସିହା ଏପ୍ରିଲ ମାସରେ, ତପ୍ରରେ ୨୦୧୩, ୨୦୧୫, ୨୦୧୬, ୨୦୧୮, ୨୦୨୧ ଏବଂ ୨୦୨୨ରେ ଏହାର ସଫଳ ପୁନଃ ପରୀକ୍ଷଣମାନ ଅନୁଷ୍ଠିତ ହୋଇଛି। ତେବେ ଏଗୁଡ଼ିକର କେବଳ ଗୋଟିଏ ଲେଖାଏଁ ନାଭିକୀୟ ଯୁଦ୍ଧାସ୍ତ୍ର ବହନ କରିବାର ସାମର୍ଥ୍ୟ ଥିଲା। ତାହାକୁ ଏବେ ଏକକାଳୀନ ତହିଁରୁ ୩ରୁ ୧୦ଟି ପର୍ଯ୍ୟନ୍ତ ବହନ କରିବା ଲାଗି ବିକଶିତ କରାଯାଇଛି। ଏଣୁ କ୍ଷେପଣାସ୍ତ୍ର ଏମ୍‌ଆଇଆରଭି ଅଗ୍ନି-୫ରେ ଖଚିତ ହୋଇଥିଲା ୧,୬୫୦ କିଲୋଗ୍ରାମର ତିନୋଟି ଯୁଦ୍ଧାସ୍ତ୍ର। ଉତ୍‌କ୍ଷେପଣକାଳରେ ଏହାର ଓଜନ ଥିଲା ୫୦ ଟନ୍ ଏବଂ ତ୍ରି-ସ୍ତରୀୟ କଠିନ ଇନ୍ଧନ ଦ୍ୱାରା ପରିଚାଳିତ ହୋଇ ତାହା ସେକେଣ୍ଡକୁ ୮.୫ କିଲୋମିଟର ବେଗରେ ଗତି କରିଥିଲା।

ପ୍ରଥମେ ଆମେରିକା ୧୯୭୦ରେ ଏହି ଶ୍ରେଣୀର ଯାନଟିଏ ମୁତୟନ କରିବାକୁ ସମର୍ଥ ହୋଇଥିଲା। ଏହି ଆନ୍ତଃ ମହାଦେଶୀୟ ବାଲାଷ୍ଟିକ କ୍ଷେପଣାସ୍ତ୍ରର ନାମ ଥିଲା 'ମିନିଟ ମ୍ୟାନ-୩'। ତପ୍ରରେ ଏହା ବୁଡ଼ାଜାହାଜରୁ ନିକ୍ଷେପ କଲା ଭଳି ଏ ଜାତୀୟ କ୍ଷେପଣାସ୍ତ୍ର 'ପୋସିଡନ' ନିର୍ମାଣ କଲା, ଯାହା ଏକ ସଙ୍ଗରେ ୧୦ଟି ନାଭିକୀୟ ଯୁଦ୍ଧାସ୍ତ୍ର ବହନ କରିପାରିଲା। ତଥାଶୀଘ୍ର ଏହାକୁ ଅନୁସରଣ କଲା ରୁଷିଆ ଏବଂ ଏକ ସଙ୍ଗରେ ୧୬ ପର୍ଯ୍ୟନ୍ତ ନାଭିକୀୟ ଯୁଦ୍ଧାସ୍ତ୍ର ଧାରଣ କଲା ଭଳି କ୍ଷେପଣାସ୍ତ୍ରର ବିକାଶ ଘଟାଇଲା। ପରସ୍ପରଠାରୁ ୧୫୦୦ କିଲୋମିଟର ଦୂରରେ ଅବସ୍ଥିତ ଲକ୍ଷ୍ୟସ୍ଥଳଗୁଡ଼ିକୁ ଏକ ସଙ୍ଗରେ ଭେଦ କରିବାର ସାମର୍ଥ୍ୟ ଏହାର ଥିଲା। ତପ୍ରରେ କ୍ରମାନ୍ୱୟ ଭାବେ ଏ ବ୍ୟବସ୍ଥା ନିର୍ମାଣ କରିବାକୁ ଲାଗିଲେ ଇଂଲଣ୍ଡ, ଫ୍ରାନ୍ସ ଏବଂ ଚାଇନା।

ଭାରତକୁ ଏହି ନୂତନ ସାମର୍ଥ୍ୟ ଦେଇଥିବା ପ୍ରକଳ୍ପ ମିଶନ ଦିବ୍ୟାସ୍ତ୍ରର ମୁଖ୍ୟ ଥିଲେ ଡକ୍ଟର ଶିନାରାଣୀ। ତାଙ୍କ ମତରେ ଏ ସଫଳତା ଭାରତର ପ୍ରତିରକ୍ଷା ଲାଗି ନାନା ଦିଗରୁ ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରକୃତରେ ଆମକୁ ପ୍ରଦାନ କରିଛି ଶତ୍ରୁ ରାଷ୍ଟ୍ରମାନଙ୍କୁ ଆମ ଉପରେ ନାଭିକୀୟ ଅସ୍ତ୍ରରେ ଆକ୍ରମଣ କରିବାରୁ ନିବୃତ୍ତ କରିବାର ସାମର୍ଥ୍ୟ। କାରଣ, ସେହିପରି ସ୍ଥଳେ ଆମେ ଏହାକୁ ଉପଯୋଗ କରି ସେମାନଙ୍କ କୁକର୍ମର ଉପଯୁକ୍ତ ପ୍ରତିଶୋଧ ନେଇପାରିବୁ ବୋଲି ସେମାନେ ଏଥିରୁ ବେଶ୍ ହୃଦୟଙ୍ଗମ କରିପାରିବେ।

ମୋ: ୯୯୩୭୩୦୧୪୬୦

## ଏଇ ଭାରତରେ

ପିଲାମାନଙ୍କୁ ପରୀକ୍ଷାରେ ଭଲ ନମ୍ବର ଆଣିବାକୁ ଅଭିଭାବକ କହିଥାନ୍ତି ଓ ଚାପ ବି ପକାନ୍ତି। ପ୍ରତିକ୍ରିୟାରେ ପିଲାମାନେ ବେଳେବେଳେ ଚାପଗ୍ରସ୍ତ ହୋଇଯାନ୍ତି। କିନ୍ତୁ ଏଭଳି କ୍ଷେତ୍ରରେ ପିଲାମାନେ ନିଜକୁ କେବେ ମାତାପିତାଙ୍କ ସହ ତୁଳନା କରିବା ଦେଖିଛନ୍ତି! ହେଲେ ଏମିତି ଏକ ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଉତ୍ତରପ୍ରଦେଶରେ ଜଣେ ବ୍ୟକ୍ତି ତାଙ୍କ ପୁଅକୁ ପରୀକ୍ଷାରେ ଭଲ ନମ୍ବର ଆଣିବା ପାଇଁ ବାରମ୍ବାର ଚେତାଇବା ସହ ଅଧିକ ସମୟ ପଢ଼ିବା ପାଇଁ କହୁଥିଲେ। ତେବେ ପିତାଙ୍କର ଚେତାବନୀ ପୁଅ ଉପରେ ଏଭଳି ପ୍ରଭାବ ପକାଇଲା ଯେ, ନିଜେ ଅଧିକ ପଢ଼ିବ କ'ଣ ବାପାଙ୍କ ରେଜଲ୍ଟ ଖୋଜିବାରେ ଲାଗିପଡ଼ିଥିଲା। ଶେଷରେ ପିଲାଟି ବାପାଙ୍କ ମାଟ୍ରିକ ପରୀକ୍ଷାର ମାର୍କଲିଷ୍ଟ ପାଇବାକୁ ସକ୍ଷମ ହୋଇଥିଲା। ବାସ୍ ତା'ପରେ ସେ ବାପାଙ୍କୁ ଉତ୍ତର ଦେବାପାଇଁ ରାସ୍ତା ପାଇଗଲା। ଏବେ ସେ ବାପାଙ୍କ ମାର୍କଲିଷ୍ଟକୁ ସୋସିଆଲ ମିଡିଆରେ ଭାଇରାଲ୍ କରି ସମସ୍ତଙ୍କୁ ଦେଖାଇବାକୁ ଚାହିଁଛନ୍ତି ଯେ ପ୍ରକୃତରେ ତାଙ୍କ ବାପା ଅଧିକାଂଶ ବିଷୟରେ ଫେଲ୍ ହୋଇଛନ୍ତି। କିନ୍ତୁ ଅଧିକ ନମ୍ବର ରଖିବା ପାଇଁ ତାଙ୍କ ଉପରେ ବାରମ୍ବାର ଚାପ ପକାଉଛନ୍ତି। ଉତ୍ତରପ୍ରଦେଶରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ୍ ହୋଇ ଲୋକଙ୍କୁ ଚର୍ଚ୍ଚାର ଖୋରାଗ ଯୋଗାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଏପ୍ରିଲ ୧୯୭୫

- ଭୀମା ନଦୀର ନିମ୍ନ ଉପତ୍ୟାକାରେ ଥିବା ଚିତାପୁର, ୟାଦଗିର ଏବଂ ରାୟଚୁର ତାଲୁକରେ ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ କରାଯିବା ଫଳରେ ପ୍ରାୟ ୫୦ ହଜାର ବର୍ଷ ପୂର୍ବର ଏକ ପ୍ରସ୍ତର ଯୁଗ ସଭ୍ୟତାର ସନ୍ଧାନ।
- ଗୁଜରାଟ ଶାନ୍ତିସେନାର ଆବାହକ କାମୁଭାଇ ଠାକୁରଙ୍କ 'ଶାନ୍ତିସେନା'ରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା-
ଜଳ ଧାରାଟିଏ ଯାଏ ବହି,
କ୍ଳାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
ବିଶ୍ରମିଛି ଶଯ୍ୟାହୀନ ମହୀ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚାକିରି ନାହିଁ ଯଦି ବ୍ୟବସାୟ କର

ମହାଶୟ,

ରାଜ୍ୟରେ ଚାକିରିର ସ୍ଥିତି ଶୋଚନୀୟ। ମେଧାବୀମାନେ ମନ ପସନ୍ଦର ଚାକିରିଟିଏ ପାଇପାରୁନାହାନ୍ତି। ସ୍ଥିତି ବେକାରି ସମସ୍ୟାକୁ ଦ୍ୱିଗୁଣିତ କରିଛି। ପିଲାମାନେ ପାଠପଢ଼ି ମା'ବାପାଙ୍କ ଉପରେ ବୋଝ ହୋଇ ବସିଛନ୍ତି। ବେସରକାରୀ ଚାକିରିର ଅବସ୍ଥା ଯାହା, ସମସ୍ତଙ୍କୁ ଭଲ ଭାବରେ ଜଣା। ଚାକିରି ଆଜି କଲେ କାଲିକୁ ଥିବ କି ନାହିଁ ସେ ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ବେସରକାରୀ ସଂସ୍ଥାରେ ଭବିଷ୍ୟତ ସେତେଟା ସୁରକ୍ଷିତ ନୁହେଁ। ଆଉ ରହିଲା ସରକାରୀ ଚାକିରି କଥା। ପଦବୀ ଯାହା ବାହାରୁଛି ପିଲାଙ୍କ ସଂଖ୍ୟା ଢେର୍ ଅଧିକ। ବଳକା ପିଲାମାନେ ଯିବେ କୁଆଡ଼େ। ଯଦି ମନ ପସନ୍ଦର ଚାକିରିଟିଏ ନ ମିଳୁଛି କିଛି କଥା ନାହିଁ। ନିଜ ସକ୍ଷମ ଅନୁସାରେ ଛୋଟମୋଟ ବ୍ୟବସାୟ ଆରମ୍ଭ କରିଦିଅନ୍ତୁ।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟରେ ହୋମିଓପାଥିକ ପିଜି ପାଠ୍ୟକ୍ରମ ଅଭାବ

## କେନ୍ଦ୍ରକୁ ପତ୍ର ଲେଖିଲା ଓଡ଼ିଶା ଆୟୁଷ ବିକାଶ ପରିଷଦ

ଭୁବନେଶ୍ୱର, ୨୧।୪ (ଅସମାପିକା ସାହୁ)

ରାଜ୍ୟରେ ଚାରୋଟି ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଛି। କେବଳ ଅଭିନ୍ନ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟରେ ଥିବା ଗୋଟିଏ ବିଷୟକୁ ବାଦ୍‌ଦେଲେ କୌଣସିଠାରେ ସ୍ନାତକୋତ୍ତର ଡିଗ୍ରୀ (ପିଜି) ପାଠ୍ୟକ୍ରମ ନାହିଁ। ଏଥିଯୋଗୁ ରାଜ୍ୟରେ ସ୍ନାତକୋତ୍ତର ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାରେ ଅଧଃପତନ ଘଟୁଛି। ରାଜ୍ୟରେ ପ୍ରତିବର୍ଷ ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ହୋମିଓପାଥିକ ସ୍ନାତକ ଡିଗ୍ରୀ ହାସଲ କରୁଛନ୍ତି। କିନ୍ତୁ ସେମାନେ ପିଜି ପଢ଼ିବା ପାଇଁ ରାଜ୍ୟରେ ସୁଯୋଗ ସୃଷ୍ଟି କରାଯାଉନାହିଁ। ଫଳରେ ସେମାନେ ଏହି ପାଠପଢ଼ା ଓ ଗବେଷଣାରୁ ବଞ୍ଚିତ ହେଉଛନ୍ତି। ଆଉ କେହି ପିଜି କରିବାକୁ ବାହାର ରାଜ୍ୟକୁ ଯାଇ ଅଧିକ ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି। ତେଣୁ ଏ ସମସ୍ତ ୪ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ତୁରନ୍ତ ସ୍ନାତକୋତ୍ତର ଡିଗ୍ରୀ କୋର୍ସ ଉପଲବ୍ଧ କରାଇବା ପାଇଁ ଓଡ଼ିଶା ଆୟୁଷ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ନେଇ ପରିଷଦର ସମ୍ପାଦକ ଡା. ତ୍ରୈଲୋକ୍ୟନାଥ ମହାରଣା ରାଷ୍ଟ୍ରପତି, ଆୟୁଷ ମନ୍ତ୍ରୀ, ସଚିବ ଓ କେନ୍ଦ୍ରୀୟ ହୋମିଓପାଥିକ କମିଶନଙ୍କୁ ପତ୍ର ଲେଖିଛନ୍ତି। ସେ କହିଛନ୍ତି, ଦୀର୍ଘ ୨୫ବର୍ଷ ଧରି ରାଜ୍ୟ ସରକାର କେବଳ ଏଲୋପାଥିକ ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତିପାଇଁ ଉଦ୍ୟମ କରୁଥିବା ବେଳେ ରାଜ୍ୟରେ ଥିବା ଚାରୋଟି ସରକାରୀ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ଅଦ୍ୟାବଧି କୌଣସି ପ୍ରକାର ଉନ୍ନତି ହୋଇପାରିନାହିଁ। ରାଜ୍ୟରେ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ହେବା ଦିନଠାରୁ କେବଳ ଅଭିନ୍ନ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟରେ ମେଟେରିଆ ମେଡିକା, ଅର୍ଗାନନ୍, ରିପୋଟରୀ, ଫାର୍ମାସୀ, ପ୍ରାକ୍ଟିସ ଅଫ୍ ମେଡିସିନ ଆଦି ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ କୋର୍ସ ରହିଥିଲା। କିନ୍ତୁ ବିଭାଗୀୟ ପ୍ରଫେସରଙ୍କ ଅଭାବ ଯୋଗୁ ଏବଂ ରାଜ୍ୟ ସରକାରୀ ଉଦାସୀନତା ଲାଗି ୨୦୧୭ରେ ଏହା ବନ୍ଦ ହୋଇଯାଇଥିଲା। ଗତବର୍ଷ ଏଠାରେ ମେଟେରିଆ ମେଡିକା ବିଭାଗରେ ମାତ୍ର ଚାରୋଟି ପିଜି ସିଟ୍ ସ୍ୱୀକୃତି ପାଇଛି। ଏହାକୁ ଦେଖିଲେ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଆୟୁଷ ଶିକ୍ଷା ବ୍ୟବସ୍ଥା ପ୍ରତି ଘୋର ଉଦାସୀନତା ମନୋଭାବ ପ୍ରକାଶ କରିଛନ୍ତି ବୋଲି ଡା. ମହାରଣା ପ୍ରକାଶ କରିଛନ୍ତି। ତୁରନ୍ତ ସ୍ନାତକୋତ୍ତର ହୋମିଓପାଥିକ ଡିଗ୍ରୀ କୋର୍ସ ଖୋଲିବା ପାଇଁ ସ୍ୱୀକୃତି ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମସ୍ତ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷକ ଅଭାବ ପୂରଣ ହୋଇପାରିବ। ଏଥିସହିତ କଲେଜଗୁଡ଼ିକର ଭିତ୍ତିଭୂମି ଓ ମାନବ ସମ୍ବଳ ବିକାଶ ଏବଂ ସ୍ନାତକ ଶିକ୍ଷା ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନ ହୋଇପାରିବ ବୋଲି ସେ ଆଶାପୋଷଣ କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୪ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଛି। ସେଗୁଡ଼ିକ ହେଲା ଭୁବନେଶ୍ୱରସ୍ଥିତ ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ, ସମ୍ବଲପୁରସ୍ଥିତ ଓଡ଼ିଶା ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର, ରାଉରକେଲାସ୍ଥିତ ଉତ୍କଳମଣି ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ, ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ।

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

#### ଶ୍ରୀମନ୍ଦିରରେ ରକ୍ତଛିଟା



ପୁରୀ, ୨୧।୪(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ସମ୍ପନ୍ନ ହୋଇ ଭିତରକାଠ ଦର୍ଶନ ଚାଲିଥିଲା। ଏହି ସମୟରେ ଶ୍ରୀମନ୍ଦିର ଚାଙ୍ଗଡ଼ା ଦ୍ୱାରଠାରୁ ବେହରଣ ଦ୍ୱାର ପର୍ଯ୍ୟନ୍ତ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଚାଲିଥିବା ନୀତି ତୁରନ୍ତ ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଇଥିଲା। କବାଟ ବନ୍ଦ କରାଯିବା ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୨ଟାରେ ଧୁଆହୋଇ ଚୂନପାଣି ପଡ଼ିଥିଲା। ୧୨ଟା ୩୦ରେ ସିଂହାସନ ଧୁଆ, ୧୨ଟା ୪୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ୧୨ଟା ୪୫ରେ ସରିଥିଲା। ପରେ ଭୋଗମଣ୍ଡପ ଉଠିଥିଲା। ବଡ଼ମହାସ୍ନାନ ପରେ ଅନ୍ୟ ନୀତି ହୋଇଥିଲା। ଏଥିପାଇଁ ପ୍ରାୟ ୨ଘଣ୍ଟା ଅନ୍ୟାନ୍ୟ ନୀତିରେ ବିଳମ୍ବ ଘଟିଥିଲା। ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

### ପୋଲିସ ସହ ଗୁଳି ବିନିମୟ, ଜଣେ ମାଓବାଦୀ ମୃତ

ମାଲକାନଗିରି,୨୧।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ରବିବାର ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବିଜାପୁର ଜିଲା ଭୀମଗଡ ଥାନା ଅନ୍ତର୍ଗତ କେଶକୁତୁଲ ଜଙ୍ଗଲରେ କେତେକ ମାଓବାଦୀ କ୍ୟାମ୍ପ କରିଥିବା ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇବାପରେ ଉକ୍ତ ଅଞ୍ଚଳରେ ମାଓବାଦୀ ବିରୋଧୀ ଅପରେଶନ କରାଯାଇଥିଲା। ଏହି ସର୍ଚ୍ଚ ଅପରେଶନ ସମୟରେ ପୋଲିସ ଆସୁଥିବା ଜାଣି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳି ଚାଳନା କରିବା ପରେ ପୋଲିସର ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ସୂଚନା ମିଳିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ବିଜାପୁର ପୋଲିସ ସୂଚନା ଦେଇଛି।

# ୬ ମିଲିସିଆ, କମିଟି ସଭ୍ୟଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୧।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନା ଭଦ୍ରାଚଲମ୍ ଅତିରିକ୍ତ ଏସ୍‌ପିଙ୍କ ନିକଟରେ ରବିବାର ୬ ମିଲିସିଆ ଓ କମିଟି ସଭ୍ୟ ଆତ୍ମସମର୍ପଣ କରିଛନ୍ତି। ଏମାନେ ସିପିଆଇ ଦଳରେ ମିଲିସିଆ ଓ ଡେପୁଟି କମାଣ୍ଡର, କମିଟି ସଭ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ। ଏମାନେ ହେଲେ ତେଲଙ୍ଗାନା ଡକୁପାଡୁ ନିବାସୀ ରାବା ସାନୁ, ମୁସିକି ସନ୍ନା, ମାଡକାମ୍ ଜୋଗା, କବାସୀ ମାଙ୍ଗା, ରାବା ଲାକା ଓ ପୁଟାପାଡୁ ଗ୍ରାମର କର୍ତ୍ତାମ ପୋଜା। ଆତ୍ମସମର୍ପଣକାରୀ କହିଛନ୍ତି, ବର୍ତ୍ତମାନ ସିପିଆଇ ମାଓବାଦୀ ପାର୍ଟିର ନୀତିନିୟମରେ ବିମୁଖ ମନୋଭାବ, ତେଲଙ୍ଗାନା ଓ ଛତିଶଗଡରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ, ତାଙ୍କ ଏଜେନ୍ସି ଅଞ୍ଚଳର ଉନ୍ନୟନ ନିମନ୍ତେ ଗ୍ରାମବାସୀଙ୍କ ସହ ଆଲୋଚନା ସମ୍ପର୍କରେ ପୋଲିସ ଦୃଷ୍ଟି ରଖି ଆସୁଛି। ତେବେ ମାଓବାଦୀ ସଂଗଠନରେ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କ ଉପରିସ୍ଥ ମାଓବାଦୀ ନେତାମାନେ ବିରୋଧ କରିବା, ରାସ୍ତାଘାଟ କାର୍ଯ୍ୟରେ ବାଧା ସୃଷ୍ଟି, ଗ୍ରାମବାସୀଙ୍କୁ ଡରାଇ ଧମକାଇବା ଭଳି କାର୍ଯ୍ୟରେ ଅତିଷ୍ଠ ହୋଇ ଏହି ୬ ଜଣ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏହି ଆତ୍ମସମର୍ପଣ ସମୟରେ ଭଦ୍ରାଚଲମ୍ ଅତିରିକ୍ତ ଏସ୍‌ପି ପରିତୋଷ ପଙ୍କଜ, ୧୪୧ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ରିତେଶ ଠାକୁର, ଦ୍ୱିତୀୟ କମାଣ୍ଡାଣ୍ଟ କମଲ ବୀର ଯାଦବ, ଅତିରିକ୍ତ କମାଣ୍ଡାଣ୍ଟ ରେବତୀ ଅର୍ଜୁନନ୍, ସିଆଇ ଏ. ରାଜୁ ଓ ଏସ୍‌ଆଇ ପି. ଗଣେଶ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଡକାୟତି ମାମଲାରେ ୨ ଗିରଫ

ଲକ୍ଷ୍ମୀପୁର, ୨୧।୪ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମାସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି) ଡକାୟତି ମାମଲାରେ ରବିବାର ୨ ଜଣଙ୍କୁ ଗିରଫ କରି କାକିରିଗୁମ୍ମା ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜୁଲୁ ବାଘ (୨୨) ଓ ପଦ୍ମ ଖିଲ (୨୧)। ଏମାନଙ୍କ ଘର କାକିରିଗୁମ୍ମା ହରିଜନସାହିରେ ବୋଲି ଜଣାପଡ଼ିଛି। ଗତ ୧୪ ତାରିଖ ରାତିରେ କେତେ ଜଣ ଦୁର୍ବୃତ୍ତ ୟୁଜିବି ବ୍ୟାଙ୍କ ତାଲା ଭାଙ୍ଗି ଭିତରେ ପଶି ୪ଟି ସିସି କ୍ୟାମେରା ଭାଙ୍ଗିବା ସହ ଲକର ରୁମ୍‌ରେ ପଶି ଲକର ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଏହି ରୁମ୍‌ରୁ ସାଇରନ ବାଜିବାରୁ ସେମାନେ ଡକାୟତି କରି ନ ପାରି ଚମ୍ପଟ ମାରିଥିଲେ। ଏନେଇ ବ୍ୟାଙ୍କ ଶାଖା ପରିଚାଳକ ଖୁସିରାମ ନାଗ କାକିରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଡମ୍ବରୁଧର ବାତ୍ରିଆଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗତ, ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରାଯାଇଥିଲା। ଶେଷରେ ସାଇବର ସେଲ, ସିସି ଟିଭି ଫୁଟେଜ୍ ମାଧ୍ୟମରେ ପୋଲିସ ସମ୍ପୃକ୍ତ ଡକାୟତମାନଙ୍କୁ ଧରି ପାରିଛି। କେସ୍ ନଂ. ୪୪/୨୪ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଜୁଲୁଙ୍କୁ ପୋଲିସ ଜୟପୁରରୁ ଗିରଫ କରିଛି। ଏହାପୂର୍ବରୁ ତାଙ୍କ ନାମରେ ଥାନାରେ ଡକାୟତି ମାମଲା ରହିଛି।




ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିଷ ତ୍ରିପାଠୀଙ୍କ ୧୧୪ତମ ଜୟନ୍ତୀ ପାଳନ ଅବସରରେ ରବିବାର ଭୁବନେଶ୍ୱର ସୂଚନାଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀଙ୍କ ସହ ଅନ୍ୟ ଅତିଥିମାନେ।

# କୋଇଲା ବୋଝେଇ ଟ୍ରେନରେ ନିଆଁ

କାମାକ୍ଷାନଗର, ୨୧।୪(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା ବୁଢାପଙ୍କଠାରୁ ଡୁବୁରୀ ଭାୟା କାମାକ୍ଷାନଗର ଦେଇ ଯାଇଥିବା ନୂତନ ରେଳପଥର ମୁକ୍ତାପଶି ରେଳ ଷ୍ଟେଶନ ଠାରେ ଏକ କୋଇଲା ବୋଝେଇ ଟ୍ରେନରେ ରବିବାର ନିଆଁ ଲାଗିଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତାଳଚେରରୁ କୋଇଲା ବୋଝେଇ କରି ଏକ ମାଲବାହୀ ଟ୍ରେନ ପାରାଦ୍ୱୀପ ଅଭିମୁଖେ ଯାଉଥିବାବେଳେ ହଠାତ୍ ଟ୍ରେନର ଦୁଇଟି ବଗିରେ ନିଆଁ ଲାଗିଯାଇଥିଲା। ଟ୍ରେନ ଡ୍ରାଇଭର ମୁକ୍ତାପଶି ଷ୍ଟେଶନଠାରେ ଟ୍ରେନକୁ ଅଟକାଇବା ସହ ସ୍ଥାନୀୟ ରେଳବିଭାଗ କର୍ମଚାରୀଙ୍କ ସହାୟତାରେ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲାଗିଥିବା ଦୁଇଟି ବଗିକୁ ଲିଭାଇ ଥିଲେ। ଅତ୍ୟଧିକ ଗରମ ଓ କୋଇଲା ସହ କୋଇଲାର ଘର୍ଷଣ ଯୋଗୁ ନିଆଁ ଲାଗିଥିବା ଜଣାପଡିଛି।

**ସର୍ବସାଧାରଣ ବିଜ୍ଞପ୍ତି**

ଭାରତ କୃଷକ ସମାଜର ସଭ୍ୟମାନଙ୍କୁ ସୂଚିତ କରିଦିଆଯାଉଛି ଯେ ବାର୍ଷିକ ସଭ୍ୟ ଦେୟ ୦୧ ଏପ୍ରିଲ, ୨୦୨୪ଠାରୁ ନିମ୍ନ ଅନୁଯାୟୀ ଲାଗୁ ହେବ:

| | |
|---|---|
| ସାଧାରଣ ସଭ୍ୟ | ₹୧୦୦.୦୦, |
| କର୍ପୋରେଟ୍ ସଭ୍ୟ | ₹୧୦,୦୦୦, |
| ଆନୁଷ୍ଠାନିକ ସଭ୍ୟ | ₹୧,୦୦୦.୦୦। |

ସଭ୍ୟମାନଙ୍କ ଦ୍ୱାରା ଯାଞ୍ଚ କରିବା ପାଇଁ ସମ୍ବିଧାନ ପଞ୍ଜୀକୃତ କାର୍ଯ୍ୟାଳୟରେ ଉପଲବ୍ଧ ଅଛି।

**Horticulture Company Machinery Sales**

Mushroom & Spawn Production Company, located at Bhubaneswar, intends to sell all its Well-maintained machinery, including the followings: Wheat Cooker, Autoclave Horizontal Boiler, Boiler, Laminar Flow and Autoclave Oven, all essential for Mushroom Cultivation.

For Enquiries, please contact us with the provided details:

Email Address: modernkishan663@gmail.com
Mobile Number: +91 9437386907

# ଦୁର୍ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ଯବାନ ଆହତ



ଯବାନଙ୍କ ଚିକିତ୍ସା କରାଯାଉଛି।

ମାଲକାନଗିରି,୨୧।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଜଗଦଲପୁରରେ ସିଆରପିଏଫ୍ ଯବାନଙ୍କୁ ନେଇ ଆସୁଥିବା ଗାଡି ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଯେଉଁଥିରେ ୧୦ରୁ ଊର୍ଦ୍ଧ୍ୱ ଯବାନ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ସୂଚନା ଅନୁଯାୟୀ, ଛତିଶଗଡ଼ ବସ୍ତର ଲୋକ ସଭା ଆସନ ପାଇଁ ମତଦାନ ଏପ୍ରିଲ ୧୯ ରେ ହୋଇଥିଲା। ଅବାଧ ଏବଂ ନିରପେକ୍ଷ ତଥା ନିରାପଦ ମତଦାନ ପାଇଁ ଏହି ଅଞ୍ଚଳରେ ବହୁ ସଂଖ୍ୟକ ଯବାନ ନିୟୋଜିତ ହୋଇଥିଲେ। ନିର୍ବାଚନ ଶେଷ ହେବା ପରେ ଯବାନମାନେ ଜଗଦଲପୁର ଜିଲା ମୁଖ୍ୟାଳୟକୁ ଫେରୁଥିଲେ। ଯବାନମାନେ ଆସୁଥିବା ଏକ ବସ୍ ଦାନ୍ତେୱାଡା ରାଇକୋଟ ଜଗଦଲପୁର ଜାତୀୟ ରାଜପଥରେ ଆସୁଥିବା ବେଳେ ଗୋରୁପଲ ସମ୍ମୁଖକୁ ପଶି ଆସିବାରୁ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ବସ୍‌ରେ ପ୍ରାୟ ୪୦ ଯବାନ ଥିଲେ। କୋଡେନାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତ ଆହତଙ୍କୁ ଡିମାରାପାଲ ଡାକ୍ତରଖାନାକୁ ପଠାଇଛି।

# ବନ୍ୟପ୍ରାଣୀ ସଂରକ୍ଷଣ ଆଇନ କଡ଼ାକଡ଼ି ପାଳନ ହେବ

## ବେଆଇନ କାମ ନ କରିବାକୁ ପରାମର୍ଶ

ଭୁବନେଶ୍ୱର, ୨୧।୪(ଅସମାପିକା ସାହୁ)

ରାଜ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ସୋସିଆଲ ମିଡିଆରେ ବନ୍ୟପ୍ରାଣୀଙ୍କୁ ଧରି ଫଟୋ କିମ୍ବା ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଏଭଳି ବେଆଇନ କାମ ନ କରିବା ପାଇଁ ବନ୍ୟପ୍ରାଣୀ ମୁଖ୍ୟ କଞ୍ଜରଭେଟର ବିକାଶ ରଞ୍ଜନ ଦାଶ 'ବନ୍ୟପ୍ରାଣୀ, ସୋସିଆଲ ମିଡିଆ ଓ ଲକ୍ଷ୍ମଣରେଖା' ଶୀର୍ଷକ କର୍ମଶାଳାରେ ପରାମର୍ଶ ଦେଇଛନ୍ତି। ବନ୍ୟପ୍ରାଣୀଙ୍କୁ ଧରି ଫଟୋ କିମ୍ବା ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ବେଆଇନ ଘୋଷଣା କରାଯାଇଛି। ଏହାକୁ ନେଇ ଜନସଚେତନତା କରିବା ପାଇଁ ରବିବାର ବୁଦ୍ଧମନ୍ଦିରଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିକାଶ ରଞ୍ଜନ ଅତିଥି ଭାବେ ଯୋଗଦେଇ ସୋସିଆଲ ମିଡିଆରେ ପୋଷ୍ଟ କଲେ କ'ଣ ହେବ ସେ ସମ୍ପର୍କରେ କହିଥିଲେ। ଭଦ୍ରକ ଏବଂ ଯାଜପୁର ମାମଲାରେ ସୋସିଆଲ ମିଡିଆରୁ କେତେ ଟଙ୍କା ଖିଲାପକାରୀଙ୍କ ବ୍ୟାଙ୍କ ଖାତାକୁ ଆସିଛି, ତାହା ତଦନ୍ତ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ମାମଲା ହସ୍ତାନ୍ତର କରାଯାଇଥିବା ସେ ସୂଚନା ଦେଇଛନ୍ତି।

ନଗର ବନଖଣ୍ଡ ଅଧିକାରୀ ଅଜିତ ଶତପଥୀ ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ କଡ଼ାକଡ଼ି ପାଳନ କରିବା ସହିତ ବନ୍ୟପ୍ରାଣୀଙ୍କ ସହିତ କୌଣସି ଫଟୋ ବା ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ବିଏମ୍‌ସି ହସ୍ପିଟାଲର ମେଡିସିନ ସ୍ପେଶାଲିଷ୍ଟ ଡା. ନିରଞ୍ଜନ ପାଢ଼ୀ ବନ୍ୟପ୍ରାଙ୍କଠାରୁ ମଣିଷ ଦେହକୁ ସଂକ୍ରମଣ ହେଉଥିବା ଜୁନୋଟିକ୍ସ ଡିଜିଜ୍ ଉପରେ ଆଲୋକପାତ କରିବା ସହିତ ବଣ୍ୟପ୍ରାଣୀଙ୍କୁ ଅଯଥାରେ ନ ଧରିବା ପାଇଁ ପରାମର୍ଶ ଦେଇଥିଲେ। ଏମ୍ସ ଭୁବନେଶ୍ୱରର ଫୋରେନସିକ ମେଡିସିନ ବିଭାଗର ପ୍ରଫେସର ଡା. ସୁଦୀପ୍ତ ରଞ୍ଜନ ସିଂହ, ପ୍ରାଣୀବିଜ୍ଞାନୀ ଡ. ଶିବ ପ୍ରସାଦ ପରିଡା ଆର୍କିଟେକ୍ଟ ତଥା ଫଟୋଗ୍ରାଫର ଶକ୍ତି ନନ୍ଦ ଯୋଗଦେଇ ନିଜ ମତ ରଖିଥିଲେ। ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ସୋସିଆଲ ମିଡିଆରେ ବନ୍ୟପ୍ରାଣୀଙ୍କୁ ଧରି ଭିଡିଓ ପୋଷ୍ଟ ନ କରିବା ପାଇଁ ଭାରତରେ ପ୍ରଥମ ରାଜ୍ୟ ଭାବରେ ଐତିହାସିକ ନିଷେଧାଜ୍ଞା ଜାରି କରିଥିବାରୁ ପିସିସିଏଫ୍‌ଙ୍କୁ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ହେଲ୍ପଲାଇନର ସଭାପତି ଡ. ସୌର୍ଯ୍ୟ ରଞ୍ଜନ ପରିଜା ସଭାପତିତ୍ୱ କରିଥିଲେ।

# ଭିତରକନିକାରେ ୨୧୮ ନବରଙ୍ଗୀ ଚଢ଼େଇ

ରାଜନଗର, ୨୧।୪ (ଭାସ୍କର ରାଉତରାୟ)



ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ନବରଙ୍ଗୀ ଚଢ଼େଇଙ୍କ ଗଣନା ଶେଷ ହୋଇଛି। ଶନିବାର ଗୋଟିଏ ଦିନରେ ୩୬ଟି ଟିମ୍‌ରେ ୭୨ ଜଣ ବନ କର୍ମଚାରୀ ୫ଟି ରେଞ୍ଜ୍‌ରେ ଏହି ବିରଳ ପକ୍ଷୀଙ୍କ ଗଣନା କରିଥିଲେ। ସକାଳେ ଓ ଅପରାହ୍ନରେ ଏହି ପକ୍ଷୀ ଗଣନା କରାଯାଇଥିଲା। ଗଣନାରେ ଭିତରକନିକା ଜାତୀୟ ଉଦ୍ୟାନର ୫ ରେଞ୍ଜ୍ ମଧ୍ୟରୁ ୩ଟିରେ ୨୧୮ ନବରଙ୍ଗୀ ଚଢ଼େଇ ଥିବା ଗଣନା ବେଳେ ଚିହ୍ନଟ କରାଯାଇଛି। ଗହୀରମଥା ଓ କୁଜଙ୍ଗ ରେଞ୍ଜ୍‌ରେ ନବରଙ୍ଗୀ ଚଢ଼େଇଙ୍କୁ ଦେଖିବାକୁ ମିଳି ନ ଥିବା ବେଳେ ମହାକାଳପଡ଼ା, ରାଜନଗର ଓ କନିକା ରେଞ୍ଜ୍‌ରେ ୨୧୮ଟି ଏହି ବିରଳ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। କନିକା ରେଞ୍ଜ୍‌ର ଭିତରକନିକା ଫରେଷ୍ଟ ବ୍ଲକ ଅଞ୍ଚଳରେ ସର୍ବାଧିକ ୩୨ଟି ଏହି ପ୍ରଜାତିର ଚଢ଼େଇଙ୍କୁ ଚିହ୍ନଟ କରାଯାଇଥିଲା। ଗତବର୍ଷଠାରୁ ଭିତରକନିକା ଜାତୀୟ ଉଦ୍ୟାନରେ ଏହି ପକ୍ଷୀଙ୍କର ଗଣନା କରାଯାଉଛି। ଗତବର୍ଷ ୧୭୯ଟି ପକ୍ଷୀ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୨୧୮କୁ ବୃଦ୍ଧି ପାଇଛି ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି। ଅର୍ଥାତ୍ ଗତବର୍ଷଠାରୁ ୩୯ଟି ଅଧିକ ଚିହ୍ନଟ କରାଯାଇଛି। ଏହି ନବରଙ୍ଗୀ ଚଢ଼େଇଙ୍କ ଦେହରେ ଇନ୍ଦ୍ରଧନୁ ପରି ୯ଟି ରଙ୍ଗ ଦେଖିବାକୁ ମିଳିଥାଏ। ତା'ର ମୁଣ୍ଡ ଓ ପେଟ କମଳା ରଙ୍ଗ ହୋଇଥିବା ବେଳେ ଲାଞ୍ଜ ଲାଲ୍ ହୋଇଥାଏ। ଆଖିପାଖରେ କଳାରଙ୍ଗ ଥିବାବେଳେ ଡେଣାରେ ଧଳା, ନୀଳ ଓ ଧୂସରମିଶ୍ରିତ ରଙ୍ଗ ଦେଖିବାକୁ ମିଳେ। ତେଣୁ ଓଡ଼ିଶାରେ ଏହାକୁ ନବରଙ୍ଗୀ ଚଢ଼େଇ କୁହାଯାଇଥାଏ।

# କଂଗ୍ରେସ ଭୋଟର ନିର୍ଣ୍ଣାୟକ ହେବେ

## ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ

ଜଗତ୍‌ସିଂହପୁର, ୨୧।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପାରାଦୀପ ନିର୍ବାଚନମଣ୍ଡଳୀରେ ଭିନ୍ନ ରାଜନୈତିକ ସମୀକରଣ ସୃଷ୍ଟି ହୋଇଛି। କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି) ବିଜେଡିରେ ମିଶିଛନ୍ତି। ତାଙ୍କ ସ୍ଥାନ ପୂରଣ ପାଇଁ କଂଗେସର ମଙ୍ଗ ଧରିଛନ୍ତି ନାଉଗାଁ ବ୍ଲକ ଅଞ୍ଚଳର ଯୁବନେତା ନିରଞ୍ଜନ ନାୟକ (ବବୁଲ)। ଅନ୍ୟପଟେ ବିଧାୟକ ସମ୍ବିତ ରାଉତରାୟଙ୍କ ବିରୋଧରେ ଦଳରେ ଅସନ୍ତୋଷ ବଢ଼ିଛି। କିନ୍ତୁ ସମ୍ବିତଙ୍କ ବାପା ଡ. ଦାମୋଦର ରାଉତଙ୍କ ଦେହାନ୍ତ କାରଣରୁ ଦଳ ତାଙ୍କ ବୋହୂ ଗୀତାଞ୍ଜଳି ରାଉତରାୟଙ୍କୁ ପ୍ରାର୍ଥୀ କରିଛି। ଅନୁକମ୍ପାମୂଳକ ଭୋଟ ଓ ମହିଳା କାର୍ଡକୁ ସମ୍ବଳ କରି ଦଳ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। କିନ୍ତୁ ଏହି ନିର୍ବାଚନରେ ବିଶେଷକରି କଂଗ୍ରେସ ଭୋଟରମାନେ ନିର୍ଣ୍ଣାୟକ ଭୂମିକା ନିଭାଇବେ ବୋଲି କୁହାଯାଉଛି। ବିଜେଡି ଓ ଭାଜପା ନେତାମାନେ ଅର୍ଥ ବଳରେ କଂଗ୍ରେସ ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ପାରାଦୀପ ବିଧାନସଭା ଆସନରେ ୨୦୦୯ ଓ ୨୦୧୪ରେ ଡ. ଦାମୋଦର ରାଉତ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ଡ. ରାଉତ ବିଜେଡି ଛାଡି ବାଲିକୁଦା-ଏରସମା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିଲେ। ସେତେବେଳେ ବିଜେଡି ଉପରେ ଶାଣିତ ସମାଲୋଚନା କରି ସେ ଚର୍ଚ୍ଚାରେ ଥିଲେ। କିନ୍ତୁ ତା'ପଛରେ ପୁଅର ରାଜନୈତିକ ଭବିଷ୍ୟତ ଲୁଚି ରହିଥିବା ପରେ ଜଣାପଡ଼ିଥିଲା। ନିଜର ରାଜନୈତିକ ବିଚକ୍ଷଣତା ବଳରେ ପାରାଦୀପ ଆସନରେ ପୁଅ ସମ୍ବିତଙ୍କୁ ବିଜେଡି ଟିକେଟ କରାଇବାରେ ଡ. ରାଉତ ପ୍ରମୁଖ ଭୂମିକା ନିଭାଇଥିଲେ। ଏହି ନିର୍ବାଚନରେ ସମ୍ବିତ ମଧ୍ୟ ଜିତି ଯାଇଥିଲେ। ବଡ଼କଥା ହେଲା,



ଗୀତାଞ୍ଜଳି ରାଉତରାୟ



ନିରଞ୍ଜନ ନାୟକ



ସମ୍ପଦ ସ୍ୱାଇଁ

ସମ୍ବିତଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିବା ଅରିନ୍ଦମ ନିକଟରେ ବିଜେଡିରେ ମିଶି ଯାଇଛନ୍ତି। ସେତେବେଳେ ସମ୍ବିତଙ୍କୁ ୬୯,୮୭୧, ଅରିନ୍ଦମଙ୍କୁ ୪୮,୮୭୯ ଓ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କୁ ୩୫,୦୩୭ ଖଣ୍ଡ ଭୋଟ ମିଳିଥିଲା। ଯେହେତୁ ସମ୍ବିତ ଓ ଅରିନ୍ଦମ ଏବେ ଗୋଟିଏ ଦଳ ଅର୍ଥାତ୍ ବିଜେଡିରେ ଯୋଗଦେଇଛନ୍ତି, ତେଣୁ ଏହି ଦଳ ଦୃଢ଼ ସ୍ଥିତିରେ ରହିଥିବା ଦୃଶ୍ୟମାନ ହେଉଛି। ବାସ୍ତବରେ କିନ୍ତୁ ସମୀକରଣ କିଛି ନୂଆ କହୁଛି। କାରଣ ୨୦୧୯ ନିର୍ବାଚନ ପରଠାରୁ ଅରିନ୍ଦମ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟକ୍ରମ ଓ କର୍ମୀଙ୍କଠାରୁ ଦୂରେଇ ରହୁଥିଲେ। ତେଣୁ ଅରିନ୍ଦମ ଦଳ ଛାଡ଼ିବା କଂଗ୍ରେସ ଉପରେ କୌଣସି ପ୍ରଭାବ ପକାଇ ନ ଥିବା କେତେଜଣ କଂଗ୍ରେସ ନେତା ଦମ୍ଭର ସହ କହୁଛନ୍ତି। ସେହିପରି ଗତ ପ୍ରାୟ ୪ ବର୍ଷ ହେଲା ବିଜେଡିର ସାଂଗଠନିକ ଦକ୍ଷତା ବୃଦ୍ଧିରେ ଅନ୍ତର୍ଦ୍ୱନ୍ଦ୍ୱ ଅନ୍ତରାୟ ସୃଷ୍ଟି କରିଛି। ଗୋଟିଏ ପଟେ ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ, ଅନ୍ୟପଟେ ଅରିନ୍ଦମଙ୍କ ନୀରବତା ଯୋଗୁ ଭାଜପା ନେତା ସମ୍ପଦ ପାରାଦୀପର ଭୋଟରଙ୍କ ନିକଟତର ହେବାର ସୁଯୋଗ ପାଇଛନ୍ତି। ଏବେ ସମ୍ବିତଙ୍କ ସ୍ତ୍ରୀ ଗୀତାଞ୍ଜଳି ବିଜେଡି ଟିକେଟ ପାଇଥିଲେ ସୁଦ୍ଧା ଏହାକୁ ଦଳର ଅସନ୍ତୁଷ୍ଟମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କାରଣ ଦାମୋଦର ରାଉତ, ତାଙ୍କ ପୁଅ ୪୦ ବର୍ଷ ଧରି ନିର୍ବାଚନମଣ୍ଡଳୀରେ କ୍ଷମତା ଉପଭୋଗ କରି ଚାଲିଥିବାବେଳେ ଏବେ ବୋହୂଙ୍କୁ ବିଧାୟକ ଟିକେଟ ମିଳିବା ବିଜେଡିର ଅନେକ ନେତାଙ୍କୁ ଅସହ୍ୟ କଷ୍ଟ ଦେଇଛି। ଏଣେ ଅରିନ୍ଦମ କଂଗ୍ରେସ ଛାଡି ବିଜେଡି ଟିକେଟ ପାଇବେ ବୋଲି ଆଶା ରଖି ନିରାଶ ହୋଇଛନ୍ତି। ଯଦିଓ ତାଙ୍କ ସ୍ତ୍ରୀ ମୋନିଦୀପାଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟକାରୀ ସଭାପତି କରାଯାଇଛି, କିନ୍ତୁ ସେ ଏଥିରେ କେତେ ସନ୍ତୁଷ୍ଟ ତାହା ସମୟ କହିବ। ଏ ପରିସ୍ଥିତିରେ ବିଜେଡି ପ୍ରାର୍ଥୀ ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର। ଅପରପକ୍ଷରେ କଂଗ୍ରେସର ନୂଆ ନେତା ବବୁଲ୍ ଯେବେଠାରୁ ନିର୍ବାଚନମଣ୍ଡଳୀରେ ଦଳର ମଙ୍ଗ ଧରିଛନ୍ତି, ସେବେଠାରୁ ସେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରି ଚାଲିଛନ୍ତି। ଯେହେତୁ ଆର୍ଥିକସ୍ତରରେ ସେ ଦୁର୍ବଳ ନୁହନ୍ତି, ତେଣୁ ଅନେକ ନେତା ଓ କର୍ମୀ ତାଙ୍କ ସହ ଯୋଡ଼ିହେବାରେ ଅସୁବିଧା ହେଉନାହିଁ। ଶାସକ ବିଜେଡି ଓ ଭାଜପା ପ୍ରାର୍ଥୀଦ୍ୱୟଙ୍କ ପାଇଁ ଅର୍ଥ ବଳ ସାଜିଥିବା ବେଳେ ବବୁଲ ସେମାନଙ୍କୁ କେତେ ପରିମାଣରେ ଟକ୍କର ଦେଇପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ରାଜକନିକା, ୨୧।୪
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଆଖୁଲିପଡ଼ା ପଞ୍ଚାୟତ ବର୍ତ୍ତନୀ ଗାଁରେ ରବିବାର ଅଂଶୁଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେ ହେଲେ ବର୍ତ୍ତନୀ ଗାଁର ପଞ୍ଚାନନ ବିଶ୍ୱାଳ(୭୨)। ସବୁଦିନ ପରି ରବିବାର ମଧ ଘରୁ ଖାଇ ପିଇ ସକାଳେ ୮ଟାରେ ଘାସ ଆଣିବାକୁ ପଞ୍ଚାନନ ବିଲକୁ ଯାଇଥିଲେ। ଖରା ବଢ଼ିବାରୁ ଏବଂ ପଞ୍ଚାନନ ଘରକୁ ନ ଫେରିବାରୁ ପରିବାର ଲୋକ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରିବାର ସମେତ ଗାଁ ଲୋକ ଖୋଜାଖୋଜି କରିବା ପରେ ଅପରାହ୍ନ ସାଢେ ୩ଟାରେ ବିଲରେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ପରିବାର ଲୋକେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଞ୍ଚାନନଙ୍କ ଅଂଶୁଘାତରେ ମୃତ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ଲାଗି ପଠାଇଥିବା ଜଣାପଡିଛି।

# ପବନରେ ଆସୁଛି କାରଖାନା ଧୂଆଁ

- ମହାକାଳପଡ଼ାରେ ଛୁଇଁଲା ୪୦ ଡିଗ୍ରୀ ଉତ୍ତାପ
- ଅଣନିଃଶ୍ୱାସୀ ଅଞ୍ଚଳବାସୀ

ମହାକାଳପଡ଼ା, ୨୧।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ପାରାଦୀପର ଏକ କାରଖାନାରୁ ନିଆଁ ଧୂଆଁ ବାହାରୁଛି, ମହାକାଳପଡ଼ା ଅଞ୍ଚଳବାସୀ ଅଣନିଃଶ୍ୱାସୀ।

ଜଳବାୟୁ ପରିବର୍ତ୍ତନରେ ଘଟୁଛି ପରିବର୍ତ୍ତନ। ପୂର୍ବ ଅପେକ୍ଷା ସୂର୍ଯ୍ୟଙ୍କ ଉତ୍ତାପ ବଢ଼ିଛି। ଫଳରେ ଦିନ ୧୦ଟା ସୁଦ୍ଧା ଉପକୂଳ ଅଞ୍ଚଳରେ ୩୫ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବା ଯୋଗୁ ଚିନ୍ତାରେ ଅଞ୍ଚଳବାସୀ। ମଧ୍ୟାହ୍ନ ସୁଦ୍ଧା ପାଖାପାଖି ୪୦ ଡିଗ୍ରୀ ତାପମାତ୍ରା ରହିଛି। ଅପରପକ୍ଷରେ ଶିଳ୍ପ, କାରଖାନାର ନିଆଁ, ଧୂଆଁ ବ୍ୟାପିବା ଯୋଗୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଅଧିକ ଉତ୍ତାପ ବୃଦ୍ଧି ପାଇଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ମହାନଦୀ ଅପର ଦକ୍ଷିଣ ପାର୍ଶ୍ୱର ପାରାଦୀପ ବୃହତ୍ ଶିଳ୍ପ, କାରଖାନାର ନିଆଁ, ଧୂଆଁ ଓ ପଚାଗନ୍ଧ ଭଳି ଗ୍ୟାସ ଠିକ୍ ଖରା ବଢ଼ିଲେ ବଢୁଛି। ଫଳରେ ଅଞ୍ଚଳରେ ନାହିଁ ନ ଥିବା ସମସ୍ୟା ଉପୁଜିଛି।

ଦୁଇଦିନ ପୂର୍ବରୁ ଏହି ଅଞ୍ଚଳରେ ପାରାଦୀପ ପାର୍ଶ୍ୱରୁ ଖରା ବେଳେ ପଚାଗନ୍ଧ ସହ ଧୂଆଁମୟ ହୋଇଥିଲା। ଏହା ୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଲାଗି ରହିଲା। ଫଳରେ ସ୍ଥାନୀୟ ଲୋକମାନେ ଗରମରେ ଅଣନିଃଶ୍ୱାସୀ ଭଳି ଅନୁଭବ କରିଥିଲେ ବୋଲି ପଲ୍ଲୀ,କେଣ୍ଡିଆ, କୋଟିଲା, ସରୁମୁହିଁ, ବଜରପୁର, ତେନ୍ତୁଳିକନ୍ଧା, ବରକନ୍ଧା, ମଙ୍ଗଳପୁର, କୁମାରପଡ଼ା, ମଳାଡ଼ିଆ, ବାରଡ଼ାଙ୍ଗ, ବଉଳକଣି, ରାମନଗର, ଖରିନାସୀ, ପେଟଛେଲା ଅଞ୍ଚଳରେ ଘନକୁହୁଡ଼ି ଭଳି ଦୃଶ୍ୟମାନ ହୋଇଥିଲା ବୋଲି ସ୍ଥାନୀୟ ଲୋକେ, ସାମାଜିକକର୍ମୀ, ବହୁ ବୁଦ୍ଧିଜୀବୀ କହିଥିଲେ। ଆଗାମୀଦିନରେ ଖରା ପରିମାଣ ବଢ଼ିବା ସହ ଶିଳ୍ପ, କାରଖାନାର ଗ୍ୟାସ, ନିଆଁ ଧୂଆଁ ବ୍ୟାପିବା ଯୋଗୁ ଚର୍ମ ରୋଗ ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ଚନ୍ଦ୍ର ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ ପ୍ରମୁଖ କହିଛନ୍ତି। ସାଧାରଣତଃ ଛୋଟ ଛୋଟ ଶିଶୁ,ଗର୍ଭବତୀ ମହିଳା ଓ ବୟସ୍କ ଲୋକଙ୍କ ଶରୀର ଏହି ଶିଳ୍ପ କାରଖାନାର ଗ୍ୟାସ, ନିଆଁ ଧୂଆଁ ବ୍ୟାପିବା ଯୋଗୁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଇଛି। ବିଶେଷକରି ଶିଳ୍ପ, କାରଖାନାର ଉଚ୍ଚ କର୍ତ୍ତୃପକ୍ଷ ଠିକ୍ ଖରାଦିନରେ ଦକ୍ଷିଣ ପାର୍ଶ୍ୱରୁ ପବନ ବହିବା ସମୟରେ ଏଭଳି ହେଉଥିବା ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଏହି ଅଞ୍ଚଳର ନଦୀ ନାଳ ସଂଲଗ୍ନଗୁଡ଼ିକରେ ଥିବା ଲୁଣା ହେନ୍ତାଳ ଜଙ୍ଗଲଗୁଡ଼ିକରେ ଲୁଣା ଜାତୀୟ ଗଛଗୁଡ଼ିକର ପତ୍ର ଉପର ଭାଗରେ ବହଳିଆ ମୋଟା ତେଲିଆ କଳା ରଙ୍ଗର ଆସ୍ତରଣ ଜମି ଯାଉଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଗଛଗୁଡ଼ିକ ଖାଦ୍ୟ ସଂଗ୍ରହ କରିବାରେ ବାଧା ଉପୁଜିବା ସହ ନୂଆ ପତ୍ର ବାହାରିବାରେ ବାଧା ଉପୁଜିଛି ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି ମତପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ପାରାଦୀପସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର କୁମାର ବେହେରାଙ୍କୁ ପଚାରିବାରେ ଶିଳ୍ପ, କାରଖାନାର ଆନୁଆଲ ଶଟ ଡାଉନ୍ କ୍ଲିଅରାନ୍ସ ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ସପ୍ତାହରେ ହୋଇଥାଏ। ଯାହାଫଳରେ ଏହିଭଳି ଅବସ୍ଥା ଦେଖାଦିଏ। ପରେ ଦିନେ ୨ ଦିନ ମଧ୍ୟରେ ପୂର୍ବ ସ୍ଥିତି ଫେରିଆସେ ବୋଲି ସେ କହିଛନ୍ତି।

## ଶହୀଦ ଜନ୍ମେଜୟଙ୍କ ପ୍ରତିମୂର୍ତ୍ତି ଅନାବରଣ


ଶହୀଦ ଜନ୍ମେଜୟ ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣରେ ମା', ବାପା ଓ ଅନ୍ୟମାନେ।

ଆଳି, ୨୧।୪(ବନମାଳୀ ସେନାପତି)

କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏଣ୍ଡୋଳ ଗାଁର ଜନ୍ମେଜୟ ସାହୁଙ୍କ ପ୍ରତିମୂର୍ତ୍ତି ରବିବାର ପୂର୍ବାହ୍ନରେ ଅନାବରଣ ହୋଇଯାଇଛି। ଆଳି ଭୂଇଁପୁର ରାସ୍ତାରୁ ଟୁଙ୍ଗା-ବଉଳଯୋଡିକୁ ଯାଇଥିବା ରାସ୍ତା ଆରମ୍ଭରେ ହୋଇଥିବା ଏହି ପ୍ରତିମୂର୍ତ୍ତିକୁ ତାଙ୍କ ବାପା ବୈକୁଣ୍ଠ ସାହୁ ଓ ମା' ସୁମିତ୍ରା ସାହୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଶେଖର ଚନ୍ଦ୍ର ବାରିକ, ସୈନିକ ସଂଘ ସଭାପତି ଆନନ୍ଦ ଚନ୍ଦ୍ର ନାୟକ, ଅକ୍ଷୟ କୁମାର ନାଥ, ସମ୍ମାନିତ ଅତିଥି ବିଜୟନନ୍ଦ ସେନାପତି, ଦୁର୍ଯ୍ୟୋଧନ ମହାନ୍ତି, ବସନ୍ତ ପଲାଇ, ଦର୍ପ ନାରାୟଣ ରାଉତ, କେତନ କୁମାର ଦାସ, ନବୀନ କୁମାର ରାଉତ, ବିଭୂତି କୁମାର ମହାନ୍ତି, ଅମୁଲ୍ୟ ବାରିକ, ଅଜିତ କୁମାର ଦାସ ପ୍ରମୁଖ ଯୋଗଦେଇ ଶହୀଦ ଜନ୍ମେଜୟଙ୍କ ସ୍ମୃତି ଚାରଣ କରିଥିଲେ। ସୂଚନା ଯୋଗ୍ୟ, ଜନ୍ମେଜୟ ୧୯୯୭ରେ ସେନା ବିଭାଗରେ ଯୋଗଦେବା ପରେ ଟ୍ରେନିଂ ନେଇ ୧୯୯୯ରେ କାର୍ଯ୍ୟ ଆରମ୍ଭ କରି କାରଗିଲ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସେ ଶହୀଦ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅବସରପ୍ରାପ୍ତ ସେନା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।

## କାର୍ ସହ ୬୭୫ ବୋତଲ ମଦ ଜବତ

ରାଜନଗର, ୨୧।୪(ଭାସ୍କର ରାଉତରାୟ)

ରାଜନଗର ପୋଲିସ ରବିବାର କାର ସହ ୬୭୫ ବୋତଲ ଦେଶୀ ମଦ ଜବତ କରିବା ସହ ଏହାର ଡ୍ରାଇଭରଙ୍କୁ ଗିରଫ କରି କରିଛି। ମିଳିଥିବା ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଉଳାଙ୍ଗ ଗାଁର ନିର୍ମଳ ସାମଲ ଏକ କାର(ନଂ.ଓଡି ୦୨ ବି ଜେଡ୍ ୩୧୨୫)ରେ ଦେଶୀମଦ ନେଇ ଯାଉଥିଲେ। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଖବର ପାଇ ତ୍ରିନାଥବଜାର ନିକଟରେ କାରକୁ କାବୁ କରି ନେଇଥିଲେ। କାରରେ ଆସ୍କା-୪୦ ୨୭ ପେଟି ଅର୍ଥାତ୍ ୧୩୫ ଲିଟର ଥିଲା। ମଦ ପଟ୍ଟାମୁଣ୍ଡାଇରୁ ଚୋରାରେ ଆସିଥିଲା। ପୋଲିସ କାର ଡ୍ରାଇଭର ନିର୍ମଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରା।

ଆଳି, ୨୧।୪(ବନମାଳୀ ସେନାପତି)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଆଳି ବିଜେଡିର ପ୍ରାର୍ଥୀ ତଥା ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଏହି ଅବସରରେ ରବିବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ଏକ ପଦଯାତ୍ରା ଆଳି ବ୍ଲକର ସାନମଙ୍ଗ ଓ ବାଟିପଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତିମନ୍ତ୍ରୀ ଦେବ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଘରେ ଘରେ ଶଙ୍ଖ ଲୋଗୋ ଲଗାଇବା ସହ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଦେବଙ୍କ ସହ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ସାନମଙ୍ଗ ପଞ୍ଚାୟତ ସରପଞ୍ଚ ହେମଲତା ସେଠୀ, ବାଟିପଡ଼ା ପଞ୍ଚାୟତ ସରପଞ୍ଚ ବିଜୟାଲକ୍ଷ୍ମୀ ସାହୁଙ୍କ ସମେତ ବିଜେଡିର ସଙ୍ଗଠକମାନଙ୍କ ସମେତ ଶତାଧିକ ମହିଳା ସାମିଲ ଥିଲେ।

## ଜନନାୟକ ଥିଲେ ଜାନକୀବଲ୍ଲଭ




କେନ୍ଦ୍ରାପଡା, ୨୧।୪ (ଜଗନ୍ନାଥ ଧଳ)

ପୂର୍ବତନ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୯ମ ଶ୍ରାଦ୍ଧ ଦିବସ କେନ୍ଦ୍ରାପଡ଼ା ତିନିମୁହାଣୀ ସ୍ମୃତିପୀଠ ପରିସରରେ ସ୍ମୃତି ପରିଷଦ ପକ୍ଷରୁ ରବିବାର ପାଳନ ହୋଇଛି। ପରିଷଦ ସଭାପତି ପୂର୍ବତନ ବିଧାୟକ ଚିନ୍ମୟ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପାଳିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ଓଡ଼ିଶାର ଜନନାୟକ ଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ। ଏଥିରେ ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ଶତ୍ରୁଘ୍ନ ପାଣ୍ଡବ, ଗଣେଶ୍ୱର ବେହେରା, ଗୟାଧର ଧଳ, ଅଜୟ କୁମାର ସାମଲ, ରାଜେଶ ମହାନ୍ତି, ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଏଠାରେ ପ୍ରକାଶ କରିଥିଲେ ଯେ, ୧୯୨୭ରେ ସ୍ୱର୍ଗତ ପଟ୍ଟନାୟକ ଖୋର୍ଦ୍ଧା ଜିଲାରେ ଜନ୍ମ ଗ୍ରହଣ କରି ୧୯୪୭ରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପାସ୍ କରିଥିଲେ। ୧୯୫୦ରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରୂପେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୭୩ରୁ ୧୯୭୫ ମସିହା ଯାଏ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ କାର୍ଯ୍ୟ କରି ୧୯୮୫ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସହ ୨୦୦୪ରୁ ୨୦୦୯ ଯାଏ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ ତୁଲାଇ ଥିଲେ। ସେ ଜଣେ ଏକାଧାରରେ ସାହିତ୍ୟିକ, ଖବରଦାତା ଓ ରାଜନୀତିରେ ଜଣେ ଧୁରୀଣ ରାଜନେତା ଭାବେ ଓଡ଼ିଶା ଇତିହାସରେ ନିଜକୁ ପ୍ରତିପାଦନ କରି ପାରିଥିଲେ। ଏହି ଅବସରରେ ଶତ୍ରୁଘ୍ନ ପାଣ୍ଡବ ଓ ଡ. ପ୍ରକାଶ ପରିଡାଙ୍କୁ ଜାନକୀବଲ୍ଲଭ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ନୀତି ଆଦର୍ଶର ବ୍ୟକ୍ତିତ୍ୱ ଥିଲେ ବେଦପ୍ରକାଶ

ଡେରାବିଶ, ୨୧।୪(ବେବର୍ତ୍ତା ଅଜୟ ଦାସ)

**ପଞ୍ଚମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି**

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳଠାରେ ଶନିବାର ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ତଥା ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ୫ମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବେଦପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ରାଜେଶ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ଯୋଗଦେଇ ସ୍ୱର୍ଗତ ବେଦପ୍ରକାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବା ସହ ସେ ଜଣେ ନୀତି ଆଦର୍ଶର ବ୍ୟକ୍ତିତ୍ୱ ବୋଲି କହିଥିଲେ। ଏଥିସହ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ନିଜର ରାଜନୈତିକ କାର୍ଯ୍ୟକ୍ରମରେ ରହିଥିବା ବେଦପ୍ରକାଶ ଜିଲାର ରାଜନୈତିକ ଇତିହାସରେ ପିତାମହ ଭୀଷ୍ମ ଥିଲେ ବୋଲି ଉଲ୍ଲେଖ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ପରିଷଦର ଅଧ୍ୟକ୍ଷା ମଧୁମିତା ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବାପା ବେଦପ୍ରକାଶ କେନ୍ଦ୍ରାପଡ଼ା ଓ ପାଟକୁରା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରି ଉଭୟ ଅଞ୍ଚଳର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରକୁ ଅଭିବୃଦ୍ଧି ପାଇଁ ସଦାସର୍ବଦା ଚିନ୍ତା କରୁଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପରିଷଦର ଆବାହକ ପ୍ରହଲ୍ଲାଦ ସାହୁ, ଉପସଭାପତି ଭବାନୀ ପ୍ରସାଦ ଓଝା, ସନ୍ତୋଷ ମାହାଳି, ଦିଲୀପ କୁମାର ସେଠୀ, ମନୀନ୍ଦ୍ର ପ୍ରସାଦ ରଥ, ଶାରଦା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେଦୁବାବୁ ପାଟକୁରାର ବିଶ୍ୱକର୍ମା ଥିବା ଉପରେ ଆଲୋକପାତ କରିଥିଲେ। ପରିଷଦର ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ବିଗତ ୫ ବର୍ଷ ଧରି ପାଟକୁରା ନିର୍ବାଚନମଣ୍ଡଳୀରେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭକରି ବିଭିନ୍ନ ଦୁର୍ବିପାକ ସମୟରେ ପରିଷଦ ପକ୍ଷରୁ ବିପନ୍ନଙ୍କୁ ସହାୟତା ସହ କୃତୀ ଛାତ୍ରଛାତ୍ରୀଙ୍କୁ କରିଥିବା ସହାୟତା ଉପରେ ଆଲୋଚନା କରିଥିଲେ। ଲୋହିତ୍ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ସନ୍ଧ୍ୟାରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ କେନ୍ଦ୍ରାପଡ଼ା ରେଡ୍‌କ୍ରସ ବିଭାଗ ପକ୍ଷରୁ ରାକେଶ କୁମାର ମିଶ୍ର, ସୌମ୍ୟରଞ୍ଜନ ସାହୁ, ମନୋଜ କୁମାର ଦାସ, ବିଜୟଲକ୍ଷ୍ମୀ ବରାଳ, ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।



ସଭାରେ ଯୋଗ ଦେଇଥିବା ଅତିଥିମାନେ।

## ଡେରାବିଶରେ ପ୍ରବଳ ଗରମ, ଜନଜୀବନ ଅସ୍ତବ୍ୟସ୍ତ

ଡେରାବିଶ, ୨୧।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଜନଜୀବ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ପ୍ରତିଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ହେଉଥିବାରୁ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବଜାର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଛି। ଏପରିକି ଅପରାହ୍ନରେ ୩୯ ଡିଗ୍ରୀ ପାରଦ ରହୁଥିବାରୁ ଲୋକମାନେ ଗରମରେ କଲବଲ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ଲକ ଅଞ୍ଚଳର ବିଭିନ୍ନ ମୁଖ୍ୟ ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଜଳଦାନ କରାଯାଉଛି। ବିଭିନ୍ନ ଗ୍ରାମାଞ୍ଚଳରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ସାଧାରଣ ଲୋକଙ୍କୁ ଆହୁରି ବିବ୍ରତ ଭିତରକୁ ଠେଲି ଦେଇଛି। ରବିବାର ସକାଳ ୮ଟା ସୁଦ୍ଧା ଡେରାବିଶ ଅଞ୍ଚଳରେ ତାପମାତ୍ରା ୩୦ ଡିଗ୍ରୀ ରହିଥିଲା। ପାଣିପାଗ ବିଭାଗ ପକ୍ଷରୁ ତାପମାତ୍ରା ବୃଦ୍ଧି ନେଇ ସତର୍କ ସୂଚନା ଜାରି କରିଥିବା ବେଳେ ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ ଓ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ କେନ୍ଦ୍ରପଡ଼ାରୁ କଟକ ଯାଉଥିବା ବସ୍‌ଗୁଡ଼ିକ ବିଭାଗୀୟ ନିର୍ଦ୍ଦେଶନାମାକୁ ଫୁ କରି ୧୧ଟାରୁ ୩ଟା ପର୍ଯ୍ୟନ୍ତ ଚଳାଚଳ କରୁଥିଲେ। ବସ୍ ମଧ୍ୟରେ ଅଧିକ ଯାତ୍ରୀ ନେବା ଆଣିବା କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ଦେବେନ୍ଦ୍ର ନାୟକଙ୍କୁ ପଚାରିବାରେ ଏ ବିଷୟରେ ପରିବହନ କମିଶନରଙ୍କୁ ଲିଖିତ ଭାବେ ଜଣାଇଛୁ ବୋଲି ସେ କହିଥିଲେ।

## ଈଶ୍ୱରପୁରରେ ବିଜେଡିର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ରାଜନଗର, ୨୧।୪(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତର ରିଘାଗଡ଼ଠାରେ ବିଜେଡିର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପୁରୁଣା ବିଜେଡି ନେତୃତ୍ୱ ଓ ଅଂଶୁମାନଙ୍କ ସହ ବିଜେଡିରେ ଯୋଗଦେଇଥିବା କର୍ମୀମାନଙ୍କୁ ଏକ ମନ ହୋଇ ଡବଲ ଶଙ୍ଖ ପାଇଁ କାମ କରିବାକୁ କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଓ ଗତ ୫ ବର୍ଷରେ ପଞ୍ଚାୟତରେ ହୋଇଥିବା ବିକାଶର ତାଲିକା ରଖିଥିଲେ। ଏଥିରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ପ୍ରଧାନ, ନରହରି ଜେନା, ପାରେଶ୍ୱର ନାୟକ, ରଘୁନାଥ ପ୍ରଧାନ, ପଞ୍ଚାୟତ ବିଜେଡି ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ହୃଷୀକେଶ ପ୍ରଧାନ, ମୋହନ ଚନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବେହେରା, ଜିତେନ୍ଦ୍ର ବିଶ୍ୱାଳ, ନିର୍ମାଲ୍ୟ ମାନ୍ନା, ସୁବାସ ଚନ୍ଦ୍ର ସାମଲ, ହୃଷୀକେଶ ବେହେରା, ରୁଦ୍ର ନାରାୟଣ ପ୍ରଧାନ, ହେମନ୍ତ ମହାରଣା, ଗଣେଶ ଧାଉଡିଆ, ନରହରି ବେହେରା, ଲକ୍ଷ୍ମୀକାନ୍ତ ପାହାଡି, ନୀଳମଣି ନାୟକ, ନୀଳମାଧବ ଜେନା, ଶ୍ରୀଚରଣ ମହାନ୍ତି, ସନାତନ ଲେଙ୍କା, ରବୀନ୍ଦ୍ର ସେଠୀ, ବାଇଧର ବାରିକ, ହିମାଂଶୁ ପାଣି, ଧୀରେନ୍ଦ୍ର ମହାକୁଡ, ଅଶୋକ ପ୍ରଧାନ, ଦୀପ୍ତିମୟୀ ଦାସ, ମିନତି ଭ୍ରମରରାୟ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ସମସ୍ତେ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ କହିଥିଲେ।

## ସରକାରୀ ଅନୁଦାନରୁ ବଞ୍ଚିତ ଗୋପୀନାଥଜୀଉ ମନ୍ଦିର

ଆଳି, ୨୧।୪(ବନମାଳୀ ସେନାପତି)



**ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କଲେ ଗ୍ରାମବାସୀ**

ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଥିବା ମନ୍ଦିରର ପୁନରୁଦ୍ଧାର ନିମନ୍ତେ ୫-ଟି ମାଧ୍ୟମରେ ଅର୍ଥ ଯୋଗାଇ ଦେଇଥିବାବେଳେ ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତ ପାଟପୁରଠାରେ ଥିବା ଗୋପୀନାଥଜୀଉ ମନ୍ଦିର ୫-ଟି ରୁ ପ୍ରଦତ୍ତ ଅର୍ଥରୁ ବଞ୍ଚିତ ହୋଇଥିବା ନେଇ ଗ୍ରାମବାସୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି ରାଜ୍ୟ ସରକାର ପୁରାତନ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏ ଦେଇଛନ୍ତି, ଚଣ୍ଡିଆଗଡି ପଞ୍ଚାୟତକୁ ମଧ ଏହି ଟଙ୍କା ଆସିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଗୋପୀନାଥଜୀଉ ମନ୍ଦିର ଏଥିରୁ ବଞ୍ଚିତ ହୋଇଛି। ଏପରିକି ସେମାନେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଏହି ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଗ୍ରାମବାସୀଙ୍କ ସହାୟତାରେ ହୋଇଥିଲା। ମନ୍ଦିର ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ପୂର୍ବତନ ସରପଞ୍ଚ ଗୃହ ନିର୍ମାଣ ନିମନ୍ତେ କିଛି ସହଯୋଗ ଯୋଗାଇ ଦେଇଥିଲେ। କିନ୍ତୁ ୫-ଟି ଯୋଜନାରେ ଗୋପୀନାଥଜୀଉଙ୍କ ମନ୍ଦିର ନିର୍ମାଣ ନିମନ୍ତେ ୪ ଲକ୍ଷ ଟଙ୍କା ପଲ୍ଲୀସଭା ଦ୍ୱାରା ନିର୍ଦ୍ଧାରଣ ହୋଇଥିବା ବେଳେ ରବିବାର ପର୍ଯ୍ୟନ୍ତ କୌଣସି ଅନୁଦାନ ମିଳିନାହିଁ। ମନ୍ଦିରଟି ବହୁ ପୁରାତନ ହୋଇଥିବା ବେଳେ ସରକାରୀ ସ୍ତରରେ ଏହା ଉପରେ ଦୃଷ୍ଟି ନ ପଡିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ରାଜ୍ୟ ସରକାର ଏହି ମନ୍ଦିର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅନୁଦାନ ଯୋଗାଇ ଦେବାକୁ ପୀତାମ୍ବର ଦାସ, ଧନେଶ୍ୱର ନାୟକ, ଅନାଦି ଚରଣ ଦାସ, ନିରଞ୍ଜନ ବାରିକ, ଲକ୍ଷ୍ମୀଧର ବାରିକ, ସନାତନ ଦାସ, ନଟବର ଦାସ, ବୈକୁଣ୍ଠ ପଣ୍ଡା, ରବୀନ୍ଦ୍ର ଦାଶ, ଘନଶ୍ୟାମ ଦାସ, ବିଷ୍ଣୁଚରଣ ଦାଶ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ନେଇ ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ମନ୍ଦିର ନିମନ୍ତେ ସେ ୪ ଲକ୍ଷ ଟଙ୍କାର ପ୍ରୋଜେକ୍ଟ ଦେଇଥିବା ବେଳେ ବ୍ଲକ ପକ୍ଷରୁ ମନ୍ଦିରକୁ ଅଢେଇ ଲକ୍ଷ ଟଙ୍କା ଦିଆଯିବା ଲାଗି ସୂଚନା ମିଳିଥିଲା। କିନ୍ତୁ ବ୍ଲକରୁ ଫାଇନାଲ ତାଲିକା ପ୍ରକାଶ ପାଇବା ପରେ ଏହି ମନ୍ଦିରକୁ କୌଣସି ଅନୁଦାନ ଦିଆଯାଇନଥିବା ଜଣାପଡିଥିଲା। ଯାହାକୁ ନେଇ ସେ ବିଡିଓଙ୍କ ଠୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କାର୍ ଧକ୍କାରେ ଯୁବକ ମୃତ

ରଘୁନାଥପୁର,୨୧।୪
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ଅନ୍ତର୍ଗତ କେରେକେରା ଗ୍ରାମର ରମେଶଚନ୍ଦ୍ର ଦାଶଙ୍କ ପୁଅ ପ୍ରଭୁଚରଣ ଦାଶ (୩୪)ଙ୍କ ଶନିବାର ମଧ୍ୟରାତ୍ରିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପ୍ରଭୁଚରଣ ଟାଙ୍ଗୀ ଥାନା ନିର୍ଗୁଣ୍ଡି ନିକଟରେ ଟ୍ରକ ରଖି ରାସ୍ତା ପାର ହେଉଥିବାବେଳେ ତାଙ୍କୁ ଏକ କାର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। ସେଠାରେ ପ୍ରଭୁଚରଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ରବିବାର ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇ କଟକ ବଡ଼ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ସେ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରାଇଥିଲେ। ଅପରାହ୍ଣରେ ଗ୍ରାମ ଶ୍ମଶାନରେ ପ୍ରଭୁଚରଣଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ଘରେ ସ୍ତ୍ରୀ ଏବଂ ଛୋଟ ଝିଅ ଅଛନ୍ତି। ଏହି ଦୁଃଖଦ ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ୱାର୍ଡ ସଭ୍ୟ ଭାଜପାରେ ସାମିଲ

କାଳିଆପାଣି,୨୧।୪(ଅସିତ ମହାନ୍ତ)

ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ୩୭ ନମ୍ବର ଜୋନଟି ବିଜେଡିର ଅଭେଦ୍ୟ ଗଡ଼ଭାବେ ୩୫ ବର୍ଷ ରହିଆସିଥିବାବେଳେ ଏବେ ଧୀରେଧୀରେ ତାହା ଦଳ ହାତରୁ ଖସୁଛି। ଏହିକ୍ରମରେ କାଳିଆପାଣି ପଞ୍ଚାୟତ ୨ ନମ୍ବର ୱାର୍ଡ ସଭ୍ୟ ବିନୋଦ ମହାନ୍ତ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟାଧାରା ଏବଂ ସୁକିନ୍ଦା ମାଟିର ପୁଅ ପ୍ରଦୀପ ବଳସାମନ୍ତ(ଟୁଟୁ)ଙ୍କ ନେତୃତ୍ୱ ପ୍ରତି ସମର୍ଥନ ଜଣାଇ ସୁକିନ୍ଦା ଭାଜପା କାର୍ଯ୍ୟାଳୟରେ ସେ ଟୁଟୁଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି।

### ରଶ୍ମିରଞ୍ଜନ ସାହୁ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ନିଯୁକ୍ତ

ଯାଜପୁର ଟାଉନ,୨୧।୪
(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ବିଜୁ ଯୁବ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ଭାବେ ରଶ୍ମିରଞ୍ଜନ ସାହୁଙ୍କୁ ନିଯୁକ୍ତି ମିଳିଛି। ସାହୁ ଜଣେ ସୁସଂଗଠକ ଭାବେ ପରିଚିତ। ଦଳ ତାଙ୍କର କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରି ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି। ଏହି ନିଯୁକ୍ତିକୁ ନେଇ ଯାଜପୁର ଜିଲା ବିଜୁ ଜନତା ଦଳର ଯୁବକମାନଙ୍କ ମନରେ ଆନନ୍ଦ ଓ ଉତ୍ସାହ ଭରିଦେଇଛି। ଆଗାମୀ ଦିନରେ ଯୁବ ସଂଗଠନକୁ ଅଧିକ ସୁଦୃଢ କରିପାରିବେ ବୋଲି ସାହୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସାହୁ ତାଙ୍କର ଏହି ନିଯୁକ୍ତିକୁ ନେଇ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ପୌରପାଳିକାର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ସରୋଜକାନ୍ତ ମହାପାତ୍ର, ସଭାପତି ପ୍ରତାପ କୁମାର ମହାନ୍ତି, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ଏବଂ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମୁଖ୍ୟ ଅଭିଯୁକ୍ତ, ୩ ଗାଡ଼ି ଚାଳକ ଗିରଫ

ଜଗତ୍‌ସିଂହପୁର, ୨୧।୪
(ପ୍ରମୋଦ କୁମାର ନାୟକ)



ପୋଲିସ ସହ ଗିରଫ ଅଭିଯୁକ୍ତ।

**ବେଆଇନ ବାଲି ଗଚ୍ଛିତ ଘଟଣା**
**ପୂର୍ବରୁ ୩ ହାଇୱା, ଜେସିବି ଜବତ ହୋଇଥିଲା**

ଜଗତ୍‌ସିଂହପୁର ଜିଲାର ମହାନଦୀ, ଦେବୀ ନଦୀରୁ ପ୍ରତ୍ୟହ ଶତାଧିକ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ବାଲି ଚୋରା ଚାଲାଣକାରୀଙ୍କ ମଧ୍ୟରୁ କେତେଜଣ ନିର୍ଦ୍ଦିଷ୍ଟ ସ୍ଥାନରେ ବେଆଇନ ଭାବେ ବାଲି ଗଚ୍ଛିତ ରଖି ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି। ଏହାର ଦୃଷ୍ଟାନ୍ତ ଗତ ୧୧ ତାରିଖରେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳ ନିକଟ କାଠୁଆପାଟଣାସ୍ଥିତ ଏକ ଜଙ୍ଗଲିଆ ସ୍ଥାନରେ ଦେଖିବାକୁ ମିଳିଥିଲା। ବିଶେଷସୂତ୍ରରୁ ଖବରପାଇ ଜଗତ୍‌ସିଂହପୁର ଥାନା ପକ୍ଷରୁ ଅତର୍କିତ ଚଢାଉ ପରେ ୩ଟି ହାଇୱା ଓ ଗୋଟିଏ ଜେସିବି ଜବତ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ଆଇ ଚିନ୍ମୟ ପ୍ରକାଶ ପୃଷ୍ଟିଙ୍କ ଅଭିଯୋଗ ଆଧାରରେ, ୧୨ ତାରିଖରେ ମାମଲା (ନଂ.୩୪୫/୨୪) ରୁଜୁ ହୋଇଥିଲା। କିନ୍ତୁ ଅଭିଯୁକ୍ତମାନେ ଚଞ୍ଚକତାପୂର୍ବକ ଖସିଯାଇଥିଲେ। ବାଲି ଚୋରା ଚାଲାଣର ମାଷ୍ଟର ମାଇଣ୍ଡ କିଏ ଏବଂ ଜବତ ଗାଡ଼ିଗୁଡିକର ଚାଳକଙ୍କ ନାଁ ଜାଣିବା ପାଇଁ ପୋଲିସ ଜାଲ ବିଛାଇଥିଲା। ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ ସହ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଏହି ବାଲି ଚାଲାଣ ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ସ୍ଥାନୀୟ ମରିଚାପଦାର ସେକ୍ ଲୋକମାନ ଓରଫ ରାଜା। ତାଙ୍କ ବ୍ୟତୀତ ହାଇୱା ଓ ଜେସିବି ଚାଳକମାନେ ହେଲେ ଏହି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ରାଜକିଶୋର ସାସମଲ (୬୪), ନିମିଗାଁର ରଞ୍ଜନ ସାମଲ (୨୬) ଏବଂ ଚାନ୍ଦୋଳ ଗ୍ରାମର ଅତିଥି ସାସମଲ (୫୨)। ସେମାନଙ୍କୁ ପୋଲିସ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଥିବା ଆଇଆଇସି ଗୋକୁଳ ଚରଣ ଦାସ କହିଛନ୍ତି। ଆଇଆଇସି କହିଛନ୍ତି, ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଭାବେ ଶୁଭ୍ରଜିତ ଦାସ ଦାୟିତ୍ୱ ନେଇଥିଲେ। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର-ଆଳିପିଙ୍ଗଳ ମୁଖ୍ୟ ରାସ୍ତାର କାଠୁଆପାଟଣା ନିକଟ ଅର୍ଥାତ୍ କାଠପୋଲ ପାଖ ଜଙ୍ଗଲିଆ ସ୍ଥାନରେ ବହୁ ପରିମାଣର ବାଲି ବେଆଇନ ଭାବେ ବର୍ଷାଧିକ କାଳ ଗଚ୍ଛିତ ରହୁଥିଲା। ଅଭିଯୁକ୍ତମାନେ ନିକଟସ୍ଥ ଦେବୀ ନଦୀରୁ ବାଲି ଉତ୍ତୋଳନ କରି ଉକ୍ତ ସ୍ଥାନରେ ଗଚ୍ଛିତ ରଖି ସେଥିରୁ ମୋଟାଅଙ୍କର ଅର୍ଥ ରୋଜଗାର କରୁଥିଲେ।

# ଅଭିଯୁକ୍ତ କାଳିଆ ଗିରଫ

ଜଗତ୍‌ସିଂହପୁର, ୨୧।୪
(ପ୍ରମୋଦ କୁମାର ନାୟକ)

**ତର୍ତ୍ତଙ୍ଗ ତୋଟାପଡ଼ା ହତ୍ୟା ଉଦ୍ୟମ ମାମଲା**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ତର୍ତ୍ତଙ୍ଗ ତୋଟାପଡ଼ାରେ ଦୁର୍ଗା ଚରଣ ମଲ୍ଲିକଙ୍କୁ ଗତ ୧୦ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ପୋଲିସ ଏକ ଲୁହା କଟୁରି ସହ ଅଭିଯୁକ୍ତ ତଥା ଏହି ଗାଁର କାଳିଆ ଓରଫ ସୌଭାଗ୍ୟ ରଞ୍ଜନ ଜେନା (୩୬)ଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଥିବା ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୧୧ ତାରିଖରେ ଦୁର୍ଗାଙ୍କ ସ୍ତ୍ରୀ ରୀନା ମଲ୍ଲିକ (୩୨)ଙ୍କ ଅଭିଯୋଗ ଆଧାରରେ ମାମଲା ନଂ.୨୩୦/୨୪ ରୁଜୁ କରାଯାଇଥିଲା। ଅଭିଯୋଗରେ ଦର୍ଶାଯାଇଥିଲା, ଏପ୍ରିଲ ୧୦ ସନ୍ଧ୍ୟା ପ୍ରାୟ ୭ଟା୪୫ରେ ବଡୁ ଭୋଇ ନାମ୍ନୀ ଜଣେ ଶ୍ରମିକଙ୍କୁ ମଜୁରି ଦେବା ପାଇଁ ତାଙ୍କ ସ୍ୱାମୀ ତର୍ତ୍ତଙ୍ଗ ସ୍କୁଲ ଛକକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ କାଳିଆ ତାଙ୍କ ସ୍ୱାମୀଙ୍କୁ ଟଙ୍କା ମାଗିଥିଲେ। କେବଳ ଏତିକି ନୁହେଁ,ଅଶାଳୀନ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ଏପରିକି ଜାତିଆଣ ଆକ୍ଷେପ କରିଥିଲେ। କାଳିଆଙ୍କ ଏଭଳି ବ୍ୟବହାର ଦେଖି ତାଙ୍କ ସ୍ୱାମୀ ଦୁର୍ଗା ସେତେବେଳେ ବିରୋଧ କରିଥିଲେ। ଏଥିରେ ହଠାତ୍ ରାଗିଯାଇ କାଳିଆ ହତ୍ୟା ଉଦ୍ଦେଶ୍ୟରେ ଏକ କଟୁରି ସହାୟ୍ୟରେ ଆକ୍ରମଣ କରିଥିଲେ। ଫଳରେ ଦୁର୍ଗା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦୁର୍ଗାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟ ନେବା ପାଇଁ ବ୍ୟବସ୍ଥା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ତା'ପରଦିନ ରୀନା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ସେତେବେଳକୁ କାଳିଆ ଫେରାର ହୋଇଯାଇଥିଲେ। ଏ ପରିସ୍ଥିତିରେ କାଳିଆଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ଶେଷରେ ପୋଲିସ କାଳିଆଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି। ପୂର୍ବରୁ ତାଙ୍କ ନାଁରେ ଏକାଧିକ ହତ୍ୟା ଉଦ୍ୟମ, ବନ୍ଧୁକ ବ୍ୟବହାର ଓ ଜାତିଆଣ ମାମଲା ଥିବା ଜଣାପଡ଼ିଛି।

# ବିଶୃଙ୍ଖଳିତ ଆଚରଣକୁ ପ୍ରଶ୍ରୟ ଦିଆଯିବ ନାହିଁ


ରଘୁନାଥପୁରରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ରଘୁନାଥପୁର,୨୧।୪
(ରାଜେନ୍ଦ୍ର ନାରାୟଣ ସିଂହ)

**ରଘୁନାଥପୁର ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ**

ରଘୁନାଥପୁର ଥାନା ଅଞ୍ଚଳରେ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ରଘୁନାଥପୁର ପୋଲିସ ପ୍ରଶାସନ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଅପରାହ୍ଣରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତଙ୍କ ନେତୃତ୍ୱରେ ୪ ପ୍ଲାଟୁନ ଫୋର୍ସ ଥାନାଛକ ନିକଟରୁ ବାହାରି ନାରାୟଣୀ ଛକ ଏବଂ ସେଠାରୁ ରଘୁନାଥପୁର ବଜାର ଅତିକ୍ରମ କରି ମହେନ୍ଦ୍ର ସାହୁ ଛକ ପର୍ଯ୍ୟନ୍ତ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ପରେ ତାରପୁର ବାଇପାସ ବଜାରରେ ପହଞ୍ଚି ପୁରୁଣା ବଜାର ପର୍ଯ୍ୟନ୍ତ ଯାଇଥିଲେ। ଏହାପରେ ରେତୁଆ ହାଟ ମାର୍କେଟରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସାଧାରଣଜନତା ନିର୍ଭୟରେ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଏହି ଫ୍ଲାଗ୍‌ମାର୍ଚ୍ଚର ଉଦ୍ଦେଶ୍ୟ ବୋଲି ଏସ୍‌ଡିପିଓ ରାଉତ କହିଛନ୍ତି। ପୋଲିସ ସର୍ବଦା ଲୋକଙ୍କ ସହ ରହିଛି। କୌଣସି ପରିସ୍ଥିତିରେ ବିଶୃଙ୍ଖଳିତ ଆଚରଣକୁ ପ୍ରଶ୍ରୟ ଦିଆଯିବ ନାହିଁ। ଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ରାଉତ ସତର୍କ କରାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଆଇଆଇସି ରଶ୍ମିବାଳା ସେଠୀ ଓ ଏସ୍‌ଆଇ ଯୋଗେଶ୍ୱର ବେହେରା ପରିଚାଳନା କରିଥିଲେ।


ପାରାଦୀପ ନୂଆଗଡ ପଞ୍ଚାୟତ ସୀମାସ୍ଥିତ ଚାଷ ଜମିରୁ ମାଟି ଉଠେଇ ବିକ୍ରି କରିବା ପରେ ଜଳାଶୟର ଭ୍ରମ ସୃଷ୍ଟି ହୋଇଛି।

### ନିଆଁପାଟ, ଗଡ଼ାପର୍ବ

ମୋରଡା,୨୧।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନାକିଚୁଆ ପଞ୍ଚାୟତର କାନପୁର ଗ୍ରାମରେ ଥିବା ମହାଦେବ ପୀଠରେ ଉଡ଼ାପର୍ବ ଉପଲକ୍ଷେ ନିଆଁପାଟ ଓ ଗଡ଼ାପର୍ବ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଶନିବାର ରାତି ୧୧ଟାରେ ମାଳ ଚନ୍ଦନ ପାଳନ ହୋଇଥିଲା। ପ୍ରଥମେ ମହାଦେବଙ୍କୁ ମାଳ ପିନ୍ଧାଯାଇ ଚନ୍ଦନ ଲଗାଯିବା ପରେ ଗ୍ରାମର ସମସ୍ତେ ମୁଣ୍ଡରେ ଚନ୍ଦନ ମାରିବା ପରେ ମାଳ ପିନ୍ଧିଥିଲେ। ରବିବାର ଘଟୋତ୍ତଳନ ପରେ ଶିବ ପାର୍ବତୀଙ୍କ ବାହାଘର ହୋଇଥିଲା। ଅପରାହ୍ଣରେ ଉପବାସରେ ଥିବା ଭକ୍ତମାନେ ରାସ୍ତାରେ ଗଡ଼ିବା ପରେ ନିଆଁ ଉପରେ ଝୁଲି ଝୁଲି ଠାକୁରଙ୍କ ପାଖକୁ ଯାଇ ନିଜର ମାନସିକ ପୂରଣ କରିଥିଲେ।

### ବାଇକ୍ ଚାଳକଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୧।୪
(ଶାନ୍ତନୁ କୁମାର ମହୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଗଡ଼ିଗାଁ ପଞ୍ଚାୟତର ଆନନ୍ଦପୁର ଗ୍ରାମ ନିକଟରେ ରବିବାର ସକାଳେ ଏକ ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆନନ୍ଦପୁର ଗ୍ରାମର ଚାନ୍ଦୁଲାଲ ମୁର୍ମୁ। ସେ କୌଣସି କାମରେ ଘରୁ ବାଇକ୍‌ରେ ଯାଉଥିଲେ। ରାସ୍ତା ପାର୍ଶ୍ୱରେ ଥିବା ଏକ ବର ଗଛରେ ବାଇକ୍ ସହ ପିଟି ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଟ୍ରେନ୍‌ରୁ ଡେଇଁ ଅଟୋ ଚାଳକ ଗୁରୁତର

ରୂପସା,୨୧।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅନ୍ତର୍ଗତ ରାଜଘାଟ ଷ୍ଟେଶନରେ ମେମୁ ଟ୍ରେନ୍‌ରୁ ଡେଇଁପଡ଼ି ଜଣେ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବସ୍ତା ଥାନା ଅଧୀନ ବଣିଆମାରି ଗ୍ରାମର ଗୌତମ ମହାନ୍ତି। ଗୌତମ ନିଜ ଅଟୋରେ ଯାତ୍ରୀଙ୍କୁ ନେଇ ଷ୍ଟେଶନକୁ ଛାଡ଼ିବାକୁ ଆସିଥିଲେ। ଟ୍ରେନ୍‌ରେ ଯାତ୍ରୀମାନଙ୍କୁ ଉଠାଇବା ସହ ଭିତରକୁ ଚଢ଼ିଥିଲେ। ଏହି ସମୟରେ ଟ୍ରେନ୍‌ଟି ଛାଡ଼ି ଦେବାରୁ ଗୌତମ ଚଳନ୍ତା ଟ୍ରେନ୍‌ରୁ ପ୍ଲାଟଫର୍ମକୁ ଡେଇଁପଡ଼ି ଗୁରୁତର ହୋଇଥିଲେ।

# ଭାଜପାରେ ଅନ୍‌ଲାଇନ ଅଟୋ ଚାଳକ ସଂଘ କର୍ମକର୍ତ୍ତା


ମିଶ୍ରଣ ପର୍ବରେ ଯୋଗଦେଇଥିବା ଅନ୍‌ଲାଇନ୍ ଅଟୋସଂଘର କର୍ମକର୍ତ୍ତାମାନେ।

ଜଗତ୍‌ସିଂହପୁର, ୨୧।୪
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସାନବଜାରସ୍ଥିତ ଅନ୍‌ଲାଇନ ଅଟୋ ସଂଘର କର୍ମକର୍ତ୍ତା ଶନିବାର ଭାଜପାରେ ଯୋଗଦେଇଛନ୍ତି। ଅବଦୁଲ ଫରିଦ ଖାଁ ଏହାର ନେତୃତ୍ୱ ନେଇଥିଲେ। ଭାଜପା ବିଧାନସଭା ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କ ଉପରେ ଆସ୍ଥା ପ୍ରକଟ କରି ସେମାନେ ଭାଜପାରେ ଯୋଗଦେଇଥିବା କହିଛନ୍ତି। ଏହି ଅବସରରେ ଅମରେନ୍ଦ୍ର ଦାସ ଅଟୋ ସଂଘର କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ମାନସ କୁମାର ଦାସ, ଅଜୁ ସାହୁ, ଜୟପ୍ରସାଦ, ସଞ୍ଜୟ କୁମାର ଦାସ, ରଫିକ ଖାଁ, ଦୀପ୍ତି ରଞ୍ଜନ ସ୍ୱାଇଁ, ମହେନ୍ଦ୍ର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅଞ୍ଚଳର ଗୌରବମୟ ଇତିହାସ ଲେଖନ୍ତୁ ସାମ୍ବାଦିକ

ବିଞ୍ଝାରପୁର,୨୧।୪(ରାମକୃଷ୍ଣ ଦାସ):

ସାମ୍ବାଦିକତା ଏକ ପେଷା ନୁହେଁ, ଏହା ଏକ ସେବା ଓ ବ୍ରତ। ସମାଜରେ ଗରିବ, ଦଳିତ, ନିର୍ଯାତିତଙ୍କ ସ୍ୱର ସାଜି ସାମ୍ବାଦିକମାନେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖବର ପରିବେଷଣ କରି ଲୋକଙ୍କ ସମସ୍ୟାକୁ ସରକାର, ପ୍ରଶାସନ ନିକଟରେ ପହଞ୍ଚାଇ ସମସ୍ୟାର ସମାଧାନ କରି ସମାଜର ମଙ୍ଗଳ ସାଧନ କରିଥାନ୍ତି। ତେବେ ଖବର କେବଳ ଘଟଣାବଳିକୁ ନେଇ ପ୍ରସ୍ତୁତ ନ କରି ସାମ୍ବାଦିକମାନେ ନିଜ ଅଞ୍ଚଳର ପୂର୍ବ ଅତୀତର ଗୌରବମୟ ଇତିହାସକୁ ନେଇ ଖବର ପରିବେଷଣ କରି ଅଞ୍ଚଳର ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ଅନୁଷ୍ଠିତ ବନ୍ଧୁ ମିଳନରେ ବିଶିଷ୍ଟ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ମତବ୍ୟକ୍ତ କରିଛନ୍ତି।

ୟୁନିୟନ ସଭାପତି ଦେବପ୍ରସାଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଦସ୍ୟ ତଥା ଶିକ୍ଷାବିତ୍ ସତ୍ୟଶେଖର ନାୟକ, ୟୁନିୟନ ସାଧାରଣ ସମ୍ପାଦକ ସେକ୍ ସନୱାର, କୋଷାଧ୍ୟକ୍ଷ ସୀତାକାନ୍ତ ସାମଲ, ଅନଙ୍ଗଉଦୟ ବେଉରିଆ, ରାମକୃଷ୍ଣ ଦାସ, ଗୋପାଳ ସୁତାର, ଶଙ୍କର୍ଷଣ ସାମଲ, ସୁରେନ୍ଦ୍ର ସାମଲ, ସଂଯୋଜକ ସତ୍ୟରଞ୍ଜନ ମଲ୍ଲିକ, ଉପସଭାପତି ଗୁଲସାନ ନୱାଜ ଅଲ୍ଲି ଖାଁ, ସହସମ୍ପାଦକ ବିଶ୍ୱଜିତ୍ ନାୟକ, ନିମାଇଁ ଘଡ଼ାଇ ଓ ମଇଦୁଲ ଇସଲାମ ପ୍ରମୁଖ ସାମ୍ବାଦିକ ଯୋଗଦେଇ ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ଏକ ନିଆରା ଅନୁଷ୍ଠାନ, ଭାଇଚାରାରେ ବନ୍ଧା ଏହି ଅନୁଷ୍ଠାନ ସର୍ବଦା ଅନ୍ୟର ସୁଖ ଦୁଃଖରେ ସାଥି ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ପରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ତମ୍ଭକାର ପଣ୍ଡା ସାମ୍ବାଦିକମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରାଇଥିଲେ।

# ବିଜେଡି ଛାଡି କଂଗ୍ରେସରେ ମିଶିଲେ ପୂର୍ବତନ ସମିତିସଭ୍ୟ

ତିର୍ତ୍ତୋଲ, ୨୧।୪ (ଗୌରାଙ୍ଗ ଚରଣ ସ୍ୱାଇଁ)

କଂଗ୍ରେସ ନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଷନପୁର ପଞ୍ଚାୟତର ବିଜେଡି ନେତା ତଥା ପୂର୍ବତନ ସମିତିସଭ୍ୟଙ୍କ ସମେତ ଅନେକ ବିଜେଡି କର୍ମୀ ରବିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଷନପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଜାବିର ଅଲ୍ଲୀ ଖାନଙ୍କ ସହ ଫରହା ଖାନ, ମନଜୁର ଅହମ୍ମଦ ଖାନ, ସେକ୍ ସିରାଜ ଉଦ୍ଦିନ, ସେକ ଜହର ଅଲ୍ଲୀ, ହୁସେନ ଖାନ, ସେକ୍ ଅବୁ ବକର, ମନୱର ଖାନ, ସେକ୍ ଅନୱର ଅଲ୍ଲୀ, ସେକ୍ କପିଲ ଅଲ୍ଲୀ, ସେକ୍ ଜାବିରଉଦ୍ଦିନ, ସେକ୍‌କମିର ଉଦ୍ଦିନ, ସେକ୍‌ନୁର ଅଲ୍ଲୀଙ୍କ ସମେତ ଅନେକ ବିଜେଡି କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ସଭ୍ୟ ଦେବ ପ୍ରସାଦ ନାୟକ, ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ଉପ ସଭାପତି ଧନଞ୍ଜୟ ସୁତାର, ଅଶ୍ୱିନୀ ସ୍ୱାଇଁ, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ, ଚାଷୀ ମୂଳିଆ ସଙ୍ଗଠନର ସଭାପତି ବେଦ୍ୟୁଯୁତି ପୃଷ୍ଟି, ବିଷନପୁର ପଞ୍ଚାୟତ କଂଗ୍ରେସ ସଭାପତି ମୁସ୍ତାଫା ହୁସେନ, ଅମିୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ଦ୍ୱାରା ବିଷନପୁର ପଞ୍ଚାୟତରେ କଂଗ୍ରେସ ମଜଭୁତ ହେବ। ଏହାର ପ୍ରଭାବ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ପଡ଼ିବ ବୋଲି ଇଂ.ମଲ୍ଲିକ ମତବ୍ୟକ୍ତ କରିଛନ୍ତି।



କଂଗ୍ରେସରେ ଯୋଗ ଦେଇଥିବା ବିଜେଡି କର୍ମୀ ଓ ଅନ୍ୟମାନେ।

# ନୂଆ ଓଡ଼ିଶା ଗଠନରେ ଯୁବଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କୁଜଙ୍ଗ,୨୧।୪ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହେବା ସହ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କୁଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଡ. ସନ୍ତୋଷ ବେଜ ଯୋଗଦେଇ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟଙ୍କୁ ଜିତାଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ସେ କହିଥିଲେ, ଯୁବ ଓ ଛାତ୍ର ରାଜ୍ୟର ଭବିଷ୍ୟତ। ତେଣୁ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା ଗଠନରେ ଯୁବ ଛାତ୍ରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଏହି ଅବସରରେ ଅରୁ ପ୍ରସାଦ ମହାନ୍ତି କହିଥିଲେ, ସମସ୍ତ ଯୁବ ଛାତ୍ରଙ୍କର



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିଜେଡି କର୍ମୀମାନେ।

**ଯୁବ, ଛାତ୍ର ବିଜେଡି ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ**

ସହଯୋଗରେ ସେ ଯୁବ ବିଜେଡି ସଭାପତି ହୋଇଛନ୍ତି । ତାଙ୍କୁ ସଭାପତି କରିବାରେ ଯୁବକମାନଙ୍କର ଯେଉଁ ଭୂମିକା ଥିଲା ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇ ଆଣିଲେ ଯୁବ ସଂଗଠନର ମାନ ବୃଦ୍ଧିପାଇବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଜଳ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ସମିତି ସଭ୍ୟା ସସ୍ମିତା ନାୟକ, ଯୁବ ନେତା ବିକ୍ରମ ରାଉତରାୟ, ତ୍ରିଲୋଚନ ତରାଇ, ଛାତ୍ର ବିଜେଡି ରାଜ୍ୟ ଉପସଭାନେତ୍ରୀ ରଶ୍ମିରେଖା ମଲ୍ଲିକ, ଶାନ୍ତିସ୍ୱରୂପ ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ମହେଶ୍ୱର ଦାସ, ଚିରଞ୍ଜୀବ ନାୟକ, ପ୍ରଭାସ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଯୁବ ବିଜେଡି ପକ୍ଷରୁ ଏକ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା ।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ଜଣେ ଗିରଫ



ଫୁଲବାଣୀ,୨୧।୪(ରାକେଶ କୁମାର ରାଉତ)

ଫୁଲବାଣୀ ଟାଉନ ଥାନା ପୋଲିସ ଏକ କାରରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି । ଏହି ଘଟଣାରେ ରବିବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ସହରର ସ୍ୱାଧୀନ ସାହୁ। ନିର୍ବାଚନକୁ ଆଖିଆଗରେ ରଖି ବିଭିନ୍ନ ଜାଗାରେ ନାକା କରି ଗାଡ଼ିମୋଟର ଯାଞ୍ଚ କରାଯାଉଛି। ଫୁଲବାଣୀଠାରୁ ଗୋଛାପଡାକୁ ସଂଯୋଗ କରୁଥିବା ପଟାବାଲି ସାହି ନିକଟରେ ଏକ ଦ୍ରୁତଗତିରେ ଆସୁଥିବା କାରକୁ ସନ୍ଦେହରେ ଅଟକା ଯାଇଥିଲା। ଯାଞ୍ଚ ବେଳେ ସେଥିରୁ ୨୪ଟି ପେଟିରେ ଥିବା ୧୮୯ ଲିଟର ବିଦେଶୀ ମଦ ମିଳିଥିଲା। ମଦ, ଗାଡ଼ି ଜବତ କରାଯିବା ସହ ସ୍ୱାଧୀନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଟାଉନ ଥାନାଧିକାରୀ କନକ କୁମାର ମାଝୀ ସୂଚନା ଦେଇଛନ୍ତି।

### ଅଟୋକୁ ପିଟିଲା କାର୍, ଜଣେ ଗୁରୁତର

ଚକାପାଦ, ୨୧।୪(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଲାଇନପଡା ଠାରେ ଏକ କାର ଓ ଅଟୋକୁ ମୁହାଁମୁହିଁ ଧକ୍କା ଦେଇଛି । ଏହାପରେ ଆଉ ଏକ ବାଇକ ସହ ମଧ୍ୟ ପିଟି ହୋଇଯାଇଛି । ଏଥିରେ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲାଇନପଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଟି ଗାଡିକୁ ଜବତ କରିଛି। ଦୁର୍ଘଟଣାର କାରଣ ଜଣାପଡିନାହିଁ।

### ବନ୍ଦ ଘରୁ ଶିକ୍ଷକଙ୍କ ମୃତଦେହ ଜବତ

ହିଞ୍ଜିଳିକାଟୁ, ୨୧।୪(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ କେନ୍ଦ୍ରୀୟ ବିଦ୍ୟାଳୟର ଏସ୍‌ଏସ୍‌ଟି ଶିକ୍ଷକଙ୍କ ଗଳିତ ମୃତଦେହ ରବିବାର ରେଗିଡ଼ି ସାହିର ଏକ ଭଡ଼ାଘରୁ ଜବତ ହୋଇଛି। ମୃତ ଶିକ୍ଷକ ହେଲେ ଉତ୍ତରପ୍ରଦେଶ ରାଜ୍ୟର ରାମ କୁଲଭର ରାମ। ଏକ ବନ୍ଦ ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ଘର ମାଲିକ ପୋଲିସକୁ ଖବର ଦେଇଥିଲେ। ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ହିଞ୍ଜିଳି ପୋଲିସ ବନ୍ଦ ଘରର କବାଟ ତାଡ଼ି ଶିକ୍ଷକଙ୍କ ଗଳିତ ମୃତଦେହ ଜବତ କରିଛି। ରକ୍ତ ଜୁଡୁବୁଡୁ ମୃତଦେହକୁ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ମୃତ ଶିକ୍ଷକଙ୍କ ପରିବାର ଲୋକଙ୍କୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ପୁରୁଣାପାଣି ପଞ୍ଚାୟତବାସୀଙ୍କ ଭୋଟବର୍ଜନ ଚେତାବନୀ

ଆର,ଉଦୟଗିରି,୨୧।୪(ମନୋଜ କୁମାର ପାଢ଼ୀ)

## ୧୦ ବର୍ଷ ପରେ ବି ପ୍ରତିଶ୍ରୁତି ପୂରଣ ହେଲାନି




ପଞ୍ଚାୟତ କାର୍ଯ୍ୟାଳୟ।

ଆର. ଉଦୟଗିରି ବ୍ଲକ ପୁରୁଣାପାଣି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ସମସ୍ୟା ସମାଧାନ ନ ହେଲେ ସମସ୍ତ ଗ୍ରାମବାସୀ ଭୋଟବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ଗ୍ରାମବାସୀ ସେମାନଙ୍କ ସମସ୍ୟା ସମାଧାନ ଦାବି ନେଇ ଏକ ବୈଠକ କରି ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ବ୍ଲକ ପ୍ରଶାସନ ସେମାନଙ୍କୁ ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବାରୁ ନିଷ୍ପତ୍ତି ବଦଳାଇ ଭୋଟ ଅଧିକାର ସାବ୍ୟସ୍ତ କରିଥିଲେ। ତେବେ ୧୦ ବର୍ଷ ପରେ ବି ଗ୍ରାମ ଗୁଡିକରେ ସମସ୍ୟା ସମାଧାନ ହୋଇପାରିଲା ନାହିଁ । ପଞ୍ଚାୟତରେ ଶିକ୍ଷାର ସୁବିଧା ନାହିଁ, ଗ୍ରାମଗୁଡିକୁ ପିଚୁ ରାସ୍ତା ହୋଇନାହିଁ, ବିଦ୍ୟୁତ ସଂଯୋଗ ନାହିଁ ଓ ପାନୀୟ ଜଳ ଯୋଗାଣ ମଧ୍ୟ ହୋଇପାରିନି। ଏ ସବୁ ମୌଳିକ ସୁବିଧା ଉପଲବ୍ଧ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଧ୍ୟାନ ଦିଆଯାଉନି । ତେଣୁ ରବିବାର ପଞ୍ଚାୟତର ତଇଲ, ରାମଗୁଡା, ଅଲରା, ଦଲିଖତ, ରୁବାଲ ଜାଡାପାଣି, ଆଖଡାସାହି ଓ ଜାଡା ଗ୍ରାମର ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ରାମଗୁଡା ଏକ ମିଳିତ ପ୍ରତିବାଦ ସଭା କରିଥିଲେ। ଗ୍ରାମଗୁଡିକରେ ସମସ୍ତ ସୁବିଧା କରା ନଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସଭାରେ ନିଷ୍ପତ୍ତି ହୋଇଥିବା ଗ୍ରାମବାସୀ କହିଛନ୍ତି।

# ଲିଜ୍ ନ ଥାଇ ଚାଲିଛି ବେଆଇନ ବ୍ଲାଷ୍ଟିଂ



ଭାଲୁ ପାହାଡ଼ରେ ବ୍ଲାଷ୍ଟିଂ କରି ପଥର ଫଟାଯାଉଛି।

ବୁଗୁଡ଼ା,୨୧।୪(କାଳିଚରଣ ଦାଶ)

ପାହାଡ଼ ଲିଜ୍ ନ ଥାଇ ଚାଲିଛି ବେଆଇନ ବ୍ଲାଷ୍ଟିଂ। ପ୍ରତିଦିନ ବୁହାହେଉଛି ଟ୍ରିପ୍ ଟ୍ରିପ୍ ପଥର। ବେଆଇନ ଭାବେ ଏମିତି କାମ ଚାଲିଛି ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମ ନିକଟ ଭାଲୁ ପାହାଡ଼ରେ। ଏହି ପାହାଡ଼ କାହାକୁ ଲିଜ୍ ଦିଆଯାଇ ନ ଥିଲେ ମଧ୍ୟ ମାଫିଆମାନେ ଏଥିରେ ବେଆଇନ ବ୍ଲାଷ୍ଟିଂ କରି ଟ୍ରାକ୍ଟରରେ ପଥର ଚାଲାଣ କରୁଛନ୍ତି। ଉକ୍ତ ପାହାଡ଼ରେ ବହୁସଂଖ୍ୟାରେ ମୟୂର ରହିଥିବାରୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପାହାଡ଼ ଲିଜ୍ ଦିଆଯାଉ ନ ଥିବା ବେଳେ ଏହାର ସୁଯୋଗ ନେଇ ମାଫିଆମାନେ ବେଆଇନ ଭାବେ ବ୍ଲାଷ୍ଟିଂ କରି ପଥର ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଠିକ୍ ସମୟରେ ପୋଲିସ କିମ୍ବା ପ୍ରଶାସନ ପହଞ୍ଚୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ଏହି ପାହାଡ଼ରୁ ପଥର ଚୋରାଚାଲାଣ ବେଳେ ବୁଗୁଡ଼ା ପୋଲିସ ଗୋଟିଏ ଟ୍ରାକ୍ଟର ଜବତ କରିଥିଲା। ତେବେ ପରବର୍ତ୍ତୀ ସମୟରେ ଫାଇନ ଆଦାୟକରି ଉକ୍ତ ଟ୍ରାକ୍ଟରକୁ ଛାଡ଼ି ଦିଆଯାଇଥିଲା। ପୂର୍ବରୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରୁ ବେଲ୍‌ଚା, କଡ଼େଇ ଆଦି ଜବତ କରିଥିବା ବେଳେ ରବିବାର ବନ ବିଭାଗ ଓ ତହସିଲ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ ମଧ୍ୟ ପୂର୍ବସୂଚନା ପାଇ ମାଫିଆମାନେ ଚମ୍ପଟ ମାରିଥିଲେ। ଫଳରେ ସେଠାରେ ପଡ଼ିଥିବା ଗୋଟିଏ ଟ୍ରାକ୍ଟରର ଟାୟାର ପୋଡ଼ି ନଷ୍ଟ କରିବା ଛଡ଼ା ଆଉ କିଛି କରିପାରି ନ ଥିଲେ ବୋଲି ରେଞ୍ଜର ପ୍ରଦୀପ କୁମାର ମିଶ୍ର କହିଥିଲେ। ମାଇନିଂ ବିଭାଗ ଅଧୀନରେ ଆସୁଥିବା ଉକ୍ତ ପାହାଡ଼ର ସୁରକ୍ଷା ପାଇଁ ଉକ୍ତ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ବୁଗୁଡ଼ାରେ ରହୁ ନ ଥିବାରୁ ମାଫିଆମାନେ ସକ୍ରିୟ ହୋଇ ଉଠୁଥିବା ଅଭିଯୋଗ ହେଉଛି। ହଜାର ହଜାର ସଂଖ୍ୟାରେ ମୟୂର ବାସ କରୁଥିବା ଏହି ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ ଯୋଗୁ ପ୍ରାଣୀମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି ଏବଂ ପ୍ରଚଣ୍ଡ ଶବ୍ଦ ଯୋଗୁ ଭୟରେ ସେମାନେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### ଜି.ଉଦୟଗିରିରେ ଅସହ୍ୟ ତାତି, ଜନଜୀବନ ପ୍ରଭାବିତ

ଜି.ଉଦୟଗିରି,୨୧।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସହର ସହିତ ଆଖପାଖ ଅଞ୍ଚଳରେ ଅସହ୍ୟ ଖରା ଯୋଗୁ ବାହାରକୁ ବାହାରିବା କଷ୍ଟକର ହୋଇଛି। ରବିବାର ଜି.ଉଦୟଗିରି ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରହିଛି। ସବୁଜ ବଣ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଜି.ଉଦୟଗିରି ଅଞ୍ଚଳରେ ଏପରି ଖରା କେବେ ହେଉନଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରଚଣ୍ଡ ଖରାରେ ଦିନ ୧୨ ରୁ ୪ଟା ଯାଏ ଦୋକାନ ବଜାର ଶୂନଶାନ ରହୁଥିବା ବେଳେ ଗାଡି ମଟର ଚଳାଚଳ କମ ରହୁଛି। ରାସ୍ତା କଡ଼ରେ ଛୋଟ ବ୍ୟବସାୟୀ ଛୋଟ ଚାଷୀ ଟାଣ ଖରା ଯୋଗୁ ବିକ୍ରି କରିବାରେ ସମସ୍ୟା ଦେଖା ଦେଇଛି। ଫଳରେ ଏହି ବ୍ୟବସାୟ କରି ପରିବାର ପ୍ରତିପାଳିତ କରୁଥିବା ଲୋକଙ୍କ ଚିନ୍ତା ବଢ଼ିଯାଇଛି। ଏହା ସହିତ ପ୍ରଚଣ୍ଡ ଖରାରେ ପନିପରିବା ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖା ଦେଇଥିବା ବେଳେ ଅମଳ ମଧ୍ୟ କମିଯିବ ବୋଲି ଚାଷୀମାନେ କହୁଛନ୍ତି। ତାତିରୁ ରକ୍ଷା ପାଇବାକୁ ଜି.ଉଦୟଗିରି ସହରରେ ବିଶ୍ରାମଗାରଟିଏ ନଥିବାରୁ ଯାତ୍ରୀମାନେ ଏଣେ ତେଣେ କାହା ଦୋକାନ ବାରଣ୍ଡାରେ ଠିଆ ହେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ଭଞ୍ଜ ମାର୍କେଟ ନିକଟରେ ଏକ ଯାତ୍ରୀ ବିଶ୍ରାମଗାରଟିଏ ନିର୍ମାଣ କରିବାକୁ ଦାବି ହେଉଛି।

### ଜଗନ୍ନାଥ ଶିଳା ପୂଜନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୧।୪(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ସ୍ଥିତ କୁମୁଟି ସାହିରେ ରବିବାର ଜଗନ୍ନାଥ ଶିଳା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ନିର୍ମାଣାଧୀନ ଜଗନ୍ନାଥଙ୍କ ମନ୍ଦିର ପାଇଁ ପାରଳାଖେମୁଣ୍ଡି କୁମୁଟି ସାହି ନିବାସୀ ବାରାଟାମ ନାଗେଶ୍ୱର ରାଓ ଓ ତାଙ୍କ ସପରିବାର ଜଗନ୍ନାଥଙ୍କ ମନ୍ଦିରଠାରୁ ଏକ ଶିଳା ପୂଜନ କରି ସେହି ଶିଳାକୁ ତାଙ୍କ ଘରକୁ ନେଇ ବହୁ ଆଡ଼ମ୍ବରରେ ପୂଜାର୍ଚ୍ଚନା କରି ନଗର ପରିକ୍ରମା କରାଇଥିଲେ ଏବଂ ଏକ ଲକ୍ଷ ପଚାଶ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରି ମନ୍ଦିର କାର୍ଯ୍ୟରେ ସହଭାଗୀ ହେଲେ । ଏହି ପରୀପ୍ରେକ୍ଷୀରେ ଭକ୍ତ ନାଗେଶର ବାରାଟାମୁଲୁ ତାଙ୍କ ପୁଅ ଶ୍ରୀକାନ୍ତଙ୍କ ସହ ପରିବାରର ସଦସ୍ୟମାନେ ଉପସ୍ଥିତ ରହି ଏହି ପୂଜାର୍ଚ୍ଚନା କରି ଥିଲେ । କାର୍ଯ୍ୟକ୍ରମକୁ ଭକ୍ତ ଦୁର୍ଗା ମାଧବ ପାଣିଗ୍ରାହିଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।



ପାରଳାଖେମୁଣ୍ଡିରେ ଜଗନ୍ନାଥ ଶିଳା ପୂଜନ ପରିପ୍ରେକ୍ଷୀରେ ନଗର ପରିକ୍ରମା କରାଯାଉଛି।

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ



ନବୀନ ନିବାସରେ ବିଜେଡିରେ ମିଶିଥିବା ଭାଜପା, କଂଗ୍ରେସ କର୍ମୀ।

ପାରଳାଖେମୁଣ୍ଡି,୨୧।୪(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ନେତା ଓ କର୍ମୀଙ୍କ ଦଳ ଅଦଳବଦଳ ଜାରି ରହିଛି। ଗତ ଶନିବାର ବହୁ ସଂଖ୍ୟାରେ ଭାଜପା ଓ କଂଗ୍ରେସ କର୍ମୀ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନକୁ ଯାଇ ବିଜେଡିରେ ମିଶିଛନ୍ତି। ଏମାନେ ଗଜପତି ଜିଲା ବିଜେଡିର ରାଜ୍ୟ ସମ୍ପାଦକ ତଥା ପୂର୍ବତନ ଜିଲା ସଭାପତି ପ୍ରଦୀପ ନାୟକ ଏବଂ ରାଜ୍ୟସଭା ସଦସ୍ୟ ଡ଼. ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ଅନ୍ୟ ଦଳ ଛାଡ଼ି ବିଜେଡିରେ ମିଶିଥିବା ସମସ୍ତଙ୍କୁ ଉପଢୌକନ ଦେଇ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଏହାଦ୍ୱାରା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଦଳୀୟ ସଂଗଠନ ଆହୁରି ଅଧିକ ମଜଭୁତ ହୋଇ ବିଜେଡି ବିଧାୟକ ପ୍ରାର୍ଥୀ ଇଂ. ରୂପେଶ ପାଣିଗ୍ରାହୀ ଅଧିକ ଭୋଟ ପାଇ ବିଜୟୀ ହେବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ମିଶ୍ରଣ ପର୍ବ ପରେ ସମସ୍ତେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟଧାରା, ସ୍ୱଚ୍ଛ ଶାସନ ନିର୍ମଳ ଭାବମୂର୍ତ୍ତି ଏବଂ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା ଓ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ବିସ୍ଥାପିତ ସଂଗ୍ରାମ ସମିତିର ରାସ୍ତାରୋକୋ ଆଜି



ଦାବିପତ୍ର ପ୍ରଦାନ କରାଯାଉଛି।

ଆର,ଉଦୟଗିରି,୨୧।୪(ମନୋଜ କୁମାର ପାଢ଼ୀ)

ଆର. ଉଦୟଗିରି ବ୍ଲକ ଛେଳିଗଡଠାରେ ଚାଲିଥିବା ଜଳ ପ୍ରକଳ୍ପର ଟନେଲ କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ପରିବାରଗୁଡିକୁ ସେମାନଙ୍କ ଦାବି ଅନୁଯାୟୀ କ୍ଷତିପୂରଣ ଏ ଯାଏ ମିଳିନାହିଁ। ଏହା ପ୍ରତିବାଦରେ ସୋମବାର ଛେଳିଗଡ-ପାରଳାଖେମୁଣ୍ଡି ମୁଖ୍ୟରାସ୍ତା ଅବରୋଧ କରାଯିବ ବୋଲି ଆର. ଉଦୟଗିରି ବ୍ଲକ ପ୍ରଶାସନକୁ ବୁଡ଼ି ଅଞ୍ଚଳର ବିସ୍ଥାପିତ ସଂଗ୍ରାମ ସମିତି ପକ୍ଷରୁ ଗତ ଶନିବାର ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୩୨୮ ନଂ. ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଆର. ଉଦୟଗିରି ଥାନା ଅଧିକାରୀ, ତହସିଲଦାର ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ବିସ୍ଥାପିତ ସଂଗ୍ରାମ ସମିତିର ସଭାପତି ଚୈତନ୍ୟ ସାହୁ ସୂଚନା ଦେଇଛନ୍ତି । ସରକାର ଓ ପ୍ରଶାସନ ବୁଡି ଅଞ୍ଚଳବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଆସୁଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଜମି ବିବାଦକୁ କେନ୍ଦ୍ର କରି ମାମୁ ଭଣଜା ମାରପିଟ

ବାଲିଗୁଡ଼ା,୨୧।୪(ସଞ୍ଜୟ କୁମାର ପାଣିଗ୍ରାହୀ)

## ୨ ପରିବାରର ୭ ଆହତ

ବାଲିଗୁଡ଼ାରେ ଏକ ଜମି ବିବାଦକୁ କେନ୍ଦ୍ରକରି ମାମୁ ଭଣଜାଙ୍କ ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଗୋଷ୍ଠୀ ସଂଘର୍ଷରେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ବାଲିଗୁଡ଼ା ମସ୍‌ଜିଦ ନିକଟସ୍ଥ ଆଣ୍ଟସାହିରେ ରହୁଥିବା ଏମ୍‌ଡି. ଅସରଫ୍ ଓ ଅଲ୍ଲା ଉଦ୍ଦିନ୍‌ଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ଜାଗାବାଡ଼ିକୁ ନେଇ କଳହ ଲାଗିରହିଥିଲା। ଉଭୟେ ସମ୍ପର୍କରେ ମାମୁ ଭଣଜା ବୋଲି ଜଣାପଡ଼ିଛି। ଦୀର୍ଘଦିନରୁ ଲାଗି ରହିଥିବା କଳହ ଶନିବାର ବିଳମ୍ବିତ ରାତ୍ରରେ ଉଗ୍ରରୂପ ନେଇଥିବା ବେଳେ ଅସରଫ୍ ଓ ଅଲ୍ଲା ଉଦ୍ଦିନ୍‌ଙ୍କ ପରିବାର ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ଆହତ ୭ଜଣଙ୍କୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ସମ୍ପର୍କୀୟ ଲୋକେ। ପ୍ରାଥମିକ ଚିକିତ୍ସା ପରେ ଦୁଇଜଣ ଗୁରୁତରଙ୍କୁ ରବିବାର ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ଦୁଇ ପରିବାର ପକ୍ଷରୁ ବାଲିଗୁଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ପହଞ୍ଚି ତଦନ୍ତ ଅବ୍ୟାହତ ରଖିଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

# ଚାଷୀଙ୍କ ଚିନ୍ତା ବଢ଼ାଉଛି ବୃକ୍ଷ ଲଟା ଭର୍ତ୍ତି ବେଠୁଆର ନାଳ

ଧରାକୋଟ,୨୧।୪(ବିଷ୍ଣୁ କେଶରୀ ଅଚାର୍ଯ୍ୟ)

ଧରାକୋଟ ବ୍ଲକର ସାବା ପଞ୍ଚାୟତର ବିଞ୍ଝଣା ପାହାଡ଼ରୁ ବାହାରି ବାହାରପୁର, ଓଳମ୍ବା, ରୁଗୁମୁ ଓ ଧରାକୋଟ ପଞ୍ଚାୟତ ଦେଇ ବାହିଯାଉଛି ବେଠୁଆର ନାଳ ବା ଅଗୁଳ ନାଳ। ଏହି ପାଞ୍ଚଟି ପଞ୍ଚାୟତର ଶହ ଶହ ହେକ୍ଟର ଜମିରେ ଜଳସେଚନ ପାଇଁ ଏହା ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି। ବ୍ରହ୍ମପୁର ଡ୍ରେନେଜ୍ ବିଭାଗ କିଛି ବର୍ଷ ପୂର୍ବେ ଏହାର ମରାମତି ଦାୟିତ୍ୱ ତୁଲାଇ ଆସୁଥିଲା ବେଳେ ବର୍ତ୍ତମାନ ଭଞ୍ଜନଗର ଜଳସେଚନ ବିଭାଗ ଅଧୀନରେ ଏହାର ମରାମତି ଓ ନିର୍ମାଣ କାର୍ଯ୍ୟ ଚାଲୁଛି। ହେଲେ ଦୀର୍ଘ ଦିନ ପୂର୍ବରୁ ବିଭାଗ ତରଫରୁ ବେଠୁଆର ନାଳକୁ ଅଣଦେଖା କରାଯାଉଥିବା ଯୋଗୁ ନଦୀ ଗର୍ଭ ବୃକ୍ଷ ଲଟା ଭର୍ତ୍ତି ହୋଇଯାଇଛି। ନଦୀ ଆଡି ବନ୍ଧ ଦୁର୍ବଳ ହୋଇଯାଇଥିବା ବେଳେ ଅଙ୍କାବଙ୍କା ସ୍ଥାନରେ ଗାର୍ଡ ୱାଲ ନଥିବାରୁ ହିଡ଼ ଦୁର୍ବଳ ହୋଇ ରହିଛି। ଲଟା ବୃକ୍ଷ ଭର୍ତ୍ତି ନାଳ ଶଯ୍ୟା ଯୋଗୁ ବର୍ଷା ଜଳ ନିଷ୍କାସନ ଭିତରେ ସୁଚାରୁ ରୁପେ ନ ହୋଇ ହିଡ ଭାଙ୍ଗିବାର ଅଧିକାଂଶ ସ୍ଥାନରେ ସମ୍ଭାବନା ରହିଛି। ଫଳରେ ଚାଷ ଜମି ବାଲିଚର ହେବାର ଆଶଙ୍କା ରହିଛି। ଓଳମ୍ୱାଠାରୁ ବାଖର କଟା ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପାର୍ଶ୍ୱରେ ଗାର୍ଡ ୱାଲ ନଥିବାରୁ ଧୀରେ ଧୀରେ ରାସ୍ତା ଖାଇ ନଷ୍ଟ ହେବାରେ ଲାଗିଛି। ସେହିପରି ବେଠୁଆର ବ୍ରିଜ ନିକଟରେ ଉଭୟ ତଳ ଓ ଉପର ପଟରେ ନଦୀ ହିଡ ପୁରାପୁରି ଦୁର୍ବଳ ହୋଇଯାଇଥିବା ବେଳେ କପିଳେଶ୍ୱର ମନ୍ଦିର ନିକଟରେ ହିଡ ଭାଙ୍ଗିଯାଇଛି। ସେହିପରି ଡାକିବଜା ଗାଁ ନିକଟସ୍ଥ ଘୋଡାଦେଇ ମନ୍ଦିର ପାଖ, ଦାନ ପଦର ଓ ନାଇକା ଅଞ୍ଚଳରେ ହିଡ଼ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଥିବା ଯୋଗୁ ଚାଷୀ ମନରେ ଛନକା ପଶିଯାଇଛି। ଭଞ୍ଜନଗର ଜଳ ସେଚନ ବିଭାଗ ତରଫରୁ ଯଦି ଆସନ୍ତା ବର୍ଷା ଦିନ ପୂର୍ବରୁ ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟକ୍ରମ ଗ୍ରହଣ କରାନଯାଏ ତା'ହେଲେ ଅନେକ ସ୍ଥାନରେ ହିଡ ଭାଙ୍ଗି ଶହ ଶହ ହେକ୍ଟର ଜମି ବାଲିଚର ହେବାର ଆଶଙ୍କା ରହିଛି।



ବୃକ୍ଷ ଲଟା ଭର୍ତ୍ତି ହୋଇଥିବା ବେଠୁଆର ନାଳ।

# ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ, ଭାଜପା କର୍ମୀ

ଭଞ୍ଜନଗର/ଜଗନ୍ନାଥ ପ୍ରସାଦ,୨୧।୪
(ବାବୁଲା ପ୍ରଧାନ/ବିଭୁ ପ୍ରସାଦ ପଟ୍ଟନାୟକ)

## ରାଜ୍ୟରେ କେବଳ ନବୀନ ହାୱା: ବିକ୍ରମ



ଶୋଭାଯାତ୍ରାରେ ମନ୍ତ୍ରୀ, ଏମ୍‌ପି ଯାଉଛନ୍ତି ।

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସପ୍ତମଥର ପାଇଁ ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଛନ୍ତି । ସେହିଭଳି କନ୍ଧମାଳ ଲୋକ ସଭା କ୍ଷେତ୍ର ପାଇଁ ବିଜେଡିରୁ ଡ. ଅଚ୍ୟୁତ ସାମନ୍ତ ଦ୍ୱିତୀୟଥର ଲାଗି ପ୍ରାର୍ଥୀ ହୋଇଛନ୍ତି । ତେଣୁ ରବିବାର ଉଭୟ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସମ୍ମୁଖରୁ ଏକ ବିରାଟ ବାଇକ୍ ରାଲିରେ ବାହାରି ନଗର ପରିକ୍ରମା କରିଥିଲେ। ଏହି ସମୟରେ ସହରର ବିଭିନ୍ନ ଲୋକ ଉଭୟଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହାପରେ ଜାମପଲ୍ଲୀ ଆମ୍ବତୋଟାରେ ଅନୁଷ୍ଠିତ କର୍ମୀ ସମାବେଶରେ ଉଭୟ ନେତା ଯୋଗଦେଇଥିଲେ। ମନ୍ତ୍ରୀ ଆରୁଖ କହିଥିଲେ, ବର୍ତ୍ତମାନ ରାଜ୍ୟରେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାୱା ବହୁଛି । ତେଣୁ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହେବେ ବୋଲି ଆରୁଖ କହିଥିଲେ। ଏହି ଅବସରରେ ଜିଲୁଣ୍ଡି, ଦୁରୁମୁ, ବାରୁଡ଼ା, ଲେମ୍ବେଇ ଆଦି ପଞ୍ଚାୟତର ଶତାଧିକ କଂଗ୍ରେସ ଏବଂ ଭାଜପା କର୍ମୀ ଏବଂ ନେତା ଦଳ ତ୍ୟାଗକରି ରବିବାର ବିଜେଡିରେ ଯୋଗଦେଇଥିଲେ ବୋଲି ମନ୍ତ୍ରୀ ଆରୁଖ ଘୋଷଣା କରିଥିଲେ। ନୂତନ ନେତାଙ୍କୁ ବିକ୍ରମ ଏବଂ ଅଚ୍ୟୁତ ସ୍ୱାଗତ କରିଥିଲେ। ସେହିଭଳି ଡ. ସାମନ୍ତ କହିଥିଲେ, ବିକ୍ରମ ଚଳିତ ନିର୍ବାଚନରେ ରେକର୍ଡସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ରାଜ୍ୟରେ ଏକ ନୂଆ ଇତିହାସ ସୃଷ୍ଟି କରିବେ। ନବୀନ ପଟ୍ଟନାୟକ ମଧ୍ୟ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇ ଦେଶରେ ଏକ ନୂଆ ଇତିହାସ ରଚିବେ। ତେଣୁ ଆସନ୍ତା ମେ' ୨୦ରେ ହେବାକୁଥିବା ନିର୍ବାଚନରେ ମୋତେ ଏବଂ ବିକ୍ରମ ବାବୁଙ୍କୁ ଭୋଟ ଦେବା ପାଇଁ ସାମନ୍ତ ଉପସ୍ଥିତ କର୍ମୀଙ୍କୁ ନିବେଦନ କରିଥିଲେ। ସେହିଭଳି ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ରାଜ୍ୟରେ ବିକାଶର ଧାରା କିଭଳି ଚାଲିଛି ସେ ସମ୍ପର୍କରେ କହିଥିଲେ। ତେଣୁ ବିଜେଡି ପୁଣି କ୍ଷମତାକୁ ଫେରିବ ବୋଲି ମହାରଣା କହିଥିଲେ। ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ସେହିଭଳି ସନ୍ଧ୍ୟାରେ ଜଗନ୍ନାଥପ୍ରସାଦ ନିକଟସ୍ଥ ଆମ୍ବତୋଟାରେ ବିଜେଡି କର୍ମୀ ସମ୍ମିଳନୀ ହୋଇଥିଲା। ଉକ୍ତ ସଭାରେ ମଧ୍ୟ ଡ. ସାମନ୍ତ, ବିକ୍ରମ ଆରୁଖ ଏବଂ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଯୋଗଦେଇ ଭୋଟଭିକ୍ଷା କରିଥିଲେ। ଏହାପୂର୍ବରୁ ଉଭୟ ନେତାଙ୍କୁ ଜଗନ୍ନାଥପ୍ରସାଦ ବ୍ଲକ ବିଜେଡି ପକ୍ଷରୁ ଏକ ବାଇକ୍ ରାଲିରେ ସଭାସ୍ଥଳକୁ ନିଆଯାଇଥିଲା।

## ସଂକ୍ଷେପରେ

### ୱାର୍ଡ ସଭ୍ୟ ଭାଜପାରେ ସାମିଲ



କାଳିଆପାଣି,୨୧।୪(ଅସିତ ମହାନ୍ତ): ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ୩୭ ନମ୍ବର ଜୋନଟି ବିଜେଡିର ଅଭେଦ୍ୟ ଗଡ଼ଭାବେ ୩୫ ବର୍ଷ ରହିଆସିଥିବାବେଳେ ଏବେ ଧୀରେଧୀରେ ତାହା ଦଳ ହାତରୁ ଖସୁଛି। ଏହିକ୍ରମରେ କାଳିଆପାଣି ପଞ୍ଚାୟତ ୨ ନମ୍ବର ୱାର୍ଡ ସଭ୍ୟ ବିନୋଦ ମହାନ୍ତ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟାଧାରା ଏବଂ ସୁକିନ୍ଦା ମାଟିର ପୁଅ ପ୍ରଦୀପ ବଳସାମନ୍ତ(ଟୁଟୁ)ଙ୍କ ନେତୃତ୍ୱ ପ୍ରତି ସମର୍ଥନ ଜଣାଇ ସୁକିନ୍ଦା ଭାଜପା କାର୍ଯ୍ୟାଳୟରେ ସେ ଟୁଟୁଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି।

### ରଶ୍ମିରଞ୍ଜନ ସାହୁ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ନିଯୁକ୍ତ

ଯାଜପୁର ଟାଉନ,୨୧।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ବିଜୁ ଯୁବ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ଭାବେ ରଶ୍ମିରଞ୍ଜନ ସାହୁଙ୍କୁ ନିଯୁକ୍ତି ମିଳିଛି। ସାହୁ ଜଣେ ସୁସଂଗଠକ ଭାବେ ପରିଚିତ। ଦଳ ତାଙ୍କର କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରି ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି। ଏହି ନିଯୁକ୍ତିକୁ ନେଇ ଯାଜପୁର ଜିଲା ବିଜୁ ଜନତା ଦଳର ଯୁବକମାନଙ୍କ ମନରେ ଆନନ୍ଦ ଓ ଉତ୍ସାହ ଭରିଦେଇଛି। ଆଗାମୀ ଦିନରେ ଯୁବ ସଂଗଠନକୁ ଅଧିକ ସୁଦୃଢ଼ କରିପାରିବେ ବୋଲି ସାହୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସାହୁ ତାଙ୍କର ଏହି ନିଯୁକ୍ତିକୁ ନେଇ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ପୌରପାଳିକାର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ସରୋଜକାନ୍ତ ମହାପାତ୍ର, ସଭାପତି ପ୍ରତାପ କୁମାର ମହାନ୍ତି, ଯାଜପୁର



ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ଏବଂ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗାଁରେ ପିଇବା ପାଣି ଅଭାବ

- ଜଳ କଷ୍ଟ ସୀମା ଟପିଲାଣି
- ସରୁନି ପ୍ରକଳ୍ପ କାର୍ଯ୍ୟ

କାଏମା,୨୧।୪(ଶିବପ୍ରସାଦ ମହାନ୍ତି): ସରକାର ଲୋକଙ୍କ ସର୍ବନିମ୍ନ ମୌଳିକ ସମସ୍ୟାରେ ସୁଧାର ଆଣିବାକୁ ଅହରହ ପ୍ରଚେଷ୍ଟା କରିଆସୁଛନ୍ତି। ମାତ୍ର କେତେଜଣ ଅଧିକାରୀଙ୍କ ଅପାରଗତା କାରଣରୁ ଧର୍ମଶାଳା ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଏଯାବତ୍ ଶେଷ ହୋଇ ପାରିନାହିଁ। ଫଳରେ ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗରମରେ ଗାଁରେ ପିଇବା ପାଣିର ଅଭାବ ଲୋକଙ୍କୁ ଡହଳ ବିକଳ କରୁଛି। ଧର୍ମଶାଳା ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଯୋଜନା ବିଫଳ ହୋଇଥିବା ଏହି ଜଳ କଷ୍ଟ ପ୍ରମାଣ କରୁଛି। ସବୁ ସ୍ଥାନରେ କାମ ଅଧା ହୋଇ ପଡ଼ିରହିଛି। ଘରେଘରେ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବ୍ରାହ୍ମଣୀ ନଦୀ କୂଳରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇଛି। ୨୧୪କୋଟି ଟଙ୍କା ବ୍ୟୟ ବରାଦରେ ୨୦୧୯ରୁ କାର୍ଯ୍ୟ ଆରମ୍ଭ କରି ୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ କରିବା



ପାଇଁ ଠିକା ସଂସ୍ଥା ସମୟ ନେଇଥିଲା। ହେଲେ କାମ ଶେଷ ନ ହେବାରୁ ଠିକାସଂସ୍ଥା ପୁଣି ସମୟ ବଢ଼ାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଜଳ କଷ୍ଟସୀମା ଟପିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବ୍ରାହ୍ମଣୀ ନଦୀରୁ ପାଣିକୁ ବିଶୁଦ୍ଧ କରି ପାଖାପାଖି ୪୦ ପଞ୍ଚାୟତରେ ନିର୍ମିତ ଟାଙ୍କୀକୁ ପାଣି ପହଞ୍ଚାଇବା ପାଇଁ ୫ ବର୍ଷରୁ ଅଧିକ ସମୟ ହେଲା କାମ ଆରମ୍ଭ ହୋଇଥିଲେ ବି କୋଉଠି ବି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନାହିଁ। କିଛି ସ୍ଥାନରେ ପାଇପ ବିଛା ଯାଇଥିଲା। ସେ ସବୁ ପାଣି ଆସିବା ପୂର୍ବରୁ ଅନେକ ସ୍ଥାନରେ ଫୁଟିଗଲାଣି। ଘରକୁଘର ପାଣି ପାଇପ ସଂଯୋଗ କରିବାର ବ୍ୟବସ୍ଥା ଥିଲେ ବି ସେ ସବୁ ସମ୍ପୂର୍ଣ୍ଣ ରୂପେ ସଂଯୋଗ କରାଯାଇନାହିଁ। କାହା ଘରକୁ ପାଇପ ଲାଇନ ପହଞ୍ଚିଛି ଆଉ ତ କାହା ଘରଠୁ ଅନେକ ଦୂରରେ ପାଇପ ପଡ଼ିରହିଛି। ଆଉ କିଛି ସ୍ଥାନରେ ପୂର୍ବରୁ ଛୋଟ ବଡ଼ ପାଣି ପ୍ରକଳ୍ପଗୁଡ଼ିକ ମଧ୍ୟ ଦେଖା ରଖା ଅଭାବରୁ ତାହା ଗୋଟିଏ ପରେ ଗୋଟିଏ ଅଚଳ ହେବାରେ ଲାଗିଛି। ଆଉ କେଉଁଠି ପାଣି ବାହାରୁଛି କିନ୍ତୁ ପିଇବା ଅନୁପଯୋଗୀ ଥିବା ଦେଖାଦେଇଛି। ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତ ଖପରାଡିଅ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ପରିବାର ଏକ ଖୋଲା କୂଅ ପାଣି ବ୍ୟବହାର କରୁଛନ୍ତି। ଖୋଲା କୂଅ ପାଣି ପିଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ହେଉଥିଲେ ବି ବିଶୁଦ୍ଧ ପାଣି ଅଭାବରୁ ଜୀବନ ବଞ୍ଚାଇବା ପାଇଁ ସେମାନେ ଏହାକୁ ବ୍ୟବହାର କରୁଛନ୍ତି।

ଖାଲି ଏତିକି ନୁହେଁ ଖରା ଦିନେ ରାତି ଦୁଇଟାରୁ ସେଠାରେ ଲମ୍ବା ଧାଡ଼ି କରି ଅପେକ୍ଷା କରି ବାକୁ ପଡୁଛି। ଏହି ଗ୍ରାମକୁ ପାଇପ ଲାଇନ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେଥିରୁ ବହାରୁ ଥିବା ପାଣି ପିଇବା ଉପଯୁକ୍ତ ନୁହେଁ। ପାଣି ଗୋଳିଆ ହେବା ସହ କିଛି ସମୟ ରଖିଲେ ହଳଦିଆ ରଙ୍ଗର ଏକ ଆବରଣ ପଡ଼ିଯାଉଛି। ରୋଷେଇ ପାଇଁ ମଧ୍ୟ ସେ ପାଣିକୁ ବ୍ୟବହାର କରି ହେଉନାହିଁ।

ସେହିପରି ବଡ଼କାଏମା ପଞ୍ଚାୟତର ଅନେକ ଗାଁ ସ୍ୱଚ୍ଛପାନୀୟ ଜଳ ସୁବିଧାରୁ ବଞ୍ଚିତ ରହିଛି। ଏହି ପଞ୍ଚାୟତକୁ ସ୍ୱଚ୍ଛ ପାନୀୟ ଜଳ ସୁବିଧା କରାଯାଇଥିଲା। ବର୍ତ୍ତମାନ ସେହି ଗ୍ରାମଗୁଡ଼ିକ ମଧ୍ୟରୁ ସେରପୁର, ସେରପୁର ଦଳିତସାହି, ଡିଗିରିପଡିଆ, ଗୋଗଳ, କାଏମା ବଜାର, ବେହେରା ସାହି, ମହଲା ସାହି, ଲକ୍ଷ୍ମୀ ସାହି, ଜାନକୀନଗର, ଖର୍ଦାସାହି ଆଦି ଅନେକ ଗାଁକୁ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ପହଞ୍ଚି ପାରିନାହିଁ। କିଛି ସ୍ଥାନରେ ଟ୍ୟାପ ଆଦିର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳୁନାହିଁ। ଶୁଣିବାକୁ ମିଳୁଛି ଠିକାଦାର କାମ କଲାବେଳେ ଅତ୍ୟନ୍ତ ନିମ୍ନମାନର ଉପକରଣ ବ୍ୟବହାର କରିଥିବାରୁ ଏହା ଅଳ୍ପ ଦିନ ମଧ୍ୟରେ ଅନେକ ସ୍ଥାନରେ ପାଇପଗୁଡ଼ିକ ଫାଟି ଯାଇଥିଲା। ପରେ ଦୁର୍ନୀତି ଢାଙ୍କିବାକୁ ଫଟା ପାଇପକୁ ବଦାଲାଇ ଦିଆଯାଇଥିଲା। ଏହାପରେ ଅନେକ ସ୍ଥାନରୁ ପାଇପ୍ ମଧ୍ୟ ଚୋରି ହୋଇଯାଇଛି। ଏହା ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗମୀ ଦିନରେ ଆନ୍ଦୋଳନ ମୁଣ୍ଡଟେକିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅଞ୍ଚଳର ଗୌରବମୟ ଇତିହାସ ଲେଖନ୍ତୁ ସାମ୍ବାଦିକ

**ବିଞ୍ଝାରପୁର ସାମ୍ବାଦିକ ସଂଘର ବନ୍ଧୁ ମିଳନ**

ବିଞ୍ଝାରପୁର,୨୧।୪(ରାମକୃଷ୍ଣ ଦାସ): ସାମ୍ବାଦିକତା ଏକ ପେଷା ନୁହେଁ, ଏହା ଏକ ସେବା ଓ ବ୍ରତ। ସମାଜରେ ଗରିବ, ଦଳିତ, ନିର୍ଯାତିତଙ୍କ ସ୍ୱର ସାଜି ସାମ୍ବାଦିକମାନେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖବର ପରିବେଷଣ କରି ଲୋକଙ୍କ ସମସ୍ୟାକୁ ସରକାର, ପ୍ରଶାସନ ନିକଟରେ ପହଞ୍ଚାଇ ସମସ୍ୟାର ସମାଧାନ କରି ସମାଜର ମଙ୍ଗଳ ସାଧନ କରିଥାନ୍ତି। ତେବେ ଖବର କେବଳ ଘଟଣାବଳିକୁ ନେଇ ପ୍ରସ୍ତୁତ ନ କରି ସାମ୍ବାଦିକମାନେ ନିଜ ଅଞ୍ଚଳର ପୂର୍ବ ଅତୀତର ଗୌରବମୟ ଇତିହାସକୁ ନେଇ ଖବର ପରିବେଷଣ କରି ଅଞ୍ଚଳର ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ଅନୁଷ୍ଠିତ ବନ୍ଧୁ ମିଳନରେ ବିଶିଷ୍ଟ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ମତବ୍ୟକ୍ତ କରିଛନ୍ତି।

ୟୁନିୟନ ସଭାପତି ଦେବପ୍ରସାଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଦସ୍ୟ ତଥା ଶିକ୍ଷାବିତ୍ ସତ୍ୟଶେଖର ନାୟକ, ୟୁନିୟନ ସାଧାରଣ ସମ୍ପାଦକ ସେକ୍ ସନୱାର, କୋଷାଧ୍ୟକ୍ଷ ସୀତାକାନ୍ତ ସାମଲ, ଅନଙ୍ଗଉଦୟ ବେଉରିଆ, ରାମକୃଷ୍ଣ ଦାସ, ଗୋପାଳ ସୂତାର, ଶଙ୍କର୍ଷଣ ସାମଲ, ସୁରେନ୍ଦ୍ର ସାମଲ, ସଂଯୋଜକ ସତ୍ୟରଞ୍ଜନ ମଲ୍ଲିକ, ଉପସଭାପତି ଗୁଲସାନ ନୱାଜ ଅଲ୍ଲି ଖାଁ, ସହସମ୍ପାଦକ ବିଶ୍ୱଜିତ୍ ନାୟକ, ନିମାଇଁ ଘଡ଼ାଇ ଓ ମଇଦୁଲ ଇସଲାମ ପ୍ରମୁଖ ସାମ୍ବାଦିକ ଯୋଗଦେଇ ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ଏକ ନିଆରା ଅନୁଷ୍ଠାନ, ଭାଇଚାରାରେ ବନ୍ଧା ଏହି ଅନୁଷ୍ଠାନ ସର୍ବଦା ଅନ୍ୟର ସୁଖ ଦୁଖଃରେ ସାଥି ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ପରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ତମ୍ଭକାର ପଣ୍ଡା ସାମ୍ବାଦିକମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରାଇଥିଲେ।



ବନ୍ଧୁମିଳନରେ ଯୋଗଦେଇଥିବା ଖବରଦାତାମାନେ।

# ଭାଜପାରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ



ଦଳରେ ସାମିଲ କର୍ମୀଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ସ୍ୱାଗତ କରୁଛନ୍ତି।

ଯାଜପୁରରୋଡ୍,୨୧।୪(ପବିତ୍ର ରଞ୍ଜନ ମହାନ୍ତି): ନିର୍ବାଚନ ଯେତେ ପାଖେଇ ଆସୁଛି ଦଳବଦଳ ପ୍ରକ୍ରିୟା ସେତିକି ବୃଦ୍ଧି ପାଉଛି। ଭାଜପାର କୋରେଇ ବିଧୟକ ପ୍ରାର୍ଥୀ ଆକାଶ ଦାସନାୟକଙ୍କ ବ୍ୟାସନଗର କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡିର ଶତାଧିକ କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ଗୋଳେଇପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ପିନାକୀ ରଞ୍ଜନ ଦାସ, ପାଟରଙ୍ଗା ପଞ୍ଚାୟତର ବରିଷ୍ଠ ନେତା ମନ୍ମଥ ନାୟକ, ଗୋଳେଇପୁର ପଞ୍ଚାୟତ ମସୁଦପୁର ଗ୍ରାମର ଉଲ୍ଲାଶ ବନ୍ଧୁ ପୃଷ୍ଟି, ପ୍ରଶାନ୍ତ ମଲ୍ଲିକ, ଆଲୋକ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ମନୋଜ ମଲ୍ଲିକ, ମାନସ ମଲ୍ଲିକ, ରାଜୁ ମଲ୍ଲିକ, ସୁରଜ ମଲ୍ଲିକ, କେଶବ ମଲ୍ଲିକ, ଶରତ ମଲ୍ଲିକ, ଚୈତନ ମଲ୍ଲିକ, ସଞ୍ଜୟ ମଲ୍ଲିକ, କାବୁଲି କୁଅଁର, ଗୌରପୁର ପଞ୍ଚାୟତର ବିଶ୍ୱନାଥ ଦାଶ, ରାଜେନ୍ଦ୍ର ତରାଇ ଓ ଜଗନ୍ନାଥ ଜେନା ପ୍ରମୁଖ ଦାସନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି ବିଧିବଦ୍ଧଭାବେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ଆଗାମୀ ଦିନରେ ଭାଜପା ଯେଉଁ ଗୁରୁଦାୟିତ୍ୱ ଦେବ ତାକୁ ସେମାନେ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଶପଥ ନେଇଛନ୍ତି। ଅନ୍ୟପକ୍ଷରେ କୋରେଇରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେଡି ପଛରେ ପଡ଼ିଛି। ଫଳରେ ଏହାକୁ ନେଇ ବହୁ ବିଜେଡି କର୍ମୀ ଆକାଶଙ୍କ ନେତୃତ୍ୱରେ ଭାଜପାକୁ ଆପଣାଉଥିବା ସାଧାରଣରେ ମତପ୍ରକାଶ ପାଇଛି।

### ନିଆଁପାଟ, ଗଡ଼ାପର୍ବ

ମୋରଡା,୨୧।୪(ସ୍ମାରକ ମାଜୀ) ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନାକିଚୁଆ ପଞ୍ଚାୟତର କାନପୁର ଗ୍ରାମରେ ଥିବା ମହାଦେବ ପୀଠରେ ଉଢ଼ାପର୍ବ ଉପଲକ୍ଷେ ନିଆଁପାଟ ଓ ଗଡ଼ାପର୍ବ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଶନିବାର ରାତି ୧୧ଟାରେ ମାଳ ଚନ୍ଦନ ପାଳନ ହୋଇଥିଲା। ପ୍ରଥମେ ମହାଦେବଙ୍କୁ ମାଳ ପିନ୍ଧାଯାଇ ଚନ୍ଦନ ଲଗାଯିବା ପରେ ଗ୍ରାମର ସମସ୍ତେ ମୁଣ୍ଡରେ ଚନ୍ଦନ ମାରିବା ପରେ ମାଳ ପିନ୍ଧିଥିଲେ। ରବିବାର ଘଟୋତ୍ତଳନ ପରେ ଶିବ ପାର୍ବତୀଙ୍କ ବାହାଘର ହୋଇଥିଲା। ଅପରାହ୍ନରେ ଉପବାସରେ ଥିବା ଭକ୍ତମାନେ ରାସ୍ତାରେ ଗଡ଼ିବା ପରେ ନିଆଁ ଉପରେ ଝୁଲି ଝୁଲି ଠାକୁରଙ୍କ ପାଖକୁ ଯାଇ ନିଜର ମାନସିକ ପୂରଣ କରିଥିଲେ।

### ବାଇକ୍ ଚାଳକଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୧।୪ (ଶାନ୍ତନୁ କୁମାର ମହୁଆଳ) ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଗଡ଼ିଗାଁ ପଞ୍ଚାୟତର ଆନନ୍ଦପୁର ଗ୍ରାମ ନିକଟରେ ରବିବାର ସକାଳେ ଏକ ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆନନ୍ଦପୁର ଗ୍ରାମର ଚାନ୍ଦୁଲାଲ ମୁର୍ମୁ(୪୩)। ସେ କୌଣସି କାମରେ ଘରୁ ବାଇକ୍‌ରେ ଯାଉଥିଲେ। ରାସ୍ତା ପାର୍ଶ୍ୱରେ ଥିବା ଏକ ବର ଗଛରେ ବାଇକ୍ ସହ ପିଟି ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ.୧୪୧/୨୪) ରୁଜୁ କରିଛି।

# ରାମ ନବମୀ ଉତ୍ସବ ଉଦ୍‌ଯାପିତ

ରସୁଲପୁର,୨୧।୪(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଅରଡ଼ା ଗ୍ରାମରେ ଶତବାର୍ଷିକୀ ରାମନବମୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ରବିବାର ରାତିରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଛି। ଏଥିରେ ଗାଁର ଆବାଳବୃଦ୍ଧ ବନିତା ଯଜ୍ଞପର୍ବରେ ଯୋଗଦେଇ ପ୍ରଭୁଙ୍କ ଆଶିଷଲାଭ କରିଥିଲେ। ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଜନ୍ମତିଥି ରାମନବମୀରେ କଳସ ଶୋଭାଯାତ୍ରାରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପଣ୍ଡିତ ବୀରବର ପଣ୍ଡାଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ୫ଜଣ ସହଯୋଗୀ ବ୍ରାହ୍ମଣ ଯଜ୍ଞ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ପ୍ରଭୁଙ୍କ ନିକଟରେ ସୂର୍ଯ୍ୟପୂଜା, ଧେନୁପୂଜା, କୁଣ୍ଡମଣ୍ଡଳପୂଜା, ରାମଙ୍କ ବୀଜମନ୍ତ୍ରପୂଜା, ବଡ଼ସିଂହାରବେଶ, ବେଦପାଠ, ଗାୟତ୍ରୀମନ୍ତ୍ର ଯଜ୍ଞ ଓ ପାର୍ଶ୍ୱଦେବଦେବୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗାଁ ମୁରବୀମାନେ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଯୁବକମାନେ ଅନ୍ନଦାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ଦାୟିତ୍ୱ ନିର୍ବାହ କରିଥିଲେ।



# ଜଳସେବା କେନ୍ଦ୍ର ଉଦ୍‌ଘାଟିତ

ଯାଜପୁର ଟାଉନ,୨୧।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ଯାଜପୁର ଶାଖା ପକ୍ଷରୁ ଯାଜପୁର ସହରର ଲଳିତେଶ୍ୱର ନଗର ଛକରେ ଏକ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଅବସରପ୍ରାପ୍ତ ସୈନିକମାନଙ୍କ ଏଭଳି ସେବା ମନୋଭାବକୁ ପ୍ରଶଂସା କରିଥିଲେ। ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ସଭାପତି ରବୀନ୍ଦ୍ରନାଥ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଗୟାଧର ମିଶ୍ର, ସୁବାସ ତ୍ରିପାଠୀ, ନିରଞ୍ଜନ ଦାଶ, ଅଜୟ ମହାନ୍ତି, ନରେନ୍ଦ୍ର ଶତପତି, ସୁଧାଂଶୁ ନାୟକ, ବିଭୂତି ମିଶ୍ର, ସଂଗ୍ରାମ ବେହେରା, ଆଦିତ୍ୟ ବଳ, ରାଜୀବ ସାହୁ, ମାନସ ପାଣିଗ୍ରାହୀ, ବିଜୟ ଜେନା, ପ୍ରକାଶ ବେହୁରିଆ, ଦାମୋଦର ନାୟକ, ଅକ୍ଷୟ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପଙ୍କଜ ବେହୁରିଆ, ମହେନ୍ଦ୍ର ସାମଲ, ସଞ୍ଜୀବ ସାମଲ ଓ ପ୍ରକାଶ ପଣ୍ଡା ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଦିନକୁ ଦିନ ରୌଦ୍ରତାପର ପ୍ରକୋପ ବଢୁଥିବାରୁ ପଥଚାରୀଙ୍କ ପାଇଁ ଏହି ଜଳ ସେବା କେନ୍ଦ୍ର ଖୋଲା ଯାଇଥିବା କହିଥିଲେ।



ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ ଜଳ ବଣ୍ଟନ କରାଯାଉଛି।

# ୧ନଂ. ୱାର୍ଡରେ ବିଜେଡିର ନିର୍ବାଚନୀ ସଭା




ସଭାରେ ଯୋଗଦେଇଥିବା ବିଜେଡି କର୍ମୀ ଓ ପ୍ରାର୍ଥୀ।

ଯାଜପୁର ଟାଉନ,୨୧।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ସହରସ୍ଥିତ ୧ନଂ. ୱାର୍ଡର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାକୁ ଆଇନଜୀବୀ ସମରଜିତ ମହାନ୍ତି ସଂଯୋଜନା କରିଥିଲେ। ବିଜେଡିର ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ। ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚୟନ ହୋଇଥିବା ଯାଜପୁର ବିଧାୟିକା ପ୍ରାର୍ଥିନୀ ସୁଜାତା ସାହୁ ଓ ଲୋକସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ଭୋଟ୍ ଦେବାପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଯାଜପୁର ନଗର ଯୁବବିଜେଡି ସଭାପତି ମନୋଜ ସାହୁ ଯୋଗଦେଇ ଯୁବକ ଓ ମା'ମାନେ ସଂଗଠିତ ହୋଇ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ହାତମୁଠାକୁ ଟାଣ କରିବା ପାଇଁ ଅନୁରୋଧ କରିଥିଲେ। ଯାଜପୁର ନିର୍ବାଚନମଣ୍ଡଳୀ ସଭାପତି ତୁଷାରକାନ୍ତ ବେହେରା ବିଜେଡି ପ୍ରାର୍ଥିନୀମାନଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ସଭାରେ ଆଇନଜୀବୀ ରାଜୀବ ମହାନ୍ତି ଯୋଗଦେଇ ବିଜେଡି କଥାକୁ ଲୋକମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଯାଜପୁର ପୌରଧ୍ୟକ୍ଷା ରଞ୍ଜୁଲତା ହୋତା ଉଭୟ ପ୍ରାର୍ଥିନୀଙ୍କୁ ବହୁ ଭୋଟ୍‌ରେ ଜୟଯୁକ୍ତ କରାଇବାକୁ ନିବେଦନ କରିଥିଲେ। ପ୍ରାର୍ଥିନୀ ସାହୁ ତାଙ୍କ ବକ୍ତବ୍ୟରେ କେବଳ ଯାଜପୁର ବିକାଶ ଧାରାକୁ ଆଗେଇ ନେଇଥିବା ପ୍ରଣବଙ୍କ ସମ୍ମାନ ରକ୍ଷା କରିବେ ବୋଲି କହିଥିଲେ। ସଭାରେ ଯାଜପୁର ପୌରାପାଳିକା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ଯୋଗଦେଇ ଭାଜପା ସରକାର ସାଂପ୍ରଦାୟିକ ବିଭେଦ ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା କରୁଛି ବୋଲି ପ୍ରକାଶ କରିଥିଲେ। ଆଇନଜୀବୀ ରୁଦ୍ରନାରାୟଣ ମହାନ୍ତି ଯୋଗଦେଇ ପ୍ରଣବଙ୍କ ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ନିବେଦନ କରିଥିଲେ। ୧ନଂ ୱାର୍ଡର କାଉନସିଲର ଧନ୍ୟବାଦ ଦେଇଥିଲେ।

# ଘୁଙ୍ଗୁର ନାଟ୍ୟ ପରିଷଦ ପକ୍ଷରୁ ଜଳଛତ୍ର

ଯାଜପୁର ସଦର,୨୧।୪ (ସମର ବିଜୟ ଶରଣ): ଯାଜପୁର ସହର ନିକଟ ଆଙ୍ଗୁଲା ଗ୍ରାମର କମଳେଇ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଘୁଙ୍ଗୁର ନାଟ୍ୟ ପରିଷଦ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ପରିଷଦ ସଦସ୍ୟ ଏକ ହଜାରରୁ ଅଧିକ ବାଟୋଇଙ୍କୁ ପଣାଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଯୁବ ସାମାଜିକକର୍ମୀ ସୁଦୀପ କର, ଯାଜପୁର ମୁଖଚିକିତ୍ସାଳୟ ଅଧିକାରୀ ଡା. ଶିବାଶିଷ ମହାରଣା, ସାମାଜିକ କର୍ମୀ ମନୋଜ ନାୟକ, ପ୍ରଶାନ୍ତ ସାମଲ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ପରିଷଦର ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଆଙ୍ଗୁଲା ଗ୍ରାମର କେତେଜଣ ସହୃଦୟ ବ୍ୟକ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ। ବରିଷ୍ଠ ସଭ୍ୟ ଭାଗିରଥି ନନ୍ଦ, ଅଜୟ ରାଉଳ, ସଞ୍ଜୟ ମହାନ୍ତି, ଶଶୀ ଭୂଷଣ ସାମଲ, ପଦ୍ମନାଭ ଦାସ, ନିରଞ୍ଜନ ସାହୁ, ରଜନୀକାନ୍ତ ସାହୁ, ଖବରଦାତା ସମର ବିଜୟ ଶରଣ, ବାଦଲ ରାଉତ ଓ ପ୍ରଦୀପ ବେହେରା ଉପସ୍ଥିତ ରହି ଜଳଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପରିଷଦ ସଭାପତି ପ୍ରଭାତ ତ୍ରିପାଠୀ, ସମ୍ପାଦକ ଗୌରାଙ୍ଗ ଶତପଥୀ ପ୍ରକାଶ କରିଥିଲେ।




ଘୁଙ୍ଗୁର ନାଟ୍ୟ ପରିଷଦ ପକ୍ଷରୁ ଜଳଛତ୍ର ଖୋଲାଯାଇଛି।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ରାଜକନିକା, ୨୧।୪
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଆଖୁଳିପଡ଼ା ପଞ୍ଚାୟତ ବର୍ତ୍ତନୀ ଗାଁରେ ରବିବାର ଅଂଶୁଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେ ହେଲେ ବର୍ତ୍ତନୀ ଗାଁର ପଞ୍ଚାନନ ବିଶ୍ୱାଳ(୭୨)। ସବୁଦିନ ପରି ରବିବାର ମଧ ଘରୁ ଖାଇ ପିଇ ସକାଳେ ୮ଟାରେ ଘାସ ଆଣିବାକୁ ପଞ୍ଚାନନ ବିଲକୁ ଯାଇଥିଲେ। ଖରା ବଢ଼ିବାରୁ ଏବଂ ପଞ୍ଚାନନ ଘରକୁ ନ ଫେରିବାରୁ ପରିବାର ଲୋକ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରିବାର ସମେତ ଗାଁ ଲୋକ ଖୋଜାଖୋଜି କରିବା ପରେ ଅପରାହ୍ନ ସାଢ଼େ ୩ଟାରେ ବିଲରେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ପରିବାର ଲୋକେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଞ୍ଚାନନଙ୍କ ଅଂଶୁଘାତରେ ମୃତ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ଲାଗି ପଠାଇଥିବା ଜଣାପଡିଛି।

# ପବନରେ ଆସୁଛି କାରଖାନା ଧୂଆଁ

- ମହାକାଳପଡ଼ାରେ ଛୁଇଁଲା ୪୦ ଡିଗ୍ରୀ ଉତ୍ତାପ
- ଅଣନିଃଶ୍ୱାସୀ ଅଞ୍ଚଳବାସୀ

ମହାକାଳପଡ଼ା, ୨୧।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଜଳବାୟୁ ପରିବର୍ତ୍ତନରେ ଘଟୁଛି ପରିବର୍ତ୍ତନ। ପୂର୍ବ ଅପେକ୍ଷା ସୂର୍ଯ୍ୟଙ୍କ ଉତ୍ତାପ ବଢ଼ିଛି। ଫଳରେ ଦିନ ୧୦ଟା ସୁଦ୍ଧା ଉପକୂଳ ଅଞ୍ଚଳରେ ୩୫ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବା ଯୋଗୁ ଚିନ୍ତାରେ ଅଞ୍ଚଳବାସୀ। ମଧ୍ୟାହ୍ନ ସୁଦ୍ଧା ପାଖାପାଖି ୪୦ ଡିଗ୍ରୀ ତାପମାତ୍ରା ରହିଛି। ଅପରପକ୍ଷରେ ଶିଳ୍ପ, କାରଖାନାର ନିଆଁ, ଧୂଆଁ ବ୍ୟାପିବା ଯୋଗୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଅଧିକ ଉତ୍ତାପ ବୃଦ୍ଧି ପାଇଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ମହାନଦୀ ଅପର ଦକ୍ଷିଣ ପାର୍ଶ୍ୱର ପାରାଦୀପ ବୃହତ୍ ଶିଳ୍ପ, କାରଖାନାର ନିଆଁ, ଧୂଆଁ ଓ ପଚାଗନ୍ଧ ଭଳି ଗ୍ୟାସ ଠିକ୍ ଖରା ବଢ଼ିଲେ ବଢୁଛି। ଫଳରେ ଅଞ୍ଚଳରେ ନାହିଁ ନ ଥିବା ସମସ୍ୟା ଉପୁଜିଛି।

ଦୁଇଦିନ ପୂର୍ବରୁ ଏହି ଅଞ୍ଚଳରେ ପାରାଦୀପ ପାର୍ଶ୍ୱରୁ ଖରା ବେଳେ ପଚାଗନ୍ଧ ସହ ଧୂଆଁମୟ ହୋଇଥିଲା। ଏହା ୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଲଗି ରହିଲା। ଫଳରେ ସ୍ଥାନୀୟ ଲୋକମାନେ ଗରମରେ ଅଣନିଃଶ୍ୱାସୀ ଭଳି ଅନୁଭବ କରିଥିଲେ ବୋଲି ପଲ୍ଲୀ,କେଣ୍ଟିଆ, କୋଟିଲା, ସରୁମୁହିଁ, ବଜରପୁର, ତେନ୍ତୁଳିକନ୍ଧା, ବରକନ୍ଧା, ମଙ୍ଗଳପୁର, କୁମାରପଡ଼ା, ମଳାଡ଼ିଆ, ବାରଡ଼ାଙ୍ଗ, ବଉଳକଣି, ରାମନଗର, ଖରିନାସୀ, ପେଟଛେଲା ଅଞ୍ଚଳରେ ଘନକୁହୁଡ଼ି ଭଳି ଦୃଶ୍ୟମାନ ହୋଇଥିଲା ବୋଲି ସ୍ଥାନୀୟ ଲୋକେ, ସାମାଜିକକର୍ମୀ, ବହୁ ବୁଦ୍ଧିଜୀବୀ କହିଥିଲେ। ଆଗାମୀଦିନରେ ଖରା ପରିମାଣ ବଢ଼ିବା ସହ ଶିଳ୍ପ, କାରଖାନାର ଗ୍ୟାସ, ନିଆଁ ଧୂଆଁ ବ୍ୟାପିବା ଯୋଗୁ ଚର୍ମ ରୋଗ ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ଚନ୍ଦ୍ର ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ ପ୍ରମୁଖ କହିଛନ୍ତି। ସାଧାରଣତଃ ଛୋଟ ଛୋଟ ଶିଶୁ,ଗର୍ଭବତୀ ମହିଳା ଓ ବୟସ୍କ ଲୋକଙ୍କ ଶରୀର ଏହି ଶିଳ୍ପ କାରଖାନାର ଗ୍ୟାସ, ନିଆଁ ଧୂଆଁ ବ୍ୟାପିବା ଯୋଗୁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଇଛି। ବିଶେଷକରି ଶିଳ୍ପ, କାରଖାନାର ଉଚ୍ଚ କର୍ତ୍ତୃପକ୍ଷ ଠିକ୍ ଖରାଦିନରେ ଦକ୍ଷିଣ ପାର୍ଶ୍ୱରୁ ପବନ ବହିବା ସମୟରେ ଏଭଳି ହେଉଥିବା ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଏହି ଅଞ୍ଚଳର ନଦୀ ନାଳ ସଂଲଗ୍ନଗୁଡ଼ିକରେ ଥିବା ଲୁଣା ହେନ୍ତାଳ ଜଙ୍ଗଲଗୁଡ଼ିକରେ ଲୁଣା ଜାତୀୟ ଗଛଗୁଡ଼ିକର ପତ୍ର ଉପର ଭାଗରେ ବହଳିଆ ମୋଟା ତେଲିଆ କଳା ରଙ୍ଗର ଆସ୍ତରଣ ଜମି ଯାଉଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଗଛଗୁଡ଼ିକ ଖାଦ୍ୟ ସଂଗ୍ରହ କରିବାରେ ବାଧା ଉପୁଜିବା ସହ ନୂଆ ପତ୍ର ବାହାରିବାରେ ବାଧା ଉପୁଜିଛି ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି ମତପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ପାରାଦୀପସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର କୁମାର ବେହେରାଙ୍କୁ ପଚାରିବାରେ ଶିଳ୍ପ, କାରଖାନାର ଆନୁଆଲ ଶଟ ଡାଉନ୍ କ୍ଲିଅରାନ୍ସ ମାର୍ଚ୍ଚ ଶେଷ ଓ ଏପ୍ରିଲ ପ୍ରଥମ ସପ୍ତାହରେ ହୋଇଥାଏ। ଯାହାଫଳରେ ଏହିଭଳି ଅବସ୍ଥା ଦେଖାଦିଏ। ପରେ ଦିନେ ୨ ଦିନ ମଧ୍ୟରେ ପୂର୍ବ ସ୍ଥିତି ଫେରିଆସେ ବୋଲି ସେ କହିଛନ୍ତି।


ପାରାଦୀପର ଏକ କାରଖାନାରୁ ନିଆଁ ଧୂଆଁ ବାହାରୁଛି, ମହାକାଳପଡ଼ା ଅଞ୍ଚଳବାସୀ ଅଣନିଃଶ୍ୱାସୀ।

# ଶହୀଦ ଜନ୍ମେଜୟଙ୍କ ପ୍ରତିମୂର୍ତ୍ତି ଅନାବରଣ


ଶହୀଦ ଜନ୍ମେଜୟ ସାହୁଙ୍କ ପ୍ରତିମୂର୍ତ୍ତି ଅନାବରଣରେ ମା', ବାପା ଓ ଅନ୍ୟମାନେ।

ଆଳି, ୨୧।୪ (ବନମାଳୀ ସେନାପତି)

କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏଣ୍ଡୋଳ ଗାଁର ଜନ୍ମେଜୟ ସାହୁଙ୍କ ପ୍ରତିମୂର୍ତ୍ତି ରବିବାର ପୂର୍ବାହ୍ନରେ ଅନାବରଣ ହୋଇଯାଇଛି। ଆଳି ଭୂଇଁପୁର ରାସ୍ତାରୁ ଟୁଙ୍ଗା-ବଉଳଯୋଡିକୁ ଯାଇଥିବା ରାସ୍ତା ଆରମ୍ଭରେ ହୋଇଥିବା ଏହି ପ୍ରତିମୂର୍ତ୍ତିକୁ ତାଙ୍କ ବାପା ବୈକୁଣ୍ଠ ସାହୁ ଓ ମା' ସୁମିତ୍ରା ସାହୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଶେଖର ଚନ୍ଦ୍ର ବାରିକ, ସୈନିକ ସଂଘ ସଭାପତି ଆନନ୍ଦ ଚନ୍ଦ୍ର ନାୟକ, ଅକ୍ଷୟ କୁମାର ନାଥ, ସମ୍ମାନିତ ଅତିଥି ବିଜୟାନନ୍ଦ ସେନାପତି, ଦୁର୍ଯ୍ୟୋଧନ ମହାନ୍ତି, ବସନ୍ତ ପଲାଇ, ଦର୍ପ ନାରାୟଣ ରାଉତ, କେତନ କୁମାର ଦାସ, ନବୀନ କୁମାର ରାଉତ, ବିଭୂତି କୁମାର ମହାନ୍ତି, ଅମୂଲ୍ୟ ବାରିକ, ଅଜିତ କୁମାର ଦାସ ପ୍ରମୁଖ ଯୋଗଦେଇ ଶହୀଦ ଜନ୍ମେଜୟଙ୍କ ସ୍ମୃତି ଚାରଣ କରିଥିଲେ। ସୂଚନା ଯୋଗ୍ୟ, ଜନ୍ମେଜୟ ୧୯୯୭ରେ ସେନା ବିଭାଗରେ ଯୋଗଦେବା ପରେ ଟ୍ରେନିଂ ନେଇ ୧୯୯୯ରେ କାର୍ଯ୍ୟ ଆରମ୍ଭ କରି କାରଗିଲ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସେ ଶହୀଦ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅବସରପ୍ରାପ୍ତ ସେନା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।

# କାର୍ ସହ ୬୭୫ ବୋତଲ ମଦ ଜବତ

ରାଜନଗର, ୨୧।୪ (ଭାସ୍କର ରାଉତରାୟ)

ରାଜନଗର ପୋଲିସ ରବିବାର କାର ସହ ୬୭୫ ବୋତଲ ଦେଶୀ ମଦ ଜବତ କରିବା ସହ ଏହାର ଡ୍ରାଇଭରଙ୍କୁ ଗିରଫ କରି କରିଛି। ମିଳିଥିବା ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଉଳାଙ୍ଗ ଗାଁର ନିର୍ମଳ ସାମଲ ଏକ କାର(ନଂ.ଓଡି ୦୨ ବି ଜେଡ୍ ୩୧୨୫)ରେ ଦେଶୀମଦ ନେଇ ଯାଉଥିଲେ। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଖବର ପାଇ ତ୍ରିନାଥବଜାର ନିକଟରେ କାରକୁ କାବୁ କରି ନେଇଥିଲେ। କାରରେ ଆସ୍କା-୪୦ ୨୭ ପେଟି ଅର୍ଥାତ୍ ୧୩୫ ଲିଟର ଥିଲା। ମଦ ପଟ୍ଟାମୁଣ୍ଡାଇରୁ ଚୋରାରେ ଆସିଥିଲା। ପୋଲିସ କାର ଡ୍ରାଇଭର ନିର୍ମଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରା।

ଆଳି, ୨୧।୪ (ବନମାଳୀ ସେନାପତି)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଆଳି ବିଜେଡିର ପ୍ରାର୍ଥୀ ତଥା ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଏହି ଅବସରରେ ରବିବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ଏକ ପଦଯାତ୍ରା ଆଳି ବ୍ଲକର ସାନମଙ୍ଗ ଓ ବାଟିପଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତିମନ୍ତ୍ରୀ ଦେବ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଘରେ ଘରେ ଶଙ୍ଖ ଲୋଗୋ ଲଗାଇବା ସହ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଦେବଙ୍କ ସହ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ସାନମଙ୍ଗ ପଞ୍ଚାୟତ ସରପଞ୍ଚ ହେମଲତା ସେଠୀ, ବାଟିପଡ଼ା ପଞ୍ଚାୟତ ସରପଞ୍ଚ ବିଜୟାଲକ୍ଷ୍ମୀ ସାହୁଙ୍କ ସମେତ ବିଜେଡିର ସଙ୍ଗଠକମାନଙ୍କ ସମେତ ଶତାଧିକ ମହିଳା ସାମିଲ ଥିଲେ।

# ନୀତି ଆଦର୍ଶର ବ୍ୟକ୍ତିତ୍ୱ ଥିଲେ ବେଦପ୍ରକାଶ

ଡେରାବିଶ, ୨୧।୪ (ବେବର୍ତ୍ତା ଅଜୟ ଦାସ)

**ପଞ୍ଚମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି**

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳଠାରେ ଶନିବାର ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ତଥା ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ୫ମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବେଦପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ରାଜେଶ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ଯୋଗଦେଇ ସ୍ୱର୍ଗତ ବେଦପ୍ରକାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବା ସହ ସେ ଜଣେ ନୀତି ଆଦର୍ଶର ବ୍ୟକ୍ତିତ୍ୱ ବୋଲି କହିଥିଲେ। ଏଥିସହ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ନିଜର ରାଜନୈତିକ କାର୍ଯ୍ୟକ୍ରମରେ ରହିଥିବା ବେଦପ୍ରକାଶ ଜିଲାର ରାଜନୈତିକ ଇତିହାସରେ ପିତାମହ ଭୀଷ୍ମ ଥିଲେ ବୋଲି ଉଲ୍ଲେଖ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ପରିଷଦର ଅଧ୍ୟକ୍ଷା ମଧୁମିତା ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବାପା ବେଦପ୍ରକାଶ କେନ୍ଦ୍ରାପଡ଼ା ଓ ପାଟକୁରା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରି ଉଭୟ ଅଞ୍ଚଳର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରକୁ ଅଭିବୃଦ୍ଧି ପାଇଁ ସଦାସର୍ବଦା ଚିନ୍ତା କରୁଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପରିଷଦର ଆବାହକ ପ୍ରହଲ୍ଲାଦ ସାହୁ, ଉପସଭାପତି ଭବାନୀ ପ୍ରସାଦ ଓଝା, ସନ୍ତୋଷ ମାହାଳି, ଦିଲୀପ କୁମାର ସେଠୀ, ମନୀନ୍ଦ୍ର ପ୍ରସାଦ ରଥ, ଶାରଦା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେଦୁବାବୁ ପାଟକୁରାର ବିଶ୍ୱକର୍ମା ଥିବା ଉପରେ ଆଲୋକପାତ କରିଥିଲେ। ପରିଷଦର ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ବିଗତ ୫ ବର୍ଷ ଧରି ପାଟକୁରା ନିର୍ବାଚନମଣ୍ଡଳୀରେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭକରି ବିଭିନ୍ନ ଦୁର୍ବିପାକ ସମୟରେ ପରିଷଦ ପକ୍ଷରୁ ବିପନ୍ନଙ୍କୁ ସହାୟତା ସହ କୃତୀ ଛାତ୍ରୀଛାତ୍ରଙ୍କୁ କରିଥିବା ସହାୟତା ଉପରେ ଆଲୋଚନା କରିଥିଲେ। ଲୋହିତ୍ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ସନ୍ଧ୍ୟାରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ କେନ୍ଦ୍ରାପଡ଼ା ରେଡ୍‌କ୍ରସ ବିଭାଗ ପକ୍ଷରୁ ରାକେଶ କୁମାର ମିଶ୍ର, ସୌମ୍ୟରଞ୍ଜନ ସାହୁ, ମନୋଜ କୁମାର ଦାସ, ବିଜୟଲକ୍ଷ୍ମୀ ବରାଳ, ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।



ସଭାରେ ଯୋଗ ଦେଇଥିବା ଅତିଥିମାନେ।

# ଜନନାୟକ ଥିଲେ ଜାନକୀବଲ୍ଲଭ




କେନ୍ଦ୍ରାପଡା, ୨୧।୪ (ଜଗନ୍ନାଥ ଧଳ)

ପୂର୍ବତନ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୯ମ ଶ୍ରାଦ୍ଧ ଦିବସ କେନ୍ଦ୍ରାପଡ଼ା ତିନିମୁହାଣୀ ସ୍ମୃତିପୀଠ ପରିସରରେ ସ୍ମୃତି ପରିଷଦ ପକ୍ଷରୁ ରବିବାର ପାଳନ ହୋଇଛି। ପରିଷଦ ସଭାପତି ପୂର୍ବତନ ବିଧାୟକ ଚିନ୍ମୟ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପାଳିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ଓଡ଼ିଶାର ଜନନାୟକ ଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ। ଏଥିରେ ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ଶତ୍ରୁଘ୍ନ ପାଣ୍ଡବ, ଗଣେଶ୍ୱର ବେହେରା, ଗୟାଧର ଧଳ, ଅଜୟ କୁମାର ସାମଲ, ରାଜେଶ ମହାନ୍ତି, ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଏଠାରେ ପ୍ରକାଶ କରିଥିଲେ ଯେ, ୧୯୨୭ରେ ସ୍ୱର୍ଗତ ପଟ୍ଟନାୟକ ଖୋର୍ଦ୍ଧା ଜିଲାରେ ଜନ୍ମ ଗ୍ରହଣ କରି ୧୯୪୭ରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍ଏ ପାସ୍ କରିଥିଲେ। ୧୯୫୦ରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରୂପେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୭୩ରୁ ୧୯୭୫ ମସିହା ଯାଏ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ କାର୍ଯ୍ୟ କରି ୧୯୮୫ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସହ ୨୦୦୪ରୁ ୨୦୦୯ ଯାଏ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ ତୁଲାଇ ଥିଲେ। ସେ ଜଣେ ଏକାଧାରରେ ସାହିତ୍ୟିକ, ଖବରଦାତା ଓ ରାଜନୀତିରେ ଜଣେ ଧୁରୀଣ ରାଜନେତା ଭାବେ ଓଡ଼ିଶା ଇତିହାସରେ ନିଜକୁ ପ୍ରତିପାଦନ କରି ପାରିଥିଲେ। ଏହି ଅବସରରେ ଶତ୍ରୁଘ୍ନ ପାଣ୍ଡବ ଓ ଡ. ପ୍ରକାଶ ପରିଡାଙ୍କୁ ଜାନକୀବଲ୍ଲଭ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ଡେରାବିଶରେ ପ୍ରବଳ ଗରମ, ଜନଜୀବନ ଅସ୍ତବ୍ୟସ୍ତ

ଡେରାବିଶ, ୨୧।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଜନଜୀବ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ପ୍ରତିଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ହେଉଥିବାରୁ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବଜାର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଛି। ଏପରିକି ଅପରାହ୍ନରେ ୩୯ ଡିଗ୍ରୀ ପାରଦ ରହୁଥିବାରୁ ଲୋକମାନେ ଗରମରେ କଲବଲ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ଲକ ଅଞ୍ଚଳର ବିଭିନ୍ନ ମୁଖ୍ୟ ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଜଳଦାନ କରାଯାଉଛି। ବିଭିନ୍ନ ଗ୍ରାମାଞ୍ଚଳରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ସାଧାରଣ ଲୋକଙ୍କୁ ଆହୁରି ବିବ୍ରତ ଭିତରକୁ ଠେଲି ଦେଇଛି। ରବିବାର ସକାଳ ୮ଟା ସୁଦ୍ଧା ଡେରାବିଶ ଅଞ୍ଚଳରେ ତାପମାତ୍ରା ୩୦ ଡିଗ୍ରୀ ରହିଥିଲା। ପାଣିପାଗ ବିଭାଗ ପକ୍ଷରୁ ତାପମାତ୍ରା ବୃଦ୍ଧି ନେଇ ସତର୍କ ସୂଚନା ଜାରି କରିଥିବା ବେଳେ ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ ଓ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ କେନ୍ଦ୍ରପଡ଼ାରୁ କଟକ ଯାଉଥିବା ବସ୍‌ଗୁଡ଼ିକ ବିଭାଗୀୟ ନିର୍ଦ୍ଦେଶନାମାକୁ ଫୁ କରି ୧୧ଟାରୁ ୩ଟା ପର୍ଯ୍ୟନ୍ତ ଚଳାଚଳ କରୁଥିଲେ। ବସ୍ ମଧ୍ୟରେ ଅଧିକ ଯାତ୍ରୀ ନେବା ଆଣିବା କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ଦେବେନ୍ଦ୍ର ନାୟକଙ୍କୁ ପଚାରିବାରେ ଏ ବିଷୟରେ ପରିବହନ କମିଶନରଙ୍କୁ ଲିଖିତ ଭାବେ ଜଣାଇଛୁ ବୋଲି ସେ କହିଥିଲେ।

# ଈଶ୍ୱରପୁରରେ ବିଜେଡିର କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ରାଜନଗର, ୨୧।୪ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତର ରିଘାଗଡ଼ଠାରେ ବିଜେଡିର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପୁରୁଣା ବିଜେଡି ନେତୃତ୍ୱ ଓ ଅଂଶୁମାନଙ୍କ ସହ ବିଜେଡିରେ ଯୋଗଦେଇଥିବା କର୍ମୀମାନଙ୍କୁ ଏକ ମନ ହୋଇ ଡବଲ ଶଙ୍ଖ ପାଇଁ କାମ କରିବାକୁ କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଓ ଗତ ୫ ବର୍ଷରେ ପଞ୍ଚାୟତରେ ହୋଇଥିବା ବିକାଶର ତାଲିକା ରଖିଥିଲେ। ଏଥିରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ପ୍ରଧାନ, ନରହରି ଜେନା, ପାରେଶ୍ୱର ନାୟକ, ରଘୁନାଥ ପ୍ରଧାନ, ପଞ୍ଚାୟତ ବିଜେଡି ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ହୃଷୀକେଶ ପ୍ରଧାନ, ମୋହନ ଚନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବେହେରା, ଜିତେନ୍ଦ୍ର ବିଶ୍ୱାଳ, ନିର୍ମାଲ୍ୟ ମାନ୍ନା, ସୁବାସ ଚନ୍ଦ୍ର ସାମଲ, ହୃଷୀକେଶ ବେହେରା, ରୁଦ୍ର ନାରାୟଣ ପ୍ରଧାନ, ହେମନ୍ତ ମହାରଣା, ଗଣେଶ ଧାଉଡିଆ, ନରହରି ବେହେରା, ଲକ୍ଷ୍ମୀକାନ୍ତ ପାହାଡି, ନୀଳମଣି ନାୟକ, ନୀଳମାଧବ ଜେନା, ଶ୍ରୀଚରଣ ମହାନ୍ତି, ସନାତନ ଲେଙ୍କା, ରବୀନ୍ଦ୍ର ସେଠୀ, ବାଇଧର ବାରିକ, ହିମାଂଶୁ ପାଣି, ଧୀରେନ୍ଦ୍ର ମହାକୁଡ, ଅଶୋକ ପ୍ରଧାନ, ଦୀପ୍ତିମୟୀ ଦାସ, ମିନତି ଭ୍ରମରରାୟ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ସମସ୍ତେ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ କହିଥିଲେ।

# ସରକାରୀ ଅନୁଦାନରୁ ବଞ୍ଚିତ ଗୋପୀନାଥଜୀଉ ମନ୍ଦିର

ଆଳି, ୨୧।୪ (ବନମାଳୀ ସେନାପତି)



**ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କଲେ ଗ୍ରାମବାସୀ**

ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଥିବା ମନ୍ଦିରର ପୁନରୁଦ୍ଧାର ନିମନ୍ତେ ୫-ଟି ମାଧ୍ୟମରେ ଅର୍ଥ ଯୋଗାଇ ଦେଇଥିବାବେଳେ ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତ ପାଟପୁରଠାରେ ଥିବା ଗୋପୀନାଥଜୀଉ ମନ୍ଦିର ୫-ଟି ରୁ ପ୍ରଦତ୍ତ ଅର୍ଥରୁ ବଞ୍ଚିତ ହୋଇଥିବା ନେଇ ଗ୍ରାମବାସୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି ରାଜ୍ୟ ସରକାର ପୁରାତନ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏ ଦେଇଛନ୍ତି, ଚଣ୍ଡିଆଗଡି ପଞ୍ଚାୟତକୁ ମଧ୍ୟ ଏହି ଟଙ୍କା ଆସିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଗୋପୀନାଥଜୀଉ ମନ୍ଦିର ଏଥିରୁ ବଞ୍ଚିତ ହୋଇଛି। ଏପରିକି ସେମାନେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଏହି ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଗ୍ରାମବାସୀଙ୍କ ସହାୟତାରେ ହୋଇଥିଲା। ମନ୍ଦିର ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ପୂର୍ବତନ ସରପଞ୍ଚ ଗୃହ ନିର୍ମାଣ ନିମନ୍ତେ କିଛି ସହଯୋଗ ଯୋଗାଇ ଦେଇଥିଲେ। କିନ୍ତୁ ୫-ଟି ଯୋଜନାରେ ଗୋପୀନାଥଜୀଉଙ୍କ ମନ୍ଦିର ନିର୍ମାଣ ନିମନ୍ତେ ୪ ଲକ୍ଷ ଟଙ୍କା ପଲ୍ଲୀସଭା ଦ୍ୱାରା ନିର୍ଦ୍ଧାରଣ ହୋଇଥିବା ବେଳେ ରବିବାର ପର୍ଯ୍ୟନ୍ତ କୌଣସି ଅନୁଦାନ ମିଳିନାହିଁ। ମନ୍ଦିରଟି ବହୁ ପୁରାତନ ହୋଇଥିବା ବେଳେ ସରକାରୀ ସ୍ତରରେ ଏହା ଉପରେ ଦୃଷ୍ଟି ନ ପଡିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ରାଜ୍ୟ ସରକାର ଏହି ମନ୍ଦିର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅନୁଦାନ ଯୋଗାଇ ଦେବାକୁ ପୀତାମ୍ବର ଦାସ, ଧନେଶ୍ୱର ନାୟକ, ଅନାଦି ଚରଣ ଦାସ, ନିରଞ୍ଜନ ବାରିକ, ଲକ୍ଷ୍ମୀଧର ବାରିକ, ସନାତନ ଦାସ, ନଟବର ଦାସ, ବୈକୁଣ୍ଠ ପଣ୍ଡା, ରବୀନ୍ଦ୍ର ଦାଶ, ଘନଶ୍ୟାମ ଦାସ, ବିଷ୍ଣୁଚରଣ ଦାଶ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ନେଇ ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ମନ୍ଦିର ନିମନ୍ତେ ସେ ୪ ଲକ୍ଷ ଟଙ୍କାର ପ୍ରୋଜେକ୍ଟ ଦେଇଥିବା ବେଳେ ବ୍ଲକ ପକ୍ଷରୁ ମନ୍ଦିରକୁ ଅଢେଇ ଲକ୍ଷ ଟଙ୍କା ଦିଆଯିବା ଲାଗି ସୂଚନା ମିଳିଥିଲା। କିନ୍ତୁ ବ୍ଲକରୁ ଫାଇନାଲ ତାଲିକା ପ୍ରକାଶ ପାଇବା ପରେ ଏହି ମନ୍ଦିରକୁ କୌଣସି ଅନୁଦାନ ଦିଆଯାଇନଥିବା ଜଣାପଡିଥିଲା। ଯାହାକୁ ନେଇ ସେ ବିଡିଓଙ୍କ ଠୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି।

# ପ୍ଲାଷ୍ଟିକ ବ୍ୟବହାର ଜୀବଜଗତ ପାଇଁ ବିପଦ

ବ୍ରହ୍ମପୁର,୨୧।୪(ଅଶୋକ କୁମାର ସାହୁ)

ପୃଥିବୀର ବିଭିନ୍ନ ପରିବେଶଜନିତ ସମସ୍ୟା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ସମସ୍ୟା ସମାଧାନ ଦିଗରେ ଚିନ୍ତା କରିବା ସକାଶେ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖକୁ 'ଧରିତ୍ରୀ ଦିବସ' ରୂପେ ପାଳନ କରାଯାଉଛି। ଏବେ ପରିବେଶର ମୁଖ୍ୟ ଶତ୍ରୁ ଭାବେ ଉଭା ହୋଇଛି ପ୍ଲାଷ୍ଟିକ। ଚଳିତବର୍ଷ ଧରିତ୍ରୀ ଦିବସର ଶୀର୍ଷକ ରହିଛି 'ଗ୍ରହ ବନାମ ପ୍ଲାଷ୍ଟିକ'।

ଭୋଜିଭାତଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ପ୍ଲାଷ୍ଟିକର ବ୍ୟବହାର ଦେଖିବାକୁ ମିଳୁଛି। ବ୍ରହ୍ମପୁର ସହରରେ ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ହେଉଛି। ମୁଖ୍ୟତଃ ବିଭିନ୍ନ ଦୋକାନ ଓ ହୋଟେଲଗୁଡ଼ିକରେ ପଲିଥିନ ଓ ପ୍ଲାଷ୍ଟିକ ବୋତଲ ବ୍ୟବହାର ହେଉଛି। ପ୍ଲାଷ୍ଟିକ ବୋତଲରେ ବାରମ୍ବାର ପାଣି ଭରି କରି ଦିଆଯାଉଛି। ଏହାକୁ ବ୍ୟବହାର କରିବା ଶରୀର ପାଇଁ ଘାତକ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞ କୁହନ୍ତି। ବ୍ରହ୍ମପୁରଠାରୁ ୧୫ କିମି ଦୂରରେ ଥିବା ମହୁଡା ନିକଟ ମହାନଗର ନିଗମ (ବିଏମ୍‌ସି)ର କଠିନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁସାରେ ସେଠାକୁ ଯେଉଁ ଆବର୍ଜନା ଯାଉଛି ସେଥିରୁ ଦୈନିକ ୩୦ ଟନ ପଲିଥିନ ଓ ପ୍ଲାଷ୍ଟିକ ବାହାରୁଛି। ବିଶେଷକରି ପ୍ଲାଷ୍ଟିକଗୁଡ଼ିକୁ ପୃଥକ କରାଯାଇ ସିମେଣ୍ଟ ପ୍ଲାଣ୍ଟକୁ ପଠାଯାଉଛି।



ପ୍ଲାଷ୍ଟିକ୍ ସଫେଇ କରାଯାଉଛି।

ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ବିଏମସି ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା କରାଯାଉଥିଲେ ମଧ୍ୟ ବ୍ୟବହାର ବନ୍ଦ ହେଉନାହିଁ। ଅନ୍ୟପକ୍ଷରେ ଏହି ବ୍ୟବହୃତ ପ୍ଲାଷ୍ଟିକକୁ ଫୋପାଡି ଦେବା ପରେ ପୁଣି ବିଶୋଧନ କରାଯାଇ ବଜାରକୁ ଛଡାଯାଉଛି। ବ୍ୟବହାର ପରେ ଏହାକୁ ଯେଉଁଠି ପାରିଲେ ସେଠି ଫୋପାଡି ଦିଆଯାଉଥିବାରୁ ପରିବେଶ ଉପରେ ପ୍ରଭାବ ପଡୁଛି। ଜୈବ ବିବିଧତାକୁ ପ୍ରଭାବିତ କରୁଥିବାରୁ ଓଡ଼ିଶାରେ ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଓ

## ଆଜି ଧରିତ୍ରୀ ଦିବସ

ବ୍ୟାଘ୍ର ସଂରକ୍ଷିତ ଅଭୟାରଣ୍ୟରେ ପ୍ଲାଷ୍ଟିକ ବୋତଲ, ଚାମଚ କିମ୍ବା ପଲିଥିନ ବ୍ୟବହାରକୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଗତ ୧ ତାରିଖଠାରୁ ବାରଣ କରାଯାଇଛି।

ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି, ତାଙ୍କ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ବୁଲି ବୁଲି ଗଛ ଲଗାଇବା ସହ ପ୍ଲାଷ୍ଟିକ ଓ ପଲିଥିନ ସଂଗ୍ରହ କରାଯାଇ ପରିବେଶକୁ ସ୍ୱଚ୍ଛ ରଖିବା ଉଦ୍ୟମ ଜାରି ରହିଛି। ବିଶେଷ କରି ବେଳାଭୂମିରେ ପ୍ଲାଷ୍ଟିକ ବୋତଲ ଓ ପଲିଥିନ କୁଢ଼ କୁଢ଼ ପଡ଼ିବା ଦ୍ୱାରା ସାମୁଦ୍ରିକ କଇଁଛ ଓ ମତ୍ସ୍ୟ ସମ୍ପଦ ପାଇଁ ଏହା ବିପଦ ସୃଷ୍ଟି କରୁଛି। ତେଣୁ ସୁନାପୁର ବେଳାଭୂମି ଓ ଗୋପାଳପୁର ବେଳାଭୂମିକୁ ସଂଗଠନ ଦ୍ୱାରା ସଫେଇ କରାଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ସେଣ୍ଟର ଫର ଏନଭାଇରନମେଣ୍ଟାଲ ଷ୍ଟଡିଜର ପୂର୍ବତନ ନିର୍ଦ୍ଦେଶିକା ଡ. ଶୈଳବାଳା ପାଢ଼ୀ କହିଛନ୍ତି, ପ୍ଲାଷ୍ଟିକ ବ୍ୟବହାର ଜଳ,ବାୟୁ ଓ ମାଟି ପାଇଁ ମାରାତ୍ମକ। ଏଥିପାଇଁ କଟକଣାକୁ ରାଜ୍ୟ ସରକାର ଜୋର କରିବା ଦରକାର। ପ୍ଲାଷ୍ଟିକକୁ ଅନେକ ସ୍ଥାନରେ ପୋଡି ଦିଆଯାଉଛି। ପୋଡ଼ିବା ଦ୍ୱାରା ସେଥିରୁ ଯେଉଁ ବାଷ୍ପ ବାହାରୁଛି ତାହା କ୍ୟାନସରର କାରଣ ହୋଇପାରେ। ନାଳନର୍ଦ୍ଦମାରେ ପ୍ଲାଷ୍ଟିକ ପଡିବା ଦ୍ୱାରା ପାଣି ନିଷ୍କାସନ ହୋଇ ନ ପାରି ସେଥିରେ ବିଭିନ୍ନ ପ୍ରକାର ଭୂତାଣୁ ଜନ୍ମ ନେଉଛି। ପାଣି ଗଚ୍ଛିତ ରହିବା ଦ୍ୱାରା ସେଥିରୁ ଯେଉଁ ବାଷ୍ପ ନିର୍ଗତ ହେବ ତାହା ମଧ୍ୟ ଶରୀର ପାଇଁ କ୍ଷତିକାରକ। ସେହିପରି ମାଟିରେ ଦୀର୍ଘଦିନ ଧରି ପ୍ଲାଷ୍ଟିକ ପଡିବା ଦ୍ୱାରା ତଳେ ଥିବା ଶିଉଳି ପ୍ରତି ବିପଦ ସୃଷ୍ଟି କରୁଛି। ଶିଉଳି ପୃଥିବୀର ବରଦାନ। ସେଥିରୁ ପ୍ରଚୁର ଅମ୍ଳଜାନ ମିଳେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏ ନେଇ ଜାଗରଣ ସୃଷ୍ଟି କରିବା ପାଇଁ ୯୫୦୦ରୁ ଅଧିକ ଇକୋ କ୍ଲବ ସୃଷ୍ଟି କରିଛନ୍ତି। ପ୍ଲାଷ୍ଟିକକୁ ଆମେ ଯଦି ଠିକ ଭାବେ ରିସାଇକିଲିଂ କରିବା ସେଥିରୁ ଅନେକ ଦରକାରୀ ସାମଗ୍ରୀ ପାଇପାରିବା। ସେ ଅନୁଧ୍ୟାନ କରୁଥିବାବେଳେ ଜଣେ ଲୋକ ପ୍ଲାଷ୍ଟିକକୁ ପ୍ରେସର କୁକୁରରେ ତରଳାଇ ସେଥିରୁ ଡିଜେଲ ବାହାର କରିଥିଲେ। ପ୍ଲାଷ୍ଟିକ ବ୍ୟବହାର କରିବା ଜୀବଜଗତ ପାଇଁ ବିପଦ। ଏହା ମାଟି, ବାୟୁ ଓ ଜଳକୁ ଦୂଷିତ କରୁଥିବାରୁ ସମସ୍ତେ ସଚେତନ ହୋଇ ଏହାକୁ ବର୍ଜନ କଲେ ଧରିତ୍ରୀ ଦିବସର ମହତ୍ତ୍ୱ ରହିବ।

# ଆବର୍ଜନାରେ ପୋତିହୋଇଛି ରାସ୍ତା ପାର୍ଶ୍ୱ ଡ୍ରେନ୍

## ମଶାଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ

ଖଣ୍ଡପଡ଼ା,୨୧।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସାହି ବସ୍ତି ଓ ମୁଖ୍ୟ ରାସ୍ତା କଡରେ ଥିବା ଡ୍ରେନଗୁଡ଼ିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇପଡିଛି। କେତେକ ଡ୍ରେନ ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ଦୂଷିତ ପରିବେଶ ସୃଷ୍ଟି କରୁଛି। ଏହାଛଡା ବିଭିନ୍ନ ଦୋକାନ ବଜାରଠାରୁ ଆରମ୍ଭ କରି ଗ୍ରାମର ବର୍ଜ୍ୟବସ୍ତୁ ଓ ନର୍ଦ୍ଦମା ପାଣିକୁ ନିଷ୍କାସନ କରିବା ପାଇଁ ଥିବା ଡ୍ରେନଗୁଡ଼ିକ ସଂପ୍ରତି ପୋତି ହୋଇପଡିଛି। ଖରାଦିନେ ଏ ସବୁ ନର୍ଦ୍ଦମାର ମଇଳା ପାଣି ନିଷ୍କାସନ ହୋଇ ନ ପାରି ଦୂଷିତ ପରିବେଶ ସୃଷ୍ଟି କରୁଛି। ଫଳରେ ମଶାମାନଙ୍କ ବଂଶ ବୃଦ୍ଧି ଘଟିଛି। ମଶାମାନଙ୍କ ଯୋଗୁ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ସେହିପରି କଣ୍ଟିଲୋ ପଞ୍ଚାୟତ ଅଧୀନ ମାଧବଚୌଧୁରୀ ପାଟଣା, ବାପୁଜୀନଗର ଅଞ୍ଚଳର ଘରୋଇ ଡ୍ରେନରୁ ନିର୍ଗତ ମଇଳା ପାଣି ଓ ବର୍ଜ୍ୟବସ୍ତୁ ବହି ଆସି ଗାନ୍ଧୀପାର୍କଠାରୁ ବଜାର ପର୍ଯ୍ୟନ୍ତ ରାସ୍ତା କଡରେ ଥିବା ଡ୍ରେନରେ ପଡି ମହାନଦୀକୁ ନିଷ୍କାସନ ହୋଇଥାଏ। ସମ୍ପୃକ୍ତ ଡ୍ରେନ ପାଣି ଠିକ୍ ଭାବେ ନିଷ୍କାସନ ନ ହେବା ଫଳରେ ଡ୍ରେନର ସମ୍ପୂର୍ଣ୍ଣ ଅଂଶ ଭାରି ବର୍ଜ୍ୟବସ୍ତୁ ଓ ଅଳିଆ ଆବର୍ଜନାରେ ପୋତି ହୋଇଯାଇଛି। ଆବର୍ଜନା ପଚିଶଢି ଦୂଷିତ ପରିବେଶ ସୃଷ୍ଟି କରୁଛି। ଏଥିଯୋଗୁ ମଶାବଂଶ ବୃଦ୍ଧି ଘଟିଛି। ବିଶେଷ କରି ମଶା



କାମୁଡିବାରେ ଡେଙ୍ଗୁ ରୋଗ ହେବାର ସମ୍ଭାବନା ଥିବାରୁ ଲୋକମାନେ ଚିନ୍ତାରେ ପଡିଛନ୍ତି। କଣ୍ଟିଲୋ ଏକ ପର୍ଯ୍ୟଟନ ସ୍ଥଳୀ ତଥା କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିବାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଓ ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳକୁ ଆସିଥାଆନ୍ତି। ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଥିବା ଏହି ପୂତିଗନ୍ଧମୟ ନର୍ଦ୍ଦମା ସେମାନଙ୍କ ମନରେ ଏକ ନକରାତ୍ମକ ପ୍ରଭାବ ପକାଉଛି। ପଞ୍ଚାୟତ ପକ୍ଷରୁ ଏହି ଆବର୍ଜନା ସଫେଇ ଦିଗରେ ସ୍ଥାୟୀ ପଦକ୍ଷେପ ଗ୍ରହଣ ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସହ ଯୋଗାଯୋଗ କରିବାରେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିମଳ ଶୁଦ୍ଧତା ରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଓଡ଼ଗାଁ,୨୧।୪(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ଅର୍ନ୍ତଗତ ଓଡ଼ଗାଁ-ଦରପଦା ରାସ୍ତାର ମାନପୁର ତାରିଣୀ ମନ୍ଦିର ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅଧୀନ ଅଳଶୁ ଗ୍ରାମର ରାଜେଶ ପାତ୍ର(୨୦) । ସ୍ଥାନୀୟ ବାଉଁଶ ଗାଡିଆ ନିକଟରେ ଥିବା ରଗଡିମଡା ଗାଁକୁ ଏକ ଭୋଜିରେ ଯୋଗ ଦେବାକୁ ରାଜେଶ ଆସିଥିଲେ । ସେଠାରୁ ସେ ଏକ ବାଇକ୍(ନଂ.ଓଡି୨୫ପି୧୭୨୪)ରେ ରବିବାର ସନ୍ଧ୍ୟାରେ ଓଡ଼ଗାଁ ଆସୁଥିଲେ । ହେଲେ ତାଙ୍କ ବାଇକ୍ ନିୟନ୍ତ୍ରଣ ହରାଇ ଏକ ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଓଡ଼ଗାଁ ପୋଲିସ ଡାକ୍ତରଖାନାରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି । ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି ।

# ଯୁବ ଓ ମହିଳା ମୋର୍ଚ୍ଚା ଜାଗରଣ ସମାବେଶ



ସମାବେଶରେ ମହିଳା ମୋର୍ଚ୍ଚାର କର୍ମୀମାନେ।

ଗୋପାଳପୁର,୨୧।୪(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଖଜୁରିଆ ବାଇପାସ ନିକଟରେ ଭାଜପାର ଯୁବ ଓ ମହିଳା ମୋର୍ଚ୍ଚା ଜାଗରଣ ସମାବେଶ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଗୋପାଳପୁର ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ଜେନା, ଲୋକ ସଭା ସଂଯୋଜକ ସରୋଜ ସାବତ, ଯୁବନେତା ବାଲ୍ୟ ରାମ ଦଳେଇ, ଗୌରୀ ସାମନ୍ତରାୟ, ଜିଲା ଉପସଭାପତି ଗଙ୍ଗା ଶତପଥୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ଶିବ ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଜା ନନ୍ଦ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦକ ବବିତା ପାତ୍ର ଓ ଅନ୍ୟ ମାନେ ଯୋଗ ଦେଇଥିଲେ। କେନ୍ଦ୍ର ସରକାର ଯୋଜନାକୁ ନେଇ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ପରିଶ୍ରମ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଲୁହାଝର ସରପଞ୍ଚ କମଳା ରେଡି ସମେତ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ,ବହୁ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। କର୍ପୋରେଟର ବନିତା ସାହୁ, ମମତା ରଣା, ରାଜେଶ ସାହୁ, ରାଜେଶ ପଟ୍ଟନାୟକ, ଅନିଲ ପତି, ଅକ୍ଷୟ ପାଢ଼ୀ, ଏନ ଧନଞ୍ଜୟ ରାଓ, ଅସିତ ଶତପଥୀ, ସନ୍ତୋଷ ବିଷୋୟ, ଗଙ୍ଗା ପାତ୍ର, ଲକ୍ଷ୍ମୀନାରାୟଣ ପାତ୍ର ପ୍ରମୁଖ ଶତାଧିକ ମହିଳା ଓ ଯୁବ କର୍ମ ଉପସ୍ଥିତ ଥିଲେ।

# ଦୂତିକେଶ୍ୱର ମନ୍ଦିର କାମ ପାଇଁ ବେଆଇନ ବିଦ୍ୟୁତ୍ ସଂଯୋଗ

ଓଡ଼ଗାଁ,୨୧।୪(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ଦୂତିକେଶ୍ୱର ମନ୍ଦିର କାର୍ଯ୍ୟ ବେଆଇନ ବିଦ୍ୟୁତ ସଂଯୋଗ ଦ୍ୱାରା ବିନା ଅନୁମତିରେ ଚାଲିଥିବା ଅଭିଯୋଗ ହୋଇଛି। ଦୂତିକେଶ୍ୱର ମନ୍ଦିରର ରୂପରେଖ ବଦଳିବ। ଏଥିପାଇଁ ସାଢ଼େ ୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଟେଣ୍ଡର ପରେ ଠିକାଦାର କାମ କରିବାକୁ ଯାଇ ମନ୍ଦିର ପୋଖରୀରୁ ପାଣି, ଟାଟା ପାୱାର ଖୁଣ୍ଟରୁ ବିଦ୍ୟୁତ୍ ଚୋରି କରିବା ସହିତ ନିକଟସ୍ଥ ମୁଣ୍ଡିଆ ତାଡି ମାଟି ଆଣି କାମ କରୁଥିବା ଅଭିଯୋଗ ହୋଇଛି। ଏକ ବିଦ୍ୟୁତ୍ ଖୁଣ୍ଟ ଓ ନିକଟସ୍ଥ ଏକ ଧର୍ମଶାଳା ଘରୁ ହୁକିଂ କରି କାମ କରାଯାଉଛି। ବେଆଇନ ବିଦ୍ୟୁତ୍ ନେଇ ଲୁହା ରଡ ଓଲ୍ଡିଂ କରିବା, ପଥର ଫଟାଇବାକୁ ଡ୍ରିଲ କରିବା ସହିତ ମୋଟର ଚଳାଇବା ଭଳି କାର୍ଯ୍ୟ କରାଯାଉଛି। ଟାଟା ପାୱାର ତରଫରୁ କୌଣସି ମିଟର ଲାଗି ନ ଥିବା ବେଳେ ହୁକିଂ କରାଯାଇଥିବା ସ୍ଥାନୀୟ ଜଣେ ବ୍ୟକ୍ତି କହିଛନ୍ତି। ଏପରି କି ହୁକିଂ ହୋଇ ଜମି ଉପରେ ଯାଇଥିବା ବିଦ୍ୟୁତ ତାରରେ ଅନେକ ଜଏଣ୍ଟ ରହିଥିବା ବେଳେ ସେହି ରାସ୍ତା ଦେଇ ଯିବା ଆସିବା କଲେ ଜୀବନ ଚାଲି ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଗାଈ ଗୋରୁ, ଛେଳି, ମେଣ୍ଢା ଓ ଲୋକମାନେ ଯିବା ଆସିବା କରୁଥିବା ବେଳେ ଏହି ବେଆଇନ ବିଦ୍ୟୁତ୍ ତାର ସେମାନଙ୍କ ପାଇଁ କାଳ ସାଜିବା ବୋଲି ଅଭିଯୋଗ ହୋଇଛି।



ବଡ଼କଥା ହେଉଛି ମନ୍ଦିର ସମ୍ମୁଖ ଗେଟ୍ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ତାର ନେବା ଦ୍ୱାରା ଭକ୍ତଙ୍କ ପାଇଁ ବିପଦ ସାଜିଛି। ଏହାସହିତ ଉନ୍ନୟନ କାର୍ଯ୍ୟ ଚାଲିଥିବା ବେଳେ କୌଣସି ସୂଚନା ଫଳକ ନାହିଁ। ଏପରି କି ଏନେଇ ପରିଚାଳନା କମିଟିକୁ ମଧ୍ୟ ଅନ୍ଧାରରେ ରଖାଯାଇଥିବା ଜଣେ ସଦସ୍ୟ କ୍ଷୋଭର ସହିତ ପ୍ରକାଶ କରିଛନ୍ତି। କିଛିଦିନ ତଳେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଚାଲିଥିବା ସମୟରେ ବେଆଇନ ବିଦ୍ୟୁତ୍ ସଂଯୋଗ କରି ଠିକାଦାର ଧରାପଡ଼ି ଲୋକହସା ହୋଇଥିଲେ। ଏଥିପାଇଁ ଠିକାଦାରଙ୍କୁ ଜରିମାନା କରାଯାଇଥିଲା। ହେଲେ ସେହି ଅର୍ଥ ଏଯାବତ ପୈଠ ହୋଇନାହିଁ। ଏହି ଘଟଣାରେ ବିଦ୍ୟୁତ୍ ବିଭାଗ ଅଧିକାରୀ(ଏସଡ଼ିଓ ) ପ୍ରତ୍ୟୁଷ ରଞ୍ଜନ ସାହୁ କୁହନ୍ତି, ମୁଁ ଅଭିଯୋଗ ପାଇଛି। ଏକ ଟିମ୍ ଗଠନ କରି ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନଷ୍ଠାନ ଗ୍ରହଣ କରାଯିବ।

# ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଧାୟକ ପ୍ରାର୍ଥୀ ହେବେ ସଞ୍ଜୀବ

ବ୍ରହ୍ମପୁର,୨୧।୪(ସ୍ମୃତି ରଞ୍ଜନ ମହାଲିକ)

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମପୁର ବିଧାନସଭା ଆସନ ପାଇଁ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯିବାକୁ ନିଷ୍ପତ୍ତି ହୋଇଛି। ନାମାଙ୍କନ ଦାଖଲର ଶେଷ ଦିନରେ ସେ ପ୍ରାର୍ଥିପତ୍ର ଦାଖଲ କରିବେ। ଏଥିସହ କମିଟିର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। କମିଟି ପ୍ରାର୍ଥୀ ଯଦି ବିଜୟୀ ହୁଅନ୍ତି ତେବେ ୭୭.୮ ବର୍ଗ କିମି କ୍ଷେତ୍ରଫଳ ବିଶିଷ୍ଟ ବ୍ରହ୍ମପୁରକୁ ସହର ତଳି ଅଞ୍ଚଳର ୧୮ ପଞ୍ଚାୟତକୁ ସାମିଲ କରି ୩୦୦ ବର୍ଗ କିମି କରାଯିବ। ସେହିପରି ବ୍ରହ୍ମପୁର ଉପଖଣ୍ଡକୁ ଜିଲାରେ ପରିଣତ କରିବା, ବ୍ରହ୍ମପୁର ବିମାନ ବନ୍ଦର ପ୍ରତିଷ୍ଠା, ବିଶ୍ୱସ୍ତରୀୟ ରେଳଷ୍ଟେଶନ ଓ ଦେଶର ପ୍ରମୁଖ ସହରକୁ ଗମନାଗମନ ପାଇଁ ସିଧାସଳଖ ଟ୍ରେନ, ଶୀତଳାପଲୀଠାରେ ରେଳ ୱାଗନ କାରଖାନା, ଏମକେସିଜି ମେଡିକାଲକୁ ବିଶ୍ୱସ୍ତରୀୟ, ଖଲିକୋଟ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ପ୍ରତିଷ୍ଠା, ମେଡିକାଲ ଛକଠାରୁ ଫାଷ୍ଟ ଗେଟ ପର୍ଯ୍ୟନ୍ତ ଫ୍ଲାଇ ଓଭର ବ୍ରିଜ ନିର୍ମାଣ, ଜଳ ନିଷ୍କାସନ ନିମନ୍ତେ ଭୂତଳ ଡ୍ରେନର କାର୍ଯ୍ୟକାରିତା, ବାହାନା, ସାପୁଆ ନାଳର ପୁନଃରୁଦ୍ଧାର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରି ଉଦ୍ୟୋଗୀ ବିକାଶ କରିବା ଭଳି ପ୍ରସଙ୍ଗକୁ ନେଇ ଦଳ ଭୋଟରଙ୍କ ନିକଟକୁ ଯିବ ବୋଲି କମିଟି କହିଛି।

# ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ: ଜଣେ ଗିରଫ

ବ୍ରହ୍ମପୁର, ୨୧।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଅଭିଯୁକ୍ତ ସନ୍ତୋଷ ସ୍ୱାଇଁ(୩୭)ଙ୍କୁ ଗିରଫ କରିଛି। ଏହି ଘଟଣାରେ ସଂପୃକ୍ତ ଜଣେ ନାବାଳକଙ୍କୁ ରବିବାର ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରାଯାଇଥିଲା। ପରେ ତାଙ୍କୁ ବଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଘଟଣା ବେଳେ ବ୍ୟବହୃତ ଖଣ୍ଡା ଜବତ ହୋଇଛି। ଗିରଫ ସନ୍ତୋଷଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାମ ନଗରରେ ରହୁଥିବା ବ୍ୟବସାୟୀ ପ୍ରଦୀପ କୁମାର ପ୍ରଧାନ ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଘର ନିକଟରେ ଛିଡା ହୋଇଥିଲେ। ଅଭିଯୁକ୍ତଦ୍ୱୟ ସେଠାକୁ ଆସି ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ସହ ଝଗଡା କରିଥିଲେ। ପ୍ରଦୀପ ପ୍ରତିବାଦ କରିବାରୁ ସନ୍ତୋଷ ଖଣ୍ଡା ଧରି ତାଙ୍କୁ ଜୀବନରେ ମାରିବାକୁ ଉଦ୍ୟମ କରିଥିଲେ। ପ୍ରଦୀପ ଦୌଡ଼ି ଘରେ ପଶି ଯାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ନଂ ୨୨୪/୨୪ରେ ମାମଲା ରୁଜୁ ହୋଇଛି।

# କବିତା ସଂକଳନ, ଗଳ୍ପ ପୁସ୍ତକ ଲୋକାର୍ପିତ



ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

ବ୍ରହ୍ମପୁର,୨୧।୪(ସ୍ମୃତି ରଞ୍ଜନ ମହାଲିକ)

କବି ବିପିନ ନାୟକଙ୍କ କବିତା ସଂକଳନ ବନ୍ଦ ଘରର ବାସ୍ନାର ହିନ୍ଦୀ ଅନୁବାଦ 'ବନ୍ଦ ଘର କୀ ସୁଗନ୍ଧ' ଓ କବି ଏବଂ କଥାକାର କେ ଶ୍ୟାମବାବୁ ଦୋରାଙ୍କ ଗଳ୍ପ ପୁସ୍ତକ 'ପ୍ରଶ୍ନ ବାଚକ' ରବିବାର ବାବାଜୀ ତୋଟା ସାହିସ୍ଥିତ ଜେବି ପ୍ରାଙ୍ଗଣ ପରିସରରେ ଲୋକାର୍ପିତ ହୋଇଯାଇଛି। କବି ଓ ସମାଲୋକ ଡ କୁଳମଣି ଓଝା ଏଥିରେ ପୌରୋହିତ୍ୟ କରିଥିଲେ। କାବ୍ୟକାର ବିପିନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯେ କୌଣସି ଭାଷା ସର୍ଜିତ ସୃଷ୍ଟିର ଅନୁବାଦ ଆକ୍ଷରିକ ନୁହେଁ, ବରଂ ଭାବାନୁବାଦ ହେବା ଆବଶ୍ୟକ ବୋଲି କହିଥିଲେ। ଏଥିସହ 'ବନ୍ଦ ଘରର ବାସ୍ନା' କବିତାର ସୃଷ୍ଟି ଲଗ୍ନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମ୍ମାନନୀୟ ଅତିଥି ରୂପେ ନାଟ୍ୟକାର ଇଂ ଯାମିନୀକାନ୍ତ ଦାଶ ଓ କବୟିତ୍ରୀ ପ୍ରଫେସର ଉତ୍ତମା ଜେନା ଯୋଗ ଦେଇଥିଲେ। ସାଂସ୍କୃତିକ ସଂଗଠକ ତଥା ବେଳାବାଲି ପ୍ରକାଶନର ସ୍ୱତ୍ୱାଧିକାରୀ ସୁଶାନ୍ତ କୁମାର କର ସ୍ୱାଗତ ଭାଷଣ ଦେଇଥିଲେ। ହିନ୍ଦୀ କବୟିତ୍ରୀ ଜେ. ଜୟଶ୍ରୀ ଦୋରା ଓ ହିନ୍ଦୀ ସାହିତ୍ୟର ବିଦ୍ୱାନ ଡ ଭବାନୀ ଶଙ୍କର ମିଶ୍ର, ଯୁବ ସମାଲୋଚକ ଡ. ହୃଷୀକେଶ ପଣ୍ଡା ଓ କବି ମନୋରଞ୍ଜନ ପାଣିଗ୍ରାହୀ ଲୋକାର୍ପିତ ବହି ଗୁଡିକର ସମୀକ୍ଷା କରିଥିଲେ। କବି ଓ ଗାଳ୍ପିକ ଭବାନୀ ପାଟଯୋଶୀ, ଡ ବିଧୁପ୍ରଭା ରଥ, ଦେବୀପ୍ରଭା ରଥ, ଭାରତୀ ପାତ୍ର, ଅଞ୍ଜଳି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ଗୋପାଳପୁର ବିଜେଡିର ମିଶ୍ରଣ ପର୍ବ

ବ୍ରହ୍ମପୁର,୨୧।୪(ନରସିଂହ ସାହୁ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡିର ମିଶ୍ରଣ ପର୍ବ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶଧାରାରେ ଅନୁପ୍ରାଣିତ ଏବଂ ବ୍ରହ୍ମପୁର ବିଧାୟକ ତଥା ଗୋପାଳପୁର ବିଜେଡି ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କ ପ୍ରତି ଆସ୍ଥା ପ୍ରକଟ କରି ଆନୁଷ୍ଠାନିକ ଭାବେ ଶଙ୍ଖ ଦଳରେ ସାମିଲ ହୋଇଛନ୍ତି। ବିଧାନସଭା କ୍ଷେତ୍ରର ତେଲୁଗୁ ସମ୍ପ୍ରଦାୟର ଅନେକ କର୍ମୀ ଓ ଗାଁ ମୁଖିଆ ବିଜେଡିରେ ମିଶିଛନ୍ତି। ସେମାନଙ୍କ ମଧ୍ୟରେ ଟି. ଭେଙ୍କଟେଶ ରେଡ଼ି, ବି. ଗୁନା, ଟି. ଗଜପତି, ପ୍ରତାପ ରେଡ଼ି, ଲୋକନାଥ ରେଡ଼ି ପ୍ରମୁଖ ଅଛନ୍ତି। ଦୀର୍ଘ ଦିନ ତଳୁ ସମସ୍ତେ ଭାଜପାର ଦୃଢ଼ ସମର୍ଥକ ଥିଲେ। କଂଗ୍ରେସର କର୍ମୀମାନେ ମଧ୍ୟ ଦଳ ଛାଡ଼ି ବିଜେଡିରେ ମିଶିଛନ୍ତି। ଗଜପତି ନଗରସ୍ଥ ବିକ୍ରମଙ୍କ ବାସଭବନ ପାଖରେ ହୋଇଥିବା ମିଶ୍ରଣ ସମାବେଶରେ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ୩୨ ଓ କୁକୁଡ଼ାଖଣ୍ଡି ବ୍ଲକର ୫ ପଞ୍ଚାୟତର କର୍ମୀ ସମର୍ଥିତ ସରପଞ୍ଚ, ସମିତିସଭ୍ୟା ସଭ୍ୟ, ୱାର୍ଡ ମେମ୍ବର ଏବଂ ଗୋପାଳପୁର



ବ୍ରହ୍ମପୁରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଉପସ୍ଥିତ ବିଧାୟକ ଓ ବିଜେଡିରେ ମିଶିଥିବା ଅନ୍ୟଦଳର କର୍ମୀମାନେ।

ସହରାଞ୍ଚଳର ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

ବିକ୍ରମ ସମସ୍ତଙ୍କୁ ସ୍ୱାଗତ କରି ଦଳର ଉତ୍ତରିୟ ପିନ୍ଧାଇଥିଲେ। ମେ ୧୩ରେ ହେବାକୁ ଥିବା ଭୋଟ ଗ୍ରହଣରେ ଭାଜପା ଓ କଂଗ୍ରେସକୁ ହଟାଇବା ନିମନ୍ତେ ନୂଆଁ ଓ ପୁରୁଣା କର୍ମୀ ତଥା ସମର୍ଥକ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷରେ ଗୋପାଳପୁର ଆସନରେ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ଲଢ଼େଇ ତୀବ୍ର ହେବାର ଆକଳନ କରାଯାଇଛି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେଡିରୁ ବହିଷ୍କୃତ ହେବା ପରେ ଦୁଇମାସ ତଳେ ସେ ଭାଜପାରେ ମିଶିଛନ୍ତି। ଚଳିତ ନିର୍ବାଚନରେ ସେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଭାଜପା ପ୍ରାର୍ଥୀ ହୋଇଛନ୍ତି। ତେଣୁ ଗୋପାଳପୁର ଆସନକୁ ସଚେତନ ମହଲ ଗୁରୁତ୍ୱ ଦେଇଛନ୍ତି। ମିଶ୍ରଣ ପର୍ବ ଅବସରରେ ଆସନ୍ତା ୨୫ ତାରିଖରେ ବିଜେଡି ପ୍ରାର୍ଥୀ ବିକ୍ରମ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଘୋଷଣା କରାଯାଇଥିଲା। ସେଥିପାଇଁ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା।

# ବଢୁଛି ଆଳୁ ଦର, ଚିନ୍ତାରେ ଖାଉଟି

■ ଏପ୍ରିଲରେ ଆଳୁ ଦର କେଜି ପ୍ରତି ୨୮ ଟଙ୍କା
■ କେନ୍ଦ୍ରାପଡ଼ା ଜିଲାରେ ପ୍ରତ୍ୟହ ଆବଶ୍ୟକ ୬ ଶହ କୁଇଣ୍ଟାଲ
■ ଚଳିତବର୍ଷ ଚାଷ ପାଇଁ ମିଳିଲାନି ବିହନ
■ ୬ ମାସ ମଧ୍ୟରେ ୭୦ ଟଙ୍କା ଛୁଇଁବା ଆଶଙ୍କା



କେନ୍ଦ୍ରାପଡ଼ା, ୨୧।୪ (ଜଗନ୍ନାଥ ଧଳ)

ଆଳୁ ଦର ବଢ଼ିବାରେ ଲାଗିଛି। କେନ୍ଦ୍ରାପଡ଼ାରେ ଗତ ସପ୍ତାହରେ ଆଳୁ କେଜି ପ୍ରତି ୨୦ଟଙ୍କା ଥିଲା। ଏବେ ବଜାର ଦର ୨୮କୁ ଛୁଇଁଛି। ଅମଳ ସମୟରେ ଏହି ସ୍ଥିତି ଥିବାବେଳେ ଆସନ୍ତା ନଭେମ୍ବର, ଡିସେମ୍ବରକୁ କେଜି ପ୍ରତି ୭୦ ଟଙ୍କା ରହିବା ଆଶଙ୍କା ଅଛି। ପୂର୍ବରୁ ଏହି ସମୟରେ ଜିଲାର ବିଭିନ୍ନ ସ୍ଥାନରେ ଅମଳ ଆଳୁ ୭ରୁ ୧୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିଲା। ଏହାକୁ ନେଇ ଖାଉଟିମାନେ ଚିନ୍ତାରେ ପଡ଼ିଛନ୍ତି। କଂସାର ଗାଁର ଆଳୁ ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି, ଚାଷ ଆରମ୍ଭରୁ ସରକାରୀ ବିହନ ମିଳିଲା ନାହିଁ। ସରକାରୀ ଦର କେଜି ପ୍ରତି ୧୧ଟଙ୍କା ୨୫ ପଇସା ବଦଳରେ ୪୫ ଟଙ୍କାରେ ବଜାରରୁ ବିହନ କିଣା ଯାଇଥିଲା। ଏହି ବିହନ ମଧ୍ୟ ଉତ୍ପାଦନ ଠିକ୍ ଦେଲାନାହିଁ। କେବଳ ନିରଞ୍ଜନ ନୁହନ୍ତି, ଚାଷୀ, କୃଷକ ନେତା, ବୁଦ୍ଧିଜୀବୀମାନେ ରାଜ୍ୟ ସରକାରଙ୍କ ଆଳୁ ମିଶନ ପ୍ରତି ବିଦ୍ରୂପ କରିବା ସହ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଦୂରଦୃଷ୍ଟିକୁ ସମାଲୋଚନା କରିଛନ୍ତି।

ଏ ସମ୍ପର୍କରେ କୃଷକନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ପ୍ରତିଦିନ ୬୦୦ କୁଇଣ୍ଟାଲ ଆଳୁ ବ୍ୟବହାର ହେଉଛି। ଜିଲାରେ ପ୍ରାୟ ୭୦୦ ହେକ୍ଟର ଜମିରେ ପ୍ରତିବର୍ଷ ଆଳୁ ଚାଷ ହୋଇଥାଏ। ଏହାବାଦ୍ ଆଳୁର ଚାହିଦା ପୂରଣ ପାଇଁ ପଶ୍ଚିମବଙ୍ଗରୁ ଆଳୁ ଆସିଥାଏ। ଚଳିତ ଆଳୁ ଅମଳ ବର୍ଷରେ ୧ ହଜାର ହେକ୍ଟର ଜମିରେ ଆଳୁ ଚାଷ ହେବ ବୋଲି ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ହେକ୍ଟର ପିଛା ୧୫ କୁଇଣ୍ଟାଲ ହିସାବରେ ଚାଷୀଙ୍କୁ ୧୫,୦୦୦ କୁଇଣ୍ଟାଲ ବିହନ ଆବଶ୍ୟକ ଥିବାବେଳେ ଉପଯୁକ୍ତ ସମୟରେ ଦେଢ଼ କେଜି ଆଳୁ ବିହନ ଜିଲାରେ ପହଞ୍ଚି ପାରିଲା ନାହିଁ। କେନ୍ଦ୍ରାପଡା ବ୍ଲକ ଜଜାଙ୍ଗ ଗାଁର ହରେକୃଷ୍ଣ ବେହେରା କହିଛନ୍ତି, ଆମିଷ ହେଉ ଅଥବା ନିରାମିଷ, ସବୁଥିରେ ଆଳୁ ଲୋଡା। ଧନୀ, ଗରିବ ଘରେ ଆଳୁ ଏକ ଅତ୍ୟାବଶ୍ୟକ ପରିବା ହୋଇଛି। ଏବେ ସ୍ଥାନୀୟ ଅଞ୍ଚଳରେ ଅମଳ ସମୟ। ଏହାସତ୍ତ୍ୱେ ବଜାର ଦର ହୁ ହୁ ହୋଇ ବଢ଼ୁଛି। ଲେମ୍ବୁ ପରେ ଆଳୁର ଦର ଖାଉଟି ବଜାରରେ ଆତଙ୍କ ସୃଷ୍ଟି କରିଛି। ବୁଦ୍ଧିଜୀବୀ ପଟ୍ଟାମୁଣ୍ଡାଇର ପି.ଏନ୍. ଗୌରାଙ୍ଗ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ କିମ୍ବା ଖଣି ନାହିଁ। ତେବେ ଏହି ଜିଲାର ଉର୍ବର ଭୂମି ଓ ନଦୀନାଳ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରୁଛି। ଏହାସତ୍ତ୍ୱେ ଜିଲା ପ୍ରଶାସକ ଓ ରାଜନେତାଙ୍କ ଦୂରଦୃଷ୍ଟି ନ ଥିବାରୁ ଯୁବବର୍ଗ କୃଷି ଉତ୍ପାଦକୁ ଭରସା କରି ପାରୁନାହାନ୍ତି। ଜଳ ପରିଚାଳନା ଏଠାରେ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଳ ନିଷ୍କାସନ ହେଉ ଅଥବା ସେଚନ ପାଇଁ କୌଣସି ସୁଚିନ୍ତିତ ଯୋଜନା ନାହିଁ। ଆଳୁ, ନଳିତା, ଆଖୁ, ଚିନାବାଦାମ, ସୋରିଷ, ରାଶି, ବାଇଗଣ ଆଦି ଉତ୍ପାଦନରେ ଏହି ଜିଲାର ପୂର୍ବରୁ ନାଁ ଥିଲା। ଏବେ ଯୋଜନାବଦ୍ଧ ଭାବେ ଏହି ଚାଷକୁ ପ୍ରୋତ୍ସାହନ ମିଳୁନାହିଁ। ଶୀତଳ ଭଣ୍ଡାର, ବଜାର ମଣ୍ଡି, ଉନ୍ନତ ବିହନ, ତାଲିମ ଆଦି କ୍ଷେତ୍ରରେ ଅଭାବ ରହିଛି। ରାଜ୍ୟ ସରକାରଙ୍କ ୨୦୧୫ ମସିହାର ଆଳୁ ମିଶନ ଏଠାରେ ଦେଖିବାକୁ ମିଳୁନାହିଁ। ଫଳରେ ବଜାର ଦରବୃଦ୍ଧିକୁ ଜିଲାବାସୀ ବାଧ୍ୟ ହୋଇ ସହୁଛନ୍ତି। ସହରର ଆଳୁ ବ୍ୟବସାୟୀ ପ୍ରଦୀପ କୁମାର ସାହୁ କହିଛନ୍ତି, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଆମଦାନୀ ହେଉଥିବା ଆଳୁର ପରିବହନ ଖର୍ଚ୍ଚ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଯୋଗୁ ବଢ଼ୁଛି। ପରିବହନ ଖର୍ଚ୍ଚ ଏବେ କୁଇଣ୍ଟାଲ ପିଛା ୮୦ରୁ ୯୦ ଟଙ୍କା ବଢ଼ିଛି। ଖରାଦିନ ପାଇଁ ବସ୍ତାରୁ ପଚା ଆଳୁ ବାହାରୁ ଥିବାବେଳେ ଗୁଣ୍ଡ ଆଳୁ ପ୍ରତି ଗରାଖଙ୍କ ଆଗ୍ରହ ନାହିଁ। ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ପ୍ରତିଦିନ ଅଧିକ ଦରରେ କିଣାଯାଉଛି। ସେହିପରି ଉତ୍ତରପ୍ରଦେଶରୁ ଆସୁଥିବା ଆଳୁ ପ୍ରାୟ ୪ ଦିନ ଲାଗୁଛି। ଶୀତଳଭଣ୍ଡାରରୁ ଆଳୁ ଆଣିଲେ ଅଧିକ ୫୦ ଟଙ୍କା ଦେବାକୁ ପଡୁଛି। ବର୍ଦ୍ଧିତ ଦର ଏପରି ରହିଲେ ଆଗାମୀ ୬ ମାସ ମଧ୍ୟରେ କେଜି ପ୍ରତି ୭୦ରୁ ଊର୍ଦ୍ଧ୍ୱ ଟଙ୍କା ରହିବା ନେଇ ଆଶଙ୍କା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

# ଗାୟତ୍ରୀ ମହାଯଜ୍ଞର ଶୁଭାରମ୍ଭ

ଧର୍ମଶାଳା, ୨୧।୪ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜେମାଶୁଣୀ ପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ଗୋକର୍ଣ୍ଣେଶ୍ୱର ପୀଠରେ ପୂଜାର୍ଚ୍ଚନା କରି ଶତାଧିକ ମହିଳା ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ଜାରକା ବଜାର ପରିକ୍ରମା କରି ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଯଜ୍ଞସ୍ଥଳରେ ସ୍ଥାପନା କରିଥିଲେ। ଏହି କଳସ ଶୋଭାଯାତ୍ରାରେ ଧର୍ମଶାଳା ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ମୁଖ୍ୟ ଦାମୋଦର ସେନାପତି, ପୁଷ୍ପଲତା ସେନାପତି, ଶାନ୍ତିଲତା ସେନାପତି, ପ୍ରମୋଦ ସାହୁ, ଚନ୍ଦ୍ରମଣି ନାୟକ, ନବଘନ ମହାନ୍ତି, ଅଭିରାମ ନାୟକ, ସୁଦାମ ମହାରଣା, ବିଦ୍ୟାଧର ତରାଇ, ଦେବବ୍ରତ ପୃଷ୍ଟି, ପ୍ରମୋଦ ସାହୁ, ଅନିରୁଦ୍ଧ ରାଉତ, ପ୍ରାଣକୃଷ୍ଣ ସାମଲ ଓ କ୍ଷେତ୍ରବାସୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅପରାହ୍ଣ ୩ଟାରେ ଧର୍ମଧ୍ୱଜା ଉତ୍ତୋଳନ କରାଯାଇଥିଲା। ଶାନ୍ତିକୁଞ୍ଜର ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଶାନ୍ତିଲତା ଦୀକ୍ଷିତ, ପବନ କୁମାର ଦୀକ୍ଷିତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଶାନ୍ତିକୁଞ୍ଜର ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି ପ୍ରବଚନ ଦେଇଥିଲେ।

ସୋମବାର ସକାଳ ୮ଟାରେ ଦେବସ୍ଥାପନ, ଦଶ ଘଟିକାରେ ସଂସ୍କାର କାର୍ଯ୍ୟକ୍ରମ, ସନ୍ଧ୍ୟା ୬ ଘଟିକାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ ଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖରେ ଉଦ୍‌ଯାପିତ। କାର୍ଯ୍ୟକ୍ରମରେ ଭକ୍ତ ସାମିଲ ହେବାକୁ ଗାୟତ୍ରୀ ପରିବାର ପକ୍ଷରୁ ନିବେଦନ କରାଯାଇଛି।



ଗାୟତ୍ରୀ ମହାଯଜ୍ଞ ଅବସରରେ ମହିଳାମାନଙ୍କ ମଙ୍ଗଳ କଳସ ଶୋଭାଯାତ୍ରା।

# ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ

ପାଣିକୋଇଲି, ୨୧।୪ (ବିକାଶ ମଲ୍ଲିକ):

ମରଣାନ୍ତକ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ୩ ମାସ ପରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତ୍ରିଲୋଚନ ଦାସ(୪୨)। ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମରେ ଜାନୁଆରୀ ୨୩ରେ ଏକ ଗଣ୍ଡୋଗୋଳରୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ କୁରୁପଦା ଗ୍ରାମର ସୁଦର୍ଶନ ଦାସ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଗ୍ରାମର ତ୍ରିଲୋଚନ ତାଙ୍କୁ ସାମଗ୍ରୀ କ୍ରୟ ସମୟରେ ସହଯୋଗୀଙ୍କ ସହ ମିଶି ଲୁହାରଡରେ ଆକ୍ରମଣ କରିଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଏକ ମାମଲା ନଂ.୫୭।୨୪ ରୁଜୁ କରି ତଦନ୍ତ ଜାରିରଖିଥିଲା। ମାତ୍ର ତ୍ରିଲୋଚନ ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇ ଯାଇଥିଲେ। ପୋଲିସ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା।

# ଆମ୍ବେଡକର ଜୟନ୍ତୀ ପାଳିତ

ପାଣିକୋଇଲି, ୨୧।୪ (ବିକାଶ ମଲ୍ଲିକ):

ଭୁବନେଶ୍ୱରପୁର ପଞ୍ଚାୟତ ଯମୁନା ଗ୍ରାମର ଆମ୍ବେଡକର ରାଇଟ କ୍ଲବ ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ବାଇଧର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ମୂଳନିବାସୀ ୟୁନାଇଟେଡ ଫୋରମର ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଆମ ବିକାଶ ପାର୍ଟି ରାଜ୍ୟ ସମ୍ପାଦକ ବଜେନ୍ଦ୍ର ମଲ୍ଲିକ, ଦଳିତ ଅଧିକାର ମଞ୍ଚ ସଂଯୋଜକ ପ୍ରଶାନ୍ତ ମଲିକ, ଆମ୍ବେଡକର ଫାଉଣ୍ଡେଶନ ସଭାପତି ସୁରେନ୍ଦ୍ର ମଲିକ, ଉପଦେଷ୍ଟା କାର୍ତ୍ତିକ ମଲିକ, ମୂଳ ନିବାସୀ ଯୁବ ଛାତ୍ର ସଂଯୋଜକ ନିଲୁ ଦାସ, ଆମ୍ବେଡକର ରାଇଟ କ୍ଲବ ସଭାପତି କାର୍ତ୍ତିକ ଜେନା ଓ ଜଗେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦକିଶୋର ଜେନା ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅବିନାଶ



@ ସୁଦାମ



@ ସୁଧାରାଣୀ



@ ଉଜ୍ୱଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ବିଞ୍ଝାରପୁର, ୨୧।୪ (ରାମକୃଷ୍ଣ ଦାସ):

ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏହି ଥାନା ଅନ୍ତର୍ଗତ ବଡ଼ପାଳ ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ହେଲେ ଗ୍ରାମର ସୋମନ ନାୟକ(୨୧)। ଶନିବାର ରାତିରେ ନାବାଳିକା ଜଣଙ୍କ ଗ୍ରାମରେ ଅନୁଷ୍ଠିତ ରାମନବମୀ ଉତ୍ସବ ଦେଖିବାକୁ ଆସି ଘରକୁ ଫେରୁଥିବାବେଳେ ସୋମନ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣଙ୍କ ଘଟଣାସ୍ଥଳରୁ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପୋଲିସ ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି।

# ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ ବିଜୟ ଅଭିଯାନ

ସିଂହପୁର, ୨୧।୪ (ଅନଙ୍ଗ ଉଦୟ ବେଉରିଆ):

ଭାଜପା ତରଫରୁ ବିଞ୍ଝାରପୁର ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ ବିଜୟ ଅଭିଯାନ ମା' ନାଆକାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଘରେଘରେ ପହଞ୍ଚାଇବା ଓ ବୁଥକୁ ସଶକ୍ତ କରିବା ସହିତ କେନ୍ଦ୍ର ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ନିମନ୍ତେ ଉପସ୍ଥିତ ଭାଜପା ନେତୃବୃନ୍ଦ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। କାର୍ଯ୍ୟକ୍ରମରେ ଯାଜପୁର ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ଡ. ରବିନାରାୟଣ ବେହେରା ଓ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟିକା ପ୍ରାର୍ଥୀ ବବିତା ମଲିକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁଚରଣ ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ପ୍ରେମଲତା କର ଯୋଗଦେଇ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ଓ ନବୀନ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନେତା ଭୁବନାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ଦଳରେ ଯୋଗଦାନ କରିଥିବା ଯୁବନେତା ଜୟୟ ବେହେରା, ଅଟଳ ବିହାରୀ ନାୟକ, ଶିକ୍ଷାବିତ୍ ନୃସିଂହ ଚରଣ ଦାସଙ୍କୁ ଦଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ପ୍ରାର୍ଥୀ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଦଳକୁ ବିଜୟ କରିବା ପାଇଁ ସୁସଂଗଠିତ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ବିଞ୍ଝାରପୁର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେଉରିଆ, ଗଦାଧର ସାହୁ ଓ ଅଟଳ ବିହାରୀ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ସମସ୍ତ ବୁଥ ସଭାପତି, ସଞ୍ଚାଳକ, ପଞ୍ଚାୟତ ସଭାପତି ଓ ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳର ଶୁଦ୍ଧତା ନାମରେ ବ୍ୟବସାୟ

■ ପ୍ରଶାସନ ପକ୍ଷରୁ ଯାଞ୍ଚ ହେଉନାହିଁ
■ ବୋତଲ ପାଣିଠାରୁ ସୁରେଇ ପାଣି ଉତ୍କୃଷ୍ଟ

ପଟ୍ଟାମୁଣ୍ଡାଇ, ୨୧।୪ (କଳ୍ପତରୁ ନାୟକ)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିରୁ ନିସ୍ତାର ମିଳିପାରିନାହିଁ। ଉପକୂଳ ଓଡ଼ିଶା କେନ୍ଦ୍ରାପଡ଼ା ଜିଲାରେ ଆଜି ବି ତାପମାତ୍ରା ୪୨ ଡିଗ୍ରୀ ପାଖାପାଖି ରହିଛି। ଅସହ୍ୟ ଗରମ ଯୋଗୁ ଲୋକେ ଯେତେ କାମ ଥିଲେ ବି ଅପରାହ୍ଣରେ ବାହାରକୁ ବାହାରିବାକୁ ପସନ୍ଦ କରୁନାହାନ୍ତି। ଏପରିସ୍ଥଳେ ଯେଉଁମାନେ ବିଭିନ୍ନ ଜରୁରୀ କାର୍ଯ୍ୟରେ ବାହାରକୁ ଯାଉଛନ୍ତି, ସେମାନଙ୍କୁ ଶୋଷ ହେଲେ ପ୍ରାୟତଃ ଥଣ୍ଡା ପାଉଚ ଓ ବୋତଲ ପାଣି ଉପରେ ନିର୍ଭର କରୁଛନ୍ତି। ଲୋକେ ଯେଉଁ ପାଉଚ ପାଣି ପିଉଛନ୍ତି, ତାହାର ଶୁଦ୍ଧତା ଓ ଗୁଣବତ୍ତା ବିଷୟରେ କାହାରିକୁ ଜଣାନାହିଁ। ଯେତେବେଳେ ଆମେ ଶୋଷିଲା ସେତେବେଳେ ଜଳ ପ୍ରଥମ ଆବଶ୍ୟକ ହୋଇଥାଏ। ମାତ୍ର ଆମ ଟ୍ୟାପ୍ କିମ୍ବା ବୋତଲ ପାଣିରେ ଆସୁଥିବା ଜଳର ଗୁଣବତ୍ତା ଆମ ସ୍ୱାସ୍ଥ୍ୟ ପାଇଁ ଖରାପ ହେଉଥିଲାବେଳେ କେବେ ମଧ୍ୟ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉନାହିଁ। ଯାହାର ଫାଇଦା ନେଇ ବେପାରୀମାନେ ଖୋଲାଖୋଲି ବେଆଇନ ଭାବେ ପାଉଚ ଓ ବୋତଲରେ ପିଇବା ପାଣି ବିକ୍ରି କରୁଛନ୍ତି।

ପଟ୍ଟାମୁଣ୍ଡାଇ ସହରରେ ପିଇବା ପାଣି କାରବାର ବିପୁଳ ମାତ୍ରାରେ ବଢ଼ିବାରେ ଲାଗିଛି। ଲାଇସେନ୍ସ ନ ନେଇ ଲକ୍ଷାଧିକ ଟଙ୍କାର ପିଇବା ପାଣିର କାରବାର ଚାଲିଛି। ନାମୀଦାମୀ କମ୍ପାନୀ ନାଁରେ ନକଲି ପାଣି ବୋତଲ ବି ବଜାରରେ ଯାହାକୁ ଯେତେ ମିଳୁଛି। କେବେ ଓ କେଉଁ କମ୍ପାନୀର ପାଣି ବୋତଲ ବଜାରକୁ ଆସୁଛି, ତାହାର କିଛି ସୂଚନା ଲେଖାଯାଉ ନ ଥିବା ଦେଖିବାକୁ ମିଳୁଛି। ବୋତଲରେ ବିକ୍ରି ହେଉଥିବା ପାଣିର ଟିଡିଏସ୍ ଓ ପିପିଏମ୍ ଯାଞ୍ଚ ନ କରି ହାଲୁକା ନୀଳ ରଙ୍ଗ କରିବାକୁ ସେଥିରେ କେମିକାଲ୍ ମିଶାଇ ବୋତଲ ଭର୍ତ୍ତି କରି ବେପାର ଚଳାଇଛନ୍ତି।

ଗବେଷକ ଅଧ୍ୟାପକ ଆର୍ତ୍ତତ୍ରାଣ ପାତ୍ର କହିଛନ୍ତି, କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ବୋତଲ ପାଣି ବିକ୍ରି ଚାଲିଛି। ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି କୁହାଯାଉଥିଲେ ମଧ୍ୟ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି ହେଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍ ରହୁଥିବା ବେଳେ ଟିଡିଏସ୍ ଲେଭୁଲ ପିଇବା ପାଇଁ ଅସୁରକ୍ଷିତ ରହୁଛି। ନାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲର ଅଧ୍ୟୟନରୁ ଜଣାପଡିଛି ଯେ, ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ। ମିନେରାଲ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍‌ର ବ୍ୟବହାର କରାଯାଏ। ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ। ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ। ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର କୁପ୍ରଭାବ ଦେଖାଇଥାଏ। ଆଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଆଣ୍ଟିମନିର ମାତ୍ରା ସେତିକି ବଢ଼ିବ। ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ। ସାମାଜିକ କର୍ମୀ ଅନନ୍ତ ଦାଶ କହିଛନ୍ତି, ବର୍ତ୍ତମାନ ତାପମାତ୍ର ୪୨ ଡିଗ୍ରୀ ଉପରେ। ଏଭଳି ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସହରକୁ ଆସୁଥିବା ଗ୍ରାମାଞ୍ଚଳର ଲୋକମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ୩ରୁ୪ଦିନ ହେଲା ଜଳଛତ୍ର ଖୋଲାଯାଇଛି, ଲୋକଙ୍କୁ ପିଇବା ପାଣି ଦିଆଯାଉଛି। ମାତ୍ର ପ୍ରଶାସନ ଯେଉଁ ଜଳଛତ୍ର ଖୋଲି ପିଇବା ପାଣି ବୋଲି ଲେଖାଯାଇଛି, ଅତ୍ୟନ୍ତପକ୍ଷେ ପିଇବା ଅନୁପଯୋଗୀ ବୋଲି ଏହାର ଟିଡିଏସ୍ ଯାଞ୍ଚରୁ ଜଣାପଡିଛି। ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣିଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ। ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଚ୍ଛତା ପରିବର୍ତ୍ତେ ଫେଶନ୍ ଏବଂ ଷ୍ଟାଟସ୍ ସିମ୍ବଲରେ ପରିଣତ ହେବାରେ ଲାଗିଲାଣି। ପ୍ରତିଦିନ ଲକ୍ଷାଧିକ ବୋତଲ ପାଣି ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି, ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି। କିନ୍ତୁ ଆମ ସରକାର ଏ ଦିଗରେ ଆଖିବୁଜି ଦେଇଛନ୍ତି। ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ୍ୟ କମିଯାଆନ୍ତା। କେନ୍ଦ୍ର ଓ ରାଜ୍ୟ ସରକାର ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ। ଅନ୍ୟପକ୍ଷରେ ଜନସାଧାରଣ ନା ସରକାର ନଦୀଜଳ, ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା। ଏ ସମ୍ପର୍କରେ ଫୁଡ୍ ଇନ୍ସପେକ୍ଟର ବିଭାସ ମଜୁମଦାରଙ୍କୁ ପଚାରିବାରେ ବେଆଇନ ପାଣି କାରବାର ଉପରେ ପ୍ରଶାସନିକ ଯାଞ୍ଚ ହେବ ବୋଲି ସେ କହିଛନ୍ତି।







ପଟ୍ଟାମୁଣ୍ଡାଇ ସହରରେ ଅବାଧରେ ବୋତଲ ପାଣି ବିକ୍ରି କରାଯାଉଛି।



## ୧୦ ଘଣ୍ଟା ବିଦ୍ୟୁତ୍ ବିଭ୍ରାଟ
### ଶ୍ରୀରାମନବମୀ ଯାତ୍ରାରେ ଲୋକେ ହଇରାଣ

ଓଡ଼ଗାଁ,୨୧।୪(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁରେ ୧୩ ଦିନ ବ୍ୟାପୀ ଚାଲିଥିବା ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ବେଳେ ୧୦ ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସମସ୍ତଙ୍କୁ ବ୍ୟଥିତ କରିଛି। ବିଭାଗୀୟ ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ଦେଢଟାରୁ ନୟାଗଡ଼ ରାଜପାଟଣା ଗ୍ରୀଡ୍ ଓ ସଂଯୋଗ କରୁଥିବା ୩୩ କେଭି ଲାଇନରେ ବିଭ୍ରାଟ କାରଣରୁ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା। ଦିନ ଦ୍ୱିପ୍ରହରରୁ ବିଦ୍ୟୁତ ସେବା ବନ୍ଦ ରହିଥିଲା। ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ସନ୍ଧ୍ୟା ୬ଟା ପରେ କାମ ଆରମ୍ଭ କରିଥିଲେ। ଫଳରେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପ୍ରାୟ ୫୦ ହଜାର ଗ୍ରାହକ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିଲେ। ଏହି କାରଣରୁ ଶ୍ରୀରାମ ନବମୀ ଯାତ୍ରାରେ ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଯାତାୟତ କରିଥିଲେ। ସୂଚନାଯୋଗ୍ୟ, ୩ ଦିନ ଯାତ୍ରାରେ ୧୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ବେକରୁ ସୁନା ଗହଣା ଚୋରି ହୋଉଥିବା ଅଭିଯୋଗ ହୋଇଥିଲା। ଅନ୍ଧାର ରାତିରେ ଯାତ୍ରା ଦାଣ୍ଡ ସହିତ ମନ୍ଦିର ପରିସର ଆଦୌ ସୁରକ୍ଷିତ ନ ଥିଲା। ବିଭାଗୀୟ କର୍ମଚାରୀଙ୍କ ଅପାରଗତା କାରଣରୁ ଲୋକେ ପ୍ରଚଣ୍ଡ ତାତିରେ ଉହକ ବିକଳ ହୋଇଥିଲେ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ମରାମତି ଚାଲିଛି। ରାତି ସୁଦ୍ଧା ଲୋକେ ବିଦ୍ୟୁତ ସେବା ପାଇ ପାରିବେ।

# ରଘୁନାଥଙ୍କ ଗଙ୍ଗାପାର ବେଶ

ଓଡ଼ଗାଁ,୨୧।୪
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ରବିବାର ଗଙ୍ଗାପାର ବେଶ ଅଧିକ ଆକର୍ଷଣୀୟ ହୋଇଥିଲା । ଶ୍ରୀରାମନବମୀ ଯାତ୍ରାର ଆଜି ଚତୁର୍ଥ ସନ୍ଧ୍ୟାରେ କୈବର୍ତ୍ତଙ୍କ ଦ୍ୱାରା ପ୍ରଭୁ ଶ୍ରୀରାମଙ୍କ ପଦ ପ୍ରକ୍ଷାଳନ ଏବଂ ଗଙ୍ଗାପାର ବେଶକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ ।

ପ୍ରଭୁ ଶ୍ରୀରାମ କେବଳ ଦୁଷ୍ଟମାନଙ୍କୁ ଦମନ କରିବା ପାଇଁ ନୁହେଁ, ବରଂ ତାଙ୍କ ସାନ୍ନିଧ ଲାଭ କରିବା ପାଇଁ ଅପେକ୍ଷାରତ ଭକ୍ତମାନଙ୍କ ଇଚ୍ଛା ପୂର୍ଣ୍ଣ ଲାଗି ଧରାପୃଷ୍ଠରେ ଅବତରଣ କରିଥାନ୍ତି। ସତ୍ୟଯୁଗରେ ବ୍ୟାଧିଗ୍ରସ୍ତ ଶବର ଅନାବିଳ ପ୍ରେମରେ ପ୍ରଭୁଙ୍କ ଦର୍ଶନ କରିବା ପାଇଁ ଆକୁଳ ନିବେଦନ କରିଥିଲେ। ଭକ୍ତଙ୍କ ମନୋବାଞ୍ଛା ପୂରଣ ପାଇଁ ଭଗବାନ ଭକ୍ତ ନିକଟରେ ପହଞ୍ଚିଥିଲେ। ମୋକ୍ଷ୍ୟ ପ୍ରାପ୍ତି ପାଇଁ ବରପ୍ରଦାନ କରିଥିଲେ। କିନ୍ତୁ ବାରମ୍ବାର ଭଗବାନଙ୍କ ଦର୍ଶନ ଲାଭ କରିବା ପାଇଁ ପୁନର୍ଜନ୍ମର ଆବଶ୍ୟକତା ଅଛି ବୋଲି ଭଗବାନଙ୍କ ନିକଟରେ ଶବର ପ୍ରାର୍ଥନା କରିଥିଲେ। ଅସ୍ତୁ ବୋଲି କହି ଭଗବାନ ସେଠାରୁ ଚାଲିଯାଇଥିଲେ। ତ୍ରେତୟା ଯୁଗରେ ଭଗବାନଙ୍କୁ ଦର୍ଶନ କରିବା ପାଇଁ ଶବର କୈବର୍ତ୍ତ ରୂପରେ



ଗଙ୍ଗାଘାଟରେ ଡଙ୍ଗା ଧରି ଅପେକ୍ଷା କରି ରହିଥିଲେ। କେବେ ଆସିବ ସେ ସୁଦିନ ମୁଁ ପ୍ରଭୁଙ୍କ ଦର୍ଶନ କରିବି । ଭକ୍ତର ଭଗବାନ ସେ, ଭକ୍ତଙ୍କ ମନର କଥା ବୁଝିପାରନ୍ତି । ତାଡ଼କାକୁ ବଧ କରି ପ୍ରଭୁ ଶ୍ରୀରାମ ଅନୁଜ ଲକ୍ଷ୍ମଣଙ୍କ ସହିତ ବିଶ୍ୱାମିତ୍ର ଋଷିଙ୍କ ମାର୍ଗ ଦର୍ଶନରେ ମିଥିଳା ଅଭିମୁଖେ ଯାଉଥିଲେ। ବାଟରେ ତାଙ୍କ ପାଦସ୍ପର୍ଶରେ ଅହଲ୍ୟା ଉଦ୍ଧାର ହୋଇଥିଲେ । ମିଥିଳା ରାଜା ଜନକଙ୍କ କନ୍ୟା ମୈଥିଳୀଙ୍କ ସ୍ୱୟମ୍ବର ସଭାକୁ ରାମ ଲକ୍ଷ୍ମଣଙ୍କୁ ନେଇ ଯାଉଥିବା ବିଶ୍ୱାମିତ୍ର ଋଷି ଏହି ଚମତ୍କାର ଦେଖି ଗଙ୍ଗାଘାଟରେ କୈବର୍ତ୍ତଙ୍କୁ ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏମାନଙ୍କ ମଧ୍ୟରେ ଶ୍ୟାମଳ ବର୍ଣ୍ଣ ଧାରଣ କରିଥିବା ସୌମ୍ୟକାନ୍ତି ବାଳକଙ୍କ

**ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ଚତୁର୍ଥ ସନ୍ଧ୍ୟା**

ପାଦଧୌତ ନ କରି ନାବରେ ବସେଇବୁ ନାହିଁ ବୋଲି କୈବର୍ତ୍ତ କହିଥିଲେ। ଘାଟରେ ପ୍ରଭୁ ପହଞ୍ଚିବା ପରେ ଅପେକ୍ଷାରତ ଭକ୍ତ ଏବଂ ଭଗବାନଙ୍କ ମିଳନର ଅଲୌକିକ ଦୃଶ୍ୟକୁ ଦେଖିବା ପାଇଁ ଆକାଶର ଦେବତାମାନେ ଅପେକ୍ଷା କରି ରହିଥିଲେ। କୈବର୍ତ୍ତ ଇଷ୍ଟଙ୍କ ପାଦ ପ୍ରକ୍ଷାଳନ କରିବାକୁ ଅନୁରୋଧ କରିଥିଲେ। ଭକ୍ତଙ୍କୁ ପରୀକ୍ଷା କରିବା ପାଇଁ ପ୍ରଭୁ ଶ୍ରୀରାମ ବିଭିନ୍ନ ଆଳ ଦେଖାଇ ପାଦ ଧୌତ କରିବାକୁ ନ ଦେଇ ଜାଣିଶୁଣି ଏଡ଼ାଇ ଯାଉଥିଲେ। ମାତ୍ର ଚତୁର କୈବର୍ତ୍ତ ପାଦଧୂଳି ପଡ଼ି ନୌକାଟି ନାୟିକା ହେଲେ ପରିବାର ପ୍ରତିପୋଷଣ କରିପାରିବନି ବୋଲି କହି ଭଗବାନଙ୍କୁ ଡଙ୍ଗାରେ ବସାଇବାକୁ ମନା କରିଦେଇଥିଲେ। ଭକ୍ତର ଯୁକ୍ତି ଏବଂ ତର୍କରେ ହାରିବାକୁ ପସନ୍ଦ କରୁଥିବା ଭଗବାନ ପ୍ରକ୍ଷାଳନ ପାଇଁ ପାଦ ବଢାଇ ଦେଲେ। ଏହି ସୁଯୋଗ ଅନ୍ୟ କାହାକୁ ମିଳି ନ ଥିଲା । ସାମାନ୍ୟ କୈବର୍ତ୍ତଙ୍କ ଭକ୍ତି ତାଙ୍କୁ ଏହି ସୁଯୋଗ ଦେଇଥିଲା। ଏହି ସମସ୍ତ ଘଟଣାକୁ ଶ୍ରୀଜୀଉଙ୍କ ବେଶରେ ପ୍ରଦର୍ଶିତ କରାଯାଇଥିଲା ।

# ଗଣ୍ଡା ବଧ ପାଇଁ ବନକୁ ଗଲେ ଶ୍ରୀରାମ



ଲଙ୍କାପୋଡ଼ି ଯାତ୍ରାର ଚତୁର୍ଥ ଦିବସରେ ଗଣ୍ଡାବଧ ପରିବେଷଣ କରାଯାଉଛି।

**ଲଙ୍କାପୋଡ଼ି ଯାତ୍ରାର ଚତୁର୍ଥ ଦିବସ**
- ବାଜା, ବାଣରେ କମ୍ପିଲା ସହର
- ପ୍ରତି ଘର ଦୁଆର ମୁହଁରେ ଜଳିଲା ଦୀପ

ଦଶପଲ୍ଲା,୨୧।୪(ପ୍ରକାଶ କୁମାର ପାଣି)

ଭାରତ ପ୍ରସିଦ୍ଧ, ସର୍ବପୁରାତନ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ରବିବାର ଥିଲା ଚତୁର୍ଥ ଦିବସ। ଏହି ଅବସରରେ ଗଣ୍ଡା ବଧ ପରିବେଷଣ କରାଯାଇଥିଲା। ଏହା ଏକ ସୁନ୍ଦର ଉପାଖ୍ୟାନ। ସୂର୍ଯ୍ୟବଂଶର ପ୍ରଥା ଅନୁଯାୟୀ ବିବାହ ପରେ ପିତୃଶ୍ରାଦ୍ଧ ଦିନ ଯୁବରାଜ ଓ ରାଜକୁମାରମାନେ ଗଣ୍ଡା ବଧ କରି ସେମାନଙ୍କ ବୀର ପୂର୍ବପୁରୁଷଙ୍କୁ ପ୍ରଦର୍ଶନ କରିବା ବିଧି ରହିଛି। ପରମ୍ପରାକୁ ସମ୍ମାନ ଦେବାକୁ ଯାଇ ପ୍ରଭୂ ଶ୍ରୀରାମ ମଧ୍ୟ ଆପଣାର ଭାଇ ଓ ଚତୁରଙ୍ଗ ସେନା ସହିତ ବିଶାଳ ପଟୁଆର ନେଇ ଗଣ୍ଡାବଧ ପାଇଁ ବନକୁ ଗମନ କରିଥିଲେ। ଏହା ମୁଖ୍ୟମଞ୍ଚଠାରୁ ପ୍ରାୟ ୨ କି.ମି.ଦୁର୍ଗାବଜାରସ୍ଥିତ ଶୃଙ୍ଗବେରପୁର ମଞ୍ଚରେ(ନେତାଜୀ ମଇଦାନ) ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାର ବାଜା,ବାଣ,ରୋଷଣୀ, ନୃତ୍ୟ,ସଙ୍ଗୀତ ସହ ସୁସଜ୍ଜିତ ରଥ , ହାତୀ, ଘୋଡା, ଓଟ,କଳା ଘୋଡା, ବୁଢାବୁଢୀ ନାଚ,ବାଘଖେଳ, ବିରାଟ ଫୁଲଗଛ,ମେଢ଼,ଶତାଧିକ ଢୋଲିଆଙ୍କ ଢୋଲବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଟୁଆରରେ ଦଶପଲ୍ଲା ଅଞ୍ଚଳର ସମସ୍ତ ବର୍ଗର ଲୋକମାନେ ସାମିଲ ହୋଇଥିଲେ। ନେତାଜୀ ମଇଦାନରେ ଶୋଭାଯାତ୍ରା ପହଞ୍ଚିଲା ପରେ ଗଣ୍ଡା ବଧ କାର୍ଯ୍ୟକ୍ରମ ହେବା ସହ କଳାକାରମାନଙ୍କ ଦ୍ୱାରା ରାମ ନାଟକ ମଞ୍ଚସ୍ଥ ହୋଇଥିଲା। ଏହା ପରେ ମିନି ଆତାସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଯିବା ବେଳେ ପ୍ରତିଘର ସମ୍ମୁଖରେ ଦୀପ ଲଗାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଲୋକମାନେ ସମବେତ ହୋଇ ଏହି ଶୋଭାଯାତ୍ରାକୁ ଦେଖିଥିଲେ। ନେତାଜୀ ମଇଦାନରେ ଅନେକ ଦର୍ଶକଙ୍କ ସମାଗମ ହୋଇଥିଲା।

# ମନୋଜଙ୍କ ଟିକେଟ ଘୋଷଣା ପରେ ଖଣ୍ଡପଡ଼ା କଂଗ୍ରେସରେ ବିଦ୍ରୋହ

ଖଣ୍ଡପଡ଼ା,୨୧।୪(ଅଜୟ କୁମାର ମହାରଣା)

କଂଗ୍ରେସ ପକ୍ଷରୁ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ପାଇଁ ତୃତୀୟ ପର୍ଯ୍ୟାୟରେ ଖଣ୍ଡପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ମନୋଜ ପ୍ରଧାନଙ୍କୁ ଦଳ ପ୍ରାର୍ଥୀ ରୂପେ ଘୋଷଣା କରିଛି। ପ୍ରାର୍ଥୀ ଘୋଷଣା ପରେ ସ୍ଥାନୀୟ ଅଞ୍ଚଳରେ ଆଶାୟୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଜନପ୍ରତିନିଧିଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଧାନଙ୍କ ସୁସମ୍ପର୍କ ରହିଛି। ହେଲେ ତାଙ୍କର ସଙ୍ଗଠନ ନାହିଁ ବୋଲି ଅଭିଯୋଗ ହୋଇଛି। ଏହି କାରଣରୁ ତାଙ୍କ ନାମ ଘୋଷଣା ପରେ ଖଣ୍ଡପଡ଼ା କଂଗ୍ରେସରେ ବିଦ୍ରୋହର ସ୍ୱର ଉଠିଛି। କଂଗ୍ରେସ ଟିକେଟ୍ ପାଇଁ ଆଶାୟୀ ଥିବା ଯୁବ ସଂଗଠକ ତଥା ବ୍ଲକ କଂଗ୍ରେସ ସଭାପତି ଇଂ.ଦେବବ୍ରତ ବେହେରା, ପୀତବାସ ଖୁଣ୍ଟିଆଙ୍କ ସମେତ ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବରିଷ୍ଠ ନେତା ବସନ୍ତ କୁମାର ମହାରଣା ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ବହୁବର୍ଷ ଧରି କଂଗ୍ରେସ ସଙ୍ଗଠନକୁ ସମ୍ଭାଳିଥିବା ନେତାଙ୍କୁ ଦଳ ଅଣଦେଖା କରି କେଉଁ ଆଧାରରେ ପ୍ରଧାନଙ୍କୁ ବିଧାୟକ ପ୍ରାର୍ଥୀ କରାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରର ପ୍ରାର୍ଥୀ ପରିବର୍ତ୍ତନ କରାଯାଉ। ନଚେତ୍ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆଶାୟୀ ପ୍ରାର୍ଥୀ ଇଂ.ବେହେରା ଏବଂ ଦଳୀୟ ସଙ୍ଗଠକମାନେ ଚେତାବନୀ ଦେଇଛନ୍ତି।



କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅବିନାଶ



@ ସୁଦାମ



@ ସୁଧାରାଣୀ



@ ଉଜ୍ୱଳା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪ ବର୍ଷ ହେଲା ଖାଲିପଡ଼ିଛି ତହସିଲଦାରଙ୍କ କ୍ୱାର୍ଟର୍ସ

ଖଣ୍ଡପଡ଼ା,୨୧।୪
(ଅଜୟ କୁମାର ମହାରଣା)

ପ୍ରତିବର୍ଷ ପୂର୍ତ୍ତ ବିଭାଗ ପକ୍ଷରୁ ଆବଶ୍ୟକ ରକ୍ଷଣାବେକ୍ଷଣ ପାଇଁ ଖଣ୍ଡପଡ଼ା ତହସିଲଦାରଙ୍କ ସରକାରୀ ବାସଭବନ ପାଇଁ ଅର୍ଥ ବ୍ୟୟହେଉଛି। ମାତ୍ର ସଂପୃକ୍ତ କ୍ୱାର୍ଟର୍ସରେ ବିଭାଗୀୟ ଅଧିକାରୀ ରହୁ ନ ଥିବାରୁ ବାସଭବନଟି ଅବହେଳିତ ଭାବେ ପଡି ରହିଛି। ସୂଚନାଯୋଗ୍ୟ, ଖଣ୍ଡପଡ଼ା ସହରର ୧ନଂ.ୱାର୍ଡ ଅମଲାପଡ଼ାରେ ଥିବା ତହସିଲଦାରଙ୍କ ସରକାରୀ ବାସଭବନରେ କେହି ଅଧିକାରୀ ରହୁ ନ ଥିବାରୁ ଗୃହଟି ଖାଲି ପଡ଼ିଛି। ଉକ୍ତ ବାସଭବନରେ ଗତ ୪ବର୍ଷ ଧରି କୌଣସି ପ୍ରଶାସନିକ ଅଧିକାରୀ ରହୁ ନ ଥିଲେ ମଧ୍ୟ ପ୍ରତିବର୍ଷ ବାସଭବନର ମରାମତି ଓ ରଙ୍ଗ ଦେବା ବାବଦରେ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିବର୍ଷ ତହସିଲଦାରଙ୍କ ସରକାରୀ ବାସଭବନର ନବକଳେବର କରାଯାଉଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ମାତ୍ର ସେଠାରେ ତହସିଲଦାର ରହୁ ନ ଥିବାରୁ ଉକ୍ତ ବାସଭବନ ପରିସରଟି ଅନାବନା ଗଛଲତାରେ ପୂର୍ଣ୍ଣ ହୋଇପଡିଛି। ବିଷଧର ସରୀସୃପଙ୍କ ପାଇଁ ଉକ୍ତ ବାସଭବନଟି ନିରାପଦ ଆଶ୍ରୟସ୍ଥଳ ପାଲଟିଛି। ଏଥିପ୍ରତି ଜିଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି।

# ପାଇପ୍ ଫାଟି ଅଫିସ ସମ୍ମୁଖରେ ପାଣି

ଖଣ୍ଡପଡ଼ା,୨୧।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ପାଣି ପାଇପ୍‌ରେ ଫାଟ ସୃଷ୍ଟି ହୋଇ କାର୍ଯ୍ୟାଳୟ ସମ୍ମୁଖରେ ଜମା ହୋଇ ରହୁଛି। ଫଳରେ ସେହି ରାସ୍ତାରେ ଯାତାୟାତ ଲାଗି ଅନେକାଂଶରେ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପାଣି ପାଇପ୍ ଲାଇନରେ ସୃଷ୍ଟି ହୋଇଥିବା ଫାଟକୁ ମରାମତି କରିବା ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତା ପ୍ରକାଶ କରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେବା ସହ ପାନୀୟ ଜଳର ଅଯଥା ଅପଚୟ ହେଉଛି। ଏଥିପ୍ରତି ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କୈବର୍ତ୍ତ ସମାଜର ବାର୍ଷିକ ଅଧିବେଶନ ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୨୧।୪(ଅଜୟ କୁମାର ମହାରଣା)

କୈବର୍ତ୍ତ ସମାଜ ଖଣ୍ଡପଡ଼ା ରାଜ୍ୟର ୩୭ତମ ସାଧାରଣ ଅଧିବେଶନ ପାଇଁ ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପଞ୍ଚଦୋଳ ମେଳଣ ପଡ଼ିଆରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ କୈବର୍ତ୍ତ ସମାଜର କାର୍ଯ୍ୟକାରୀ କମିଟି ସଭାପତି ବନମାଳୀ ଦୁଆରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ବାର୍ଷିକ ଅଧିବେଶନ କିପରି ଶୃଙ୍ଖଳାର ସହ ସମାପନ ହେବ ସେନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ସମାଜର ୩୭ତମ ଅଧିବେଶନ ଆସନ୍ତା ମେ' ୧ରେ ଏହି ମେଳଣ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୨୦୨୩ ବର୍ଷର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଆଦର୍ଶଜୋନସଭ୍ୟ ଓ ଥାନପତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ଅବସରରେ ଯୋଗିଆପଲ୍ଲୀ ଓ ବେଗୁନିଆ ଅଞ୍ଚଳର ଏକ ପାରିବାରିକ ସମସ୍ୟାକୁ ସମାଧାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ କମିଟିର ସଦସ୍ୟ ସଦର ବେହେରା, ସନ୍ତୋଷ କୁମାର ବେହେରା, ସମ୍ପାଦକ ନବ କିଶୋର ବେହେରା, ଶିକ୍ଷା କମିଟିର ଅଧ୍ୟକ୍ଷ ଜଗମୋହନ ବେହେରା, ମିଡିଆସେଲ୍ ଅଧ୍ୟକ୍ଷ ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଟାଏକୋଣ୍ଡୋ କଲର ବେଲ୍ଟ ପ୍ରମୋଶନ ଟେଷ୍ଟ

ନୟାଗଡ଼,୨୧।୪ (ଲୋକନାଥ ମିଶ୍ର)

ରାଣୀ ସୌଭାଗ୍ୟ ମଞ୍ଜରୀ କଲ୍ୟାଣ ମଣ୍ଡପ ନୂଆ ରାଜବାଟୀ ନୟାଗଡ଼ଠାରେ ୧୯ତମ ଟାଏକୋଣ୍ଡୋ କଲର ବେଲ୍ଟ ପ୍ରମୋଶନ ଟେଷ୍ଟ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଶନ ଟେଷ୍ଟରେ ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀର ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ଏଲୋ, ଗ୍ରୀନ, ବ୍ଲୁ ଏବଂ ରେଡ୍ ବେଲ୍ଟର ପରୀକ୍ଷା ହୋଇଥିଲା। ପ୍ରମୋଶନ ଟେଷ୍ଟକୁ ନୟାଗଡ଼ ଜିଲା ଟାଏକୋଣ୍ଡୋ ସଂଘ ଏବଂ ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀ ମିଳିତ ଭାବେ ଆୟୋଜନ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ସଂଘ, କେନ୍ଦୁଝରର ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଜୟକୃଷ୍ଣ ପରିଡ଼ା ପରୀକ୍ଷକ ଭାବେ ଯୋଗଦାନ କରି ସୁଚାରୁ ରୂପେ ପରୀକ୍ଷା ପରିଚାଳନା କରିଥିଲେ। ନୟାଗଡ଼ ଜିଲା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମାଷ୍ଟର ପ୍ରଦୀପ କୁମାର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିବାବେଳେ ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀର ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଭବାନୀ ଶଙ୍କର ରାୟଗୁରୁ ସହଯୋଗ କରିଥିଲେ।





ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ପରିବେଶ ପ୍ରଦୂଷଣ ରୋକିବାକୁ ସଚେତନତା ଜରୁରୀ

ଖଣ୍ଡପଡ଼ା,୨୧।୪
(ଅଜୟ କୁମାର ମହାରଣା)

ସୋମବାର ବିଶ୍ୱ ଧରିତ୍ରୀ ଦିବସ। ଏହି ଅବସରରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ଗ୍ରାମର ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ବିଭିନ୍ନ ଅଞ୍ଚଳକୁ ଯାଇ ଧରିତ୍ରୀ ଦିବସର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ବିଭିନ୍ନ ସ୍ଥାନରେ ଚାରା ରୋପଣ ଜାରି ରଖିଛନ୍ତି। ପ୍ରକୃତିର ଅବଦାନ ଅତୁଳନୀୟ। ସେହି ଅବଦାନକୁ ବିନମ୍ର ଭାବେ ସ୍ୱୀକାର କରି ବୈଦିକ ଯୁଗରେ ପ୍ରକୃତିର ପୂଜା କରାଯାଉଥିଲା। ମହାତ୍ମା ଗାନ୍ଧୀଙ୍କ ଭାଷାରେ ପ୍ରକୃତି ଆମର ଆବଶ୍ୟକତା ପାଇଁ ଯଥେଷ୍ଟ କିନ୍ତୁ ଆମର ଲୋଭ ଅପୂରଣୀୟ। ଜଙ୍ଗଲକୁ ଏକ ଅସରନ୍ତି ସମ୍ପଦ ରୂପେ ବିବେଚନା କରାଯାଉଥିଲା। ମାତ୍ର ଆଜିର ମଣିଷ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ଜଙ୍ଗଲକୁ ଧ୍ୱଂସ କରି ଚାଲିଛି। ଏଥିପାଇଁ ପରିବେଶ ପ୍ରଦୂଷିତ ହେଉଛି ବୋଲି ଗଛସାର ମତବ୍ୟକ୍ତ କରିଛନ୍ତି।





ଗଛ ସାର୍ ଅନ୍ତର୍ଯ୍ୟାମୀ ସାହୁ ଧରିତ୍ରୀ ଦିବସ ଅବସରରେ ସଚେତନତା ସୃଷ୍ଟି କରୁଛନ୍ତି।

ସଭ୍ୟତାର ଆରମ୍ଭ କାଳରୁ ପ୍ରକୃତି ସହ ବନ୍ଧୁତା ସ୍ଥାପନ କରି ଜୀବନ ଅତିବାହିତ କରିବା ଭାରତୀୟ ପରମ୍ପରାର ଏକ ବୈଶିଷ୍ଟ୍ୟ। ପଶୁପକ୍ଷୀଙ୍କୁ ହତ୍ୟା ନ କରିବା, ବର, ଅଶ୍ୱତ୍ଥ ବୃକ୍ଷ ଏବଂ ଗାଈଙ୍କୁ ଗୋମାତା ଭାବେ ପୂଜା କରିବା ପରି ପ୍ରାଚୀନ ପରମ୍ପରା ଆମର ଦୈନନ୍ଦିନ ଜୀବନର ପୃଥିବୀ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ସୂଚିତ କରେ। ପାଣି, ପବନ,

**ଆଜି ବିଶ୍ୱ ଧରିତ୍ରୀ ଦିବସ**

ଗଛଲତା ସବୁ ମନୁଷ୍ୟର ଅଦୂରଦର୍ଶିତା ଯୋଗୁ ପ୍ରଦୂଷିତ ହେବାରେ ଲାଗିଛି। ତେଣୁ ବର୍ତ୍ତମାନର ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ଚାରା ରୋପଣ ଓ ଜଙ୍ଗଲ ସୃଷ୍ଟି। ଏଥି ସହିତ ପ୍ଲାଷ୍ଟିକ ବ୍ୟବହାରକୁ ରୋକିବା। ସାହୁ ଏଦିଗରେ ସଚେତନତା ସୃଷ୍ଟି କରିବା ସହ ଗୋଟିଏ ଦିନକୁ ଧରିତ୍ରୀ ଦିବସ ଭାବେ ପାଳନ କଲେ ଆମର ଦାୟିତ୍ୱ ଶେଷ ହେବ ନାହିଁ ବୋଲି ପରାମର୍ଶ ଦେଇଥିଲେ। ରବିବାର ପୂର୍ବାହ୍ନରେ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅଖିଳ କୁମାର ମହାପାତ୍ର, ଇନ୍ଦୁପ୍ରଭା ସାହୁ, ବର୍ଣ୍ଣାଳୀ ସାହୁ, ଉର୍ମିଳା ସାହୁ, ମୀରା ସାହୁ ପ୍ରମୁଖ ପ୍ରଥମେ ମାଟି ମା'ଙ୍କୁ ଧୂପଦୀପ, ଫୁଲ ଓ ଫଳ ପ୍ରଦାନ କରି ଚାରା ରୋପଣ କରିବା ସହ ଜୀବନର ପ୍ରତ୍ୟେକଟି ଦିନକୁ ଧରିତ୍ରୀ ଦିବସ ଭାବେ ପାଳନ କରି ଧରାପୃଷ୍ଠର ଯତ୍ନ ନେବା ଉଚିତ୍ ହେବ ବୋଲି କହିଥିଲେ।

# ସମ ରଣନୀତିରେ ବିଜେଡି-ଭାଜପା

## ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ

ବଉଣ୍ଡା,୨୧।୪
(ପରିକ୍ଷିତ ସାହୁ)


ନଳିନୀକାନ୍ତ ପ୍ରଧାନ


ସଞ୍ଜୀବ ସାହୁ


ବିଜୟାନନ୍ଦ ଚାଉଳିଆ

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା କ୍ଷେତ୍ରରେ ଆସନ୍ତା ମେ ୨୫ରେ ହେବ ଭୋଟଗ୍ରହଣ। ଏଥର ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ପ୍ରାର୍ଥୀ ପରିବର୍ତ୍ତନ କରିଛନ୍ତି। ବିଜେଡି ଗତଥରର ବିଧାୟକ ରମେଶ ସାଏଙ୍କ ସ୍ଥାନରେ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ସେହିପରି ଗତଥରର ପ୍ରାର୍ଥୀ ଭାଗୀରଥି ପ୍ରଧାନଙ୍କ ସ୍ଥାନରେ ଭାଜପା ଅଭିଜ୍ଞ ସଞ୍ଜୀବ କୁମାର ସାହୁଙ୍କୁ ଟିକେଟ୍ ଦେଇଛି। କଂଗ୍ରେସ ଗତଥରର ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆଙ୍କୁ ପୁଣି ପ୍ରାର୍ଥୀ କରିଥିଲେ ହେଁ ଦଳ ପୂର୍ବାପେକ୍ଷା ଦୁର୍ବଳ ହୋଇପଡ଼ିଥିବା କୁହାଯାଉଛି। ତେଣୁ ଏହି ନିର୍ବାଚନମଣ୍ଡଳୀକୁ ନିଜ କବ୍‌ଜାରେ ରଖିବାକୁ ବିଜେଡି ଓ ଭାଜପା ପକ୍ଷରୁ ଜୋର୍‌ଦାର ଉଦ୍ୟମ ହେଉଛି। ଇତିମଧ୍ୟରେ ବିଧାୟକ ସାଏଙ୍କୁ ଭାଜପା ନିଜ ଶିବିରରେ ସାମିଲ କରିଥିବା ବେଳେ ଭାଜପାର ବରିଷ୍ଠ ନେତା ଭାଗୀରଥିଙ୍କୁ ନିଜ ଆଡ଼କୁ ଟାଣି ନେଇଛି ବିଜେଡି। ତେଣୁ ଉଭୟ ଦଳ ଆଠମଲ୍ଲିକକୁ ଅକ୍ତିଆର ପାଇଁ ସମ ରଣନୀତିରେ କାର୍ଯ୍ୟ କରୁଥିବା ଦେଖାଯାଉଛି।

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଶେଷଥର ପାଇଁ କଂଗ୍ରେସ ୧୯୯୫ ମସିହାରେ ବିଜୟୀ ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ଅମର ନାଥ ପ୍ରଧାନ ଏଠାରୁ ବିଧାୟକ ନିର୍ବାଚିତ ହୋଇଥିଲେ। ଏହାପରଠାରୁ ଆଠମଲ୍ଲିକକୁ ବିଜେଡି ସମ୍ପୂର୍ଣ୍ଣ କବ୍‌ଜାରେ ରଖିଛି। ୨୦୦୦ ଓ ୨୦୦୪ ନିର୍ବାଚନରେ ବିଜେଡିର ନଗେନ୍ଦ୍ର ପ୍ରଧାନ ବିଜୟୀ ହୋଇଥିବା ବେଳେ ୨୦୦୯, ୨୦୧୪ରେ ବିଜେଡିରୁ ସଞ୍ଜୀବ ସାହୁ ଏବଂ ୨୦୧୯ରେ ରମେଶ ସାଏ ଏଠାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ହେଲେ ଚଳିତ ନିର୍ବାଚନରେ ବିଧାୟକ ସାଏଙ୍କ ଟିକେଟ୍ କାଟି ବିଜେଡି ନଳିନୀଙ୍କୁ ପ୍ରାର୍ଥୀ କରିବା ପରେ ସାଏ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ସାମାଜିକ କର୍ମୀ ଅର୍ଜୁନ ସାହୁ ମଧ୍ୟ ପଦ୍ମ ଧରିଛନ୍ତି। ଏହାକୁ ନେଇ ଭାଜପା ଶିବିରରେ ଉତ୍ସାହ ରହିଥିବା ଆଲୋଚନା ହେଉଛି। ସେହିପରି ଭାଜପାରୁ ପ୍ରାର୍ଥୀ ହୋଇଥିବା ସଞ୍ଜୀବ ଆଠମଲ୍ଲିକ ରାଜନୀତିରେ ବେଶ୍ ପ୍ରବୀଣ। ସେ ପୂର୍ବରୁ ବିଜେଡି ଟିକେଟ୍‌ରେ ୨ ଥର ବିଧାୟକ ନିର୍ବାଚିତ ହୋଇଥିବାରୁ ଏବଂ କିଛିଦିନ ମନ୍ତ୍ରୀ ରହିଥିବାରୁ ଭୋଟରଙ୍କ ନିକଟରେ ସେ ବେଶ୍ ଜଣାଶୁଣା। ସେହିପରି ବିଜେଡି ମଧ୍ୟ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଜିଲା ସଭାପତି ଭାଗୀରଥିଙ୍କୁ ନିଜ ଆଡ଼କୁ ଟାଣିନେଇ ଭାଜପା ରଣନୀତିକୁ ଓଲଟପାଲଟ କରିଦେଇଛି। ଦୀର୍ଘବର୍ଷ ଧରି ଆଠମଲ୍ଲିକ ରାଜନୀତି ସହ ଭାଗୀରଥି ଜଡ଼ିତ ଥିଲେ। ଏପରି କି ଭାଜପାରୁ ସେ ୩ ଥର ବିଧାନସଭା ନିର୍ବାଚନ ଲଢ଼ି ଭଲ ଭୋଟ ହାସଲ କରିଥିଲେ। ତେଣୁ ତାଙ୍କ ଯୋଗଦାନ ବିଜେଡି ରଣନୀତିକୁ ଅଧିକ ଶାଣିତ କରିଥିବା ଆଲୋଚନା ହେଉଛି। ଅପରପକ୍ଷରେ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଥିବାବେଳେ ବିଜେଡିରୁ ହେଭିଓ୍ୱେଟ ପ୍ରଣବ ପ୍ରକାଶ ଦାସ ଓ ଭାଜପାରୁ ହେଭିଓ୍ୱେଟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ତେଣୁ ଏହି ହେଭିଓ୍ୱେଟ୍ ନେତାଙ୍କ ଲଢ଼େଇର ପ୍ରଭାବ ଆଠମଲ୍ଲିକ ଭୋଟରଙ୍କ ଉପରେ ପଡ଼ିବ ବୋଲି ଚର୍ଚ୍ଚା ହେଉଛି।

## ଅମରଙ୍କୁ ଭେଟିଲେ ବର୍ଷା


ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରୁଛନ୍ତି ବିଜେଡି ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀ।

ଚଣ୍ଡିଖୋଲ,୨୧।୪(ପ୍ରଦୀପ୍ତ କୁମାର ପୃଷ୍ଟି)

### ସମର୍ଥକଙ୍କୁ ଧୈର୍ଯ୍ୟ ଧରିବାକୁ କହିଲେ ବିଧାୟକ

ବଡ଼ଚଣା ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ନାମ ଘୋଷଣା ପରେ ରାଜନୀତି ସରଗରମ ହୋଇଛି। ବର୍ଷା ରବିବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ସହଯୋଗ ଲୋଡ଼ିଛନ୍ତି। ଅନ୍ୟପକ୍ଷରେ ବିଧାୟକଙ୍କ ସମର୍ଥକମାନେ ପ୍ରାର୍ଥୀ ପରିବର୍ତ୍ତନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମ ଜରିଆରେ କର୍ମୀମାନଙ୍କୁ ଧୈର୍ଯ୍ୟ ରଖିବାକୁ ବିଧାୟକ ନିବେଦନ କରିଛନ୍ତି। ବିଧାୟକ ଶତପଥୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଟିକେଟ ମିଳୁ ବା ନ ମିଳୁ ସେ ବିଜୁ ଜନତା ଦଳରେ ରହିବେ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଉଛନ୍ତି। ବଡ଼ଚଣାବାସୀଙ୍କ ସହିତ ତାଙ୍କର ଏକ ଭାବାବେଗର ସମ୍ପର୍କ ରହିଛି। ବଡ଼ଚଣାର ପ୍ରତ୍ୟେକ ପରିବାର ସହିତ ଜଡିତ ଅଛନ୍ତି। ତାଙ୍କୁ ସେମାନେ ଏତେ ଭଲ ପାଆନ୍ତି ଯେ, ୧୯୯୦ରୁ ବିଧାୟକ ଭାବେ ନିର୍ବାଚିତ କରିଆସୁଛନ୍ତି। ପ୍ରତ୍ୟେକ ଥର ଭୋଟ ପରିମାଣ ବଢ଼ିଚାଲିଛି। ସେମାନଙ୍କ ଭଲ ପାଇବାକୁ ଭୁଲି ହେବ ନାହିଁ। ଯେତେଦିନ ବଞ୍ଚିଥିବେ ବଡ଼ଚଣାବାସୀଙ୍କ ସେବା କରିବେ। ତେଣୁ ସମୟର ଗତିକୁ ନେଇ ଧୈର୍ଯ୍ୟ ରଖିବାକୁ ପ୍ରତ୍ୟେକ କର୍ମୀଙ୍କୁ ସେ ପରାମର୍ଶ ଦେଇଛନ୍ତି।



ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ଘୋଷିତ ପ୍ରାର୍ଥିନୀ ସଞ୍ଜଲି ମୁର୍ମୁଙ୍କୁ ବିରୋଧ କରି ରବିବାର ସେଠାକାର ଭାଜପା ନେତା ଓ କର୍ମୀମାନେ ଭୁବନେଶ୍ୱରସ୍ଥିତ ଦଳର ରାଜ୍ୟ କାର୍ଯ୍ୟାଳୟ ଆଗରେ ଅଭିନବ ପ୍ରତିବାଦ କରୁଛନ୍ତି।

## ଭାଜପାରେ ଯୋଗଦେଲେ ବିଜେଡି ନେତା, କର୍ମୀ

ଭୁବନେଶ୍ୱର, ୨୧।୪(ସୁନିତ୍ ମିଶ୍ର)

ଭୁବନେଶ୍ୱରର ବିଜୁ ଯୁବ ଜନତା ଦଳ ପୂର୍ବତନ ଯୁବ ଉପସଭାପତି ଦେବାଶିଷ ବ୍ରହ୍ମା ନିଜ ଶତାଧିକ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ ରବିବାର ଭାଜପାରେ ଯୋଗ ଦେଇଛନ୍ତି। ବ୍ରହ୍ମାଙ୍କ ସମେତ ସ୍ନେହଲତା ବାରିକ, ସମ୍ବିତ ମହାପାତ୍ର, ଚନ୍ଦନ କୁମାର ପତି, ଶମ୍ଭୁନାଥ ବିଶ୍ୱାଳ, ବିନାୟକ ମହାପାତ୍ର, ପୂର୍ବତନ ସରପଞ୍ଚ ଆଲୋକ ରଞ୍ଜନ ସାହୁ, ୱାର୍ଡ ମେମ୍ବର ଅଭୟ ପରିଡା, ଅବିନାଶ ଖଟୁଆ, ମନୋଜ ପ୍ରଧାନ, ଦୀପକ ବରାଳ, ପବିତ୍ର ସାହୁ, ତପନ ଜେନା ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। ସେହିପରି ରାୟଗଡା ଜିଲା ମୁନିଗୁଡ଼ା ବ୍ଲକର ବିଜେଡି ନେତା ତଥା ପୂର୍ବତନ ଅଧ୍ୟକ୍ଷ ମିନକେତନ ଷଡଙ୍ଗୀ ନିଜର ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଷଡଙ୍ଗୀଙ୍କ ସହ ଅନୁସୂଚିତ ଜାତି ନେତା ଚିତ୍ରସେନ ସୁନା, ରଘୁବାରି ଗ୍ରାମ ପଞ୍ଚାୟତ ସରପଞ୍ଚ ନାଉଗାଁ ମାଝୀ, କୋଲନାରା ବ୍ଲକ ବିଜେଡି ନେତା ଯୋଗେନ୍ଦ୍ର ଟିଂଟାଦା, ବିଷମକଟକ ବ୍ଲକର ଯୁବନେତା ରାଧେଶ୍ୟାମ ହିଆଲ, ପୂର୍ବତନ ସରପଞ୍ଚ ତଥା ନେତା ସୁବାଷ ଚନ୍ଦ୍ର ବକ୍ସ ପ୍ରମୁଖ ଆନୁଷ୍ଠାନିକଭାବେ ଭାଜପାରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍‌ପି ଅପରାଜିତା ଷଡଙ୍ଗୀ ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ଭାଜପାକୁ ସ୍ୱାଗତ ଜଣାଇଛନ୍ତି।

## ଆନନ୍ଦପୁରରେ ତ୍ରିମୁଖୀ ଲଢ଼େଇ


ଅଭିମନ୍ୟୁ ସେଠୀ


ଜୟଦେବ ଜେନା


ଆଲୋକ ସେଠୀ

ଆନନ୍ଦପୁର,୨୧।୪
(ସୁଶାନ୍ତ କୁମାର ସାହୁ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଶନିବାର ବିଜେଡି ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ପ୍ରାର୍ଥୀ ଭାବେ ଅଭିମନ୍ୟୁ ସେଠୀଙ୍କ ନାମ ଘୋଷଣା ହୋଇଛି। ବିଧାୟକ ଭାଗୀରଥିଙ୍କ ବିରୋଧରେ କର୍ମୀ ଅସନ୍ତୋଷକୁ ନେଇ ଦଳ ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। ଅଭିମନ୍ୟୁଙ୍କ ନାମ ଘୋଷଣା ପରେ ବିଜେଡିର ଗୋଷ୍ଠୀ କନ୍ଦଳ ଏକପ୍ରକାର ଭଙ୍ଗା ପଡ଼ିଛି ବୋଲି କୁହାଯାଉଛି। ଅଭିମନ୍ୟୁ ବିଜେଡିର ଆଗଧାଡିର କର୍ମୀ ଓ ସଂଗଠକ ଭାବେ ଚର୍ଚ୍ଚାରେ ଥିବାବେଳେ ତାଙ୍କ ନେତୃତ୍ୱରେ ତାଙ୍କ ସ୍ତ୍ରୀ ସାବିତ୍ରୀ ସେଠୀ ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ଦାୟିତ୍ୱରେ ରହିଛନ୍ତି। ଅଭିମନ୍ୟୁ ନବାଗତ ହୋଇଥିଲେ ବି ରାଜନୈତିକ ଅଭିଜ୍ଞତା ଥିବାରୁ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢ଼େଇର ଚିତ୍ର ସ୍ପଷ୍ଟ ବୋଲି ରାଜନୀତିଜ୍ଞମାନେ କହୁଛନ୍ତି। ପୂର୍ବରୁ ଭାଜପାର ବିଧାୟକ ପ୍ରାର୍ଥୀ ଭାବେ ଆଲୋକ ସେଠୀଙ୍କ ନାମ ଘୋଷଣା ହୋଇଥିବା ବେଳେ କଂଗ୍ରେସ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନାମ ଘୋଷଣା କରିଥିଲା। ଏହି ନିର୍ବାଚନମଣ୍ଡଳୀକୁ ଲଗାତର ଭାବେ ବିଜେଡି ଦଖଲ କରିଆସୁଛି। ଅନ୍ୟପକ୍ଷରେ ଲଗାତର ତିନି ପାଳି ନିର୍ବାଚନମଣ୍ଡଳୀରେ କଂଗ୍ରେସ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେଉଥିବା ଦେଖାଯାଇଛି। ଚଳିତଥର ଭାଜପାର ପରିବର୍ତ୍ତନ ସ୍ୱର ନିର୍ବାଚନ ମାହୋଲକୁ ସରଗରମ କରୁଛି। ତେଣୁ ଭାଜପା, କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢ଼େଇ ଜୋରଦାର ହେବା ନେଇ ଆଲୋଚନା ହେଉଛି। ଭାଜପା ଓ କଂଗ୍ରେସ ବହୁ ଆଗରୁ ପ୍ରଚାର ଆରମ୍ଭ କରିଥିବା ବେଳେ ବିଜେଡିର ସାଂଗଠନିକ ଦକ୍ଷତାକୁ ଆଧାର କରି ଅଭିମନ୍ୟୁ କିପରି ପ୍ରଚାର ମଇଦାନକୁ ଓହ୍ଲାଉଛନ୍ତି ଦେଖିବାକୁ ବାକି ରହିଛି।

## ପ୍ରଣବଙ୍କ ମନ୍ତବ୍ୟକୁ ଭାଜପାର କାଉଣ୍ଟର ଆଟାକ

କୁଚିଣ୍ଡା,୨୧।୪(ବିରଞ୍ଚି ଦର୍ଶୀ)

### କୁଚିଣ୍ଡା ବିକାଶରେ ବିଜେଡି ବାଧକ

ଗତ ଶନିବାର ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ତଥା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କୁଚିଣ୍ଡା ଗସ୍ତରେ ଆସି ନବୀନ ପଟ୍ଟନାୟକ ସରକାର ସମୟରେ କୁଚିଣ୍ଡାର ବହୁମୁଖି ବିକାଶ ହୋଇଥିବା କହିଥିଲେ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ ରବିବାର ଏକ ଖବରଦାତା ସମ୍ମିଳନୀ କରି ଏହାର କାଉଣ୍ଟର ଆଟାକ କରିଛନ୍ତି। ସେ କହିଛନ୍ତି, ଦୀର୍ଘ ୨୪ବର୍ଷର ଶାସନରେ ବିଜେଡି କୁଚିଣ୍ଡାର ବିକାଶରେ ବାଧକ ସାଜିଛି। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ସହ ମହିଳା ଓ ଆଦିବାସୀଙ୍କ ପାଇଁ ବିଜେଡି କଣ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କୁଚିଣ୍ଡା ଗସ୍ତ କାଳରେ ଭାଜପା ୨୨ଗୋଟି ଦାବି ରଖିଥିବାବେଳେ ଏହାର କାର୍ଯ୍ୟକାରିତାରେ ସରକାର ବିଫଳ ହୋଇଛନ୍ତି। ୨୦୧୪ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ କୁଚିଣ୍ଡା ଗସ୍ତରେ ଆସି ଭେଡେନ ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୀର୍ଘବର୍ଷ ପରେ ବି ଏହାର କାମ ଆରମ୍ଭ ନ ହେବା ଦୁର୍ଭାଗ୍ୟର ବିଷୟ। ମହିଳାଙ୍କ ବିକାଶ କଥା କହୁଥିବା ରାଜ୍ୟ ସରକାର କୁଚିଣ୍ଡାରେ ଏ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ କୌଣସି ବୈଷୟିକ ତାଲିମ କେନ୍ଦ୍ରଟିଏ ମଧ୍ୟ ଖୋଲି ନାହାନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁ ନ ଥିବା ବେଳେ ସଂଗଠନ ସମ୍ପାଦକ କୁଚିଣ୍ଡା ବିକାଶ କଥା କହିବା ହାସ୍ୟାସ୍ପଦ ଏବଂ ଏହା ଲୋକଙ୍କୁ ଭୁଆଁ ବୁଲାଇବା ଛଡା କିଛି ନୁହେଁ ବୋଲି ସେ କହିଛନ୍ତି। ଜାତୀୟ ରାଜପଥ ୫୫ ଉପରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ନାଏକ କହିଛନ୍ତି ଯେ,ଏଥିପାଇଁ ଜମି ଅଧିଗ୍ରହଣ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ରାଜ୍ୟ ସରକାର ଜାଣିଶୁଣି କେନ୍ଦ୍ର ସରକାରଙ୍କୁ ବଦନାମ କରିବା ଉଦ୍ଦେଶ୍ୟ ରଖି ଜମି ଅଧିଗ୍ରହଣ ଉପରେ ପଦକ୍ଷେପ ନେଉ ନ ଥିବା ଓଲଟା ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର ଓ ନଗର ସଭାପତି କାହ୍ନୁଚରଣ ନାୟକ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

## ଭାଜପାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି

ଯୋଗେଶ୍ୱରପୁର,୨୧।୪(ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରଠାରେ ରବିବାର ଭାଜପାର ଦୁଇଗୋଷ୍ଠୀଙ୍କ ମଧ୍ୟରେ ମାର୍‌ପିଟ୍ ଘଟିଛି। ଭାଜପାର ଶୋଭାଯାତ୍ରାବେଳେ କୌଣସିକାରଣକୁନେଇ ବାଇଧର ମଲ୍ଲିକଙ୍କ ସମର୍ଥକ ଏବଂ ବିଶ୍ୱଭୂଷଣ ଦାସଙ୍କ ସମର୍ଥକ ହାତାହାତି ହୋଇଥିଲେ। ବିଶ୍ୱଭୂଷଣଙ୍କ ସମର୍ଥକମାନେ 'ବାଇଧର ହଟାଅ କାକଟପୁର ବଞ୍ଚାଅ' ସ୍ଲୋଗାନ ଦେବା ସହ ତାଙ୍କ ପ୍ରଚାର ଗାଡି ଗ୍ରାମାଞ୍ଚଳରେ ପୂରାଇ ଦିଆଯିବ ନାହିଁ ବୋଲି କହୁଥିବା ଶୁଣିବାକୁ ମିଳିଥିଲା। ଏହି ଗଣ୍ଡଗୋଳରେ ପ୍ରାୟ ୪ଜଣ ଆହତ ହୋଇଥିବା ଜଣାପଡ଼ିଛି। ବିଶ୍ୱଭୂଷଣ ଟିକେଟ ଦାବି କରୁଥିବାବେଳେ ବାଇଧରଙ୍କୁ ଟିକେଟ ମିଳିଛି। ଫଳରେ ବିଭିନ୍ନ ସ୍ଥାନରେ ବାଇଧରଙ୍କ ବିରୋଧୀ ଗୋଷ୍ଠୀ ଏଭଳି କାଣ୍ଡ ଭିଆଉଥିବା ଚର୍ଚ୍ଚା ହେଉଛି। ନିକଟରେ କାକଟପୁର ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଥିଲା। ଏସବୁ ଘଟଣାରୁ ଭାଜପାର ଫାଟ ପଦାରେ ପଡ଼ିଛି। ଅନ୍ୟପକ୍ଷରେ ଏ ନେଇ ବିଶ୍ୱଭୂଷଣ କିମ୍ବା ବାଇଧରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଜେଡି, କଂଗ୍ରେସର ଅଭିଜ୍ଞ, ଭାଜପାର ନୂଆ ପ୍ରାର୍ଥୀ

### ଦଶପଲ୍ଲା ନିର୍ବାଚନମଣ୍ଡଳୀ

ନୟାଗଡ,୨୧।୪(ଲୋକନାଥ ମିଶ୍ର)


ନକୁଳ ନାଏକ


ରାଘବ ମଲ୍ଲିକ


ରମେଶ ଚନ୍ଦ୍ର ବେହେରା

ନୟାଗଡ଼ ଜିଲାର ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଓ କଂଗ୍ରେସର ଦୁଇ ଅଭିଜ୍ଞ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ଭାଜପାର ନୂଆମୁହଁ ସହ ଲଢ଼େଇ ହେଉଛି। ବିଜେଡିରୁ ରମେଶ ଚନ୍ଦ୍ର ବେହେରା, କଂଗ୍ରେସରୁ ନକୁଳ ନାଏକ ଏବଂ ଭାଜପାରୁ ରାଘବ ମଲ୍ଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଏଠାରେ ବିଜେଡି ଏବଂ ଭାଜପା ଅପେକ୍ଷା କଂଗ୍ରେସ ପ୍ରାର୍ଥୀ ଦେବାରେ ବିଳମ୍ବ କରିଛି। ଦଶପଲ୍ଲା ବ୍ଲକ ଏବଂ ଏନ୍‌ଏସି, ଗଣିଆ ଓ ନୂଆଗାଁ ବ୍ଲକକୁ ନେଇ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଗଠିତ। ଦଶପଲ୍ଲା ଆସନ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିଲେ ମଧ୍ୟ ଏଠାରେ ଆଦିବାସୀଙ୍କ ସଂଖ୍ୟା କିଛି କମ୍ ନାହିଁ। ଏବେ ବି ନିର୍ବାଚନମଣ୍ଡଳୀର ଅନେକ ଗାଁକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ଏଣୁ ଗୁରୁତର ରୋଗୀ ଦୋଳା, ଖଟିଆରେ ବୁହା ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଏଠାରେ ବିଜେଡିର ରମେଶ ଚନ୍ଦ୍ର ବେହେରା ବିଧାୟକ ଅଛନ୍ତି। ରମେଶ ୨୦୧୯ରେ ନିର୍ବାଚିତ ହେବା ପରେ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିଛି। ବିଭିନ୍ନ ସମୟରେ ଦଳର ଅସନ୍ତୁଷ୍ଟ ନେତାମାନେ ସଭାସମିତି କରି ବିଧାୟକଙ୍କୁ ଅଡୁଆରେ ପକାଇଛନ୍ତି। ଚଳିତ ନିର୍ବାଚନରେ ରମେଶଙ୍କ ପ୍ରାର୍ଥିତ୍ୱକୁ ନେଇ ବିରୋଧାଭାସ ଦେଖାଦେଇଥିଲେ ହେଁ ଦଳ ପକ୍ଷରୁ ତାଙ୍କୁ ପୁଣି ପ୍ରାର୍ଥୀ କରାଯିବା ପରେ ବିରୋଧ ଥମିଯାଇଛି। କିନ୍ତୁ ଅନ୍ତର୍ଦ୍ୱନ୍ଦ୍ୱ ଦୂର ହୋଇପାରିନାହିଁ। ଏହା ରମେଶଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀ ଏହାର ଫାଇଦା ନେଇପାରିଲେ ନିର୍ବାଚନ ଫଳାଫଳ ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ତେବେ ଭାଜପା ନୂଆ ଚେହେରା ଭାବେ ରାଘବ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ସେ ନୂଆ ହେଲେ ମଧ୍ୟ ପ୍ରାୟ ୮ ବର୍ଷ ହେଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭାଜପାର ସଙ୍ଗଠନ କାର୍ଯ୍ୟ କରିଆସୁଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ କନ୍ଧମାଳର ପୂର୍ବତନ ଏମ୍‌ପି ନକୁଳ ନାଏକଙ୍କୁ ପ୍ରାର୍ଥୀ କରାଯାଇଛି। ସେ ଅଭିଜ୍ଞ ହୋଇଥିଲେ ମଧ୍ୟ ସ୍ୱଳ୍ପଦିନରେ ଦଳୀୟ ସଙ୍ଗଠନକୁ ସକ୍ରିୟ କରି ଭୋଟରଙ୍କ ପ୍ରିୟଭାଜନ ହୋଇପାରୁଛନ୍ତି କି ନାହିଁ ତାହା ଜୁନ୍ ୪ ଭୋଟ ଗଣତି ପରେ ସ୍ପଷ୍ଟ ହୋଇଯିବ। କନ୍ଧମାଳ ଲୋକ ସଭା ଆସନ ଅଧୀନରେ ଆସୁଥିବା ଦଶପଲ୍ଲା ବିଧାନସଭା ଆସନରେ ମେ' ମାସ ୨୦ ତାରିଖରେ ଭୋଟଗ୍ରହଣ ହେବ। ହେଲେ ଏଯାଏ ପ୍ରଚାର ଜୋର ଧରିନାହିଁ। ବିଜେଡି ପ୍ରାର୍ଥୀ ରମେଶ ବେହେରା ଦଶପଲ୍ଲା ସହର ଓ ବ୍ଲକରେ ପ୍ରଚାର କରୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଗଣିଆ ଓ ନୂଆଗାଁ ବ୍ଲକ ଅଞ୍ଚଳରେ କୌଣସି ପ୍ରାର୍ଥୀଙ୍କୁ ଦେଖିବାକୁ ମିଳୁନାହିଁ।

ସୂଚନାଥାଉ କି, ୨୦୧୪ରେ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ୨୦୧୯ରେ ଦଳ ପ୍ରାର୍ଥୀ କରି ନ ଥିଲା। ଫଳରେ ପୂର୍ଣ୍ଣଚନ୍ଦ୍ର ବିଜେଡି ଛାଡ଼ି ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ୩୯,୭୧୫ (୩୧%) ଭୋଟ ମିଳିଥିବାବେଳେ ବିଜେଡି ପ୍ରାର୍ଥୀ ରମେଶ ୭୫,୦୦୬(୫୮%) ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ କୁମାର ନାଏକ ୭,୯୪୯(୬%) ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ଭାଜପା ପୂର୍ଣ୍ଣଚନ୍ଦ୍ରଙ୍କ ଉପରେ ଭରସା ନ କରି ଶିକ୍ଷକ ନେତା ରାଘବ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି।

# ଆଶାଠାରୁ ଅଧିକ କାରବାର

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ....................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଉତ୍କଳ ହସ୍ପିଟାଲରେ ବିଶ୍ୱ ଯକୃତ୍ ଦିବସ



ଉତ୍କଳ ହସ୍ପିଟାଲ ପକ୍ଷରୁ ଆୟୋଜିତ ଏକ ମେଗା ୱାକାଥନ୍ 'ୱାକ୍ ଆଣ୍ଡ୍ ରନ୍'ର ବିଜେତାଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ହସ୍ପିଟାଲର ଏମ୍‌ଡି ପୁରସ୍କୃତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ କର୍ତ୍ତୃପକ୍ଷ, ଅତିଥି, ଚିକିତ୍ସକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୧।୪**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ନୀଳାଦ୍ରି ବିହାରସ୍ଥିତ ଉତ୍କଳ ହସ୍ପିଟାଲ ପରିସରରେ ବିଶ୍ୱ ଯକୃତ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ରେସିଡେଣ୍ଟ ଏଡିଟର ଶିବ କୁମାର ମହାନ୍ତି, ଡିଏମ୍‌ଇଟି ଓଡ଼ିଶା ଡା. ସଚ୍ଚିଦାନନ୍ଦ ମହାନ୍ତି, ସୋଟୋ (ଏସ୍‌ଓଟିଟିଓ)ର ନିର୍ଦ୍ଦେଶକ ବିଭୂତି ଭୂଷଣ ନାୟକଙ୍କ ସମେତ ଡା. ସତ୍ୟପ୍ରକାଶ ରାୟ ଚୌଧୁରୀ,ଡା ସଲିଳ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ ସହ ସୁସ୍ଥ ରହିବା ପାଇଁ ସର୍ବଦା ଡାକ୍ତରଙ୍କ ପରାମର୍ଶ ଓ ଯୋଗ କରିବା ନିହାତି ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଏକ ମେଗା ୱାକାଥନ 'ୱାକ୍ ଆଣ୍ଡ ରନ୍'ର ଆୟୋଜନ କରାଯାଇଥିଲା। ଉକ୍ତ ୱାକାଥନରେ ସବୁ ବର୍ଗର ଲୋକ ସାମିଲ ହୋଇଥିବାବେଳେ 'ୱାକ୍ ଆଣ୍ଡ ରନ୍'ର ସ୍ୱତନ୍ତ୍ର ପ୍ରତିଯୋଗିତାରେ ସାମିଲ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୬୦ ଦିନରେ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ

**ଭୁବନେଶ୍ୱର,୨୧।୪ (ଅଭୟ ଦାଶ)**



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ୟୁନିଟ-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ' ଆୟୋଜିତ ହେଉଛି। ଏପରିକି ଚଳିତ ବର୍ଷ ଏହି ପ୍ରଦର୍ଶନୀ ୬୦ ଦିନରେ ପହଞ୍ଚିଛି ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ସନ୍ଧ୍ୟା ହେଲେ ସହରବାସୀ ୟୁନିଟ-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଭିଡ଼ ଜମାଉଛନ୍ତି। କାରଣ ଗୋଟିଏ ପଟରେ ପିଲାଙ୍କ ପରୀକ୍ଷା ଶେଷ ହୋଇଯାଇଥିବାରୁ ଅଭିଭାବକମାନେ ସନ୍ଧ୍ୟା ସମୟରେ ସପରିବାର ସହ ବୁଲାବୁଲି କରିବାକୁ ଆଗ୍ରହ ପ୍ରକାଶ କରୁଥିବାବେଳେ ଅପରପକ୍ଷରେ ସାରା ଦେଶର ଭଳିକି ଭଳି ହ୍ୟାଣ୍ଡଲୁମ୍ ପୋଷାକ ସାଙ୍ଗକୁ ହାଣ୍ଡିକ୍ରାଫ୍ଟ ସାମଗ୍ରୀ ସୁଲଭ ମୂଲ୍ୟରେ ପାଇପାରୁଛନ୍ତି। ଏପରିକି ବିଭିନ୍ନ ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କର ଲୋକପ୍ରିୟ ବସ୍ତ୍ର (ପୋଷାକ) ସାଙ୍ଗକୁ ନୂଆ ନୂଆ ଡିଜାଇନର ପୋଷାକ ଓ ଘରକରଣା ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ଓ ରିହାତି ଯୋଗାଇ ଦେଉଛନ୍ତି।

ସେହିଭଳି ପ୍ରଦର୍ଶନୀରେ ସାମିଲ ଓଡ଼ିଶାର ଅଗ୍ରଣୀ ହ୍ୟାଣ୍ଡଲୁମ୍ ବ୍ରାଣ୍ଡ ବୟନିକା ପକ୍ଷରୁ ମଧ୍ୟ ଆକର୍ଷଣୀୟ ରିହାତି (୧୦+୨୦%) ପ୍ରଦାନ କରାଯାଉଛି, ଫଳରେ ପ୍ରଦର୍ଶନୀ ବୁଲା ସାଙ୍ଗକୁ ମନପସନ୍ଦର ସାମଗ୍ରୀ ଓ ପୋଷାକ କିଣିବା ପାଇଁ ସବୁବର୍ଗର ଗ୍ରାହକଙ୍କ ଭିଡ ପ୍ରଦର୍ଶନୀରେ ଦେଖିବାକୁ ମିଳୁଛି। ସେହିପରି ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ବୟନିକା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ଆସାମ, ପୁଡୁଚେରୀ ଏବଂ ଜମ୍ମୁ ଆଣ୍ଡ କଶ୍ମୀର ଭଳି ରାଜ୍ୟର ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ ବ୍ୟବସାୟୀମାନେ ମୋଟ ୭୫ଟି ଷ୍ଟଲ ଜରିଆରେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରୁଥିବା କାମଧେନୁ ଖଦି ଉଲ୍ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୬୦ ଦିନରେ ପହଞ୍ଚିଛି। ବିଶେଷ କରି ଆଶାଠାରୁ ଅଧିକ କାରବାର ସହ ଗ୍ରାହକଙ୍କ ଚାହିଦା ଓ ବଜାର(ପ୍ରଦର୍ଶନୀ)ର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରଦଶନୀର ଅବଧି ୨୦୨୪ ମାର୍ଚ୍ଚ ୩୧ ବଦଳରେ ମେ ୨୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବାବେଳେ ପ୍ରତ୍ୟହ ଦିବା ୧୧ ଘଣ୍ଟିକାରୁ ରାତ୍ର ୯ଘଣ୍ଟିକା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହୁଛି ବୋଲି ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀର ଆୟୋଜକ କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀଲେଦର୍ସ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଅନାବରଣ



**ଭୁବନେଶ୍ୱର,୨୧।୪**

ଦେଶର ପ୍ରମୁଖ ସୁଜ୍ ବ୍ରାଣ୍ଡ ଶ୍ରୀଲେଦର୍ସର ପ୍ରତିଷ୍ଠାତା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେଙ୍କର ୧୧୩ତମ ଜନ୍ମବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜାମସେଦପୁରର ବିଷ୍ଟୁପୁର ରୋଡଠାରେ ଅବସ୍ଥିତ ଶ୍ରୀଲେଦର୍ସର ଗ୍ରାଣ୍ଡ ଶୋ'ରୁମ୍ ମୁଖ୍ୟ ପ୍ରବେଶ ପଥରେ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେଙ୍କ ପ୍ରତିମୂର୍ତ୍ତିର ଅନାବରଣ କରାଯାଇଥିଲା। ଏହି ଅବସରରେ ଶ୍ରୀଲେଦର୍ସର ସହଭାଗୀ ଶେଖର ଦେ, ଜ୍ୟୋତ୍ସ୍ନା ଦେ, ସୁଶାନ୍ତୋ ଦେ, ପୂଜଗିନୀ ଦେଙ୍କ ସମେତ ନିଲ ଭଟ୍ଟାଚାର୍ଯ୍ୟ, ଉଷଶି ଦେ, ଭବଶ ଦେବ ପ୍ରମୁଖ ଉପସ୍ଥିତ ରହି ଦେଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ନେଇ ଶ୍ରୀଲେଦର୍ସର ସହଭାଗୀ ଶେଖର ଦେ କହିଛନ୍ତି, ତାଙ୍କ ପିତାଙ୍କ ସାଙ୍ଗମାନଙ୍କ ମଧ୍ୟରେ କେବଳ ଜଣେ ବନ୍ଧୁ ଭବଶ ଦେବ ଜୀବିତ ଏବଂ ତାଙ୍କୁ ଦେଖି ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏପରିକି ଶାରୀରିକ ଅସୁବିଧା ମଧ୍ୟରେ ସୁରେଶ ଚନ୍ଦ୍ର ଦେଙ୍କୁ ସମ୍ମାନ ଜଣାଇବାକୁ ଆସିଥିବାରୁ ମୁଁ ଶ୍ରୀ ଦେବଙ୍କୁ କୃତଜ୍ଞତା ଜଣାଉଛି। ସେହିଭଳି ଦେ କହିଛନ୍ତି,୧୯୫୨ରେ ଶ୍ରୀଲେଦର୍ସର ପ୍ରତିଷ୍ଠାତା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେଶ ଚନ୍ଦ୍ର ଦେ ଜାମସେଦପୁରର ଏକ ଛୋଟ ବ୍ୟବସାୟରୁ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଜି ଶ୍ରୀଲେଦର୍ସ ଦେଶର ପ୍ରାୟ ପ୍ରତ୍ୟେକ ରାଜ୍ୟର ପ୍ରମୁଖ ସହରରେ ଶୋ'ରୁମ୍ ଖୋଲି ତା'ର କାରବାର ସହ ବ୍ୟବସାୟ ସମ୍ପ୍ରସାରଣରେ ସଫଳ ହୋଇଛି। କମ୍ପାନୀର କମାଣ୍ଡ ବର୍ତ୍ତମାନ ଶ୍ରୀଲେଦର୍ସ ପରିବାରର ନୂତନ ପିଢ଼ିଙ୍କ ହାତରେ ରହିଛି। ନୂତନ ପିଢ଼ି ପ୍ରତିଷ୍ଠାତାଙ୍କ ଦୃଷ୍ଟିକୁ ଆଗକୁ ବଢାଇ ତା'ର ବିସ୍ତାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଆଜି ଶ୍ରୀଲେଦର୍ସ ସମଗ୍ର ଦେଶରେ ୩୬ରୁ ଏକ୍ସକ୍ଲୁସିଭ ଆଉଟଲେଟ ଜରିଆରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସେବା ଓ କର୍ମନିଯୁକ୍ତି ଯୋଗାଇଦେଇଛି ଏବଂ ଗ୍ରାହକଙ୍କୁ କମ୍ ମୂଲ୍ୟରେ ଉଚ୍ଚମାନର ଉତ୍ପାଦ ମଧ୍ୟ ଯୋଗାଉଛି। ସେହିଭଳି ଶ୍ରୀଲେଦର୍ସର ସହଭାଗୀ ସୁଶାନ୍ତୋ ଦେ କହିଛନ୍ତି, ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଦିଲ୍ଲୀଠାରେ ବ୍ରାଣ୍ଡର ଏକ୍ସକ୍ଲୁସିଭ ଶୋ'ରୁମ୍ ରହିଛି। ଏହା ବ୍ୟତୀତ କମ୍ପାନୀ ଅନ୍ୟ ରାଜ୍ୟରେ ମଧ୍ୟ ତା'ର କାର୍ଯ୍ୟ ବିସ୍ତାର କରିବାକୁ ଚିନ୍ତା କରୁଥିବାବେଳେ ଶ୍ରୀଲେଦର୍ସ ସ୍ପୋର୍ଟ୍ସ ସୁଜ୍ (କ୍ରୀଡ଼ା ଜୋତା)ର ପରିସର ବୃଦ୍ଧି ଉପରେ ମଧ୍ୟ କାର୍ଯ୍ୟ କରୁଛି।

## ପାଣି ବୋତଲ ପାଇଁ ନୂଆ ନିୟମ

**ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)**



ବଜାରରେ ବିକ୍ରି ହେଉଥିବା ପାଣି ବୋତଲକୁ ନେଇ ନୂଆ ନିୟମ ଲାଗୁ ହେବାକୁ ଯାଉଛି। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଏନେଇ ଯୋଜନା ପ୍ରସ୍ତୁତ କରିଛି। ଏଣିକି ପାଣି ବୋତଲ କମ୍ପାନୀଗୁଡ଼ିକୁ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍)ସାର୍ଟିଫିକେଟ୍ ହାସଲ କରିବାକୁ ପଡିବ। ଯଦି କୌଣସି କମ୍ପାନୀର ଏହି ସାର୍ଟିଫିକେଟ ନାହିଁ ତେବେ ଏହି ବୋତଲ ବିକ୍ରି କରିପାରିବେ ନାହିଁ। ପାଣି ବୋତଲ ଆମଦାନୀ ଉପରେ ଏହି ନିୟମର ବିଶେଷ ପ୍ରଭାବ ପଡ଼ିବ ବୋଲି ମତ ପ୍ରକାଶ ପାଇଛି। ୨୦୨୩ ଜୁଲାଇରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହେବାର ଥିଲେ ମଧ୍ୟ ହୋଇ ନ ଥିଲା। ମାତ୍ର ବର୍ତ୍ତମାନ ଏହା ଆସନ୍ତା ଜୁନ୍‌ରେ କାର୍ଯ୍ୟକାରୀ ହେବାକୁ ଯାଉଛି। ମନ୍ତ୍ରଣାଳୟ କମ୍ପାନୀମାନଙ୍କୁ ବିଆଇଏସ୍ ସାର୍ଟିଫିକେଟ ହାସଲ କରିବା ପାଇଁ ଜୁନ୍ ୨୪ ପର୍ଯ୍ୟନ୍ତ ସମୟ ଦେଇଛି। ଏହା ପରେ ଖୁଚୁରା ଏବଂ ଇ-କମର୍ସ ଇଣ୍ଡଷ୍ଟ୍ରିରୁ ଅନେକ ବୋତଲ ବ୍ରାଣ୍ଡ ବଜାରରୁ ଉଭେଇଯାଇପାରେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ରଖିଛନ୍ତି। ସୂଚନା ଥାଉ କି, ବର୍ତ୍ତମାନ ଦେଶର ଅଧିକାଂଶ କମ୍ପାନୀ ତମ୍ବା, ଷ୍ଟେନ୍‌ଲେସ ଏବଂ ଆଲୁମିନିୟମ ପାଣି ବୋତଲ ଆମଦାନୀ କରୁଛନ୍ତି। ବିଆଇଏସ ସହିତ ଜଡିତ ଏହି ନିୟମ କାର୍ଯ୍ୟକାରୀ ହେବା ପରେ ସେମାନଙ୍କୁ ଦେଶରେ ଉତ୍ପାଦନ ଆରମ୍ଭ କରିବାକୁ ପଡ଼ିବ। ଆଇସିଆଇସିଆଇ ରିପୋର୍ଟ ଅନୁଯାୟୀ, ଏହି ନିଷ୍ପତ୍ତି ବଡ଼ କମ୍ପାନୀଗୁଡ଼ିକ ପାଇଁ ଲାଭଦାୟକ ହେବ। ଭାରତରେ ତମ୍ବା, ଷ୍ଟେନ୍‌ଲେସ ଏବଂ ଆଲୁମିନିୟମ ପାଣି ବୋତଲ ଉତ୍ପାଦନ ଖୁବ୍ କମ୍ ଅଟେ। ବର୍ତ୍ତମାନ ନୂତନ ନିୟମ ଲାଗୁ ହେବା ପରେ କମ୍ପାନୀଗୁଡ଼ିକୁ ଅଧିକ ଆମଦାନୀ ଶୁଳ୍କ ଦେବାକୁ ପଡ଼ିବ କିମ୍ବା ନିଜସ୍ୱ ବୋତଲ ଉତ୍ପାଦନ କରିବାକୁ ପଡ଼ିବ। ଦେଶର ବଡ଼ କମ୍ପାନୀଗୁଡ଼ିକ ଏହି ପ୍ରସଙ୍ଗରେ ନୀରବ ଥିବାବେଳେ ଛୋଟ କମ୍ପାନୀଗୁଡ଼ିକ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ନୂତନ ନିୟମ ସେମାନଙ୍କ ଉପରେ ବହୁତ ଖରାପ ପ୍ରଭାବ ପକାଇବ। ଏହି କମ୍ପାନୀଗୁଡ଼ିକର ବଜାରରେ ପ୍ରାୟ ୩୦ ପ୍ରତିଶତ ଅଂଶଧନ ରହିଛି।

## ଶପର୍ସ ଷ୍ଟପ୍ ସହ ଆକ୍ସିସ ବ୍ୟାଙ୍କର ସହଭାଗିତା

**ଭୁବନେଶ୍ୱର,୨୧।୪**

ଆକ୍ସିସ୍ ବ୍ୟାଙ୍କ ଏବଂ ଶପର୍ସ ଷ୍ଟପ୍‌ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପନ ହୋଇଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଭାଗିତାରେ ଏକ ଅଭିନବ କୋ ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ 'ଆକ୍ସିସ୍ ବ୍ୟାଙ୍କ ଶପର୍ସ ଷ୍ଟପ୍ କ୍ରେଡିଟ୍ କାର୍ଡ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଉକ୍ତ କାର୍ଡଧାରୀମାନଙ୍କୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଶପିଙ୍ଗ୍‌ର ସମୃଦ୍ଧ ଅନୁଭୂତି ମିଳିବ। ସେହିଭଳି ଆକ୍ସିସ୍ ବ୍ୟାଙ୍କ ଶପର୍ସ ଷ୍ଟପ୍ କ୍ରେଡିଟ୍ କାର୍ଡ ସହ ଆକ୍ସିସ୍ ବ୍ୟାଙ୍କର କ୍ରେଡିଟ୍ କାର୍ଡ ପୋର୍ଟଫୋଲିଓ ଓମ୍‌ନିଚ୍ୟାନେଲ୍ ଶପିଙ୍ଗ୍ କ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି। ଏହି ସହଭାଗିତା ଆକ୍ସିସ୍ ବ୍ୟାଙ୍କର ଅଭିନବ ଆର୍ଥିକ ସମାଧାନ, ବ୍ୟାପକ ଶାଖା ନେଟ୍‌ୱର୍କ ଓ ଭୌଗୋଳିକ ଉପସ୍ଥିତି ଏବଂ ସପର୍ସ ଷ୍ଟପ୍‌ସର ଦୃଢ଼ ନେଟ୍‌ୱର୍କ ଏବଂ ୯.୮ନିୟୁତ ଫାଷ୍ଟ ସିଟିଜେନ୍ କ୍ଲବ୍ ସଦସ୍ୟମାନଙ୍କୁ ବ୍ୟାପକ ସୁବିଧା ପ୍ରଦାନ କରିବ। ସେହିପରି ଏହି କୋ ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡରେ ଇନ୍ଧନ ସର୍ଚ୍ଚାର୍ଜ ଛାଡ଼, ଡାଇନିଂ ଅନୁଭୂତି ଭଳି ଶିଳ୍ପର ଅନେକ ଶ୍ରେଷ୍ଠ ସୁବିଧା ସହିତ ମାଗଣାରେ ସପର୍ସ ଷ୍ଟପ୍ ଫାଷ୍ଟ ସିଟିଜେନ୍ କ୍ଲବ୍ ଗୋଲ୍‌ଡେନ୍ ଗ୍ଲୋ ସଦସ୍ୟତା ମିଳିବ। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ମଲାଡ଼ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ (ରିଟେଲ୍ ଆସେଟ୍‌ସ, ପେମେଣ୍ଟସ ଆଣ୍ଡ୍ ଆଫ୍ଲୁଏଣ୍ଟ ବ୍ୟାଙ୍କିଙ୍ଗ୍) ଅର୍ଜୁନ ଚୌଧୁରୀ ଏବଂ ଶପର୍ସ ଷ୍ଟପ୍‌ର କଷ୍ଟମର କେୟାର ଆସୋସିଏଟ୍ ଓ ମୁଖ୍ୟ ବିତ୍ତ ଅଧିକାରୀ କରୁଣାକରନ ଏମ୍ ନୂତନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡକୁ ଆନୁଷ୍ଠାନିକ ଭାବେ ଅନାବରଣ କରୁଛନ୍ତି।

ଏ ସମ୍ପର୍କରେ ଆକ୍ସିସ ବ୍ୟାଙ୍କର କାର୍ଡ ଏବଂ ପେମେଣ୍ଟସର ସଭାପତି ତଥା ମୁଖ୍ୟ ସଞ୍ଜୀବ ମୋଘେ କହିଛନ୍ତି, ବ୍ୟାଙ୍କରେ ଆମର ଏକ ସମ୍ପୂର୍ଣ୍ଣ ସୁଇଟ୍ କ୍ରେଡିଟ୍ କାର୍ଡ ପୋର୍ଟଫୋଲିଓ ରହିଛି।

## ସର୍ବୋତ୍ତମ ପ୍ରଯୁକ୍ତିକୁ ଗୁରୁତ୍ୱ

**ଭୁବନେଶ୍ୱର,୨୧।୪**

ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ 'ତୁରଞ୍ଜା ୬ଆଇ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଯାତ୍ରୀବାହୀ ଯାନ ସେଗ୍‌ମେଣ୍ଟ ପାଇଁ ବ୍ରାଣ୍ଡ ନୂଆ ପିଢ଼ିର ଟାୟାର ବ୍ରିଜ୍‌ଷ୍ଟୋନ୍ ତୁରଞ୍ଜା ୬ଆଇର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରିଛି। ଭାରତର ସଡ଼କ ଗୁଡ଼ିକ ଲାଗି ଏହା ସ୍ୱତନ୍ତ୍ର ଭାବେ ବିକଶିତ ହୋଇଥିବାବେଳେ ଟାୟାର ଓ ଚାଳକଙ୍କୁ ଏହା ଆରାମଦାୟକ ଯାତ୍ରା ଅନୁଭୂତି ସହ ଟାୟାରର ଦୀର୍ଘଜୀବନ ପ୍ରଦାନ କରିଥାଏ। ବ୍ରିଜ୍‌ଷ୍ଟୋନ୍ ତୁରଞ୍ଜା ୬ଆଇ ୩୬ ଏସ୍‌କେୟୁରେ ୧୪ ଇଞ୍ଚରୁ ୨୦ ଇଞ୍ଚ ପର୍ଯ୍ୟନ୍ତ ଉପଲବ୍ଧ । ଏସ୍‌ୟୁଭି, ସେଡାନ, ହ୍ୟାଚ୍‌ବ୍ୟାକ୍ ଓ ସିୟୁଭି ଅନ୍ତର୍ଭୁକ୍ତ ଯାନ ପାଇଁ ଲକ୍ଷ୍ୟ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ପ୍ରିମିୟମ ଗାଡ଼ିଗୁଡ଼ିକ ଲାଗି ଏହି ଟାୟାରର ଶୁଭାରମ୍ଭ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ବ୍ରିଜ୍‌ଷ୍ଟୋନ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି। ଅପରପକ୍ଷରେ ବ୍ରିଜ୍‌ଷ୍ଟୋନ୍ ଭାରତର ଅଗ୍ରଣୀ ଟାୟାର ପ୍ରସ୍ତୁତକାରୀ ଭାବେ ଉଭାହୋଇଛି। ବିଶେଷ କରି ଏହା ଏନ୍‌ଲିଟେନ୍ ଟେକ୍‌ନୋଲୋଜି ସହ ଇନ୍ଧନ ଦକ୍ଷତା ଓ ସୁଗମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ଏପରିକି ତୁରଞ୍ଜା ୬ଆଇ ଉଭୟ ସାଧାରଣ କାର୍ଯ୍ୟଦକ୍ଷତା ଓ କମ୍ ଶବ୍ଦ ସହ ଉନ୍ନତ ଇନ୍ଧନ ଏବଂ କାର୍ଯ୍ୟଦକ୍ଷତା ପ୍ରଦାନ ସାଙ୍ଗକୁ ବୈଦ୍ୟୁତିକ ଯାନର ଆବଶ୍ୟକତା ମଧ୍ୟ ଏହା ପୂରଣ କରିବ।

ଏ ସମ୍ପର୍କରେ ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ହିରୋସି ୟୋସିଜାନେ କହିଛନ୍ତି, ଦ୍ରୁତଗତିରେ ବଢୁଥିବା ଭାରତୀୟ ବଜାର ପାଇଁ ସର୍ବୋତ୍ତମ ପ୍ରଯୁକ୍ତି ପ୍ରଦାନ କରିବାକୁ ତୁରଞ୍ଜା ୬ଆଇ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ଭାରତୀୟ ଗତିଶୀଳ କ୍ଷେତ୍ରକୁ ବିଶ୍ୱସ୍ତରୀୟ ଅଗ୍ରଣୀ ଟାୟାର ପ୍ରଯୁକ୍ତି ସହ ଯୋଡ଼ିବାରେ ଆମର ଯୋଜନାବଦ୍ଧ ରଣନୀତିର ଏହା ଏକ ସଫଳତା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ବ୍ରିଜ୍‌ଷ୍ଟୋନ୍‌ର ମୁଖ୍ୟ ବାଣିଜ୍ୟ ଅଧିକାରୀ ରାଜଶ୍ରୀ ମିତ୍ର କହିଛନ୍ତି, ସର୍ବଭାରତୀୟସ୍ତରରେ ଆମେ ଟାୟାର ପ୍ରଯୁକ୍ତିରଅଗ୍ରଣୀଭୂମିକାନିର୍ବାହକରିଆସିଛୁ।

**Classified Everyday**
**0674-2580101, 2549949**



**REAL ESTATE**

**SALE**

Three Storied building 3000sqft. construction over 1200sqft. land at Botanda, Bhubaneswar-1.15 crore. Call- 8917520527. D-106

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରି ହେବ। **Mob- 9827119799.** D-102

ଭୁବନେଶ୍ୱର ପିତାପଲ୍ଲୀ **NH-16** କଡ଼ରେ **30' road,** ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। **(Owner). 9090963952.** D-75946

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944




Newly open Jyoti SPA positively health benefits (Expert therapist). 8458067955. D-76116

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA positively health benefits with expert therapist. 8658466886. D-76115

**Body massage by experience good looking therapist @ 999/- (Bhubaneswar). 9078484455.** D-077

Newly opened central SPA full-body massage. Trend Therapist. 8456885600. D-75730

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Relax, refresh your body, mind by expert therapist. Contact- 9938843929. D-76114

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By affidavit before in the Court of Executive Magistrate, Kendrapara, CF No.- 64AA 790034 & 64AA 790035 dtd 12.03.2024, I have been changed name from Bhima Sahoo, Bhimasen Sahu, B Sahoo to Bhimasen Sahoo & Vill- Thakurpatna to Benipur, S/o- Raghunath Sahoo, At/P.O.- Benipur, P.S.- Nikirai, Dist.- Kendrapara. I have been recognized, indentified & known as Bhimasen Sahoo for all purposes. D-132

I, Prafulla Paichha/ Prafulla Chandra Paichha/ Profulla Chandra Paichha/ Profula Paichha/ Prafula Chandra Paichha/ Prafula Chandra Paichha, S/o Late Krushna Chandra Paichha, Resident of Duplex No 27, Gatikrushna Green, Ranga Bazaar Alarpur, P.S.-Balianta, Dist.-Khorda, Odisha-752100, Declare that this affidavit CF No.-32 dated 09.04.2024 that now onwards I shall be known as Profula Chandra Paichha for all future purpose. D-131

By virtue of an affidavit No.- 1394 dated 18.04.2024 before the Executive Magistrate, Angul, I, Shri Sahadev Bhukta (Service No.- JC 312076L (Sub) my Father's name recorded in my Service recored is as Nabin Bhukta (Nick name) he is known as Rabindra Bhukta (now late) in his all documents such as Aadhaar Card, PAN Card, Voter ID etc. This is for change of name in my Army Service recored. D-134

I, Manoranjan Nayak alias Manoj Kumar Nayak(22), S/o- Prafulla Kumar Nayak, Vill- Amrutamani, P.S.- Sabrang, Dist.- Bhadrak. I have an LIC Policy bearing No.- 586234711 my name is mentioned Manoranjan Nayak. But my actual name Manoj Kumar Nayak as per Aadhaar Card. I declare that Manoranjan Nayak and Manoj Kumar Nayak same and one person. D-133

**CLASSIFIED DISPLAY**
MORE SPACE ' SAME PRICE
TARIFF
GST 5%

**ELECTION 2024**
For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଧାୟକଙ୍କ ଫେସ୍‌ବୁକ୍ ପୋଷ୍ଟ ନେଇ ଜୋର୍‌ଦାର ଚର୍ଚ୍ଚା


ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ସାଇକେଲକୁ ବିଧାୟକ ସୁଧୀର କୁମାର ସାମଲ ବଣ୍ଟନ କରୁଛନ୍ତି।

**ଢେଙ୍କାନାଳ,୨୧।୪(ରତନ ନାୟାର)**

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଧାୟକ ସୁଧୀର କୁମାର ସାମଲଙ୍କ ଏକ ଫେସ୍‌ବୁକ୍ ପୋଷ୍ଟକୁ ନେଇ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ସଦର ବ୍ଲକ ଅଉଖମାଠାରେ ଶନିବାର ରାତିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କେତେଜଣ ଲୋକଙ୍କୁ ନୂତନ ସାଇକେଲ ବଣ୍ଟନ କରିଥିବା ସମ୍ପର୍କରେ ବିଧାୟକ ତାଙ୍କ ଫେସ୍‌ବୁକ୍‌ରେ ପୋଷ୍ଟ କରିବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ କିଭଳି ଏକ କାର୍ଯ୍ୟକ୍ରମରେ ବିଧାୟକ ସାଇକେଲ ବଣ୍ଟନ କଲେ, ତାହାକୁ ନେଇ ଭାଜପା ସମର୍ଥକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଧାୟକ କହିଛନ୍ତି, ଅଉଖମା ଠାରେ ତୈଳିକ ବୈଶ୍ୟ ସମାଜର ୧୦୩ ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହେଉଥିଲା। ସେଠାରେ ତାଙ୍କୁ ଅତିଥି ଭାବରେ ଡକାଯିବା ସହ ଅନୁଷ୍ଠାନ ପକ୍ଷରୁ କେତେଜଣଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ହୋଇଥିବାରୁ ସେ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଉଥିବା ସାଇକେଲ ବଣ୍ଟନ କରିଥିଲେ ବୋଲି ବିଧାୟକ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ତଥା ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ ମଧ୍ୟ ଉପସ୍ଥିତ ଥିଲେ।

# ଭାଜପା, ବିଜେଡିକୁ ଘାରିଛି ବିଦ୍ରୋହୀ ଚିନ୍ତା

**ଯାଜପୁର,୨୧।୪(ହର୍ଷବର୍ଦ୍ଧନ ବେହେରା)**

## ଯାଜପୁର ଜିଲା

ଯାଜପୁର ଲୋକ ସଭା ଓ ଏହା ଅଧୀନ ଜିଲାର ୭ ବିଧାନସଭା ଆସନରେ ଭୋଟ ଜୁନ୍ ୧ରେ ହେବାକୁ ଥିବାବେଳେ ମେ' ମାସ ୭ରୁ ୧୪ ତାରିଖ ଯାଏ ପ୍ରାର୍ଥିପତ୍ର ଦାଖଲ ହେବ। ହେଲେ ଏ ଯାଏ ସବୁ ଆସନରେ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା ଶେଷ ହୋଇ ନ ଥିଲେ ହେଁ ପ୍ରାୟ ସବୁଠି ବିଦ୍ରୋହ ପରିଲକ୍ଷିତ ହୋଇଛି। ବିଶେଷକରି ବିଜେଡି ଓ ଭାଜପାରେ ଦଳୀୟ ନେତାଙ୍କ ମଧ୍ୟରେ ବିଦ୍ରୋହ ସବୁଠୁ ଅଧିକ। ଶନିବାର ବଡ଼ଚଣା ଆସନ ପାଇଁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିବା ପରେ ଏଠାରେ ବିଦ୍ରୋହ ଦେଖାଦେଇଛି। ଏହି ଦୃଷ୍ଟିରୁ କୋରେଇ ଓ ବରୀ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିବାରେ ବିଜେଡି ବିଳମ୍ବ କରୁଛି। ସେହିପରି ବିଞ୍ଝାରପୁର, କୋରେଇ ଓ ଧର୍ମଶାଳାରେ ଭାଜପାର ପ୍ରାର୍ଥୀ ଘୋଷଣା ପରେ ଆଶାୟୀ ପ୍ରାର୍ଥୀମାନେ ବିଦ୍ରୋହ ଜାରି ରଖିଛନ୍ତି। ବରୀରେ ବିଜେଡି ଏବଂ ଭାଜପାରେ ବହୁ ଆଶାୟୀ ରହିଥିବାରୁ ଉଭୟ ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଏହାକୁ ନେଇ ଉଭୟ ଦଳ ଛକାଛକି ହୋଇ ରହିଛନ୍ତି। ଏଠାରେ ଉଭୟ ଦଳ ଯାହାକୁ ପ୍ରାର୍ଥୀ କରିବେ ଅନ୍ୟ ଆଶାୟୀ ବିଦ୍ରୋହୀ ହେବା ପ୍ରାୟ ନିଶ୍ଚିତ। ଫଳରେ ଭାଜପା ଓ ବିଜେଡି ପାଇଁ ପ୍ରାର୍ଥୀ ଘୋଷଣା କରିବା ଚିନ୍ତାର ବିଷୟ ହୋଇଛି। କାରଣ ବିଦ୍ରୋହୀଙ୍କ ରଣନୀତି ଉପରେ ନିର୍ବାଚନ ଫଳାଫଳ ପ୍ରଭାବିତ ହୋଇପାରେ ବୋଲି ବିବେଚନା କରାଯାଉଛି।

କୋରେଇ ଓ ବରୀରେ ବିଜେଡି ଏବଂ ବରୀରେ ଭାଜପାର ନେତାମାନେ ଟିକେଟ ଦୌଡ଼ରେ ରହିଥିବାବେଳେ କେତେଜଣ ନୀରବି ରହି ନିଜ ଭାଗ୍ୟ ଉପରେ ଛାଡ଼ି ଦେଇଛନ୍ତି। କୋରେଇ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀହେବା ପାଇଁ ନେତାଙ୍କ ଲମ୍ବା ତାଲିକା ରହିଛି। ହେଲେ ବିଜେଡି ସଂଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ(ବବି) ଚଳିତ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିଲେ ହେଁ ତାଙ୍କର ଯାଜପୁର ଓ କୋରେଇ ନିର୍ବାଚନମଣ୍ଡଳୀ ଉପରେ ଦୃଷ୍ଟି ରହିଥିବା ଆଲୋଚନା ହେଉଛି। ଯାଜପୁର ଆସନରେ ଜଣେ ମହିଳା ନେତ୍ରୀଙ୍କୁ ଛିଡ଼ା କରାଇ ଏବଂ କୋରେଇରେ ଜଣେ ସମ୍ପର୍କୀୟଙ୍କୁ ପ୍ରାର୍ଥୀ କରାଇ ବବି ଉଭୟ ଆସନକୁ ଦଖଲ କରିବାକୁ ଯୋଜନା କରୁଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଯାଜପୁର ସହରକୁ ଛାଡିଦେଲେ ଗ୍ରାମାଞ୍ଚଳର ସେତେଟା ବିକାଶ ହୋଇ ନ ଥିବାରୁ ଲୋକଙ୍କ ସମର୍ଥନ ଭୟ ମଧ୍ୟ ରହିଛି ବୋଲି କେତେକେ ମତପ୍ରକାଶ କରୁଛନ୍ତି। ତେଣୁ ତାଙ୍କ ସମ୍ପର୍କୀୟମାନେ କୋରେଇର କେତେକ ପୁରୁଖା କର୍ମୀଙ୍କୁ ଭେଟି ଭିତିରିଆ ଭାବେ ସ୍ଥିତି ପରଖୁଥିବା ସୂଚନା ମିଳିଛି। ତେବେ ବବିଙ୍କ ଏହି ଗୋଟିଚାଳନାକୁ କୋରେଇ ବିଧାୟକ ଅଶୋକ ବଳଙ୍କ ସମର୍ଥକମାନେ ଗ୍ରହଣ କରିପାରୁନାହାନ୍ତି। ଏଠାରେ ନେତା ପରିବର୍ତ୍ତନ ହେଲେ ଆଦୌ ଗ୍ରହଣ କରିବେ ନାହିଁ ବୋଲି କେତେଜଣ ଖୋଲାଖୋଲି କହି ବୁଲୁଛନ୍ତି। ସେହିପରି ଏଠାରେ ଆକାଶ ଦାସନାୟକଙ୍କୁ ଭାଜପା ଟିକେଟ ମିଳିବା ପରେ ଦଳର ବିଦ୍ରୋହୀମାନେ ଏକାଠି ହେଉଥିବା ସୂଚନା ମିଳିଛି। ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ଓ ଆଲେକଜାଣ୍ଡାର ଦାସ ଆକାଶଙ୍କୁ ଖୋଲାଖୋଲି ବିରୋଧ କରୁଛନ୍ତି। ଏହାବାଦ୍ ବିଶ୍ୱଜିତ୍ ବିଜେଡିରେ ମିଶିବା ନେଇ ମଧ୍ୟ ଆଲୋଚନା ହେଉଛି। କଂଗ୍ରେସରେ ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡ଼ାଙ୍କୁ କୋରେଇ ଆସନରେ ପ୍ରାର୍ଥୀ ଘୋଷଣା କରାଯିବା ପରେ ବିଦ୍ୟାଧର ମହାନ୍ତି ଓ ତାଙ୍କ ସମର୍ଥକମାନେ ଏଥର କାହାରିକୁ ସମର୍ଥନ ଦେବେ ନାହିଁ ବୋଲି ଘୋଷଣା କରି ସାରିଛନ୍ତି।

ସେହିପରି ବଡଚଣା ନିର୍ବାଚନମଣ୍ଡଳୀରେ ବିଧାୟକ ଅମର ପ୍ରସାଦ ଶତପଥୀ, କଂଗ୍ରେସରୁ ବିଜେଡିରେ ମିଶିଥିବା ରାଜନାରାୟଣ ମହାପାତ୍ର ପ୍ରମୁଖ ସମର୍ଥକମାନେ ବିଜେଡି ପ୍ରାର୍ଥୀ ବର୍ଷାଙ୍କୁ ବିରୋଧ କରୁଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ଭାଜପାରୁ ସ୍ମୃତିରେଖା ପହିଙ୍କୁ ଟିକେଟ ମିଳିବା ପରେ ଆଶାୟୀ ହିମାଂଶୁ ଶେଖର ସାହୁ(ଲିକୁ) ସ୍ୱାଧୀନ ଭାବେ ନିର୍ବାଚନ ଲଢିବେ ବୋଲି ଘୋଷଣା କରିସାରିଛନ୍ତି। ଏହି କାରଣରୁ ଭାଜପାର ପ୍ରାୟ ୩୦ ହଜାର କର୍ମୀ ଦଳ ଛାଡି ଲିକୁଙ୍କୁ ସମର୍ଥନ ଦେବେ ବୋଲି ସୂଚନା ମିଳିଛି। ପୂର୍ବରୁ ଲିକୁଙ୍କ ସମର୍ଥକମାନେ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରେ ଏନେଇ ଏକାଧିକ ଥର ବିରୋଧ ପ୍ରଦର୍ଶନ କରି ସାରିଛନ୍ତି।

# କୋଣ୍ଡାବାବୁ ବିଜେଡିରୁ ବହିଷ୍କୃତ, ବିନାୟକ ପଲେଇ ନିଲମ୍ବିତ

**ରାୟଗଡ଼ା,୨୧।୪(ଆଶିଷ ରଞ୍ଜନ ପଣ୍ଡା)**

ଦଳ ବିରୋଧୀ କାର୍ଯ୍ୟ ପାଇଁ ରାୟଗଡ଼ା ବିଜେଡି ନେତା ୟାଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ) ଦଳରୁ ବହିଷ୍କୃତ ହୋଇଛନ୍ତି। ସେହିଭଳି ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ବିନାୟକ ପଲେଇ ଦଳରୁ ନିଲମ୍ବିତ ହୋଇଛନ୍ତି। ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହା ଜଣାଇଛନ୍ତି। ଦଳର ଏହି ନିଷ୍ପତ୍ତି ବିଜେଡି ଜିଲା ସଭାପତି ଏନ୍. ଭାସ୍କର ରାଓଙ୍କ ଏକ ବଡ଼ ବିଜୟ ବୋଲି ଆଲୋଚନା ହେଉଛି।

# ୪ ଲୋକ ସଭା ଆସନରେ ସଂଯୋଜକ ନିଯୁକ୍ତ କଲା ବିଜେଡି

**ଭୁବନେଶ୍ୱର, ୨୧।୪(ସୁନିତ୍ ମିଶ୍ର)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ୪ଟି ଲୋକ ସଭା କ୍ଷେତ୍ର ଲାଗି ସଂଯୋଜକ ନିଯୁକ୍ତ କରିଛନ୍ତି। ବାଲେଶ୍ୱର ପାଇଁ ମାନସ ଦାସ ପଟ୍ଟନାୟକ, ଜଗତ୍‌ସିଂହପୁରରେ ଚରଞ୍ଜୀବ ବିଶ୍ୱାଳ, ନବରଙ୍ଗପୁରରେ ରମେଶ ଚନ୍ଦ୍ର ମାଝୀ ଏବଂ ଢେଙ୍କାନାଳ ଲାଗି ବିପ୍ଳବ ଜେନାଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି।

# ସାଲୁର୍ ନିର୍ବାଚନମଣ୍ଡଳୀ ପାଇଁ କୋଟିଆରେ ତତ୍ପରତା

**ପଟ୍ଟାଙ୍ଗି,୨୧।୪(ଶରତ ଧଳ)**

ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସୀମାନ୍ତ ନିର୍ବାଚନମଣ୍ଡଳୀଗୁଡ଼ିକରେ ନିଜର ସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛି। ଅଧିକାଂଶ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ପ୍ରଚାରକୁ ଆରମ୍ଭ କଲେଣି। ବିଶେଷକରି ଓଡ଼ିଶା ସୀମାନ୍ତ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଲୋକଙ୍କ ଭୋଟ ହାତେଇବା ପାଇଁ ସେଠାକାର ପ୍ରାର୍ଥୀମାନେ ପ୍ରଚାର ଜୋରସୋର କଲେଣି। ପଟ୍ଟାଙ୍ଗି ବ୍ଲକ ସୀମାକୁ ଲାଗି ରହିଥିବା ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟାମ୍ ଜିଲା ଅଧୀନରେ ରହିଥିବା ସାଲୁର୍ ବିଧାନସଭା ଏବଂ ଆରୁକୁ ଲୋକ ସଭା କ୍ଷେତ୍ରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି।

ସୂଚନାମୁତାବକ ମେ' ୧୩ତାରିଖରେ ଓଡ଼ିଶା ଏବଂ ଆନ୍ଧ୍ରରେ ଗୋଟିଏ ଦିନରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଗୋଟିଏ ପଟେ ଓଡ଼ିଶାର କୋରାପୁଟ ଜିଲା ତଥା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପାଇଁ କୋଟିଆ ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ ରହିଥିବାବେଳେ ସେପଟେ ଆନ୍ଧ୍ର ରାଜ୍ୟର ସାଲୁର୍ ବ୍ଲକ ପ୍ରଶାସନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଥିବା ଜଣାପଡ଼ିଛି। କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମବାସୀ ଦୁଇ ରାଜ୍ୟ ଉପରେ ନିର୍ଭର କରୁଥିବାବେଳେ ସେମାନଙ୍କ ଭୋଟକୁ ହାତେଇବା ଉଭୟ ସରକାରଙ୍କ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଓଡ଼ିଶାର ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ନିମନ୍ତେ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମ୍ ନିଜ ନାମାଙ୍କନ ପତ୍ର କୋରାପୁଟ ଜିଲା ପ୍ରଶାସନ ନିକଟରେ ଦାଖଲ କରିଥିବାବେଳେ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ପାଙ୍ଗି ୨୨ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ପ୍ରସ୍ତୁତ ହେଉଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି ଆସନ୍ତା ୨୪ରେ ପ୍ରାର୍ଥୀପତ୍ର ଦାଖଲ କରିବେ। ଅପରପକ୍ଷରେ ଆନ୍ଧ୍ରର ସାଲୁର୍ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶୁକ୍ରବାର ଶାସକ ୱାଇଏସ୍‌ଆର୍ କଂଗ୍ରେସ ପ୍ରାର୍ଥୀ ତଥା ଉପମୁଖ୍ୟମନ୍ତ୍ରୀ ରାଜନା ଦୋରା ସାଲୁର୍ ରିଟର୍ନିଂ ଅଧିକାରୀଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଟିଡିପିର ସନ୍ଧ୍ୟା ରାଣୀ ନାମାଙ୍କନ ପତ୍ର ଦାଖଲ କରି ନିଜର ଦଳୀୟ ପ୍ରଚାର ଓଡ଼ିଶାର କୋଟିଆ ପଞ୍ଚାୟତରୁ ଆରମ୍ଭ କରିବା ପାଇଁ ଯୋଜନା କରୁଛନ୍ତି।

# ରେଢ଼ାଖୋଲବାସୀଙ୍କ ଭଲପାଇବାର ପ୍ରତିଦାନ ଦେବି: ପ୍ରସନ୍ନ

**ରେଢ଼ାଖୋଲ,୨୧।୪ (ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲବାସୀଙ୍କ ଅକୁଣ୍ଠ ସମର୍ଥନ ଓ ଭଲପାଇବା ମୋତେ ଭାବବିହ୍ୱଳ କରିଛି। ମୁଁ ଶପଥ କରୁଛି ଏ ଭଲପାଇବାର ପ୍ରତିଦାନ ନିଶ୍ଚୟ ଦେବି। ମୋର ଏକମାତ୍ର ଲକ୍ଷ ଅଞ୍ଚଳର ସାମଗ୍ରିକ ବିକାଶ ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ରେଢାଖୋଲ ନିର୍ବାଚନ ମଣ୍ଡଳୀ ଆସନ ଲାଗି ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ରବିବାର ପ୍ରସନ୍ନ ରେଢାଖୋଲ ଗସ୍ତରେ ଆସିଥିଲେ। ଭୀମ ଭୋଇ କଲେଜ ଛକରୁ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରାରେ ତାଙ୍କୁ ସହରକୁ ପାଛୋଟି ଅଣାଯାଇଥିଲା। ସେଠାରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦଳିୟ କର୍ମୀ ଓ ଜନସାଧାରଣ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଢୋଲ, ନିସାନ ସହ ଆଦିବାସୀ ମହିଳାଙ୍କ ନୃତ୍ୟ, ସଂକୀର୍ତ୍ତନ ଦଳଙ୍କ ନାମ ସଂକୀର୍ତ୍ତନ ପରିବେଶକୁ ଉତ୍ସବମୁଖର କରିଥିଲା। ରାମ ମନ୍ଦିରରେ ପୂଜାର୍ଚ୍ଚନା, ଭୀମ ଭୋଇଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସେ ଦୁର୍ଗା ମନ୍ଦିର, ଜଗନ୍ନାଥ ମନ୍ଦିର ଓ ରେଢାଖୋଲର ଆରାଧ୍ୟ ଦେବତା ପଞ୍ଚଖଣ୍ଡା ମନ୍ଦିରକୁ ପୂଜାର୍ଚ୍ଚନା କରିଥିଲେ। ଭୀମ ଭୋଇ ଛକରେ ସେ ସମସ୍ତଙ୍କୁ ସମ୍ବୋଧିତ କରି କହିଥିଲେ, ଏ ମାଟି ସନ୍ଥ କବି ଭୀମ ଭୋଇଙ୍କ ମାଟି। ଜୀବନର ଶେଷ ପର୍ଯ୍ୟନ୍ତ ଏ ମାଟିର ସେବା କରିବାର ଶପଥ ନେଇଛି। ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲା ପରିଷଦ ସଭ୍ୟା ଶ୍ରାବଣି ଭୋଇ, ନାକ୍ଟିଦେଉଳ ବ୍ଲକ ସଭାପତି ମୂଳିଆ ରାଉଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଏନ୍‌ଏସିର ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ଜିଲା ଉପସଭାପତି ଅନାଦୀ ସାହୁ, ସମ୍ପାଦକ ପୁରୁଷୋତ୍ତମ ଅଗ୍ରୱାଲ, ଦେବତ୍ତୋର ବୋର୍ଡ ସଭାପତି ଅରୁଣ ପ୍ରଧାନ, ନଗର ସଭାପତି ବିକାଶ ଦାଶଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଭୀମ ଭୋଇ ଛକରେ ପ୍ରସନ୍ନଙ୍କୁ ସ୍ୱାଗତ କରୁଛନ୍ତି ଦଳୀୟ କର୍ମକର୍ତ୍ତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନ ଥାଏ ଯେବଣ ମୁଖେ,**
**ଚୋରି କରି ଯାଏ ଆଲୁଅ ପକ୍ଷେ**
**ନିର୍ଲଜ ପଣରେ ଖାଆନ୍ତି ମାଡ଼,**
**କହେ ଦନାଇ ତାଙ୍କ ମୁହଁ ପୋଡ଼।**

ବେଖାତିରେ ଭାବେ ସ୍ଥାନ, କାଳ ଓ ପାତ୍ର ନ ଦେଖି କିଛି ବ୍ୟକ୍ତି ନିଜ କାର୍ଯ୍ୟ କରିଥାନ୍ତି। ସମାଜରେ ଏହି ଧରଣର ବ୍ୟକ୍ତିଙ୍କୁ ତିରସ୍କାର ମିଳିବା ସହ ବେଳେବେଳେ ମାଡ଼ ଓ ଗାଳି ଖାଇବାକୁ ପଡିଥାଏ। ଅତ୍ୟନ୍ତ ବେପରୁଆ ଭାବେ କାର୍ଯ୍ୟ କରୁଥିବା ଲଜ୍ଜାହୀନ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲଙ୍କାରେ ଯେତେକ ଅସୁର**
**ସମସ୍ତେ ଏକଇ ପ୍ରକାର।**

କୁଖ୍ୟାତ ଅଞ୍ଚଳ ବା ପରିବାରର ଲୋକଙ୍କ ପ୍ରତି ପ୍ରଯୁଜ୍ୟ। ସାଧାରଣତଃ ମନ୍ଦ ଲୋକ ଯେଉଁଠି ଥାଆନ୍ତୁ ନା କାହିଁକି ସମସ୍ତଙ୍କ ଗୁଣ କିନ୍ତୁ ଏକାପରି ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶିବେଇ ସାମନ୍ତରାଙ୍କ ଚତୁରତା ଲୋକମୁଖରେ ଭିନ୍ନ ରୂପ ନେଲା

- **ପଦ୍ମଦଣ୍ଡ ଆଜି ଶୋଭାପାଉଥାନ୍ତା ଗଣତନ୍ତ୍ର ମନ୍ଦିରରେ**
- **ଜଣେ ଶିଳ୍ପୀବିଜ୍ଞାନୀଙ୍କୁ ଜାତି ବିଦାୟ ଦେଇ ନ ପାରେ**

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ଚୁମ୍ବକଶିଳା ବସାଯିବା ପରେ ତିନିଥର ବିଫଳ ହୋଇଥିବା କାର୍ଯ୍ୟ ସଫଳ ହୋଇଥିଲା। ସହସ୍ର ମଲ୍ଲ ସେଇ ଖୁସିରେ ପୁରସ୍କାର ଘୋଷଣା କରିଥିଲେ। ଧର୍ମପଦ ମନ୍ଦିର ଶିଖରରୁ ଡେଇଁ ପ୍ରାଣପାତ କରି ନ ଥିଲେ ପୂର୍ବରୁ ଆମେ ଜାଣିଲେ। ମନ୍ଦିର ଦାଢ଼ରେ କୁଲୁକୁଲୁ ହୋଇ ନଈ ବହିଯାଉ ନ ଥିଲା ଯେ ନଈକି ଡେଇଁପଡ଼ିବେ! ମନ୍ଦିର ଆରମ୍ଭ ପୂର୍ବରୁ ଛଅ ବର୍ଷ ଧରି ପଥରରେ ଚାରିପଟ ନଦୀ ପୋତା ଯାଇଥିଲା, ସେ କଥା ଆମେ ବାୟାଚକଡ଼ା ପୋଥି ଆଧାରରେ ଆଲୋଚନା କରିଥିଲେ ପୂର୍ବରୁ। ପୋଥିରେ ଲେଖକ ଏହା ସ୍ପଷ୍ଟ କରି ଦେଇଥିଲେ। ତେଣୁ ଧର୍ମପଦ ଗାଁକୁ ଫେରିଯାଇଥିଲେ। ପଦାଧିକାରୀ ବଳଶ୍ରୀ ଓ ସହସ୍ରମଲ୍ଲ ପୁରସ୍କାର ଘୋଷଣା କରିଥିଲେ ତେଣୁ ସେମାନେ କାହିଁକି ତାଙ୍କୁ ଜବରଦସ୍ତ ଗାଁକୁ ପଠାଇବେ? ସମ୍ମାନର ସହ ହାତୀରେ ବସି ଯିଏ ଗାଁକୁ ଯାଉଛନ୍ତି, ତାଙ୍କୁ କ'ଣ ତଡ଼ିଦିଆଯାଇଥିବ!

ବାସ୍ତବ-ରହସ୍ୟ ଏହାଠାରୁ ଭିନ୍ନ। ପେଯଖିଆ ଶାଗଖିଆକୁ ସହିପାରେନି। ଟୋକାଟେ ଆସି କୌଶଳରେ ସମସ୍ତଙ୍କୁ ନେଇ ଖଞ୍ଜିଦେଲା। ପୁରସ୍କାର ନେଇ ହାତୀ ପିଠିରେ ଗଲା, କେତେ ବାହାବାଃ ନେଲା... ଆମେ କ'ଣ ମୁଡ଼ୁଫରକା...!! ଏଇ ମାନସିକତାକୁ ବୁଝିଥିଲେ ଧର୍ମପଦ। ଘଟଣାସ୍ଥଳରୁ ଅଣଆଡ଼ିଆ ହେଇଯିବାକୁ ନିଜେ ନିଜେ ନିଷ୍ପତ୍ତି ନେଇଥିଲେ। କେହି ତଡ଼ିଦେଇନି ତାଙ୍କୁ। ବାପା ଶିବେଇ ସାମନ୍ତରାଙ୍କ ଶିବିରରେ ରହି ବିଶ୍ରାମ ନେଇପାରିଥାନ୍ତେ। ରହିଥିଲେ ମଧ୍ୟ ସେଇ ଶିବିରରେ! ତେବେ ଦୂରେଇ ଯିବାକୁ ଚାହିଁଲେ। ଏଇ ଦୂରେଇ ଯିବାଟା ସେଇ ବାତାବରଣରେ ଭିନ୍ନ ରୂପ ନେଇଥିଲା। ବଡ଼ବଡୁଆ କହିଲେ, ଆମେ ବାରଶ ବଢ଼େଇ କାମ କରୁଛେ। ଜଣଙ୍କ ମୁଣ୍ଡରେ ପାଟଶାଢ଼ି ବନ୍ଧା ହେବା କ'ଣ ସୁନ୍ଦର! ଶିବେଇ ସାମନ୍ତରା କ'ଣ ବାରଶ ବଢ଼େଇଙ୍କ ସମ୍ମାନରେ ଦାୟ ନ ହୋଇ ପୁଅକୁ ଶ୍ରେଷ୍ଠତ୍ୱ ଦେବେ! ପୁଅରେ ଦାୟ ହେବେ! ତାକୁ ଶ୍ରେୟ ଦେବେ! ତା' ମୁଣ୍ଡରେ ଶାଢ଼ିବନ୍ଧା ହେବ! ବାସ୍ ଶିବେଇଙ୍କ କାନରେ ଏକଥା ପଡ଼ିଛି... ତାଙ୍କରି ନୀରବ ସହମତିରେ ଗଜପତି କୋଣାର୍କରେ ପଦାର୍ପଣ ପୂର୍ବରୁ ପୁଅ ଯାଇ ଗାଁରେ ପହଞ୍ଚିଯାଇଛି। ଜଣେ ଆଢ଼େଇଗଲେ ଚର୍ଚ୍ଚାରୁ ଦୂରେଇ ଯିବ। ସଭିଏଁ ଶ୍ରେୟ ପାଇବେ। ଶିବେଇ ସାମନ୍ତରାଙ୍କ ଚତୁରତା ଲୋକମୁଖରେ ଭିନ୍ନ ରୂପ ନେଲା। ବାରଶ ବଢ଼େଇରେ ଦାୟ... ନାଁ ପୁଅରେ ଦାୟ। ଏପରି ଏକ ପ୍ରହେଳିକା ତୁଣ୍ଡରୁ ତୁଣ୍ଡକୁ ବ୍ୟାପିଗଲା। ଗଜପତି ଆସିଲାବେଳକୁ ଚର୍ଚ୍ଚାରୁ ଧର୍ମପଦ କାହିଁ କେତେ ଦୂର ପଛକୁ ଚାଲିଗଲେଣି।

କେଉଁ ଏକ ଉଦୁଉଦିଆ ଦି'ପହରେ ଏଇ ପଛକୁ ଚାଲିଯିବାଟା 'ମାରିଦିଆଗଲା'ର ଲୋକକଥା ହୋଇ ଜନ୍ମ ନେଇଥିବ। ଯିଏ ଶୁଣିଥିବେ ପାଟିରୁ ଧର୍ମପଦ ପାଇଁ ଆହା... ସୃଷ୍ଟି ହୋଇଥିବ। ଦୁଃଖାନ୍ତ ଭାବ ସାହିତ୍ୟରେ ସ୍ଥାନ ପାଇଥିବ। ତାହା ହିଁ ତୁଣ୍ଡରୁ ତୁଣ୍ଡକୁ ବ୍ୟାପିଥିବ। ଲୋକତାନ୍ତ୍ରିକ ତରିକାରେ ମହାଜନମାନଙ୍କୁ ଠିକ୍ ଲାଗିଥିବ। ଜଣେ ଗଣଙ୍କ ପାଇଁ ଦାୟୀ ନ ହୋଇ ଆଉ କ'ଣ ପୁଅ ବୋଲି ଜଣଙ୍କ ପାଇଁ ଦାୟୀ ହୋଇଥାନ୍ତା!! ସାମାଜିକ ଦୃଷ୍ଟିରୁ ଉଦାର ଉଦାହରଣ ଦୃଷ୍ଟିରୁ ଠିକ୍ ଲାଗିପାରେ।

ଅନ୍ୟ ଦୃଷ୍ଟିରୁ... ଏପରି ଜଣେ ଶିଳ୍ପ ବିଜ୍ଞାନୀଙ୍କୁ ଯେ ଜାତି ସଂସାରରୁ ବିଦାୟ କରିଦେଇପାରେ! ତା' ସ୍ୱୀକୃତିକୁ ଅପହରଣ କରିପାରେ! ଭାବାବେଗରେ ନିଜେ ନ କରି ଶ୍ରେୟ ନେଇପାରେ! ଜାତିର ମାନସିକତା ଲଙ୍ଗଳା ଲଙ୍ଗଳା ଲାଗୁନି ତ!

ଘଟଣାକୁ ସକାରାତ୍ମକ ଢଙ୍ଗରେ ସଜେଇଥିଲେ ଇତିହାସ ଗୌରବ ମଣ୍ଡିତ ହୋଇଥାନ୍ତା। ବିଭ୍ରାନ୍ତିକର ଐତିହ୍ୟରେ ପରିଣତ ହେବାରୁ ଆମକୁ ବାହାର ଇତିହାସକାର ଆଙ୍ଗୁଠି ଦେଖାଇବାକୁ ପଛେଇଲେ ନାହିଁ। ସେ ଅନ୍ଧାର ଭିତରୁ ଆମେ ମୁକୁଳିନେ। ମୁକୁଳିଥିଲେ କୋଣାର୍କର 'ପଦ୍ମଦଣ୍ଡ' ଆମେ ଖୋଜିଥାନ୍ତେ। ଆଜି ପଦ୍ମଦଣ୍ଡ ବିଜେ କରିଥାନ୍ତା ଗଣତନ୍ତ୍ରର ମନ୍ଦିରରେ। ଦିଲ୍ଲୀରେ...।

ପୂର୍ବରୁ ଆମେ ଆଲୋଚନା କରିଥିଲେ, କଳସ ମୁଦ ଦିଆଗଲାବେଳେ ୧୦ଟି ଦ୍ରବ୍ୟ ପ୍ରୟୋଗ ହୋଇଥିଲା। ମୁଦ ସମୟରେ ରାଜଗୁରୁ ମହାଶୟ ମଙ୍ଗଳମନ୍ତ୍ର ଉଚ୍ଚାରଣ କରିଥିଲେ। ସଙ୍ଗୀତଜ୍ଞମାନେ ବାଦ୍ୟଯନ୍ତ୍ର ବାଦନ କରିଥିଲେ। ପଦ୍ମଦଣ୍ଡ ଥିଲା ସୂତ୍ରଧରଙ୍କ ଶିବିରରେ। ଦଶଜଣ ଶିଳ୍ପୀଙ୍କ ସହିତ ସୂତ୍ରଧର, ଗଙ୍ଗା ମହାପାତ୍ର ଓ ନାରାୟଣ ମହାପାତ୍ର ପଦ୍ମଦଣ୍ଡଙ୍କୁ ଶିବିରରୁ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ବିଜେ କରାଇଥିଲେ। ରାଜଗୁରୁ ଆଗରେ ରହି ବେଦମନ୍ତ୍ର ଉଚ୍ଚାରଣ କରୁଥିଲେ। ମଙ୍ଗଳବାଦ୍ୟରେ କୋଣାର୍କର ବାଲୁକାବନ୍ତ ଝଙ୍କୃତ ହେଉଥିଲା। ପଦ୍ମଦଣ୍ଡ ଯଜ୍ଞବେଦୀ ନିକଟରେ ପହଞ୍ଚିବା ବେଳକୁ ଗଜପତି ନୂତନ ସିଲ୍‌କ ବସ୍ତ୍ର ପରିଧାନ କରି ବେଦୀ ନିକଟରେ ବିରାଜମାନ କରିଥିଲେ। ମହାସମାରୋହରେ ଯଜ୍ଞ ସମାପ୍ତ ହେଲା। ଏଇଠି ପ୍ରଶ୍ନଟିଏ ମନରେ ଆସୁଛି। ପୁଅ ଯଦି ମରିଥାନ୍ତା, ସୂତ୍ରଧର ଅଣଶୁଦ୍ଧିଆ ହୋଇଥାନ୍ତେ। ପଦ୍ମଦଣ୍ଡ ସ୍ପର୍ଶ କରିପାରି ନ ଥାନ୍ତେ। ଶୋଭାଯାତ୍ରାରେ ଯଜ୍ଞବେଦିକି ତ ଯାଇପାରି ନ ଥାନ୍ତେ। ରାଜଗୁରୁ ତାଙ୍କୁ ଅଶୌଚରେ ଅନୁମତି ଦେଇଥାନ୍ତେ କି?


ଗଜପତିଙ୍କ ହାତୀରେ ଧର୍ମପଦଙ୍କ ଘରବାହୁଡ଼ା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)



ପ୍ଲେୟର ଅଫ୍ ଦି ମ୍ୟାଚ କୋଲକାତା ନାଇଟ ରାଇଡର୍ସର ଆନ୍ଦ୍ରେ ରସେଲ।

# କୋଲକାତା ୧ ରନରେ ବିଜୟୀ

କୋଲକାତା, ୨୧।୪

ଇଡେନ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ମାତ୍ର ୧ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୨୨୨ ରନ କରିଥିଲା। ଜବାବରେ ଆର୍‌ସିବି ଅଧିକାଂଶ ସମୟ ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲେ ହେଁ ଦୁର୍ଭାଗ୍ୟଜନକଭାବେ ୨୦ ଓଭରରେ ୨୨୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦ୍ରୁତ ୨୭ ରନ କରିବା ସହ ଘଡ଼ିସନ୍ଧି ମୁହୂର୍ତ୍ତରେ ଉଇକେଟ ନେଇ ମ୍ୟାଚର ମୋଡ଼ ବଦଳାଇ ଦେଇଥିବା କୋଲକାତାର ଆନ୍ଦ୍ରେ ରସେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୋଲକାତା ୭ ମ୍ୟାଚରୁ ୫ମ ବିଜୟ ସହ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଆର୍‌ସିବି ୮ ମ୍ୟାଚରୁ ୭ମ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଫିଲ୍ ସଲ୍ଟଙ୍କ ବିସ୍ଫୋରକ ବ୍ୟାଟିଂ (୧୪ ବଲ୍‌ରୁ ୪୮ ରନ, ୭ ଚୌକା, ୩ ଛକା) ସହିତ ଇନିଂସ ଆରମ୍ଭ କରିଥିଲା। ମିଡିଲ ଅର୍ଡରରେ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ (୩୬ ବଲ୍‌ରୁ ୫୦) ଏବଂ ଶେଷ ଭାଗରେ ରିଙ୍କୁ ସିଂଙ୍କ ୨୪ (୧୬ ବଲ, ୨ ଚୌକା, ୧ ଛକା), ଆନ୍ଦ୍ରେ ରସଲେଙ୍କ ୨୭*(୨୦ ବଲ, ୪ ଚୌକା) ଓ ରମଣଦୀପ ସିଂଙ୍କ ୨୪* (୯ ବଲ, ୨ ଚୌକା, ୨ ଛକା) ରନ ସହାୟତାରେ ବୃହତ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୭ମ ଉଇକେଟରେ ରସେଲ ଓ ରମଣଦୀପ ସିଂଙ୍କ ମଧ୍ୟରେ ୧୬ ବଲ୍‌ରୁ ୪୩ ରନର ଭାଗୀଦାରି ଯୋଗୁ କୋଲକାତା ସ୍କୋର ୨୨୨ରେ ପହଞ୍ଚି ପାରିଥିଲା। ଆର୍‌ସିବି ପକ୍ଷରୁ ୟଶ୍ ଦୟାଲ ଓ କାମେରନ ଗ୍ରୀନ୍ ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ ଓ ଲୋକି ଫର୍ଗୁସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ଆର୍‌ସିବି ୩୫ ରନ ମଧ୍ୟରେ ଯଦିଓ ଦୁଇ ଓପନର ବିରାଟ କୋହଲି ଓ ଫାଫ୍ ଡୁପ୍ଲେସିଙ୍କ ଉଇକେଟ ହରାଇଥିଲା ତେବେ ତୃତୀୟ ଉଇକେଟରେ ୱିଲ୍ ଜ୍ୟାକ୍ସ ଓ ରଜତ ପଟିଦାରଙ୍କ ଶତକୀୟ (୪୮ ବଲ୍‌ରୁ ୧୦୨ ରନ) ଭାଗୀଦାରି ବଳରେ ମ୍ୟାଚକୁ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ମାତ୍ର ଏହି ଦୁଇ ସେଟ୍ ଖେଳାଳିଙ୍କୁ ୧୨ତମ ଓଭରରେ ଆଉଟ କରି ମ୍ୟାଚର ମୋଡ଼ ବଦଳାଇଥିଲେ ଆନ୍ଦ୍ରେ ରସେଲ। ଜ୍ୟାକ୍ସ ୩୨ ବଲ୍‌ରୁ ୫୫ (୪ ଚୌକା, ୫ ଛକା) ଓ ପଟିଦାର ୨୩ ବଲ୍‌ରୁ ୫୨ (୩ ଚୌକା, ୫ ଛକା) ରନ ସ୍କୋର କରିଥିଲେ। କାମେରନ ଗ୍ରୀନ୍ ଫେଲ୍ ମାରିଥିବାବେଳେ ମିଡିଲ ଅର୍ଡରରେ ସୁୟାସ ପ୍ରଭୁଦେଶାଇ (୧୮ ବଲ୍‌ରୁ ୨୪) ଓ ଲୋୟର ଅର୍ଡରରେ ଦୀନେଶ କାର୍ତ୍ତିକ (୧୮ ବଲ୍‌ରୁ ୨୫) ରନକରି ଆଶା ସଞ୍ଚାର କରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୨୧ ରନ ଆବଶ୍ୟକ ହେଉଥିଲା। ମିଚେଲ ଷ୍ଟାର୍କଙ୍କ ଓଭରର ପ୍ରଥମ ୪ ବଲ୍‌ରେ ୩ ଛକା ସହ କର୍ନ ଶର୍ମା ୧୮ ରନ ସଂଗ୍ରହ କରି ଆର୍‌ସିବିକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ପରବର୍ତ୍ତୀ ୨ ବଲ୍‌ରୁ ୩ ରନ ଆବଶ୍ୟକ ଥିଲା। ମାତ୍ର ଭାଗ୍ୟ ସାଥ୍ ଦେଇ ନ ଥିଲା। ୫ମ ବଲ୍‌ରେ କର୍ନ ଆଉଟ ହୋଇଥିବାବେଳେ ୬ଷ୍ଠ ବଲ୍‌ରୁ ୧ ରନ ସଂଗ୍ରହ କରି ଦ୍ୱିତୀୟ ରନ ନେବାବେଳେ ଲୋକି ଫର୍ଗୁସନ ରନ୍‌ଆଉଟ ହୋଇ ଯାଇଥିଲେ। ଫଳରେ ଆରସିବି ବିଜୟଠାରୁ ୨ ରନ ଦୂରରେ ରହି ଯାଇଥିଲା। କୋଲକାତା ପକ୍ଷରୁ ଆନ୍ଦ୍ରେ ରସଲେ ୩ଟି, ହର୍ଷିତ ରାଣା ଓ ସୁନୀଲ ନାରିନ ୨ଟି ଲେଖାଏ ଏବଂ ମିଚେଲ ଷ୍ଟାର୍କ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଆଇପିଏଲ୍‌ରେ ୧ ରନରେ ଆର୍‌ସିବିର ଏହା ପ୍ରଥମ ପରାଜୟ ହୋଇଥିବାବେଳେ କୋଲକାତାର ପ୍ରଥମ ୧ ରନ ବିଜୟ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୨୨/୬ (ଶ୍ରେୟସ ଆୟର-୫୦, ଫିଲ୍ ସଲ୍ଟ-୪୮, ଆନ୍ଦ୍ରେ ରସେଲ-୨୭*, ରମଣଦୀପ ସିଂ-୨୪*, ରିଙ୍କୁ ସିଂ-୨୪, ୟଶ ଦୟାଲ-୨/୫୬, କାମେରନ ଗ୍ରୀନ୍-୨/୩୫, ମହମ୍ମଦ ସିରାଜ-୧/୪୦, ଲୋକି ଫର୍ଗୁସନ-୧/୪୭)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୨୧/ଅଲ୍‌ଆଉଟ (ୱିଲ ଜ୍ୟାକ୍ସ-୫୫, ରଜତ ପଟିଦାର-୫୨, ଦୀନେଶ କାର୍ତ୍ତିକ-୨୫, ସୂୟାଶ ପ୍ରଭୁଦେଶାଇ-୨୪, ଆନ୍ଦ୍ରେ ରସେଲ-୩/୨୫, ହର୍ଷିତ ରାଣା-୨/୩୩, ସୁନୀଲ ନାରିନ-୨/୩୪, ମିଚେଲ ଷ୍ଟାର୍କ-୧/୫୫, ବରୁଣ ଚକ୍ରବର୍ତ୍ତୀ-୧/୩୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ମୁମ୍ବାଇ**

ସ୍ଥାନ: ଜୟପୁର

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା ନାଇଟ ରାଇଡର୍ସ | ୭ | ୫ | ୨ | ୧୦ | +୧.୨୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୪ | ୩ | ୮ | +୦.୫୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୩ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୮ | -୧.୦୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୧୩୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୬ | -୦.୪୭୭ |
| ପଞ୍ଜାବ କିଙ୍ଗ୍ସ | ୮ | ୨ | ୬ | ୪ | -୦.୨୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |

# ଗୁଜରାଟର ୪ର୍ଥ ବିଜୟ

ମୁଲାନପୁର, ୨୧।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରବିବାର ଅନୁଷ୍ଠିତ ଡବଲ ହେଡରର ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୩ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପଞ୍ଜାବ ୨୦ ଓଭରରେ ୧୪୨ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଗୁଜରାଟ ୧୯.୧ ଓଭରରେ ୭ ଉଇକେଟ ହରାଇ ୧୪୬ ରନରେ ପହଞ୍ଚିଥିଲା। ୮ ମ୍ୟାଚରୁ ୪ର୍ଥ ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୮ ମ୍ୟାଚରୁ ପଞ୍ଜାବ ୬ଷ୍ଠ ପରାଜୟ ବରଣ କରିଛି।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୪୨/ଅଲ୍‌ଆଉଟ (ପ୍ରଭସିମରନ ସିଂ-୩୫, ହରପ୍ରୀତ ବ୍ରାର-୨୯, ସାମ୍ କୁରାନ-୨୦, ଆର. ସାଇ କିଶୋର-୪/୩୩, ନୁର୍ ଅହମଦ-୨/୨୦, ମୋହିତ ଶର୍ମା-୨/୨୦, ରଶିଦ ଖାଁ-୧/୧୫)। ଗୁଜରାଟ ଟାଇଟନ୍ସ ୧୯.୧ ଓଭରରେ ୧୪୬/୭ (ରାହୁଲ ଟେୱାଟିଆ-୩୬*, ଶୁବମନ ଗିଲ-୩୫, ସାଇ ସୁଦର୍ଶନ-୩୧, ହର୍ଶଲ ପଟେଲ-୩/୧୫, ଲିଆମ ଲିଭିଙ୍ଗଷ୍ଟୋନ-୨/୧୯, ଅର୍ଶଦୀପ ସିଂ-୧/୧୭, ସାମ୍ କୁରାନ-୧/୧୮)।

# ଭର୍ଷ୍ଟାପେନ୍ ଜିତିଲେ ଚାଇନିଜ ଗ୍ରାଁ ପ୍ରି



ଶାଂଘାଇ, ୨୧।୪(ଏପି)

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ରବିବାର ଚାଇନିଜ ଫର୍ମୁଲା-୧ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ୩ଥର ଚାମ୍ପିୟନ ରବିବାର ପୋଲ୍ ପୋଜିଶନରୁ ତାଙ୍କର ରେସ୍ ଆରମ୍ଭ କରିଥିଲେ। ଚଳିତ ସିଜନର ଏ ପର୍ଯ୍ୟନ୍ତ ଅନୁଷ୍ଠିତ ୫ଟି ରେସ୍ ମଧ୍ୟରୁ ଏହା ହେଉଛି ୪ର୍ଥ ବିଜୟ। ଗତ ସିଜନ ଆରମ୍ଭରୁ ୨୭ଟି ରେସ୍ ମଧ୍ୟରେ ଏହା ହେଉଛି ତାଙ୍କର ୨୩ତମ ବିଜୟ। ମେଲବୋର୍ନରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରେ ବ୍ରେକ୍ ଅକାମୀ ହୋଇପଡ଼ିବାରୁ ସେ ରେସ୍ ଜିତିପାରି ନ ଥିଲେ। ତା' ନ ହେଲେ ସମ୍ଭବତଃ ସେ ହୁଏତ ସମସ୍ତ ୫ଟି ରେସ୍‌ରେ ବିଜୟୀ ହୋଇସାରନ୍ତେଣି। ରେସ୍ ବେଳେ ଏକ ପିଟ୍ ଷ୍ଟପ୍ ପରେ ଡଚ୍ ଡ୍ରାଇଭର ଅଳ୍ପ କେତୋଟି ଲାପ୍‌ରେ ପଛୁଆ ପଡ଼ିଯାଇଥିଲେ। ତେବେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଥିଲେ। ମ୍ୟାକଲରେନର ଲାଣ୍ଡୋ ନୋରିସ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେ ତାଙ୍କ କ୍ୟାରିୟରରେ ଏଥରକୁ ମିଶାଇ ୮ଥର ଦ୍ୱିତୀୟ ସ୍ଥାନ ସହ ରେସ୍ ଶେଷ କରିଛନ୍ତି। ସେ ଥରେ ହେଲେ ପ୍ରଥମ ହୋଇପାରି ନାହାନ୍ତି। ଭର୍ଷ୍ଟାପେନ୍‌ଙ୍କ ରେଡ୍‌ବୁଲ ଟିମ୍‌ମେଟ୍ ସର୍ଗିଓ ପେରେଜ ତୃତୀୟ ହୋଇଥିଲେ। ୨୦୧୯ରେ କୋଭିଡ୍-୧୯ ପରେ ଚାଇନାରେ ପ୍ରଥମ ଥର ଫର୍ମୁଲା ୱାନ ରେସ୍ ଆୟୋଜିତ ହୋଇଥିଲା। ରେସ୍‌ରେ ଅଂଶଗ୍ରହଣ କରିଥିବା ଶାଂଘାଇ ଜନ୍ମିତ ଝୋ ଗୁଆନ୍ୟୁ ସୌବେର ପାଇଁ ୧୪ତମ ସ୍ଥାନ ଅଧିକାର କରିଥିଲେ। ସମ୍ଭବତଃ ନିଜ ଦେଶରେ ଏହା ହେଉଛି ତାଙ୍କର ଶେଷ ରେସ୍, କାରଣ ଆସନ୍ତା ସିଜନରେ ଡ୍ରାଇଭର ଲାଇନ୍ ଅପ୍‌ରେ ପରିବର୍ତ୍ତନ ଘଟିବ। ରବିବାର ରେସ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍‌ଲେର୍କ୍, କାର୍ଲୋସ ସେଞ୍ଜ୍ ଜୁନିୟର, ଜର୍ଜ ରସେଲ, ଫର୍ନାଣ୍ଡୋ ଆଲୋଁସୋ, ଓସ୍କାର ପିଆଷ୍ଟ୍ରି, ଲୁଇସ୍ ହାମିଲଟନ, ନିକୋ ହକେନବର୍ଗ।

# ଗୁକେଶ ଏକକ ଅଗ୍ରଣୀ

**ଟରଣ୍ଟୋ, ୨୧।୪ (ପି.ଟି.):** ଭାରତର ସ୍ୱଳ୍ପବୟସ୍କ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟର ୧୩ତମ ରାଉଣ୍ଡରେ ଫ୍ରାନ୍ସର ଫିରୋଜା ଅଲିରେଜାଙ୍କୁ ହରାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ଏହାଦ୍ୱାରା ସେ ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଦାବିଦାର ଭାବେ ଉଭା ହୋଇଛନ୍ତି। ଚେନ୍ନାଇର ଏହି ୧୭ ବର୍ଷୀୟଙ୍କୁ ଚାମ୍ପିୟନ ଟାଇଟଲ ପାଇଁ ଚାଇନାର ଡିଙ୍ଗ୍ ଲିରେନଙ୍କ ସହ ମୁକାବିଲା କରିବାକୁ ପଡ଼ିବ। ମହିଳା ଇଭେଣ୍ଟରେ ଆନ୍ନା ମୁଜିଚୁକ୍‌ଙ୍କ ସହ କୋନେରୁ ହମ୍ପି ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ ଲେଇ ଟିଙ୍ଗ୍‌ଜିଙ୍କୁ ଭାରତର ବୈଶାଳୀ ରମେଶବାବୁ ହରାଇ ଦେଇଛନ୍ତି। ୨୨ ବର୍ଷୀୟା ବୈଶାଳୀଙ୍କ ଗତ ୪ଟି ଗେମ୍‌ରେ ଏହା କ୍ରମାଗତ ୪ର୍ଥ ବିଜୟ। ଅନ୍ୟପକ୍ଷେ ପୂର୍ବ ରାଉଣ୍ଡରେ ମିଳିତ ଅଗ୍ରଣୀ ଲାଭ କରିଥିବା ରୁଷିଆର ଇଆନ ନେପମ୍‌ନିଆଚି ଓ ଆମେରିକାର ହିକାରୁ ନାକାମୁରା ସେମାନଙ୍କ ଗେମ୍ ଡ୍ର' ରଖିବା ଦ୍ୱାରା ସେମାନଙ୍କୁ ଅତିକ୍ରମ କରିବା ଲାଗି ଗୁକେଶ ଏକକ ବିଜୟ ଆବଶ୍ୟକ କରୁଥିଲେ। ଗୁକେଶଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ସମ୍ଭାବ୍ୟ ୧୩ରୁ ୮.୫ ରହିଛି। ସେ ବର୍ତ୍ତମାନ ନେପମ୍‌ନିଆଚି, ଆମେରିକାର ନାକାମୁରା ଓ ଫାବିଆନୋ କାରୁଆନାଙ୍କଠାରୁ ଅଧାପଏଣ୍ଟ ଆଗରେ ରହିଛନ୍ତି। ଆର୍. ପ୍ରଜ୍ଞାନନ୍ଦ ଓ ଭିଦିତ ଗୁଜରାଠୀ ବର୍ତ୍ତମାନ ପ୍ରତ୍ୟେକେ ୬ ପଏଣ୍ଟ ସହ ମିଳିତ ୫ମ ସ୍ଥାନରେ ରହିଥିବା ବେଳେ ସେମାନଙ୍କ ପଛକୁ ଯଥାକ୍ରମେ ଫିରୋଜା (୪.୫) ଓ ଆବାସୋଭ (୩.୫) ରହିଛନ୍ତି। ୧୩ତମ ରାଉଣ୍ଡରେ କାରୁଆନା ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପ୍ରଜ୍ଞାନନ୍ଦଙ୍କୁ ପରାସ୍ତ କରିଥିବା ବେଳେ ଗୁଜରାଠୀ ଆଜରବୈଜାନର ନିଜତ ଆବାସୋଭଙ୍କ ବିପକ୍ଷ ଗେମ୍ ଡ୍ର ରଖିଛନ୍ତି। ଗୁକେଶ ପରବର୍ତ୍ତୀ ରାଉଣ୍ଡରେ ନାକାମୁରାଙ୍କୁ ଭେଟିବେ, ଯିଏକି ଧଳା ଦାନରେ ଖେଳିବେ। ଏହି ୪ ଜଣଙ୍କ ମଧ୍ୟରୁ ଜଣେ କେହି ଇଭେଣ୍ଟ ଜିତିପାରନ୍ତି। ହେଲେ ଚେସ୍ ବିଶାରଦମାନେ ଗୁକେଶଙ୍କୁ ଫେଭରାଇଟ ବୋଲି ବିବେଚନା କରୁଛନ୍ତି।

# ଦୀପ୍ ରଞ୍ଜନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ):** ସ୍ପେନ୍‌ର ଭିଟୋରିଆଠାରେ ସ୍ପାନିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଡବଲ୍ସରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଦୀପ୍ ରଞ୍ଜନ ବିଶୋଇ। ସେମିଫାଇନାଲରେ ଦୀପ୍ ରଞ୍ଜନ ଓ ମନୋଜ ସରକାରଙ୍କ ଯୋଡ଼ି ନିଜ ଦେଶର ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ୨୧-୧୪, ୨୧-୧୩ ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ପର୍ଯ୍ୟାୟରେ ଦୀପ୍-ମନୋଜ ଯୋଡ଼ି କୋରିଆର ଜୁ ଡଙ୍ଗଜି ଓ ଶିନ୍ କ୍ୟୁଙ୍ଗ ହ୍ୱାନଙ୍କଠାରୁ ୨୧-୧୦, ୧୮-୨୧,୧୬-୨୧ରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଓଡ଼ିଶାରୁ ୩ ଖେଳାଳି ଦୀପ୍ ରଞ୍ଜନ ବିଶୋଇ, ଶୁଭ୍ରଜିତ ମହାରଣା ଓ ଜି. ଦିଲେଶ୍ୱର ରାଓ ମହାରଣା ଓ ଜି. ଦିଲେଶ୍ୱର ରାଓ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ରାଖାଲଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ହ୍ୱିଲଚେୟାର ଫେନ୍‌ସିଂ ଓପନ ଟୁର୍ନାମେଣ୍ଟ ରବିବାର ଫ୍ରାନ୍ସର ଫ୍ରିଜୁସଠାରେ ଶେଷ ହୋଇଛି। ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ରାଖାଲ ସେଠୀ ରୌପ୍ୟ ପଦକ ହାସଲ କରିଛନ୍ତି। ଇପି ଇଭେଣ୍ଟର ବ୍ୟକ୍ତିଗତ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର କ୍ରିଷ୍ଟନ ଜାକ୍ୟୁଏଟ୍‌ଙ୍କୁ ୧୪-୪ରେ ହରାଇ ରାଖାଲ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ଫ୍ରାନ୍ସର ଲେଗେଣ୍ଟଲି ଜେରେମିଙ୍କୁ ୧୫-୬ରେ ପରାସ୍ତ କରିଥିଲେ। ତେବେ ଫାଇନାଲରେ ସେ ଚେଉଜଭିଲେ ନୋହାଙ୍କଠାରୁ ୮-୧୫ରେ ହାରି ରନରଅପ୍ ହୋଇଥିଲେ। ଏହି ସଫଳତା ପାଇଁ ରାଖାଲଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଓଡ଼ିଶାର ସଭାପତି



କମଳାକାନ୍ତ ରଥ ଓ ହ୍ୱିଲଚେୟାର ଫେନ୍‌ସିଂ ଓଡ଼ିଶାର ଚେୟାର ପର୍ସନ ବେଲା ଜୟସ୍ୱାଲ ଅଭିନନ୍ଦନ ଜଣାଇଛନ୍ତି।

# ଅକ୍ଷଦୀପ, ପ୍ରିୟଙ୍କାଙ୍କୁ ପ୍ୟାରିସ ଯୋଗ୍ୟତା

**ଆଣ୍ଟାଲ୍ୟା (ତୁର୍କୀ), ୨୧।୪ (ପି.ଟି.):** ଅକ୍ଷଦୀପ ସିଂ ଓ ପ୍ରିୟଙ୍କା ଗୋସ୍ୱାମୀଙ୍କୁ ନେଇ ଭାରତର ମିକ୍ସଡ ରିଲେ ଟିମ୍ ଏଠାରେ ଚାଲିଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ରେସ୍ ୱାକିଙ୍ଗ ଟିମ୍ ଚାମ୍ପିୟନଶିପ୍‌ରେ ୧୮ତମ ସ୍ଥାନ ଅଧିକାର କରି ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଇଭେଣ୍ଟର ଶ୍ରେଷ୍ଠ ୨୨ ଦଳ ଆପେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଭାରତୀୟ ଯୋଡ଼ି ସେମାନଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୩:୦୫.୦୩ରେ ୪୨.୧୯୫ କିଲୋମିଟର ଦୂରତା ଅତିକ୍ରମ କରିଥିଲେ। ଇଟାଲୀର ଫ୍ରାନ୍‌ସିସ୍କୋ ଫର୍ଟୁନାଟୋ ଓ ଭାଲେଣ୍ଟିନା ଟ୍ରାପ୍ଲେଟି ୨:୫୬:୪୫ ଟାଇମିଂ ସହ ରେସ୍ ଜିତି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଜାପାନର କୋକି ଇକେଡା ଓ କୁମିକୋ ଓ୍ୱାକାଡା ସେମାନଙ୍କର ଶ୍ରେଷ୍ଠ ଟାଇମିଂ ୨:୫୭:୦୪ ସହ ରୌପ୍ୟ ଏବଂ ସ୍ପେନର ଅଲଭାରୋ ମାର୍ଟିନ ଓ ଲାଉରା ଗାର୍ସିଆ କାରୋ (୨:୫୭:୪୭) ବ୍ରୋଞ୍ଜ ପଦକ ପାଇଥିଲେ। ଏହି ଇଭେଣ୍ଟରେ ପୁରୁଷ ପ୍ରତିଯୋଗୀଙ୍କୁ ପ୍ରଥମେ ୧୨.୧୯୫ କି.ମି. ଏବଂ ପରେ ମହିଳାଙ୍କୁ ୧୦ କି.ମି. ଚାଲିବାକୁ ହୋଇଥାଏ। ଅନ୍ୟ ୧୦ କି.ମି. ପୁରୁଷ ଏବଂ ଫାଇନାଲ ୧୦ କି.ମି. ମହିଳାଙ୍କୁ ଚାଲିବାକୁ ହୋଇଥାଏ।

# ଚେସ୍ ପ୍ରତିଭା ସାତ୍ତ୍ୱିକ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୧।୪ (ବିଜୟ ରଣା)

ଜର୍ଜିଆର ବାଟୁମିରେ ଫିଡେ ବିଶ୍ୱକପ୍ (୮, ୧୦ ଓ ୧୨ ବର୍ଷରୁ କମ୍) ଆସନ୍ତା ଜୁନ୍ ୨୨ରୁ ଜୁଲାଇ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାର ୮ ବର୍ଷରୁ କମ୍ ବୟସ ବର୍ଗରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସ୍ୱଳ୍ପ ବୟସ୍କ ଚେସ ପ୍ରତିଭାଙ୍କୁ ଶୈଳେଶ୍ରୀ ବିହାରସ୍ଥିତ କିଙ୍ଗ୍ ଚେସ୍ ସେଣ୍ଟରଠାରେ ସମ୍ବର୍ଦ୍ଧିତ କରାଯାଇଛି। କିଙ୍ଗ ଚେସ୍ ସେଣ୍ଟର ମୁଖ୍ୟ କୋଚ୍ ବିଶ୍ୱଜିତ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ରଞ୍ଜନ ମହାନ୍ତି (ପୂର୍ବତନ ଯୁଗ୍ମ ସମ୍ପାଦକ ଏଆଇସିଏଫ) ଶୁଭାଶିଷ ପଟ୍ଟନାୟକ (ସମ୍ପାଦକ ଖୋର୍ଦ୍ଧା ଜିଲା ଚେସ୍ ସଂଘ) ସୂର୍ଯ୍ୟକାନ୍ତ ବିଶୋଇ, (କାର୍ଯ୍ୟକାରୀ କମିଟି ସଭ୍ୟ,ଏଓସିଏ)ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଙ୍ଗ ଚେସ୍ ସେଣ୍ଟର୍ କୋଚ୍ ଜଗନ୍ନାଥ ଦାସ,ମଧୁସ୍ମିତା ମିଶ୍ର ଓ ରଶ୍ମିତା ତ୍ରିପାଠୀ ଉପସ୍ଥିତ ଥିଲେ।



କିଙ୍ଗ୍ ଚେସ୍ ସେଣ୍ଟରରେ ରବିବାର ଅତିଥିମାନେ ସାତ୍ତ୍ୱିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଅଭୟ ଶର୍ମା ହେବେ ଉଗାଣ୍ଡା ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୨୧।୪ (ପି.ଟି.):** ଆଗାମୀ ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତର ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ଅଭୟ ଶର୍ମା ଉଗାଣ୍ଡା ଜାତୀୟ ଦଳର କୋଚ୍ ଭାବେ ନିଯୁକ୍ତି ପାଇବାକୁ ଯାଉଛନ୍ତି। ଶର୍ମାଙ୍କର ଭାରତ 'ଏ' ଓ ୧୯ବର୍ଷରୁ କମ୍ ଭାରତୀୟ ଦଳର ଫିଲ୍‌ଡିଂ କୋଚ୍ ଭାବେ ଅଭିଜ୍ଞତା ରହିଛି। ଭାରତୀୟ ମହିଳା କ୍ରିକେଟ ଦଳ ପାଇଁ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ସେ ଗତଥର ଦିଲ୍ଲୀ ରଣଜୀ ଟିମ୍‌ର କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ଜୁନ୍‌ରେ ଉଭୟ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜିତ ଟି୨୦ ବିଶ୍ୱକପ୍ ପାଇଁ ଉଗାଣ୍ଡା ଗତ ନଭେମ୍ବରରେ ଶେଷ ଦଳ ଭାବେ ଯୋଗ୍ୟତା ଅର୍ଜନ କରିଥିଲା।

# ରାଜ୍ୟ ଓପନ ଚେସ୍: ରବୀନ୍ଦ୍ର ଚାମ୍ପିୟନ





କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁଶନ୍ସର ମିଳିତ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ୩ୟ ଶ୍ୟାମଳି ଦେ ମେମୋରିଆଲ ରାଜ୍ୟ ଓପନ ଚେସ୍‌ରେ କଟକର ରବୀନ୍ଦ୍ର କୁମାର ଓଝା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରବୀନ୍ଦ୍ର ପୂରା ୫ ପଏଣ୍ଟ ହାସଲ କରିଛନ୍ତି। ଭୁବନେଶ୍ୱରର ଆଦିତ୍ୟ ଶଙ୍କର ବେହେରା ୪.୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୃଜନ ପ୍ରଣୟୀ ରାୟ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଦେବରାଜ ସେନାପତି, ଅବିନାଶ ବଳିୟାରସିଂ ଓ କମଲେଶ ଗୁପ୍ତା ଟପ୍-୭ରେ ରହିଛନ୍ତି। ୧୦, ୧୨, ୧୪ ବର୍ଷରୁ କମ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁଶନ୍ସର ଏମ୍‌ଡି ଦୀପରେଖା ଦେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ରାଜ୍ୟ ଗୁଇନ୍ଦା ଇନ୍ସପେକ୍ଟର ପ୍ରିୟଦର୍ଶିନୀ ନାୟକ, ଆୟୋଜକ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

ଆଜି 'ଧରିତ୍ରୀ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

# ପୃଥିବୀ ଓ ପ୍ଲାଷ୍ଟିକ୍



ଡା. ନିତ୍ୟାନନ୍ଦ ସ୍ୱାଇଁ

"ମାନବ ଜାତି ଓ ପୃଥିବୀର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୨୦୪୦ ମସିହା ସୁଦ୍ଧା ପ୍ଲାଷ୍ଟିକ୍‌ର ଉତ୍ପାଦନ ୬୦% ହ୍ରାସ କରିବା ପାଇଁ ବିଭିନ୍ନ ମହଲରୁ ଆହ୍ୱାନ ଦିଆଯାଉଛି। ଏହି ଆହ୍ୱାନକୁ ଗୁରୁତର ସହ ବିଚାର କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ଧରିତ୍ରୀ ଦିବସ ବା 'ଆର୍ଥ ଡେ'ର ବାର୍ତ୍ତା ରଖାଯାଇଛି 'ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍'। ପ୍ରଶ୍ନ ଉଠୁଛି ଆମେ ପୃଥିବୀବାସୀ ପୃଥିବୀ ଚାହୁଁ ନା ପ୍ଲାଷ୍ଟିକ୍? କାରଣ ପରିବେଶକୁ ଧ୍ୱଂସ କରିବାରେ ପ୍ଲାଷ୍ଟିକ୍ ସଂପ୍ରତି ପ୍ରଧାନ ଖଳନାୟକ ଭୂମିକାରେ ଉଭା। ତାହାର ଦାଉରେ ଏବେ ମାନବଜଗତ, ଜୀବଜଗତ ଏବଂ ଉଦ୍ଭିଦଜଗତ ଶୋଚନୀୟ ଭାବେ ବିପନ୍ନ।"

ସମ୍ପ୍ରତି ପୃଥିବୀଟା ସତେଯେମିତି ପ୍ଲାଷ୍ଟିକ୍ ସାମଗ୍ରୀରେ ଭରି ଉଠିଛି। ଆମର ଦୈନନ୍ଦିନ ଜୀବନରେ ଏବଂ ଆମ ଚାରିପଟରେ ଖାଲି ପ୍ଲାଷ୍ଟିକ୍ ଆଉ ପ୍ଲାଷ୍ଟିକ୍। ପ୍ଲାଷ୍ଟିକ୍ ଆମ ଜୀବନକୁ ବେଶ୍ ସହଜ, ସରଳ ଏବଂ ଦ୍ରୁତତର କରିଚାଲିଛି। ମାତ୍ର ବିଂଶ ଶତାବ୍ଦୀଠାରୁ ଆରମ୍ଭ ହୋଇଛି ଏହାର ବ୍ୟବହାର। କିନ୍ତୁ ଏହାର ବ୍ୟବହାର ଆଜି ବିପୁଳ ଏବଂ ଲଗାମଛଡ଼ା। କାରଣ ପ୍ଲାଷ୍ଟିକ୍ ବେଶ୍ ସୁବିଧାଜନକ, ହାଲୁକା, ନମନୀୟ, ଶସ୍ତା, ସହଜଲଭ୍ୟ, ଦୀର୍ଘସ୍ଥାୟୀ ଏବଂ ବିଭିନ୍ନ ବ୍ୟବହାର ଉପଯୋଗୀ।

କହିବାକୁ ଗଲେ ଏବେ ଚାଲିଛି ପ୍ଲାଷ୍ଟିକ୍‌ର ରାଜୁତି। ଏପରିକି ଏହାକୁ ସ୍ପର୍ଶ ନ କରି ଦୈନନ୍ଦିନ ଜୀବନଯାପନ କରିବା ପ୍ରାୟତଃ ଅସମ୍ଭବ। ମାନବ ଜାତି ଓ ପୃଥିବୀର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୨୦୪୦ ସୁଦ୍ଧା ପ୍ଲାଷ୍ଟିକ୍‌ର ଉତ୍ପାଦନ ୬୦% ହ୍ରାସ କରିବା ପାଇଁ ବିଭିନ୍ନ ମହଲରୁ ଆହ୍ୱାନ ଦିଆଯାଉଛି। ଏହି ଆହ୍ୱାନକୁ ଗୁରୁତର ସହ ବିଚାର କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ଧରିତ୍ରୀ ଦିବସ ବା 'ଆର୍ଥ ଡେ'ର ବାର୍ତ୍ତା ରଖାଯାଇଛି 'ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍'। ପ୍ରତିବର୍ଷ ଏପ୍ରିଲ ୨୨ ତାରଖରେ ପାଳିତ ହୋଇଥାଏ 'ଧରିତ୍ରୀ ଦିବସ'। ପ୍ରଶ୍ନ ଉଠୁଛି ଆମେ ପୃଥିବୀବାସୀ ପୃଥିବୀ ଚାହୁଁ ନା ପ୍ଲାଷ୍ଟିକ୍? କାରଣ ପରିବେଶକୁ ଧ୍ୱଂସ କରିବାରେ ପ୍ଲାଷ୍ଟିକ୍ ସଂପ୍ରତି ପ୍ରଧାନ ଖଳନାୟକ ଭୂମିକାରେ ଉଭା। ତାହାର ଦାଉରେ ଏବେ ମାନବଜଗତ, ଜୀବଜଗତ ଏବଂ ଉଦ୍ଭିଦଜଗତ ଶୋଚନୀୟ ଭାବେ ବିପନ୍ନ।

ପ୍ଲାଷ୍ଟିକ୍‌ର ପ୍ରଧାନ ସମସ୍ୟାଟି ହେଲା– ଏହା ପଚନଶୀଳ ନୁହେଁ। ଫଳରେ ପରିତ୍ୟକ୍ତ ପ୍ଲାଷ୍ଟିକ୍ ଜିନିଷ ପରିବେଶରେ ଜମି ଚାଲିଛି। ଏହା ପଚି ଶଢ଼ି ମାଟିରେ ମିଶିପାରେନି କି ଜଳରେ ମିଳାଇପାରେନି। ମୋଟାମୋଟି ଭାବରେ କହିଲେ ଏହା ଅକ୍ଷୟ, ଅମର। ଅବଶ୍ୟ ଏହା କ୍ଷୟପ୍ରାପ୍ତ ହୋଇଥାଏ ଅତ୍ୟନ୍ତ ମନ୍ଥର ହାରରେ। ଯେପରିକି ଚା' ପିଇସାରି ପ୍ଲାଷ୍ଟିକ୍ କପ୍ କିମ୍ବା କୋଲ୍ଡ ଡ୍ରିଙ୍କସ୍ ପିଇସାରି ପ୍ଲାଷ୍ଟିକ୍ ବୋତଲଟିକୁ ରାସ୍ତାରେ ଫିଙ୍ଗି ଦେଲେ କପ୍‌ଟି ମାଟିରେ ମିଶିଯିବା ଲାଗି ନେବ ପାଖାପାଖି ୫୦ ବର୍ଷ ଏବଂ ପାଖାପାଖି ୪୦୦ ବର୍ଷ ଲାଗିବ ପ୍ଲାଷ୍ଟିକ ବୋତଲଟି ମାଟିରେ ମିଶିବା ପାଇଁ। ଏମିତି କିଛି ପ୍ଲାଷ୍ଟିକ୍ ସାମଗ୍ରୀ ଅଛି, ଯାହାକୁ ଲାଗିଯାଇପାରେ ହଜାରେ ବର୍ଷ। 'ୟୁଜ୍ ଆଣ୍ଡ ଥ୍ରୋ' ଉତ୍ପେନ ଅଳ୍ପ କେଇଟା ଦିନ ବ୍ୟବହାର ପରେ ଅକାମୀ, ପ୍ଲାଷ୍ଟିକ୍ ଗ୍ଲାସ୍ ଓ ବାସନକୁସନ ଅକାମୀ ଖୁବ୍ ବେଶୀରେ ଦୁଇ-ଚାରି ବର୍ଷର ବ୍ୟବହାର ପରେ। ଅଥଚ ତାହା ମାଟିରେ ନ ମିଶି ଶହ ଶହ ବର୍ଷ ପର୍ଯ୍ୟନ୍ତ ପଡ଼ିରହିବ। ପ୍ଲାଷ୍ଟିକ୍‌କୁ ଜଳରେ ବୁଡ଼େଇଲେ ସେ ମରୁନି, ପ୍ଲାଷ୍ଟିକ୍‌କୁ ମାଟିଖୋଳି ପୋତି ପକେଇଲେ ବି ସେ ମରୁନି, ତାକୁ ଯଦି ପୋଡ଼ି ଦିଆଯାଏ, ତେବେ ସେଥିରୁ ନିର୍ଗତ ହୋଇ ବାୟୁରେ ମିଶିଯାଉଛି ଭୟଙ୍କର ଭାବରେ ବିଷାକ୍ତ ଗ୍ୟାସ୍।

ପୁଣି ପୃଥିବୀ ପରିବେଶରେ ବିପଦ ସୃଷ୍ଟିକାରୀ ପ୍ଲାଷ୍ଟିକ୍ ଏବେ ହାଜର ହୋଇଗଲାଣି ମହାକାଶରେ। ମହାକାଶଯାନ, ମହାକାଶଚାରୀଙ୍କ ପୋଷାକ, ସେମାନଙ୍କ ମୁଣ୍ଡରେ ପିନ୍ଧା ଯାଉଥିବା ହେଲମେଟ୍ ଇତ୍ୟାଦି ତିଆରି ପାଇଁ ଯଥେଷ୍ଟ ଅନୁକୂଳ ହୋଇପାରୁଛି ପ୍ଲାଷ୍ଟିକ୍। ମହାକାଶଯାନର ଓଜନ କମେଇବା ଓ ମହାକାଶରେ ମହାଜାଗତିକ ରଶ୍ମିକୁ ସୁରକ୍ଷିତ ରହିବା ପାଇଁ ପ୍ଲାଷ୍ଟିକ୍ ବେଶ୍ ଉପଯୋଗୀ।

ପ୍ଲାଷ୍ଟିକ୍ ସମ୍ପ୍ରତି ସର୍ବବ୍ୟାପୀ ଓ ପ୍ରାୟତଃ ସବୁଥିରେ ଏହାର ବ୍ୟବହାର। ମାତ୍ର ଏହା କେତେଦୂର ନିରାପଦ? ସମୁଦ୍ରବାସୀ ପ୍ରାଣୀମାନଙ୍କର ଜୀବନହାନି କରେଇ ଚାଲିଛି ପ୍ଲାଷ୍ଟିକ୍। ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ମିଶିଚାଲିଛି ସମୁଦ୍ରରେ। ୨୦୨୫ ସୁଦ୍ଧା କେବଳ ସମୁଦ୍ରରେ ନିମଜ୍ଜିତ ହୋଇ ରହିଥିବ ୧୫୫୦ ଲକ୍ଷ ମେଟ୍ରିକ ଟନ୍ (ଏକ ମେଟ୍ରିକ ଟନ୍ ହେଉଛି ୧୦୦୦ କି ଗ୍ରା।) ପ୍ଲାଷ୍ଟିକ। ଏଯାବତ୍ ସମୁଦ୍ରରେ ଠାବ କରାଯାଇଛି ବୃହଦାକାର ଏକାଧିକ ପ୍ଲାଷ୍ଟିକ୍ ପାହାଡ଼ ବା ବର୍ଜ୍ୟ ପ୍ଲାଷ୍ଟିକ୍ ଗଦା। ବିଭିନ୍ନ ଭାବରେ ଏହି ପ୍ଲାଷ୍ଟିକ୍ ସଙ୍କଟାପନ୍ନ କରିଚାଲିଛି ସମୁଦ୍ର କଇଁଛ, ସମୁଦ୍ର ପକ୍ଷୀ, ସାର୍କ, ମାଛ ଏବଂ ଏପରିକି ତିମି ଇତ୍ୟାଦି ସାମୁଦ୍ରିକ ଜୀବମାନଙ୍କର ଜୀବନକୁ। ସେମାନେ ଅତି କ୍ଷୁଦ୍ର ପ୍ଲାଷ୍ଟିକ ଖଣ୍ଡଗୁଡ଼ିକୁ ନିଜର ଖାଦ୍ୟ ଭାବି ସେମାନେ ଗିଳି ଚାଲିଛନ୍ତି। ଆଉ ତାହା ହିଁ ହୋଇଛି ସେମାନଙ୍କର ଜୀବନ ପାଇଁ କାଳ। ସେଭଳି ସାମୁଦ୍ରିକ ଜୀବ ମାନଙ୍କର ଅକାଳ ମୃତ୍ୟୁ ଯୋଗୁ ସମ୍ପ୍ରତି ମରିମରି ଆସିଲାଣି ସାମୁଦ୍ରିକ ପରିସଂସ୍ଥା।

ସ୍ଥଳବାସୀ ବନ୍ୟଜୀବ ଓ ଉଦ୍ଭିଦଜଗତ ମଧ୍ୟ ଭୋଗିବା ପାଇଁ ବାଧ୍ୟ ହେଉଛନ୍ତି ପ୍ଲାଷ୍ଟିକ୍ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ। ଉଦ୍ଭିଦଜଗତର ପରିସଂସ୍ଥା ବିପର୍ଯ୍ୟସ୍ତ ହେଲେ ଆମ ପାଇଁ ଖାଦ୍ୟର ଅଭାବ ହେବା, ଅମ୍ଳଜାନର ଅଭାବ ଦେଖାଦେବା ଏବଂ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଜମି ଜମି ଚାଲିବା ସ୍ୱାଭାବିକ। ଏପରି ପରିଣାମ ଉପୁଜିଲେ ଆମର ଜୀବନ ବିପନ୍ନ ହୋଇପଡ଼ିବା ତ ସୁଗମ ହୋଇଯିବ।

ଏକ ଆକଳନରୁ ପ୍ରକାଶ ପାଇଛି ଯେ, ମଣିଷ ପ୍ରତିବର୍ଷ ପରିବେଶରେ ଜମେଇ ଚାଲିଛି କୋଟିକୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ। ବର୍ତ୍ତମାନ ଏହି ପରିମାଣ ୩୮ କୋଟି କୋଟି ଟନ୍‌ରୁ ଅଧିକ ହୋଇପାରେ ବୋଲି ଆକଳନ କରାଯାଇଛି।

ପ୍ଲାଷ୍ଟିକ୍ ମଧ୍ୟ ପରିବେଶରେ ରାସାୟନିକ ପ୍ରଦୂଷଣ ସୃଷ୍ଟି ପାଇଁ ଦାୟୀ। ପ୍ଲାଷ୍ଟିକ୍ ମୁଖ୍ୟତଃ ଉତ୍ପାଦିତ ହୋଇଥାଏ ଖଣିଜତୈଳ ଓ ପ୍ରାକୃତିକ ଗ୍ୟାସରୁ। ଏହାକୁ ଉତ୍ତୋଳନ କରିବାବେଳେ ଜାତ ହୋଇଥାଏ ବେଞ୍ଜିନ୍, ଟୋଲୁଇନ୍, ଇଥାଇଲବେଞ୍ଜିନ୍, ଜାଇଲିନ୍, କାର୍ବନ ମନୋଅକ୍ସାଇଡ, ହାଇଡ୍ରୋଜେନ ସଲ୍‌ଫାଇଡ୍, ଓଜୋନ୍, ସଲ୍‌ଫର ଡାଇଅକ୍ସାଇଡ ଏବଂ ଅନ୍ୟାନ୍ୟ ବହୁ କ୍ଷତିକାରୀ ରସାୟନ।

ଏବେ ବେଶି ମୁଣ୍ଡବ୍ୟଥାର କାରଣ ହେଲାଣି ମାଇକ୍ରୋପ୍ଲାଷ୍ଟିକ୍ ବା ସୂକ୍ଷ୍ମ ପ୍ଲାଷ୍ଟିକ୍ କଣିକା। କାଗଜ, ତୁଳା, ନଡ଼ା, ଗଛଲତାର ଅଂଶବିଶେଷ ଭାଙ୍ଗି ବା ପରିଶଢ଼ି ତାହା ଅବିଷାକ୍ତ ଦ୍ରବ୍ୟରେ ପରିଣତ ହୋଇଥାଏ। ପ୍ଲାଷ୍ଟିକ୍ ସିନା ଭାଙ୍ଗିପାରେ, ହେଲେ ତାହା ଭାଙ୍ଗିଯାଇ ଜାତ କରେ ଅତି କ୍ଷୁଦ୍ରାକାର ପ୍ଲାଷ୍ଟିକ୍ ବା ମାଇକ୍ରୋପ୍ଲାଷ୍ଟିକ୍। ଗୋଟିଏ ପ୍ଲାଷ୍ଟିକ୍ କଣିକାର ଆକାର ଜୀବକୋଷର ଆକାରଠାରୁ ବି ଛୋଟ।

ପୃଥିବୀକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍‌ମୁକ୍ତ କରିବା ହୁଏତ ସମ୍ଭବ ନୁହେଁ। ଏହାର ସନ୍ତୋଷଜନକ କୌଣସି ବିକଳ୍ପ ଉଦ୍ଭାବିତ ନ ହେବା ପର୍ଯ୍ୟନ୍ତ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ହ୍ରାସ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ। ସମ୍ପ୍ରତି ପୃଥିବୀରେ ପ୍ରତିବର୍ଷ ଯେତେ ପରିମାଣର ପ୍ଲାଷ୍ଟିକ୍ ତିଆରି ହେଉଛି ପୂରା ବିଂଶ ଶତାବ୍ଦୀରେ ସେତିକି ପ୍ଲାଷ୍ଟିକ୍ ଉତ୍ପାଦିତ ହୋଇ ନ ଥିଲା। ୧୯୦୭ ମସିହାରେ ଆବିଷ୍କୃତ ହୋଇଥିବା ପ୍ଲାଷ୍ଟିକ୍ ଆଜିକାର ଦିନରେ ଏକ ଆଶୀର୍ବାଦ ବିବେଚିତ ନ ହୋଇ କ୍ରମେ ଏକ ଅଭିଶାପର ରୂପ ନେଲାଣି। ଜଳ ଥିବା ଏବଂ ଜୀବଜଗତ ଥିବା ପୃଥିବୀ ଗ୍ରହଟି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଫଳରେ କ୍ରମେ ଅଧିକରୁ ଅଧିକ ଅସୁରକ୍ଷିତ ହୋଇ ପଡୁଛି। ହେଲେ ପ୍ଲାଷ୍ଟିକ୍ କବଳରୁ ପୃଥିବୀର ସୁରକ୍ଷା ପ୍ଲାଷ୍ଟିକ୍ ସ୍ରଷ୍ଟା ସେହି ମଣିଷ ହାତରେ। ମଣିଷ ତା'ର ଏହି କର୍ତ୍ତବ୍ୟ ନିର୍ବାହରେ ଅବହେଳା କରିବନି ବୋଲି ଆଶା କରିବା ଅପ୍ରାସଙ୍ଗିକ ହେବ ନାହିଁ। ଜାଣିରଖନ୍ତୁ–ପ୍ଲାଷ୍ଟିକ୍ ଆମ ପାଇଁ ଆଦୌ ଅପରିହାର୍ଯ୍ୟ ନୁହେଁ, ଏହା ପରିହାର୍ଯ୍ୟ।

– 'ଅଭୀପ୍ସା', ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡ଼ାନାସୀ, କଟକ–୧୪
ମୋ : ୯୪୩୭୭୬୬୧୧୭








## ଅଜୀର୍ଣ୍ଣ ସମସ୍ୟାର ଘରୋଇ ଉପଚାର



ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା, ଦରକାର ମୁତାବକ ପାଣି ନ ପିଇବା, ସବୁବେଳେ ମସଲାଜାତୀୟ ଖାଦ୍ୟ ଖାଇବା ଆଦି ଅଜୀର୍ଣ୍ଣ ସମସ୍ୟାର ମୁଖ୍ୟ କାରଣ। ତେବେ ଏଭଳି କେତୋଟି ଘରୋଇ ଉପାୟ ରହିଛି, ଯାହାକୁ ଆପଣେଇ ପାରିଲେ ଜଣେ ବ୍ୟକ୍ତି ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବ। ଏଭଳି କେତେକ ଖାଦ୍ୟ ରହିଛି ଯାହା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ। ତେବେ ଏଭଳି ଖାଦ୍ୟଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସବୁବେଳେ ଠିକ୍ ସମୟରେ ଏବଂ ଆବଶ୍ୟକ ମୁତାବକ ଖାଦ୍ୟ ଖାଆନ୍ତୁ। ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। ବିଳମ୍ବିତ ସମୟରେ ରାତ୍ର ଭୋଜନ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟ ଠିକ୍ ଭାବରେ ହଜମ ହୋଇ ନ ଥାଏ। ବିଶେଷଭାବରେ ରାତ୍ର ଭୋଜନ ଶୋଇବାକୁ ଯିବାର ଦୁଇ ଘଣ୍ଟା ପୂର୍ବରୁ ଶେଷ କରନ୍ତୁ। କଦାପି ତରତର ହୋଇ ଖାଆନ୍ତୁ ନାହିଁ।

## ସ୍ୱାସ୍ଥ୍ୟୋପକାରୀ ଆଖୁରସ



ଆଖୁରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଗ୍ରୀଷ୍ମଋତୁରେ ଏହାର ଚାହିଦା ଅଧିକ। ଏଥିରେ ଭିଟାମିନ୍, ପୋଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ମାଙ୍ଗାନିଜ୍ ଏବଂ ଆମିନୋ ଏସିଡ୍ ଭରି ରହିଛି। ଗୋଟିଏ ଗ୍ଲାସ୍ ଆଖୁରସରେ ୧୮୦ କ୍ୟାଲୋରୀ ଓ ୩୦ ଗ୍ରାମ୍‌ର ଶର୍କରା ଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ଏହା ଦାନ୍ତ ଓ ଦାନ୍ତର ମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ବିଶେଷଭାବରେ ଲିଭର ବା ଯକୃତ୍‌କୁ ବାହ୍ୟ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ। ଏଥିରେ ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଆଖୁରସ ପିଇବା ଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ରହିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହା ସାହାଯ୍ୟ କରେ। କେବଳ ସେତିକି ନୁହେଁ, ଅଷ୍ଟିଓପୋରେସିସ୍, ଆଣ୍ଠୁଗଣ୍ଠି ବାତରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ। ଏଥିରେ ଭିଟାମିନ୍–ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଶରୀରରେ କୋଲେଷ୍ଟରଲ୍ ଏବଂ ସୋଡ଼ିୟମ୍ ପରିମାଣକୁ ସନ୍ତୁଳିତ ରଖେ ଆଖୁରସ।

## ମହୁ : କିଛି କଥା



ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ। ପିଲାଠୁ ବୁଢ଼ା ସମସ୍ତଙ୍କର ଏହା ପ୍ରିୟ। ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି। ଏହା ରୋଗ ପ୍ରତିରୋଧକ ଓ ସ୍ୱାସ୍ଥ୍ୟବର୍ଦ୍ଧକ। ଏହାର ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ। ଆଜିକାଲି ମେଦବହୁଳତା ଏକ ସାଧାରଣ କଥା ପାଲଟି ଗଲାଣି। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଅଳ୍ପ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ମେଦବହୁଳତା କେତେକାଂଶରେ ନିୟନ୍ତ୍ରିତ ହୋଇଥାଏ। ମହୁରେ ଆଣ୍ଟି–ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏହା ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ମହୁ ବେଶ୍ ଉପକାରୀ। ମହୁ ଖାଇଲେ ତାହା ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ଶର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ଉଷୁମ ପାଣିରେ ମହୁ ଥଣ୍ଡାକୁ ନିୟନ୍ତ୍ରଣ କରିଥାଏ।

## ବୁଦ୍ଧିମତ୍ତା ବଢ଼ାଇବାର ନୂଆ ଉପାୟ



ବୁଦ୍ଧିମତ୍ତା ବଢ଼ାଇବାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାହା ତାଙ୍କର ବୁଦ୍ଧିମତ୍ତାର ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। 'ବୁଦ୍ଧିମତ୍ତା ବିକାଶରେ ମନ ପସନ୍ଦର ସଙ୍ଗୀତ ଭୂମିକା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍‌ମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କର ମନପସନ୍ଦର ସଙ୍ଗୀତ ଶୁଣିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ବୁଦ୍ଧିମତ୍ତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ବୃଦ୍ଧି ପାଇଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ମନ ପସନ୍ଦର ସଙ୍ଗୀତ ଶୁଣିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଭାଇରସ୍ ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି



ଅନେକ ସମୟରେ ଭାଇରସ୍ କେତେକ ରୋଗକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ହେଲେ ଏପରି କେତେକ ଭାଇରସ୍ ଅଛି, ଯାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏକ ସଦ୍ୟତମ ଗବେଷଣାରୁ ଏ ବିଷୟରେ ସୂଚନା ମିଳିଛି। 'ଭାଇରସ ଏବଂ ରୋଗ ପ୍ରତିରୋଧକ ଶକ୍ତି' ଶୀର୍ଷକ ବିଷୟକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରେ ଆମ ପାଇଁ ଉପକାରୀ ସାବ୍ୟସ୍ତ ହେଉଥିବା ଭାଇରସଗୁଡିକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିଥିଲେ। ପରିଶେଷରେ ସେମାନେ ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ମନୁଷ୍ୟ ଶରୀରରେ ଏଭଳି କେତେକ ଭାଇରସ ଅଛନ୍ତି ଯେଉଁମାନେ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଆନ୍ତି। ହେଲେ ଆମ ଶରୀର ପାଇଁ ବିପଦ ସୃଷ୍ଟି କରୁଥିବା ଭାରଇସ ପ୍ରତି ସତର୍କ ରହିବା ନିହାତି ଦରକାର। ନିଜ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଖାଦ୍ୟପେୟ ପ୍ରତି ଯତ୍ନବାନ ହେବା ଦରକାର। ତା'ସହ ଜଣେ ବ୍ୟକ୍ତିଙ୍କର ଦୈନନ୍ଦିନ ଜୀବନଶୈଳୀ ମଧ୍ୟ ଏଥିପାଇଁ କେତେକାଂଶରେ ସହାୟକ ହୋଇଥାଏ।

## ସହଜରେ ଦୂର ହେବ ଅବସାଦ

ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନ ବିତାଉଛେ, ତାହା ଅନେକାଂଶରେ ନିର୍ଭର କରେ ଆମ ଖାଦ୍ୟ ଉପରେ। ହେଲେ ଖାଦ୍ୟପେୟରେ ଦୀର୍ଘକାଳୀନ ଅନିୟମିତା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଜର୍ମାନୀର ପୁଷ୍ଟିବିଜ୍ଞାନୀମାନେ ଏକ ସଦ୍ୟତମ ଗବେଷଣାରୁ ଏକ ରୋଚକ କଥା ଜାଣିବାକୁ ପାଇଛନ୍ତି। ଆମେ ଦୈନନ୍ଦିନ ଖାଉଥିବା ଖାଦ୍ୟପେୟରେ ଆହୁରି କି କି ଉପକାରୀ ଗୁଣ ରହିଛି, ତାହାକୁ ସେମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏଥିରୁ ସେମାନେ ଜାଣିପାରିଛନ୍ତି ସେ ସନ୍ତୁଳିତ ଖାଦ୍ୟ ଆମକୁ ଏକ ସମସ୍ୟାରୁ ଅନେକାଂଶରେ ରକ୍ଷା କରିଥାଏ। ତାହା ହେଲା ଅବସାଦ। ଅର୍ଥାତ୍, ଜଣେ ବ୍ୟକ୍ତି ଯଦି ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତି, ତେବେ ସେ ନିଜକୁ ଅନେକାଂଶରେ ଅବସାଦଠାରୁ ଦୂରେଇ ରଖିପାରିବେ। ବେଳେବେଳେ ସେମାନେ ଅବସାଦରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମେ ଖାଉଥିବା ଖାଦ୍ୟର ମାତ୍ରା ପ୍ରତି ନଜର ଦେବା ନିହାତି ଦରକାର। ତା'ସହ ସବୁବେଳେ ସନ୍ତୁଳିତ ଖାଦ୍ୟ ଆମକୁ ସୁସ୍ଥ ରଖିଥାଏ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଭଳି ଖାଦ୍ୟ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।



## ଜାଣି ରଖନ୍ତୁ

- କେତେକ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଯିବାକୁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। କୌଣସି ରୋଗ ହେଲେ ପ୍ରଥମେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ ଅନୁସାରେ ହିଁ ଔଷଧ ଖାଇବା ଦରକାର।
- ବ୍ୟାୟାମକୁ ନେଇ ମନରେ ଯଦି କିଛି ଶଙ୍କା–ଆଶଙ୍କା ରହିଛି ତେବେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ।
- ବର୍ତ୍ତମାନ ନିଜକୁ କେତେକାଂଶରେ ସୁସ୍ଥ ରଖିବାରେ ଏକ ରୁଟିନ୍ ଜୀବନଶୈଳୀର ଆବଶ୍ୟକତା ରହିଛି। ନିଜର ଖାଦ୍ୟପେୟ, ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରତି ସତର୍କ ରୁହନ୍ତୁ।
- କୌଣସି ରୋଗର ଚିକିତ୍ସା କରିବା ସମୟରେ ଡାକ୍ତର କେତେକ କଥା ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥାଆନ୍ତି। ଏଗୁଡ଼ିକୁ କଦାପି ଅବହେଳା କରନ୍ତୁ ନାହିଁ।
- ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ଡାକ୍ତରଙ୍କ ନିକଟରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ ଖାଇବା ପରେ ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ପିଇବା କେତେକ ବ୍ୟକ୍ତି ପସନ୍ଦ କରନ୍ତି। ହେଲେ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି।

➤ ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତିମାନେ ଖାଇ ସାରିବା ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ପାଇଥାଏ।

➤ ପ୍ରତିଦିନ ସକାଳେ ଓ ରାତ୍ରିଭୋଜନ ପରେ ଭଲଭାବରେ ଦାନ୍ତ ଘଷନ୍ତୁ। ଏହାର ସମୟ ଅବଧି ଅତିକମ୍‌ରେ ଦୁଇ ମିନିଟ୍ ହେବା ଦରକାର। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।

➤ ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ଦୃଢ଼ ରଖିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।

➤ ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

➤ ବୟସ୍କ ବ୍ୟକ୍ତିମାନେ ଚିନ୍ତାଠାରୁ ଦୂରେଇ ରହିବା ଭଲ। ଏହା ସେମାନଙ୍କୁ ଅନେକାଂଶରେ ସୁସ୍ଥ ରଖିଥାଏ।






# କୋର୍ ଦଳରେ ଅମିତ ରୋହିଦାସ

## ଅଲିମ୍ପିକ୍ସ ପାଇଁ ପୁରୁଷ ହକି କ୍ୟାମ୍ପ

ନୂଆଦିଲ୍ଲୀ, ୨୧।୪ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ଜାତୀୟ କୋଚିଂ କ୍ୟାମ୍ପ ପାଇଁ ରବିବାର ୨୮ ଜଣିଆ ସମ୍ଭାବ୍ୟ କୋର୍ ଗ୍ରୁପ୍ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ତାରକା ଡିଫେଣ୍ଡର ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ଭାରତୀୟ ଦଳର କ୍ୟାମ୍ପ ରବିବାରଠାରୁ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଆରମ୍ଭ ହୋଇଛି। ଏହା ମେ' ୧୩ ପର୍ଯ୍ୟନ୍ତ ଚାଲିବ। ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୦-୫ରେ ହାରିବା ପରେ ଭାରତୀୟ ଦଳର ଏହା ପ୍ରଥମ କ୍ୟାମ୍ପ। ଏହି କ୍ୟାମ୍ପ ପରେ ଭାରତୀୟ ଦଳ ବେଲଜିୟମ ଓ ଲଣ୍ଡନ ଯାଇ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ପରବର୍ତ୍ତୀ ୨ଟି ଲେଗ୍ (ଚରଣ) ଖେଳିବ। ସେଠାରେ ଭାରତୀୟ ଦଳର ଆର୍ଜେଣ୍ଟିନା, ବେଲ୍‌ଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ସହିତ ମୁକାବିଲା ହେବ।

''ଆଗାମୀ ପ୍ରତିଯୋଗିତା ଦୃଷ୍ଟିରୁ ଏହି କ୍ୟାମ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଆମର ପ୍ରସ୍ତୁତି ଠିକ୍ ପଥରେ ଅଛି ବୋଲି ଆମକୁ ଏହି କ୍ୟାମ୍ପରେ ନିଶ୍ଚିତ କରିବାକୁ ପଡ଼ିବ। କେତେକ ଯୁବ ଓ ସିନିୟର ଖେଳାଳିଙ୍କୁ ନେଇ ଏକ ଶକ୍ତିଶାଳୀ କୋର୍ ଗ୍ରୁପ୍ ଚୟନ କରାଯାଇଛି। ଆମକୁ କେଉଁ ବିଭାଗରେ କାମ କରିବାକୁ ପଡ଼ିବ ତାହା ଅଷ୍ଟ୍ରେଲିଆ ଟୁର୍‌ରୁ ଜଣାପଡ଼ିଛି। ପ୍ରୋ-ଲିଗ୍ ଓ ଅଲିମ୍ପିକ୍ସ ପୂର୍ବରୁ ଆମକୁ ସେହି ଅନୁସାରେ ପ୍ରସ୍ତୁତ କରିବାକୁ ପଡ଼ିବ'' ବୋଲି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ କହିଥିବା ହକି ଇଣ୍ଡିଆ ରିଲିଜ୍‌ରୁ ପ୍ରକାଶ।



ଅମିତ ରୋହିଦାସ

### ଜାତୀୟ କ୍ୟାମ୍ପ ପାଇଁ ମନୋନୀତ କୋର୍ ଗ୍ରୁପ୍

ଗୋଲକିପର୍ସ: କ୍ରିଶନ ବାହାଦୁର ପାଠକ, ପି.ଆର. ଶ୍ରୀଜେଶ, ସୂରଜ କରକେରା। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ଅମିର ଅଲୀ। ମିଡ୍‌ଫିଲ୍ଡର୍ସ: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ଶମଶେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ, ବିଷ୍ଣୁକାନ୍ତ ସିଂ। ଫରୱାର୍ଡ୍ସ: ଆକାଶଦୀପ ସିଂ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ, ଗୁରଜାନ୍ତ ସିଂ, ମହମ୍ମଦ ରାହିଲ ମୌସିନ, ବବି ସିଂ ଧାମି, ଅରାଇଜିତ ସିଂ ହୁଣ୍ଡାଲ।

# ରୋଇଂରେ ବଲରାଜଙ୍କୁ ପ୍ରଥମ ଯୋଗ୍ୟତା

ନୂଆଦିଲ୍ଲୀ, ୨୧।୪ (ପି.ଟି): ଦକ୍ଷିଣ କୋରିଆର ଚୁଙ୍ଗ୍‌ଜୁଠାରେ ୨୦୨୪ ୱାର୍ଲ୍ଡ ଏସିଆନ ଆଣ୍ଡ୍ ଓସେନିଆନ ଅଲିମ୍ପିକ ଆଣ୍ଡ ପାରାଲିମ୍ପିକ୍ସ କ୍ୱାଲିଫିକେଶନ ରିଗ୍ରେଟାରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ ସ୍କଲ୍ ଇଭେଣ୍ଟରେ ତୃତୀୟ ସ୍ଥାନ ସହ ବଲରାଜ ପନୱାର ଭାରତର ପ୍ରଥମ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛନ୍ତି। ଇଣ୍ଡିଆନ ଆର୍ମିର ଏହି ୨୫ବର୍ଷୀୟ ରୋୟର ଗତବର୍ଷ ଚାଇନାର ହାଙ୍ଗଝୋଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ତାଙ୍କ ପ୍ରଥମ ପଦାର୍ପଣରେ ଅଳ୍ପକେ ଏକ ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ୨୦୦୦ ମିଟର ରେସ୍‌ରେ ୭:୦୧.୨୭ ମିନିଟ ଟାଇମିଂ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ସିଙ୍ଗଲ ସ୍କଲରେ ଶ୍ରେଷ୍ଠ ୫ ଅଲିମ୍ପିକ ଯୋଗ୍ୟତା ଅର୍ଜନ କରିବେ। ଟୋକିଓରେ ଅନୁଷ୍ଠିତ ଗତ ଅଲିମ୍ପିକ୍ସରେ ଭାରତ ପୁରୁଷ ଲାଇଟୱେଟ୍ ଡବଲ୍ ସ୍କଲ୍ସରେ ଅଂଶଗ୍ରହଣ କରିଥିଲା। କିନ୍ତୁ ଦେଶ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା।

# ପବିତ୍ର ସାହୁଙ୍କୁ ରୌପ୍ୟ ପଦକ

## ହ୍ୱିଲଚେୟାର ଫେନ୍‌ସିଂ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୧।୪

(ତପନ ସ୍ୱାଇଁ)

ଥାଇଲାଣ୍ଡରେ ଚାଲିଥିବା ହ୍ୱିଲଚେୟାର ଫେନ୍‌ସିଂ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପବିତ୍ର ସାହୁ ରୌପ୍ୟ ପଦକ ଜିତି ବିରଳ ସଫଳତାର ଅଧିକାରୀ ହୋଇଛନ୍ତି। ପ୍ରଥମ ଭାରତୀୟ ଭାବେ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଏହି ସଫଳତା ପାଇଛନ୍ତି। ପୁଲ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କୁ କ୍ୱାର୍ଟର ଫାଇନାଲରେ ବାଇ ମିଳିଥିଲା। ସେମିଫାଇନାଲରେ ସେ ଥାଇଲାଣ୍ଡର ପି. ସାଇ ସିମଙ୍କୁ ୧୫-୫ ପଏଣ୍ଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଜର୍ମାନୀର କରିସଫେନ୍ କ୍ଲିମେନ୍ସଙ୍କଠାରୁ ମାତ୍ର ୧ ପଏଣ୍ଟ ୧୪-୧୫ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହି ସଫଳତା ପାଇଁ ପବିତ୍ରଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ହ୍ୱିଲଚେୟାର ଫେନ୍‌ସିଂ ଓଡ଼ିଶାର ଚେୟାର ପର୍ସନ ବେଲା ଜୟସ୍ୱାଲ ଅଭିନନ୍ଦନ ଜଣାଇଛନ୍ତି।








ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY *Conditions apply

CALL TOLL-FREE 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. *Starting ex-showroom price of Glamour Drum in Bhubaneswar city. **Special ex-showroom price is inclusive of cash benefit and applicable for a limited period only. T&C Apply.

Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors ,Ph- 6372753989.

WT.5684.2024ORI



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ